

ଚେନ୍ନାଇରେ ଧୋନୀ

ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 335| ଭାଗ ୩୨ | ସଂଖ୍ୟା ୩୩୫ | Bhubaneswar | Friday 28 February 2025 | Page 8 Rs. 4.00 | ● ଭୁବନେଶ୍ୱର ଶୁକ୍ରବାର ୨୮ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



ଅଲ୍‌ବିଦା ଉତ୍ତମ

ପୃଷ୍ଠା-୬

## ଧଳା ଯୋଗୀଙ୍କ କେଳେଙ୍କାରୀ

# ଥାଳି ଧରିବା ଥୟ



- ଅନାଥ ପିଲାଙ୍କୁ ଢାଲ କରି ଲୁଟୁଥିଲେ ଅଚ୍ୟୁତ
- ରହିବା ଖାଇବା ସବୁଥିରେ ଅସଙ୍ଗତି
- ୬ ଜଣିଆ କମିଟି ଦେଇଥିଲା ରିପୋର୍ଟ

**ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ):** ଅନାଥ ଆଦିବାସୀ ପିଲାଙ୍କ ନାଁରେ ଦେଶବିଦେଶରୁ ପୁଳା ପୁଳା ଚାନ୍ଦା ଉଠାଉଥିବା ଅଚ୍ୟୁତ ସାମନ୍ତ ସେହି ଆଦିବାସୀ ପିଲାଙ୍କୁ କିଭଳି ଭାବେ ନିଜ ସଂସ୍ଥାରେ ଅତ୍ୟନ୍ତ କଦର୍ଯ୍ୟ ସ୍ଥିତିରେ ରଖୁଥିଲେ ଗତ ୨୦୧୭ ମସିହାରେ ତାହାର ଖୁଲାସା ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏକ ୬ଜଣିଆ କମିଟି କିସ୍‌କୁ ଯାଇ ତଦନ୍ତ କରିବା ସହ ଅଚ୍ୟୁତଙ୍କ ବିଚ୍ୟୁତିର ପର୍ଦ୍ଦାଫାସ କରିଥିଲେ ବି କୌଣସି କାରଣରୁ ତତ୍କାଳୀନ ସରକାରର ମାମଲତକାରମାନେ ତିନି ମାଙ୍କଡ ଅବତାର ସାଜି ଏହାକୁ ଚାପି ଦେଇଥିଲେ। କିସ୍ କର୍ତ୍ତୃପକ୍ଷ ନିଜ ସଂସ୍ଥାରେ ରଖିଥିବା ଆଦିବାସୀ ପିଲାଙ୍କର ସମ୍ପୂର୍ଣ୍ଣ ବିବରଣୀ ଦେଉନାହାନ୍ତି ଏବଂ ପିଲାଙ୍କୁ ବେଆଇନ୍ ଭାବେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ରଖୁଥିବା ନେଇ ଅଭିଯୋଗ କରିଥିଲେ ଡକ୍ଟର ସୁଭାସ ମହାପାତ୍ର। ଡକ୍ଟର ମହାପାତ୍ରଙ୍କ ଅଭିଯୋଗରେ ସତ୍ୟତା ଥିବା ଅନୁଭବ କରି ଖୋର୍ଦ୍ଧା ଜିଲ୍ଲାପାଳ ଏହାର ତଦନ୍ତ ପାଇଁ ଏକ ୬ ଜଣିଆ କମିଟି ଗଠନ କରିଥିଲେ। ଏହି କମିଟିରେ ଖୋର୍ଦ୍ଧା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡକ୍ଟର ଭୋଳେଶ୍ୱର ପଣ୍ଡା, କମିଟି ସଦସ୍ୟ ଡକ୍ଟର ଝରଣା ସ୍ୱାଇଁ, ନିରୂପମା ରଥ, ଅରୁଣ କୁମାର ପ୍ରଧାନ, ବେଣୁଧର ସେନାପତି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ରହିଥିଲେ। କମିଟି ତାଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ ଯେ ଯେଉଁ ଆଦିବାସୀ ପିଲାମାନଙ୍କର ଅଭିଭାବକ ନଥାନ୍ତି କିମ୍ବା ଜଣେ ଅଭିଭାବକ ଥାଆନ୍ତି ଓ ସେମାନେ ଯତ୍ନ ଆବଶ୍ୟକ କରୁଥାନ୍ତି, ସେମାନଙ୍କୁ ଅଚ୍ୟୁତ ଟାର୍ଗେଟ କରିଥାନ୍ତି। ମୃତ ପତ୍ନୀଙ୍କୁ କାନ୍ଧରେ ବୋହି ସାରା ଦେଶରେ ଚର୍ଚ୍ଚିତ ହୋଇଥିବା ଦାନ ମାଝୀଙ୍କ ପିଲାଙ୍କ ଉଦାହରଣ କମିଟି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ। ସେତେବେଳେ କିସ୍ କର୍ତ୍ତୃପକ୍ଷ ତାଙ୍କ ସଂସ୍ଥାରେ ରାଜ୍ୟର ୨୫ ହଜାର ଶିଶୁ ରହିପାରିବେ ବୋଲି ଦର୍ଶାଇଥିଲେ। କିସ୍ କର୍ତ୍ତୃପକ୍ଷ ପିଲାଙ୍କୁ ଶୋଷଣ କରୁଥିବା ବେଳେ କୌଣସି ସରକାରୀ କର୍ତ୍ତୃପକ୍ଷ ଏହାର ତଦନ୍ତ କରୁନଥିବା କମିଟି ରିପୋର୍ଟରେ ଉଲ୍ଲେଖ ଥିଲା।

ପିଲାଙ୍କ ଖାଦ୍ୟ ସଂକ୍ରାନ୍ତରେ କମିଟି ତଦନ୍ତ ସମୟରେ ଜାଣିବାକୁ ପାଇଥିଲେ ଯେ ପିଲାଙ୍କୁ ସକାଳ ୭ଟା ସୁଦ୍ଧା ଜଳଖିଆରେ କେବଳ କେବଳ ଚୁଡ଼ା ଓ ଚିନି ମିଳୁଥିଲା। ଦିନବେଳା ସେମାନେ ସ୍କୁଲରେ ଖାଉଥିଲେ ଓ ଅପରାହ୍ନ ୪ଟାରେ ହଷ୍ଟେଲକୁ ଫେରୁଥିଲେ। ରାତିବେଳା ଭାତ ସହ ଗୋଟିଏ ତରକାରୀ ହିଁ ଦିଆଯାଉଥିଲା। ଖାଦ୍ୟର କୌଣସି ତାଲିକା ବି ନଥିଲା। ବହୁ ସମୟ ବ୍ୟବଧାନରେ ପିଲାଙ୍କୁ ଖାଦ୍ୟ ଦିଆଯାଉଥିବାରୁ ତାହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିଲା। ବହୁ ପିଲାଙ୍କଠାରେ କମିଟି ସଦସ୍ୟମାନେ ପୁଷ୍ଟିହୀନତା ଦେଖିବାକୁ ପାଇଥିଲେ। ସେହିଭଳି ପିଲାମାନଙ୍କୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଉଥିଲା। ସ୍ଥାନ ତୁଳନାରେ ଅଧିକ ପିଲା ରହୁଥିଲେ ⟹ପୃଷ୍ଠା-୬



## କାଠଗଡ଼ାରେ ପୂର୍ବତନ ଏଜି

**ଭୁବନେଶ୍ୱର:** କିଟ ଓ କିସ ବିରୋଧରେ ମାଳ ମାଳ ଅଭିଯୋଗ ଫର୍ଦ୍ଦ ଥିବା ବେଳେ ତାଙ୍କୁ ଆଇନଗତ ସୁରକ୍ଷା ଦେବାରେ ପୂର୍ବତନ ଆଡଭୋକେଟ ଜେନେରାଲ ଅଶୋକ ପରିଜାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛି ଓଡ଼ିଶା ସୂଚନା ଅଧିକାର ଅଭିଯାନ ବା ଓସା। ଅଶୋକ ପରିଜାଙ୍କ ବିରୋଧରେ ଅଫିସ୍ ଅଫ୍ ପ୍ରଫିଟର ସାଂଘାତିକ ଅଭିଯୋଗ ଆଣିଛି ଓସା। ଆଡଭୋକେଟ ଜେନେରାଲ ଥାଇ କିଟ୍ ପାଇଁ ଲଢ଼ିଲେ, ପରେ ଏଜି ଥାଇ କିଟର କୁଳାଧିପତି ହେଲେ। ଏଭଳି ଅଭିଯୋଗ ସହ ପ୍ରେସ ମିଟ୍ କରି କିଟ୍ ପ୍ରସଙ୍ଗରେ ଆଜି ପୂର୍ବତନ ଆଡଭୋକେଟ୍ ଜେନେରାଲ୍ ଅଶୋକ ପରିଜାଙ୍କୁ କାଠଗଡ଼ାକୁ ଟାଣିଛି ଓସା। କିଟ୍ ଓ କିସ୍ କାହିଁକି ସୂଚନା ଅଧିକାର ଆଇନ୍ ପରିସରରେ ନାହାଁନ୍ତି, ତା'ର ବି ଗୁମର ଖୋଲିଛି ଓସା। ଅଭିଯୋଗ ହୋଇଛି ଯେ ୨୦୨୧ରେ କିଟ୍‌କୁ ସୂଚନା ଅଧିକାର ଆଇନ୍ ପରିସରଭୁକ୍ତ କରିବାକୁ ରାଜ୍ୟ ସୂଚନା କମିଶନ୍ ଯେଉଁ ରାୟ ଦେଇଥିଲା, ତାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟକୁ ଯାଇଥିଲା କିଟ୍। ଆଉ ସବୁଠୁ ବଡ଼ କଥା ହେଉଛି, ରାଜ୍ୟ ସୂଚନା କମିଶନଙ୍କ ଭଳି ⟹ପୃଷ୍ଠା-୬

### ଭୁବନେଶ୍ୱରରେ ପହଞ୍ଚିଲେ ନଡ୍ଡା, କୋଣାର୍କ ଇକୋ ରିଟ୍ରିଟ୍‌ରେ ରହଣି

## ଆଜି ଉଦ୍‌ଘାଟନ କରିବେ ସ୍ୱାସ୍ଥ୍ୟ ସମ୍ମିଳନୀ

**ଭୁବନେଶ୍ୱର,୨୭।୨ (ସଂଚାର ବ୍ୟୁରୋ):** ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ଏଠାରେ ପହଞ୍ଚିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା। ସନ୍ଧ୍ୟାରେ ସେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ସ୍ୱାଗତ କରିଛନ୍ତି। ବିମାନବନ୍ଦରରୁ ଶ୍ରୀ ନଡ୍ଡା ସିଧାସଳଖ କୋଣାର୍କ ଗସ୍ତ କରିଛନ୍ତି। ସେଠାକାର ଇକୋ ରିଟ୍ରିଟରେ ସେ ଆଜି ରାତ୍ରିଯାପନ କରିବେ। ଆସନ୍ତାକାଲି ପୂର୍ବାହ୍ନ ୧୦ଟାରେ ପୁରୀରେ ଆୟୋଜିତ ହେବାକୁ ଥିବା ନବମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀକୁ ଉଦଘାଟନ କରିବା ସହ ଅପରାହ୍ନ ୨ଟା ସମୟରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ଏହାପରେ ସେ ଭୁବନେଶ୍ୱର ଫେରି ରାଜ୍ୟ ଅତିଥି ଭବନରେ ରାଜ୍ୟ ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ଏକ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।



- ମହାପ୍ରଭୁଙ୍କ ଦର୍ଶନ କରିବେ
- ରାଜଧାନୀରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଭେଟିବେ

ପୁରୀଠାରେ ଆୟୋଜିତ ହେବାକୁ ଥିବା ସ୍ୱାସ୍ଥ୍ୟ ସମ୍ମିଳନୀରେ ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟ ସଚିବମାନେ ଯୋଗଦେବେ। ବିଭିନ୍ନ ରାଜ୍ୟରେ ସ୍ୱାସ୍ଥ୍ୟସେବା କିପରି ଚାଲିଛି, କେନ୍ଦ୍ରୀୟ ଯୋଜନା ସହ ରାଜ୍ୟର ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକ କିପରି ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ ହେଉଛି, ସେନେଇ ସମ୍ମିଳନୀରେ ଆଲୋଚନା ହେବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଭିନ୍ନ ରାଜ୍ୟରେ ଚାଲିଥିବା ସଫଳ ପ୍ରଦର୍ଶନକୁ କିପରି ସାରା ଦେଶରେ ଲାଗୁ କରାଯିବ, ସେନେଇ ମଧ ଚର୍ଚ୍ଚା ହେବ। ସେହିପରି ଶ୍ରୀ ନଡ୍ଡା ରାଜ୍ୟ ଅତିଥି ଭବନରେ ଅଢ଼େଇ ଘଣ୍ଟା ରହିବେ। ଏହି ସମୟରେ ସେ ବିଜେପିର ରାଜ୍ୟ ନେତୃତ୍ୱଙ୍କୁ ଭେଟି ଆଲୋଚନା କରିବେ। ସଂଗଠନ ଆଉ ସରକାର ମଧ୍ୟରେ ସମନ୍ୱୟ ନେଇ ବିଭିନ୍ନ ଦିଗରୁ ଆଲୋଚନା ହେବ। ଏଥିସହ ରାଜ୍ୟ ସଭାପତି ଚୟନ ନେଇ ହେଉଥିବା ⟹ପୃଷ୍ଠା-୬

## ମାମୁ ମେହରବାନ୍ ଖାକି ପରେସାନ୍

- ପୁଲିସ ସହ ଅପରାଧୀର ଷ୍ଟେଜ ଶେୟାର
- ଯୁଗଳବନ୍ଦୀ ଫଟୋ ଏବେ ଭାଇରାଲ
- ଡିଜିପି ଅଫିସରେ ପହଞ୍ଚିଲା କଳାଚିଠା

ଗତକାଲି କହିଥିଲୁ। ତଥ୍ୟ ପ୍ରମାଣ ସାମ୍ନାକୁ ଆଣିଥିଲୁ। ଆଉ ଏବେ ଫଟୋ ମଧ ଦେଖାଉଛୁ। ଜଣେ ଅପରାଧୀ ସହ କିଭଳି ଷ୍ଟେଜ ଶେୟାର କରୁଛି ପୁଲିସ। ଏ ଫଟୋ ହେଉଛି କେନ୍ଦ୍ରାପଡ଼ାର। ଯେଉଁଠାରେ ଜଣେ ପେସାଦାର ଅପରାଧୀଙ୍କ ସହ ଷ୍ଟେଜ ଶେୟାର କରିଛନ୍ତି ଟାଉନ ଥାନା ଅଧିକାରୀ। ଅପରାଧୀ ଜଣକଙ୍କ ନାଁ ହେଉଛି ହିଜବୁର ରେହମାନ। ମାମୁ ନାଁରେ ବେଶ ପରିଚିତ ହିଜବୁର। ମାମୁଙ୍କ ସହ ଫଟୋ କେନ୍ଦ୍ରାପଡ଼ାବାସୀଙ୍କୁ ଯେତିକି ବ୍ୟଥିତ କରିଛି, ଓଡ଼ିଶା ପୁଲିସର ପାରିବାପାଣିଆ ନେଇ ମଧ ସେତିକି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ହାର୍ଡକୋର ଯାହା ନାଁରେ ଦାଦାବଟି ଆଦାୟ, ଟେଣ୍ଡର ଫିକ୍ସିଂ, ବାଲି ଖାଦାନ କେସ, ଅପହରଣ ଭଳି ସଙ୍ଗିନ କେସ ରହିବା ସହ ସେ ବର୍ଷ ବର୍ଷ ଧରି ଜେଲର ଚାରିକାନ୍ଥ ଭିତରେ ରହିଛନ୍ତି, ସେଭଳି ଲୋକ ସହ ଷ୍ଟେଜ ଶେୟାର କରି ବିବାଦ ଘେରକୁ ଆସିଛନ୍ତି ଥାନାଧିକାରୀ। ଏ ଫଟୋ ଏବେ ଗୁଇନ୍ଦା ବିଭାଗ ହାତରେ। କ୍ଲିନ ଇମେଜର ଦ୍ୱାହି ଦେଉଥିବା ଓଡ଼ିଶା ପୁଲିସର ଅଫିସର୍ ଯେ କ୍ରିମିନାଲଙ୍କ ଲିଙ୍କ୍‌ରେ ରହିଛନ୍ତି, ତାହା ଉପରୋକ୍ତ ଫଟୋରୁ ସ୍ପଷ୍ଟ ଜଣାପଡୁଛି। ଏ ଖବର କୁଆଡ଼େ ଡିଜିପି ଅଫିସରେ ବି ପହଞ୍ଚିଛି। ମାମୁ ଓ ଖାକି ପିନ୍ଧା ମାମୁ ଦୁହିଁଙ୍କ ଚରିତ୍ର ପଞ୍ଜିକା ମଗାଯାଇଛି। କେତେବର୍ଷ ହେଲା କେନ୍ଦ୍ରାପଡ଼ାରେ ହାକିମାତି ଚଳାଇଛନ୍ତି ମାମୁ? କାହା ଛତ୍ରଛାୟାରେ ହିଜବୁର? ତାଙ୍କୁ ବ୍ୟାକ୍ସପୋର୍ଟ ଦେଉଛନ୍ତି କିଏ? ଏସବୁର ଚାଲିଛି ଖୋଳତାଡ଼। କିଛିବର୍ଷ ହେଲା ଶାନ୍ତ ପଡ଼ିଥିବା କେନ୍ଦ୍ରାପଡ଼ାରେ କୁଆଡେ ହାକିମାତି ଦେଖାଇବା ଆରମ୍ଭ କରିଛନ୍ତି ମାମୁ। ବିଧାୟକ ଗଣେଶ୍ୱର ବେହେରାଙ୍କ ନାଁ ନେଇ ଥାନାରେ ହାକିମାତି ଚଳାଉଛନ୍ତି। ଖୁଲମଖୁଲ୍ଲା ଏସପି ଓ ଜିଲ୍ଲାପାଳଙ୍କୁ ଚ୍ୟାଲେଞ୍ଜ ଦେଇ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛନ୍ତି। ଯାହାର କଳା ଚିଠା ଏବେ ଡିଜିପିଙ୍କ ହାତରେ ଲାଗିଛି। ଡିଜିପି ଅଫିସରୁ 'ସଂଚାର'କୁ ମିଳିଥିବା ସୂଚନା ମୁତାବକ, ଅପରାଧୀ ଓ ପୁଲିସ ନେକ୍ସସ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। ଆବଶ୍ୟକୀୟ ପ୍ରମାଣ ହସ୍ତଗତ ହେଲେ ଦୋଷୀଙ୍କ ବିରୋଧରେ ନିଆଯିବ ବିଭାଗୀୟ କାର୍ଯ୍ୟାନୁଷ୍ଠାନ। ■



# ବଡ଼ ବିଭାଗର ଖର୍ଚ୍ଚ କମ୍



- ବିଭିନ୍ନ ବିଭାଗର ଖର୍ଚ୍ଚ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- କାର୍ଯ୍ୟକ୍ରମ ଓ ପୁଞ୍ଜି ବ୍ୟୟ ଉପରେ ଗୁରୁତ୍ୱାରୋପ
- ମାର୍ଚ୍ଚ ୩୧ ସୁଦ୍ଧା ୮୫% ଖର୍ଚ୍ଚ ପାଇଁ ନିର୍ଦ୍ଦେଶ
- ମନ୍ତ୍ରୀମାନେ ପ୍ରସ୍ତାବ ମଞ୍ଜୁରୀ ପ୍ରକ୍ରିୟା ତ୍ୱରାନ୍ୱିତ କରନ୍ତୁ

**ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ବିଭିନ୍ନ ବିଭାଗର ଖର୍ଚ୍ଚ ସମୀକ୍ଷା କରି ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମୁଦାୟ ଖର୍ଚ୍ଚ ପରିମାଣ ଅନ୍ୟୂନ ୮୫ ପ୍ରତିଶତ କରିବାକୁ ପରାମର୍ଶ ଦେଇଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ସମୁଦାୟ ଖର୍ଚ୍ଚ ପରିମାଣ ମୋଟ ବଜେଟର ୮୧ ପ୍ରତିଶତ ଥିଲା। ଚଳିତ ବର୍ଷ ନିର୍ବାଚନ, ନୂଆ ସରକାରଙ୍କ ଦାୟିତ୍ୱ ଗ୍ରହଣ ଓ ସମ୍ପୂର୍ଣ୍ଣ ବଜେଟ ସେପ୍ଟେମ୍ବର ମାସରେ ହୋଇଥିବାରୁ ଖର୍ଚ୍ଚ ହେବାରେ ସମସ୍ୟା ରହିଥିଲା। ସେ ଦୃଷ୍ଟିରୁ ବର୍ତ୍ତମାନ ସୁଦ୍ଧା ଅନେକ ବିଭାଗର ଖର୍ଚ୍ଚ ପରିମାଣ ସନ୍ତୋଷଜନକ ରହିଛି। ତେବେ ଆଉ ଯେଉଁ ଗୋଟିଏ ମାସ ସମୟ ରହିଲା, ତାକୁ ସମ୍ପୂର୍ଣ୍ଣ ଉପଯୋଗ କରି ବଜେଟର ଅନ୍ୟୂନ ୮୫ ପ୍ରତିଶତ ଖର୍ଚ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଭାଗୀୟ ମନ୍ତ୍ରୀମାନେ ଯେଉଁସବୁ ଖର୍ଚ୍ଚ ପ୍ରସ୍ତାବ ଅଛି ତାକୁ ତୁରନ୍ତ ଅନୁଧାନ କରି ଆବଶ୍ୟକ ଅନୁମୋଦନ କରିବା ଉଚିତ। ବିଭିନ୍ନ କଲ୍ୟାଣ ଯୋଜନାରେ ଯେଉଁସବୁ ଦେୟ ପ୍ରଦାନ ବାକି ରହିଛି, ସେଗୁଡିକୁ ମଧ ନିୟମାନୁଯାୟୀ ତୁରନ୍ତ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ବ୍ୟୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ରୋଜଗାର ସୃଷ୍ଟି ହୁଏ ଓ ଅଭିବୃଦ୍ଧିରେ ଉନ୍ନତି ଆସେ। ଓଡ଼ିଶା ନିଜ ଘରୋଇ ଉତ୍ପାଦର ୬.୧ ପ୍ରତିଶତ ପୁଞ୍ଜି ବ୍ୟୟ ବରାଦ କରିଛି। ସାରା ଦେଶରେ ଏହା ସବୁଠାରୁ ଅଧିକ। ଆମର ଲକ୍ଷ୍ୟ ହେଉଛି, କୃଷିଭିତ୍ତିକ ଅର୍ଥନୀତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିବା। ଏଥିପାଇଁ ଭିତ୍ତିଭୂମିର ବ୍ୟାପକ ବିକାଶ ଆବଶ୍ୟକ। ତେଣୁ ଏ କ୍ଷେତ୍ରରେ ମଧ ବ୍ୟାପକ ବିନିଯୋଗ ହେବା ଜରୁରୀ। ଲୋକଙ୍କ ସରକାର, ଲୋକଙ୍କ ବଜେଟ ପ୍ରସ୍ତୁତ କରିଛି। ଏସବୁ ଲୋକଙ୍କ ପାଇଁ ଯେପରି ଖର୍ଚ୍ଚ ହେବ, ସେଥିପାଇଁ ପ୍ରଶାସନ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ।

ବୈଠକରୁ ଜଣାଯାଇଥିଲା ଯେ କୃଷି, ମତ୍ସ୍ୟ ଓ ପ୍ରାଣୀସଂପଦ, ସ୍ୱାସ୍ଥ୍ୟ, ଜଳସମ୍ପଦ, ପୂର୍ତ୍ତ, ଭିନ୍ନକ୍ଷମ ଓ ସାମାଜିକ ନ୍ୟାୟ ବିଭାଗ, ଯୋଗାଣ ବିଭାଗ ଓ ସମବାୟ ଆଦି ବିଭାଗଗୁଡିକର ଖର୍ଚ୍ଚ ଅପେକ୍ଷାକୃତ ଭଲ ରହିଛି। ଅନ୍ୟ ବିଭାଗଗୁଡିକ ମଧ ଖର୍ଚ୍ଚ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ⟹ପୃଷ୍ଠା-୬

## ଦିଲ୍ଲୀପ ରାୟଙ୍କୁ ଏତେ ସାହସ ଦେଲା କିଏ?

ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ଅପମାନ




ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ): ଆଜି ରାଉରକେଲା ବିଜେପି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ଦ୍ୱାରା 'ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ' ଶୀର୍ଷକ ନେଇ ଏକ ବୁଦ୍ଧିଜୀବୀ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ମୁଖ୍ୟ ବକ୍ତା ଥିଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ହେଲେ ଏହି କାର୍ଯ୍ୟକ୍ରମ ପାଇଁ ଯେଉଁ ବ୍ୟାନର କରାଯାଇଥିଲା ସେଥିରେ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ଗୌଣ କରିଦିଆଯାଇଥିବା ଦେଖିବାକୁ ମିଳିଥିଲା।

ବ୍ୟାନର ବାମ ପାର୍ଶ୍ୱ ଶୀର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ଜାତୀୟ ⟹ପୃଷ୍ଠା-୬

● ମାଟ୍ରିକ ପରୀକ୍ଷାରେ ଅନିୟମିତତା

## ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୫ ନିଲମ୍ବିତ

**ବଲାଙ୍ଗୀର,୨୭।୨(ସଂଚାର ବ୍ୟୁରୋ): ସମ୍ପ୍ରତି** ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଚାଲୁଥିବା ବେଳେ ଏହାର ସୁପରିଚାଳନା ପାଇଁ କଡ଼ା ପଦକ୍ଷେପ ନିଆଯାଇଛି। ଏଥିରେ ପରୀକ୍ଷାର୍ଥୀମାନେ ଶୃଙ୍ଖଳାରେ ପରୀକ୍ଷା ଦେବା ସହ ଅନିୟମିତତା ରୋକିବା ପର୍ଯ୍ୟନ୍ତ ପଦକ୍ଷେପ ସାମିଲ୍। କିନ୍ତୁ ଏହା ସତ୍ତ୍ୱେ ବି କେତେକ ସ୍ଥାନରେ ଅନିୟମିତତା ପରିଲକ୍ଷିତ ହେଉଛି। ପରୀକ୍ଷାର ଦ୍ୱିତୀୟ ଦିନରେ ଇଂରାଜୀ ବିଷୟରେ କଟକର ଏକ କେନ୍ଦ୍ରରେ ୮ ଜଣ ଛାତ୍ରଛାତ୍ରୀ କପି କରୁଥିବା ସମୟରେ ଧରାପଡ଼ିଥିଲେ। ନିକଟରେ ଅବ୍ୟବସ୍ଥା ଅଭିଯୋଗରେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୫ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ବଲାଙ୍ଗିର ମୁରିବାହାଲ ବ୍ଲକ ହଳଦୀ ହାଇସ୍କୁଲରେ ଦଶମ ପରୀକ୍ଷାରେ ଛାତ୍ରଛାତ୍ରୀମାନେ କପି କରିବା ସହ ⟹ପୃଷ୍ଠା-୬

SIKSHA 'O' ANUSANDHAN

SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

### ଏନ୍‌ଏଚ୍‌ଏଆଇ ଢାଞ୍ଚାରେ ରାଜ୍ୟ ରାଜପଥ ପ୍ରାଧିକରଣ

# ଚଳିତ ଅଧିବେଶନରେ ଆସିବ ବିଲ!

**ଭୁବନେଶ୍ୱର,୨୭।୨ (ସଂଚାର ବ୍ୟୁରୋ):** ଜାତୀୟ ଭାରତୀୟ ରାଜପଥ ପ୍ରାଧିକରଣ ବା ଏନଏଚଏଆଇ ଢାଞ୍ଚାରେ ତିଆରି ହେବ ରାଜ୍ୟ ରାଜପଥ ପ୍ରାଧିକରଣ ବା ଏସଏଚଏ। ରାଜ୍ୟ ଭିତରେ ଥିବା ରାଜପଥଗୁଡ଼ିକର ମରାମତି, ଉନ୍ନତିକରଣର ଉତ୍ତରଦାୟିତ୍ୱ ଏସଏଚଓ ଉପରେ ନ୍ୟସ୍ତ କରାଯିବ। ଏଥିସହ ପ୍ରସ୍ତାବିତ ଏହି ପ୍ରଧାକରଣ ରାଜ୍ୟରେ ନୂଆ ରାଜପଥ ନିର୍ମାଣ, ରକ୍ଷଣାବେକ୍ଷଣ ଓ ବିକାଶ ଦାୟିତ୍ୱ ବି ହାତକୁ ନେବ।



ରାଜ୍ୟରେ ଏବେ ବିଭିନ୍ନ ଜିଲ୍ଲା ଓ ସହରାଞ୍ଚଳକୁ ୫୭ଟି ରାଜ୍ୟ ରାଜପଥ ସଂଯୋଗ କରୁଛି। ତେବେ ଜାତୀୟ ରାଜପଥ ତୁଳନାରେ ରାଜ୍ୟ ରାଜପଥର ଦୈର୍ଘ୍ୟ କମ ରହିଛି। ଓଡ଼ିଶା ଦେଇ ପ୍ରାୟ ୬ ହଜାର କିଲୋମିଟର ଜାତୀୟ ରାଜପଥ ଯାଇଥିବା ବେଳେ ୫ ହଜାର କିଲୋମିଟର ରାଜ୍ୟ ରାଜପଥ ରହିଛି। ଅନେକ ଜିଲ୍ଲାକୁ ରାଜ୍ୟ ରାଜପଥ ଛୁଇଁଥିଲେ ବି ଏକଥାକିଆ (ସିଙ୍ଗଲ ଲେନ) ରାସ୍ତା ରହିଛି। ରାଜ୍ୟର ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଏକଥାକିଆ ରାସ୍ତାଗୁଡିକୁ ଦୁଇଥାକିଆ କରାଯିବାର ଆବଶ୍ୟକତା ରହିଛି। ଏଥିସହ କିଛି ଅଞ୍ଚଳକୁ ଏବେ ଗ୍ରାମ୍ୟ ରାସ୍ତା ରହିଥିବାରୁ ସେସବୁ ଅଞ୍ଚଳରେ ବି ରାଜପଥ ବିକାଶ କରିବାକୁ ଯୋଜନା କରାଯାଉଛି।

ପୂର୍ତ୍ତ ବିଭାଗରୁ ମିଳିଥିବା ସୂଚନାନୁଯାୟୀ, ଆଗାମୀ ୫ ବର୍ଷରେ ରାଜ୍ୟ ସରକାର ପ୍ରାୟ ଅଢେଇ ହଜାର ଏକଥାକିଆ ଓ ଗ୍ରାମ୍ୟ ରାସ୍ତାର ବିକାଶ ପାଇଁ ଲକ୍ଷ୍ୟ ରଖିଛନ୍ତି। କେଉଁଠି ଏକଥାକିଆ ରାସ୍ତାକୁ ଦୁଇଥାକିଆ ରାସ୍ତାରେ ପରିଣତ କରାଯିବ ତ କେଉଁଠି ଗ୍ରାମ୍ୟ ରାସ୍ତାକୁ ରାଜପଥର ମାନ୍ୟତା ଦିଆଯିବ। ଏହାଭିନ୍ନ ରାଜ୍ୟ ସରକାର ପ୍ରସ୍ତାବିତ କ୍ୟାପିଟାଲ ରିଙ୍ଗ ରୋଡ ଓ କୋଷ୍ଟାଲ ହାଇୱେ ପ୍ରକଳ୍ପକୁ ଆଗେଇ ନେବାକୁ ଟାର୍ଗେଟ କରିଛନ୍ତି। ଏହାକୁ ⟹ପୃଷ୍ଠା-୬

# ପାଣି ପାଇଁ ଲୋକେ ଉହଳବିକଳ, ଅଚିନ୍ତାରେ ପ୍ରଶାସନ

## ୮ ଦିନ ହେଲା ପଞ୍ଚାୟତରେ ପାଣି ନାହିଁ

## ନୀରବଦ୍ରଷ୍ଟା ସାଜିଛି ଜଳ ଯୋଗାଣ ବିଭାଗ



**ଡେରାବିଶ,୨୭।୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ବସପୁର ଗ୍ରାମ ପଞ୍ଚାୟତରେ ପାଣି ପାଇଁ ଲୋକେ ଉହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ବସପୁରୁ ଗ୍ରାମ ପଂଚାୟତର ୧୧ଗୋଟି ୱାର୍ଡରେ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା । ୫ଗୋଟି ୱାର୍ଡ଼ ଯଥା, ଆରିପଦା, ହାଟବାଣପୁର-୧, ହାଟବାଣପୁର-୨, ଅଟାବୁହା ଏବଂ ଭାଣ୍ଡିଲୋକୁ ବସୁଧା ଯୋଜନାରେ ଆରିପଦା ଠାରେ ନିର୍ମିତ ଗୋଟିଏ ପାଣି ଟାଙ୍କିରେ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଲୋକ ଜୀବନ ଯାପନ କରନ୍ତି ଏବଂ ସର୍ବଦା ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଦ୍ୱାରା ପରିଚାଳିତ ଏହି ଜଳ ଯୋଗାଣ ବ୍ୟବସ୍ଥା ଉପରେ ନିର୍ଭର କରନ୍ତି। କିନ୍ତୁ ଏହି ସବୁ ଗ୍ରାମବାସୀଙ୍କ କହିବା ଅନୁସାରେ ଗତ ୮ ଦିନ ହେଲା ଏଠାରେ ଜଳ ଯୋଗାଣ ବନ୍ଦ ଅଛି। ଦାୟିତ୍ୱରେ ଥିବା ଟେକ୍ନିସିଆନ୍ ଠାରୁ ଆରମ୍ଭ କରି ପଂଚାୟତର ସରପଞ୍ଚ ଏବଂ ବିଭାଗର ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଲା ପରେ ବି ଫଳ ଶୁନ। ଦୀର୍ଘବର୍ଷ ଧରି ଏହି ପାଣି ଉପରେ ନିର୍ଭର ଥିବା ଲୋକମାନେ ଆଜି ଗ୍ରୀଷ୍ମ ଦିନ ଆରମ୍ଭରେ ବୁନ୍ଦାଏ ପାଣି ପାଇଁ ଉହଳ ବିକଳ ହେଉଛନ୍ତି।

ଆହୁରି ମଧ୍ୟ ଗ୍ରାମୀଣ ଜଳ ଯୋଗାଣ ଉପରେ ନିର୍ଭର ଥିବା ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ବିଛା ଯାଇଥିବା ପାଇପ୍ ଏବଂ କାମ ଅତି ନିମ୍ନମାନର ହୋଇଥିବାରୁ ଗୋଟେ ମାସରେ ପ୍ରାୟ ୧୫ରୁ ଅଧିକ ଥର ଏହି ପଞ୍ଚାୟତ ଜଳ ଯୋଗାଣ ବନ୍ଦ ରହୁଛି। ବସୁଧା ଟୋଲ ଫ୍ରି ନମ୍ବର ୧୯୧୬ରେ ମଧ୍ୟ ନିଜର ଅଭିଯୋଗ ପଞ୍ଜିକରଣ ହୋଇପାରୁନାହିଁ । ଦାୟିତ୍ୱରେ ଥିବା ଟେକ୍ନିସିଆନ୍‌କୁ କହିଲେ, ଯନ୍ତ୍ରୀଙ୍କୁ କୁହ ଏବଂ ଯନ୍ତ୍ରୀଙ୍କୁ କହିଲେ ସିଧା ସରପଞ୍ଚଙ୍କୁ କୁହ ପରିଶେଷରେ ସରପଞ୍ଚଙ୍କୁ କହି କିଛି ସୁଫଳ ମିଳୁ ନଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

ଅଞ୍ଚଳରେ ଗତ ୮ ଦିନରୁ ଏପର୍ଯ୍ୟନ୍ତ ଜଳ ଯୋଗାଣ ବନ୍ଦ ରହିଛି ଯେଉଁଥିପାଇଁ ଉହଳ ବିକଳ ଲୋକେ ଏଥର ଆନ୍ଦୋଳନର ପନ୍ଥା ଆପଣେଇବାକୁ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରି କହିଛନ୍ତି ଯେ ଯଦି ଆଗାମୀ ଦିନରେ ଗ୍ରାମୀଣ ଜଳ ଯୋଗାଣ ବିଭାଗ ତରଫରୁ ଏଥି ପ୍ରତି ଦୃଷ୍ଟି ଦିଆ ନଯାଏ ତେବେ ନିଜ ପରିବାର ସହିତ ଶତାଧିକ ଲୋକେ ଜିଲ୍ଲା ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେବା ସହ ଜିଲ୍ଲାପାଳଙ୍କୁ ଭେଟିବା କୁ ସିଧା ଚେତାବନୀ ଦେଇଛନ୍ତି ।

# ଗହୀରମଥାରୁ ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ




**ରାଜନଗର,୨୭।୨ (ସଂଚାର ବ୍ୟୁରୋ):** ବିରଳ ଅଲିଭରିଡଲେ କଇଁଛଙ୍କ ଏକୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗର ପାଟ୍ରୋଲିଂ ଟିମ ଗିରଫ କରିଛି। ଗହୀରମଥା ରେଞ୍ଜ ଦାଇତ୍ୱ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଗହୀରମଥାର ଏକକୁଳା ନିକଟରେ ମା ଦୀପାନିତ -୧ ନାମକ ଟ୍ରଲର କୁ ଜବତ କରିଥିଲେ। ଜବତ ଟ୍ରଲର ରୁ ୨୦ କୁଇଣ୍ଟାଲ ମାଛ, ୧ ଟି ଜିପିଏସ, ୧ଟିଭିଏଚଏଫ, ୧ଟି ଫିସଫାଇଣ୍ଡର, ୧୨ ଟି ଜାଲ ଓ ଦୁଇଟି ମୋବାଇଲ ଜବତ କରାଯାଇଛି।ଟ୍ରଲର ଥିବା ମତ୍ସ୍ୟଜୀବୀ ମାନେ ହେଲେ ମାନସ ଖାଣ୍ଡା, ବାଦଲ ପାଲ, କାର୍ତ୍ତିକ ଦାସ, ତପନ ଜାନା, ଶଙ୍କର ଗିରି, ଶିବ ଶଙ୍କର ସାହୁ, ଝାଡେସ୍ୱର ଭୂୟାଁ, ସୁବ୍ରତ ମିସ୍ତ୍ରୀ, ବିଦୁତ ପରମାଣିକ ପ୍ରମୁଖ ୯ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନି ୧୯୭୨ ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ଗିରଫ ମତ୍ସ୍ୟଜୀବ ମାନେ କେନ୍ଦ୍ରାପଡା ଜିଲ୍ଲା ତାଳଚୁଆ ମେରାଇନ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

# ଡେରାବିଶ ଆଦର୍ଶ ବିଦ୍ୟାଳୟର ପରିଚାଳନା ଓ ଉନ୍ନତି କମିଟି ବୈଠକ

**କେନ୍ଦ୍ରାପଡ଼ା,୨୭।୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ କୁରୁଜଙ୍ଗା ଠାରେ ଥିବା ଆଦର୍ଶ ବିଦ୍ୟାଳୟର ପରିଚାଳନା ଓ ଉନ୍ନତି କମିଟି ବେଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟ ରଂଜନ ସ୍ୱାଇଁଙ୍କ ସମେତ ଡେରାବିଶ ହାଇସ୍କୁଲର ପ୍ରଧାନ ଶିକ୍ଷକ ସ୍ୱାଗତିକା ସ୍ୱାଇଁ, ଡ଼ଃ କିଶୋର କୁମାର




ବେଦାନ୍ତ କନକଲତା ନାୟକ, ଶ୍ରୀକାନ୍ତ ବେହେରା, ପ୍ରମୋଦ କୁମାର ରାଉତରାୟ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଡେକ୍ସ ବେଂଚର ଅଭାବ, ଛାତ୍ରୀ ନିବାସ କାମ ସଂପୂର୍ଣ୍ଣ କରିବା, ଛାତ୍ରାବାସ କାର୍ଯ୍ୟ ଆରମ୍ଭ କରିବା, ଛାତ୍ରଛାତ୍ରୀ ଙ୍କ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଗଭୀର ନଳକୂପ ଖନନ ପ୍ରଭୃତି ସମସ୍ୟା ଗୁଡିକର ତୁରନ୍ତ ସମାଧାନ ଉପରେ ବୈଠକରେ ଆଲୋଚନା କରାଯାଇ ଥିଲା । ଚଳିତ ବର୍ଷ ମେ ମାସ ସୁଦ୍ଧା ଛାତ୍ରୀ ନିବାସ ସଂପୂର୍ଣ୍ଣ କରିବା ଓ ଗଭୀର ନଳକୂପ ବସାଇବା କାର୍ଯ୍ୟ ସଂପୂର୍ଣ୍ଣ କରାଯିବାକୁ ଉପସ୍ଥିତ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ ଜିଲ୍ଲପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ପେନସନଭୋଗୀ କର୍ମଚାରୀଙ୍କ ବୈଠକ

**କେନ୍ଦ୍ରାପଡ଼ା,୨୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପେନଶନ ଭୋଗି କର୍ମଚାରୀ ମାନଙ୍କ ବୈଠକ ସଭାପତି ଡ଼ଃ ଉପନ୍ଦ୍ରେ କୁାର ପ୍ରଧାନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କର ମୁଖ୍ୟ ପରିଚାଳକ ସନ୍ତୋଷ ପଲେଇ ଅଭିଭାଷଣ ପ୍ରଦାନ କରିବା ସହିତ ବ୍ୟାଙ୍କ ତରଫରୁ ବରିଷ୍ଠ ନାଗରିକ ତଥା ପେନଶନ ଭୋଗି କର୍ମଚାରୀ ମାନଙ୍କର ସମସ୍ୟା ଓ ତାହାର ସମାଧାନ କରିବା ସଂପର୍କରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ କରୁଣାକର ଦାସ, ବୈଷ୍ଣବ ସ୍ୱାଇଁ, ଅଜୟ ସାମଲ ସମୂହ କର୍ମଚାରୀ ମାନଙ୍କର ସମସ୍ୟା ଓ ତାହାର ବିହିତ ସମାଧାନ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି ବୈଠକରେ ବରିଷ୍ଠ ପେନଶନ ଭୋଗି, ବ୍ୟାଙ୍କ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାଗର ମହୋତ୍ସବରେ ପରିବେଶ ସଚେତନତା ବାର୍ତ୍ତା

# ପେପର କପ୍ ବ୍ୟବହାର ନକରିବାକୁ ସଚେତନତା



**ମହାକାଳପଡ଼ା,୨୭।୨ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅନ୍ତର୍ଗତ ତେରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପିନାଥପୁର ଶାସନରେ ବିଜେ ଶ୍ରୀ ଶ୍ରୀ ଗୋଷ୍ଟେଶ୍ୱର ମହାଦେବଙ୍କ ପୀଠରେ ଜାଗର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପାରମ୍ପରିକ ରୀତି ଅନୁସାରେ ଜାଗର ମହୋତ୍ସବ ପାଳିତ ହେବା ସହ ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭକ୍ତ ମାନଙ୍କ ପାଇଁ ବିନା ମୂଲ୍ୟରେ ଚା ଓ ବିସ୍କୁଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପେପର କପ୍ ବଦଳରେ କାଚ ଗ୍ଲାସ ବ୍ୟବହାର କରାଯାଇଥିଲା। ପେପର କପରେ କିପରି ମାରାତ୍ମକ କ୍ୟାନସର ରୋଗ ବ୍ୟାପିଥାଏ ଏହାଠୁ ଦୂରାଇବା ପାଇଁ ଶ୍ରଦ୍ଧାଳୁମାନଙ୍କୁ ଶିକ୍ଷା ଦିଆଯାଇଥିଲା। ପ୍ଲାଷ୍ଟିକ କିପରି ମାଟିରେ ନ ମିଶିବା ଦ୍ୱାରା ବିଭିନ୍ନ ସ୍ଥାନରେ ପଡ଼ି ରହି ପରିବେଶକୁ ଦୂଷିତ କରିଥାଏ। ଏହି ଦ୍ରବ୍ୟକୁ ପୋଡ଼ିଲେ ବିପଦ, ଫୋପଡ଼ିଲେ ବି ବିପଦ ସେଥିପାଇଁ ଏଥିରୁ ଦୂରେଇବା ସର୍ବଶ୍ରେଷ୍ଠ ପନ୍ଥା ବୋଲି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି ବାର୍ତ୍ତା ଦେଇଛନ୍ତି। ଗ୍ରାମାଞ୍ଚଳରେ ପ୍ରତିଟି ବ୍ୟକ୍ତି ଙ୍କୁ ବୁଝାଇ ପରିବେଶ ସୁରକ୍ଷା ର ବାର୍ତ୍ତା ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଗ୍ରାମର ଭଦ୍ରବ୍ୟକ୍ତି ମାନେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଯୁବକ, ବୟସ୍କ ଓ ମା ମାନଙ୍କୁ ଚା ସହ ବିସ୍କୁଟ ପ୍ରଦାନ କରାଯାଇଥିଲା । ପିଲାମାନଙ୍କୁ ବିସ୍କୁଟ ସହ କିଛି ବ୍ୟକ୍ତିଙ୍କୁ ମଧ୍ୟ ଗରମ କ୍ଷୀର ପ୍ରଦାନ କରାଯାଇଛି।

# ପାରା କ୍ରୀଡାବିତ୍‌ଙ୍କୁ ବ୍ୟାଟେରିଚାଳିତ ସ୍କୁଟର ପ୍ରଦାନ

**କେନ୍ଦ୍ରାପଡ଼ା,୨୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଭିନ୍ନକ୍ଷମଙ୍କ ସଶକ୍ତିକରଣ ଦିଗରେ କାର୍ଯ୍ୟରତ ଅନୁଷ୍ଠାନ 'ପୁନର୍ବାସ' ପକ୍ଷରୁ ଚଳନଶକ୍ତି ବାଧିତ ଡେରାବିଶ ବ୍ଲକ ହରିଅଙ୍କ ଗ୍ରାମର ପାରାକ୍ରୀଡାବିତ୍ ବଳରାମ ସ୍ୱାଇଁଙ୍କୁ ବ୍ୟାଟେରୀ ସ୍କୁଟି ପ୍ରଦାନ କରାଯାଇଛି। ପୁନର୍ବାସ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ଏହାକୁ ପ୍ରଦାନ କରିଥିଲେ।

ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୁପଲି ପ୍ରିୟ ଦର୍ଶନି ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ପୌର ସଭ୍ୟା ରଶ୍ମିତା ସିଂ ପ୍ରମୁଖ ଯୋଗ ଦେଇ କେବଳ ସରକାରୀ ସ୍ତରରେ ଭିନ୍ନକ୍ଷମ ମାନଙ୍କୁ ସହାୟତାକୁ ସୀମିତ ନ ରଖି ସମାଜର ସବୁ ବର୍ଗ ଏ ଦିଗରେ ପ୍ରୟାସ କଲେ ସେମାନେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇ ପାରିବେ ବୋଲି ମତପ୍ରକାଶ




କରିଥିଲେ। ଏହି ଅବସରରେ କେନ୍ଦ୍ରାପଡା ବ୍ଲକ ଅଧୀନରେ ନୂତନ ଭାବେ ସରକାରୀ ବିଦ୍ୟାଳୟରେ ଯୋଗ ଦେଇଥିବା ଦୃଷ୍ଟିବାଧିତ ଶିକ୍ଷକ ଉତ୍ତମ ସେଠୀଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପୁନର୍ବାସର ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଚନ୍ଦ୍ରମଣି ମଲିକ, ସ୍ୱପ୍ନାଂଶୁ କୁମାର ଦାସ, ନୃସିଂହ ଚରଣ ତ୍ରିପାଠୀ, ପ୍ରମୋଦ ସେଠୀ, ମନୋଜ ବିଶ୍ୱାଳ, ମିହିର ରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ପୁନର୍ବାସର ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ନୂତନ ବ୍ଲକ ଗଠନ ପାଇଁ ଦାବି

# ୧୦ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



**କେନ୍ଦ୍ରାପଡ଼ା,୨୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଦଶ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ନୂତନ ବ୍ଲକ ଗଠନ କରିବା ପାଇଁ ଏକ ଦାବିପତ୍ର ଜିଲ୍ଲପାଳଙ୍କ ମାଧ୍ୟମରେ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବିକାଶ ପରିଷଦର ସଭାପତି ବ୍ରଜ ସୁନ୍ଦର ଭୂୟାଁ, ସାଧାରଣ ସଂପାଦକ ସୁମନ୍ତ ରାଉତଙ୍କ ନେତୃତ୍ୱରେ ସରପଂଚ, ପୂର୍ବତନ ସରପଂଚ, ସମିତି ସଭ୍ୟ ପ୍ରମୁଖ ଜିଲ୍ଲପାଳଙ୍କୁ ଭେଟି ନୂତନ ବ୍ଲକ ଗଠନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଳି ବ୍ଲକର ନୂଆପଡା, ବାଟିପଡା, ସାନମଙ୍ଗ, ସହିରା, ପତ୍ରପୁର, ନରେନ୍ଦ୍ରପୁର, ସିଙ୍ଗିରୀ, ମାଣିକପାଟଣା, ଚଣ୍ଡିଆଗଡି ଓ ଅରେହିକଣା ପ୍ରଭୃତି ପଂଚାୟତ ଗୁଡିକ ୨୦୦୯ ମସିହା ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀ ଅଧିନରେ ଥିଲେ । ୨୦୦୯ ପରେ ଆଳି ନିର୍ବାଚନ ମଣ୍ଡଳି ଗଠନ ହେବା ସହିତ ଏହାର ଅନ୍ତର୍ଭୁକ୍ତ ହୋଇ ଥିଲେ ମଧ୍ୟ ଆଳି ପଂଚାୟତ ସମିତି, ତହସିଲ ଓ ଥାନା ସହିତ ଅନ୍ତର୍ଭୁକ୍ତ ଅଛନ୍ତି । ଏହି ଦଶ ପଂଚାୟତ ଅଂଚଳର ଉନ୍ନତି ଓ ପ୍ରଗତିକୁ ବିଚାର କରି ପଂଚାୟତ ପୁନଗଠନ କରାଯିବା ସହିତ ଏକ ନୂତନ ବ୍ଲକ ଗଠନ କରାଯିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି ।

# ରାଷ୍ଟ୍ରୀୟ ଲୋକ ଅଦାଲତ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା,୨୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୋର୍ଟ, ପଟ୍ଟାମୁଣ୍ଡାଇ କୋର୍ଟ, ଆଳି କୋର୍ଟ ଓ ଗ୍ରାମ ନ୍ୟାୟାଳୟ ରାଜନଗର କୋର୍ଟ ପରିସରରେ ଆସନ୍ତା ମାର୍ଚ୍ଚ ୮ ତାରିଖ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ବିଚାରଧୀନ ଫୌଜଦାରୀ, ଦେୱାନୀ ମାମଲାର ଆପୋଷ ସମାଧାନ ସହଜରେ କରାଯାଇ ପାରିବ । ତତ୍ ସହିତ ମୋଟର ଯାନ ଦୁର୍ଘଟଣା ଜନିତ ମାମଲା, ବ୍ୟାଙ୍କ ଋଣ ମାମଲା, ଘରୋଇ ହିଂସା ମାମଲା ଅଦି ଗୁଡିକର ମାମଲା ସହଜରେ ସମାଧାନ କରାଯାଇ ପାରିବ ବୋଲି ଜିଲ୍ଲା ଆଇନସେବା ପ୍ରାଧିରଣ ସଚିବ ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି ।

## ସ୍ମାର୍ଟ ମିଟର ବସାଇବା ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ

# ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟକୁ ଘେରିଲେ ଉପଭୋକ୍ତା

**ସାଲେପୁର,୨୭।୨ (ସଂଚାର ବ୍ୟୁରୋ):** ବିଦ୍ୟୁତ୍ ଗ୍ରାହକମାନଙ୍କୁ ଟି.ପି.ସି.ଓ.ଡି.ଏଲ୍. କମ୍ପାନୀର ଉଚ୍ଚ ପଦାଧିକାରୀ ପ୍ରିପେଡ୍ ମିଟର ସାଲେପୁର ଅଞ୍ଚଳରେ ନଲଗାଇବା ପାଇଁ ଲିଖିତ ଭାବେ ଦେଇଥିଲେ ହେଁ ଚଞ୍ଚକତା କରି ସାଲେପୁର ଅଞ୍ଚଳର ଏକାଧିକ ସ୍ଥାନରେ ସ୍ମାର୍ଟ ମିଟର ବସାଇବାରୁ ବିଦ୍ୟୁତ୍ ଗ୍ରାହକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଆଜି ଶତାଧିକ ଉପଭୋକ୍ତାମାନେ ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିବା ସହ ଡିଭିଜନ୍ କାର୍ଯ୍ୟାଳୟକୁ ଘେରାଓ କରିଥିଲେ। ଶେଷରେ ବିଦ୍ୟୁତ୍ ଉଚ୍ଚ ପଦାଧିକାରୀ ଲଗାଇଥିବା ପ୍ରିପେଡ୍ ମିଟରକୁ ଖୋଲିନେବା ପାଇଁ ବାଧ୍ୟ ହୋଇଥିଲେ।

ପ୍ରକାଶ ଯେ ଟି.ପି.ସି.ଓ.ଡି.ଏଲ୍. କମ୍ପାନୀ ପକ୍ଷରୁ ସାଲେପୁର ଅଞ୍ଚଳର ବିଭିନ୍ନ ଗ୍ରାମରେ ପହଞ୍ଚି ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ମିଟର ଖରାପ ଥିବା ଦର୍ଶାଇ ଉକ୍ତ ମିଟର ସ୍ଥାନରେ ସ୍ମାର୍ଟ ମିଟର ଜୋର ଜବରଦସ୍ତ ବସାଉଥିଲେ। ଏହାକୁ ବିରୋଧ କରି ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ଓ ବହୁ ବିଦ୍ୟୁତ୍ ଉପଭୋକ୍ତାମାନେ ଜାନୁୟାରୀ ମାସରେ ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟ ଘେରାଓ କରିଥିଲେ। ଉକ୍ତ ସମୟରେ ଟି.ପି.ସି.ଓ.ଡି.ଏଲ୍. ଉଚ୍ଚ ପଦାଧିକାରୀ ଓ ଡିଭିଜନ୍‌ର ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଉପଭୋକ୍ତାମାନଙ୍କ ସହ



ଆଲୋଚନା ହୋଇଥିଲା। ଉକ୍ତ ଆଲୋଚନାରେ ଟି.ପି.ସି.ଓ.ଡି.ଏଲ୍. ଅଧିକାରୀମାନେ ସାଲେପୁର ଅଞ୍ଚଳରେ ପ୍ରିପେଡ୍ ମିଟର ବସାଯିବନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିବାବେଳେ ଜୋର ଜବରଦସ୍ତ ନଈଗୁଆଁ ଗ୍ରାମର ଧନେଶ୍ୱର ପରମାଣିକଙ୍କ ଘରେ ସ୍ମାର୍ଟ ମିଟର ବସାଇଥିଲେ।

ଏ ସମ୍ପର୍କରେ ଖବର ପ୍ରଚାରିତ ହେଲାପରେ ଆଜି ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ଏକତ୍ରିତ ହୋଇ ତାଙ୍କ ଘରେ ବସିଥିବା ସ୍ମାର୍ଟ ମିଟରକୁ ଖୋଲି ଆଣି ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟରେ ସ୍ମାର୍ଟ ମିଟରକୁ ଧରି ପହଞ୍ଚିବା ସହ ହୋହଲ୍ଲା କରିଥିଲେ। କିଛି ସମୟ ପାଇଁ ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟରେ ଚାପା ଉତ୍ତେଜନା ଦେଖାଯାଇଥିଲା।

# ସାମ୍ବାଦିକଙ୍କୁ ମନା ଗରଦପୁର ପଞ୍ଚାୟତ ସମିତ ବୈଠକ

**ଗରଦପୁର,୨୭।୨ (ସଂଚାର ବ୍ୟୁରୋ):** ଗରଦପୁର ପଂଚାୟତ ସମିତର ୫ମ ସାଧାରଣ ବୈଠକ ଗୁରୁବାର ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ପ୍ରଥମ ଥର ବୈଠକରେ ଅଧିକାଂଶ ଅଧିକାରୀ ନଥାଇ ବୈଠକ ହେବା ବିଲକ୍ଷଣ ଦେଖାଯାଇଛି। ବ୍ଲକ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ କୈଣସି ଅଧିକାରୀ ରହି ପାରିବିନି ବୋଲି ନିର୍ଦ୍ଦେଶ ଦେବା ପରେ କେବଳ ସରପଞ୍ଚ ଓ ସମିତିସଭ୍ୟ ଓ ସଭ୍ୟାମାନେ ବୈଠକରେ ସାମିଲି ହୋଇଥିଲେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ କି ଗୁରୁବାର ଏହି ବୈଠକରେ ସାମ୍ବାଦିକମାନଙ୍କୁ ବାରଣ କରାଯାଇ ସେମାନଙ୍କ ଉପରେ ବ୍ଲକ ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇଥିଲା। ଏପରିକି କୌଣସି ମତେ ଖବର ପଦାକୁ ନଯାଏ ସେଥିପାଇ ସମ୍ପୂର୍ଣ୍ଣ ବ୍ୟବସ୍ଥା ମଧ୍ୟ କରିଥିଲେ।




ତେବେ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରଜଙ୍କ ସଭାପତିତ୍ୱରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମେତ ସମସ୍ତ ପଂଚାୟତର ସରପଞ୍ଚ, ସତିତିସଭ୍ୟ ଓ ସଭ୍ୟ ଉପସ୍ଥିତ ଥିଲେ କିନ୍ତୁ ବିଡ଼ିଓ ଏବଂ ଜନପ୍ରତିନିଧିଙ୍କ ନାଲି ଆଖିରେ ସମସ୍ତେ ଚୁପ ରହିବା ଆହୁରି ସନ୍ଦେହ ଘେରକୁ ଟାଣି ନେଇଥିଲା। ପ୍ରକାଶ କି ଗତ ବୈଠକରେ ୫ଟି ବିଦ୍ୟାଳୟ ଉନ୍ନତିକରଣ ନେଇ ବ୍ୟାପକ ଦୁର୍ନୀତିକୁ ନେଇ ପାଟକୁରା ସମିତି ସଭ୍ୟ ରାକେଶ ମହାପାତ୍ର କନିଷ୍ଠଯନ୍ତ୍ରୀଙ୍କ ଉପରକୁ ଡାଏରୀ ପକାଇବା ନେଇ ସେତେବେଳେ ବହୁ ଆଲୋଡନ ସୃଷ୍ଟି କରିଥିଲା। ଖାଲି ସେତିକି ନୁହେଁ ପ୍ରତି ପଞ୍ଚାୟତକୁ ୨ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିଲେ ବି ବ୍ଲକର କିଛି ନିର୍ଦ୍ଦିଷ୍ଟ ଜନପ୍ରତିନିଧି କ୍ରୀଡା ସାମଗ୍ରୀ କିଣି ବେଶ ମାଲମାଲ ହୋଇଥିବା ବେଳେ ସରପଞ୍ଚମାନେ କ୍ରୀଡା ସାମଗ୍ରୀ ନେଇ ନଥିଲେ । ଏଭଳି ମେଘା ଦୁର୍ନୀତି ସରପଞ୍ଚ ହଟଗୋଳ କରିବେ କାଳେ ଏହି ବିଷୟରେ ସମିତି ବୈଠକରେ ଆଲୋଚନା ହେବ ତା ପୂର୍ବରୁ ସାମ୍ବାଦିକ ମାନଙ୍କୁ ବାରଣ କରାଯାଇଥିଲା। ସେପଟେ ଦୁର୍ନୀତିକୁ ଘଷ୍ଟ ଘୋଡାଇବା ପାଇ ବ୍ଲକ ପ୍ରଶାସନ ଏଭଳି କଠୋର ପଦକ୍ଷେପ ନେଇ ପାରିଥାନ୍ତି ବୋଲି ବିଜେପି ନେତା ତଥା ମଣ୍ଡଳ ସଭାପତି ଚିତ୍ତ ରଞ୍ଜନ ଚୌଧୁରୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ପଟ୍ଟାମୁଣ୍ଡାଇ ବ୍ଲକରେ ସୁଶାସନ ଓ ବିକାଶ କର୍ମଶାଳା

**ପଟ୍ଟାମୁଣ୍ଡାଇ,୨୭।୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ବିଭାଗ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ସୁଶାସନ ଓ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିପିଡିଓ ପିତାମ୍ବର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସୁଶାସନ ଓ ବିକାଶ କର୍ମଶାଳା ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଅଶୋକ ମହାନ୍ତି, ଏ ବିଡ଼ିଓ ସନ୍ତୋଷ ମନ୍ତ୍ରୀ ପ୍ରମୁଖ ଯୋଗ ଦେଇ ସୁଶାସନ ପାଇଁ ଆବଶ୍ୟକ କାର୍ଯ୍ୟକ୍ରମ ଓ ବିକାଶ ପାଇଁ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଓ ବାଛରା ସରପଞ୍ଚ ରଂଜିତା ସାହୁ ସୁଶାସନ ଓ ବିକାଶ କାର୍ଯ୍ୟକ୍ରମ ଉପରେ ସୁଚିନ୍ତିତ ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଂଚାୟତର ସରପଞ୍ଚ ସମିତି ସଭ୍ୟ, ପଂଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନବାଡି ଓ ଆଶା କର୍ମୀ ଯୋଗ ଦେଇଥିଲେ ।

# ବନ୍ତୋ ସେଣ୍ଟ ଜାଭିଅର ହାଇସ୍କୁଲ ବାର୍ଷିକ ଉତ୍ସବ



**ପଟ୍ଟାମୁଣ୍ଡାଇ,୨୭।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚନ୍ଦନନଗର ବନ୍ତୋ ସେଣ୍ଟ ଜାଭିଅର ହାଇସ୍କୁଲର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ଦାଶଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ ମୁଖ୍ୟଅତିଥି, ସାମ୍ବାଦିକ ଭାସ୍କର ରାଉତରାୟ ମୁଖ୍ୟବକ୍ତା, ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରଜ ଲେଙ୍କା, ଶିକ୍ଷାବିତ ରଘୁନାଥ ସାହୁ, ପ୍ରତିଷ୍ଠାତା ଖଗେଶ୍ୱର ପାଗଳ ଓ ସୁଲୋଚନା ପାଗଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ମୂଲ୍ୟବୋଧଭିତ୍ତିକ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଭଲ ମଣିଷ ଭାବେ ଗଢି ତୋଳିବା ପାଇଁ ପରାମର୍ଶ ଦେବା ସହିତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟପରିଚାଳକ ବ୍ରଜ କିଶୋର ପାଗଳ ବିବରଣୀ ପାଠ କରି ହାଇସ୍କୁଲର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସହକାରୀ ଶିକ୍ଷୟତ୍ରୀ ସରିତା ପରିଡା ସ୍ୱାଗତଭାଷଣ ଓ ଜ୍ୟୋତିର୍ମୟୀ ରାଉତ ଅତିଥିପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବକୁ ସୋନାଲି ଦାସ, ମୋନାଲିସା ମହାପାତ୍ର ସଂଘମିତ୍ରା ରାଉଳ,ସବିତାରାଣୀ ଖୁଣ୍ଟିଆ, ସୁଲୋଚନା ପାତ୍ର ପ୍ରମୁଖ ପରିଚାଳନା କରିଥିବାବେଳେ ମିତାଞ୍ଜଳୀ ସେନାପତି, ବର୍ଷାରାଣୀ ରାଉତ, ମୌସୁମୀ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଉତ୍ସବ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବଡ଼ଆଡ଼ିଆରେ ବୃଦ୍ଧବୃଦ୍ଧାଙ୍କ ପୂଜାର୍ଚ୍ଚନା ଓ ସମ୍ବର୍ଦ୍ଧନା

**ରାଜନଗର,୨୭।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବଡଆଡିଆ ଗାଁରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧାଙ୍କୁ ପୂଜାର୍ଚ୍ଚନା ଓ ସମ୍ବର୍ଦ୍ଧନା ଦିଆଯାଇଛି। ଗାଁର ଏହି ନିଆରା କାର୍ଯ୍ୟକ୍ରମ ସମସ୍ତଙ୍କ ମନକୁ ଛୁଇଁବା ସହ ଗାଁରେ ନିଆରା ଭାଇଚାରା ପରମ୍ପରା ସୃଷ୍ଟି କରିଛି।

ବଡଆଡିଆ ସଂସ୍କୃତିକ ଯୁବ ପରିଷଦ ପକ୍ଷରୁ ୪ ଦିନ ବ୍ୟାପି ବାଡି ପାଲା ଅନୁଷ୍ଠିତ ହୋଇଥିଲା। ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ୨୦୨୦ ମସିହା ଠାରୁ ଗାଁରେ ବାଦିପାଲା ଅନୁଷ୍ଠିତ ହୋଇ ଆସୁଛି। ଆଧ୍ୟତ୍ମିକ ଓ ପୁରାଣ ଶାସ୍ତ୍ର ଉପରେ ଆଧାରିତ ବିଷୟ ବସ୍ତୁକୁ ନେଇ ବାଦି ପାଲା ଅନୁଷ୍ଠିତ ହୋଇଥିଲା। ଉଦଜାପନୀ ଉତ୍ସବ ରେ ପୂଜ୍ୟ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାଁର ୭୦ ବର୍ଷରୁ ଉର୍ଦ୍ଧ୍ୱ ୫୪ ଜଣଙ୍କୁ ଗାଁର କିଶୋରୀମାନେ ପିଢା ଉପରେ ପାଦ ରଖି ହଳଦୀ ପାଣିରେ ଗୋଡ ଧୋଇ ଦେବା ସହ ଚନ୍ଦନ ଲଗାଇ ଦେଇ ଧୂପ, ଦୀପ ମାଧ୍ୟମରେ ପୂଜାର୍ଚନା କରିଥିଲେ। ଗାଁର ପୂଜ୍ୟପୂଜଙ୍କୁ ମୁଖ୍ୟ ଅତିଥି ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ଏସିଏଫ ମାନସ କୁମାର ଦାସ ଉପଢୌକନ




ଓ ବଙ୍କୁଲି ବାଡି ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ସରପଞ୍ଚ ତଥା ସମାଜସେବୀ ରମେଶ ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଯାଦବ ଏପରି କାର୍ଯ୍ୟକ୍ରମ ଗାଁରେ ଭାଇଚାରା ରକ୍ଷା କରିବା ସହ ଛୋଟ ପିଲାଙ୍କୁ ଗୁରୁଜନଙ୍କୁ ଭଲ ମଣିଷ ହେବା ପାଇଁ ଶିକ୍ଷା ଦେବ ଏବଂ ଏପରି ପୂଜ୍ୟ ପୂଜାର କାର୍ଯ୍ୟକ୍ରମ ସବୁଠି ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମରେ ଗାଁର ମୁରବି ବିଷ୍ଣୁ ଚରଣ ରାଜ, ରଘୁନାଥ ବେହେରା ଯୋଗ ଦେଇଥିଲେ। ଶିକ୍ଷକ ଓମ ପ୍ରକାଶ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବଡଆଡିଆ ସଂସ୍କୃତିକ ଯୁବ ପରିଷଦର କାର୍ତ୍ତିକ ଚନ୍ଦ୍ର ବେହେରା, ସୁର୍ଯ୍ୟକାନ୍ତ ବେହେରା, ନିର୍ମଳ ବେହେରା, ପ୍ରଦୀପ୍ତ ବେହେରା, ଅଭିରାମ ପ୍ରଧାନ, ରାମେଶ୍ୱର ବେରା, ଭୀମସେନ ବେହେରା, ଲକ୍ଷ୍ମୀଧର ବେହେରା, ମହେନ୍ଦ୍ର ବେହେରା, ସୁଶାନ୍ତ କୁମାର ବେହେରା, ନରୋତ୍ତମ ବେହେରା, ଖଗେଶ୍ୱର ବାରିକ, ଅର୍ଜୁନ ବାରିକ, ରମାକାନ୍ତ ବାରିକ, କପିଳେନ୍ଦ୍ର ଦେବ ସ୍ୱାଇଁ, ଖଗେଶ୍ୱର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଟେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



**ରାଜନଗର,୨୭।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦର ମହକୁମା ପଂଚାୟତର ସାନଓର ବରଗୁଡିଦଣ୍ଡା ଥିବା ବଟେଶ୍ୱର ମହାଦେବଙ୍କ ନୂତନ ଭବ୍ୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାନଓର ଓ ବରଗୁଡିଦଣ୍ଡା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ କର୍ତ୍ତା ଭାବେ ନାରାୟଣ ଦାସ ପୂଜାରେ ବସିଥିଲେ।ଏହି ଉତ୍ସବ ସୋମବାର ଦିନ ଅଙ୍କୁରାରୋପଣ ଓ ଅଧିବାସ କରାଯାଇଥିଲା। ମଙ୍ଗଳବାର କଳସ ଶୋଭାଯାତ୍ରା ଓ ଠାକୁର ଙ୍କ ମହାସ୍ନାନ କରାଯାଇ, ସୂର୍ଯ୍ୟ ପୂଜା, ଗୋ ପୂଜା ପ୍ରଭୁତି କରାଯିବ ସହ ମୂର୍ତ୍ତି ଜୀବନ୍ୟାସ ଓ ମନ୍ଦିର ପ୍ରତିଷ୍ଠା କରାଯିବା ସହ ଅନ୍ୟାନ୍ୟ ଦେବା ଦେବୀଙ୍କୁ ପ୍ରତିଷ୍ଠା କରାଯାଇଥିଲା। ପଣ୍ଡିତ ବିଜୟ କୁମାର ନନ୍ଦଙ୍କ ନେତୃତ୍ୱରେ ପଣ୍ଡିତ ମାନେ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ଯଜ୍ଞ ସମାପନ କରିଥିଲେ। ଦୁଇଟି ଗାଁର ଲୋକେମାନେ ସହଯୋଗ କରିଥିଲେ।

## ୧୫ ଲକ୍ଷର ଗଞ୍ଜେଇ ଜବତ, ୧ ଗିରଫ





**ଭୁବନେଶ୍ୱର,୨୭।୨ (ସଂଚାର ବ୍ୟୁରୋ):** କରଞ୍ଜିଆ ଅବକାରୀ ବିଭାଗର ବଡ଼ ଧରଣର ଚଢ଼ାଉ ହୋଇଥିବା ବେଳେ ବେଆଇନ ଭାବେ ଗଚ୍ଛିତ ଦେଢ଼ କ୍ୱିଣ୍ଟାଲରୁ ଅଧିକ ଓଜନର ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଜଣେ ବ୍ୟବସାୟୀଙ୍କୁ ମଧ୍ୟ ରରୁଆଁ ଥାନା ଅନ୍ତର୍ଗତ ଟାଙ୍ଗୀଆ ଗ୍ରାମରୁ ଗିରଫ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅନ୍ତର୍ଗତ ଟାଙ୍ଗୀଆ ଗ୍ରାମରୁ ଏହି ଗଞ୍ଜେଇ ଜବତ କରାଯିବା ସହ ଉକ୍ତ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଆଜି କରଞ୍ଜିଆ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଟାଙ୍ଗୀଆ ଗାଁର ଜଣଙ୍କ ଘରେ ବେଆଇନ୍ ଭାବରେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ଥିବା ନେଇ କୌଣସି ସୂତ୍ରରୁ ଖବର ପାଇଥିଲା । ଖବର ପାଇ ରରୁଆଁ ଥାନା ଅନ୍ତର୍ଗତ ଟାଙ୍ଗୀଆ ଗାଁରେ ଅତର୍କିତ ଚଢାଉ କରିଥିଲା। ସେହି ଗ୍ରାମର ବିକାଶ ଚନ୍ଦ୍ର ଗିରି ନାମକ ବ୍ୟକ୍ତି ବେଆଇନ ଭାବେ ନିଜ ଘରେ ୧୫୩ କିଲୋ ଗଞ୍ଜେଇ ରଖିଥିଲେ। ଅବକାରୀ ବିଭାଗ ଚଢ଼ାଉ କରି ସମସ୍ତ ଗଞ୍ଜେଇ ସହ ବିକାଶ ଗିରିଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଘଟଣାରେ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ଆଇଇଡି ବିସ୍ଫୋରକ ଜବତ, ଖଞ୍ଜିଥିଲେ ମାଓବାଦୀ

**ଭୁବନେଶ୍ୱର,୨୭।୨ (ସଂଚାର ବ୍ୟୁରୋ):** ଓଡ଼ିଶା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ଗୋଲାପଲ୍ଲୀ ମୁଖ୍ୟ ରାସ୍ତାରୁ ଯବାନମାନେ ଗୁରୁବାର ଏକ ୫ କେଜି ଓଜନର ଆଇଇଡ଼ି ବିସ୍ଫୋରକ ଜବତ କରିଛନ୍ତି। ଜବତ ପରେ ବିସ୍ଫୋରକକୁ ଯବାନମାନେ ନିଷ୍କ୍ରିୟ କରି ଦେଇଛନ୍ତି। ନିଷ୍କ୍ରିୟ ବେଳେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ମାଓବାଦୀମାନେ ସୁକୁମା ଜିଲା ଗୋଲାପଲ୍ଲୀ ମୁଖ୍ୟ ରାସ୍ତାରେ ଆଇଇଡ଼ି ଖଞ୍ଜିଥିଲେ। ହେଲେ ଯବାନମାନେ କୋମ୍ବିଂ ଅପରେଶନ ବେଳେ ୫ କେଜି ଓଜନର ଆଇଇଡ଼ି ବିସ୍ଫୋରକ ଜବତ କରିଥିଲେ। ପରେ ଯବାନମାନେ ନିକଟସ୍ଥ ଜଙ୍ଗଲରେ ଜବତ ଆଇଇଡ଼ି ବିସ୍ଫୋରକକୁ ନିଷ୍କ୍ରିୟ କରିଥିଲେ। ଫଳରେ ମାଓବାଦୀଙ୍କ ଏକ ବଡ଼ ଧରଣର ଯୋଜନା ପଣ୍ଡ ହୋଇଯାଇଛି।

## ଅଖାରୁ ମୃତଦେହ ଉଦ୍ଧାର

**ରାଉରକେଲା,୨୭।୨ (ସଂଚାର ବ୍ୟୁରୋ):** ଅଖା ଭିତରୁ ମିଳିଲା ମୃତଦେହ। ରାଉରକେଲାରେ ନଦୀରେ ଭାସୁଥିବା ଏକ ଅଖା ଭିତରୁ ଜନୈକ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। କୋଏଲା ନଦୀ ପାନପୋଷ ଗୋଶାଳା ନିକଟରୁ ଉକ୍ତ ମୃତଦେହକୁ ଉଦ୍ଧାର କରାଯାଇଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହାର ପରିଚୟ ମିଳିପାରିନାହିଁ। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନାନୁସାରେ, ଆଜି ସକାଳୁ ଗୋଶାଳା ନିକଟସ୍ଥ ନଦୀ କୂଳରେ ଜଣେ ବ୍ୟକ୍ତିଙ୍କର ମୃତଦେହ ନଦୀରେ ଭାସୁଥିବା ସ୍ଥାନୀୟ ବାସିନ୍ଦା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ରଘୁନାଥପାଲି ଥାନାକୁ ଜଣାଇବା ପରେ ପୁଲିସ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଖା ଖୋଲିବାରୁ ପୁଲିସ ସେଥିରେ ମୃତଦେହ ଥିବା ଦେଖିବାକୁ ପାଇଥିଲା। ଏ ସମ୍ପର୍କରେ ଜାଣିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ପଚରାଉଚରା କରିଥିଲେ ମଧ୍ୟ ପୁଲିସ୍‌କୁ କେହି ଉକ୍ତ ବ୍ୟକ୍ତି ସମ୍ପର୍କରେ କୌଣସି ସୂଚନା ଦେଇପାରିନାହାନ୍ତି। ତେବେ ପୁଲିସ୍ ଉକ୍ତ ମୃତଦେହ ଚିହ୍ନଟ ପାଇଁ ପ୍ରୟାସ ଜାରି ରଖିଛି।

## ଭୟଙ୍କର ବିସ୍ଫୋରଣ: ୨ ଗୁରୁତର

**ଖୋର୍ଦ୍ଧା,୨୭।୨(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଶିଳ୍ପାଞ୍ଚଳ କୁମାରବସ୍ତ ଗ୍ରାମରେ ଗତକାଲି ଭୟଙ୍କର ବିସ୍ଫୋରଣ ହେବାରୁ ଏଥିରେ ୨ ଜଣ ନାବାଳକ ଗୁରୁତର ଭାବେ ଆହତ ହୋଇଛନ୍ତି। ଜାଗର ପାଇଁ ଠାକୁର ଘରେ ଥିବା ବାଣ ଗୁରୁବାର ମଧ୍ୟାହ୍ନ ସମୟରେ ହଠାତ୍ ବିସ୍ଫୋରଣ ହେବାରୁ ଏପରି ଅଘଟଣ ଘଟିଛି। ଆହତ ଦୁଇ ନାବାଳକଙ୍କ ମଧ୍ୟରୁ ଜଣଙ୍କର ବୟସ ୧୦ ହୋଇଥିବା ବେଳେ ଆଉ ଜଣେ ୧୨ ବର୍ଷର ବୋଲି ଜଣାପଡ଼ିଛି। ସେମାନଙ୍କୁ ତୁରନ୍ତ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତେବେ ଏନେଇ ସ୍ଥାନୀୟ ପୁଲିସ୍ ତଦନ୍ତ ଜାରି ରଖିଛି। ସଦର ଏସଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନାଧିକାରୀ ଗାୟତ୍ରୀ ମିଶ୍ର ପ୍ରମୁଖ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନାନୁସାରେ, ତାପସ ମଙ୍ଗରାଜଙ୍କ ଭଣଜା ଓ ଭାଣିଜୀ ମାମୁଘରକୁ ବୁଲିବାକୁ ଆସିଥିଲେ। ଜାଗରରେ ଫୁଟାଇବା ସକାଶେ ଠାକୁର ଘରେ ସେମାନେ କିଛି ବାଣ ରଖିଥିଲେ। ତେବେ ସେମାନେ ଠାକୁର ଘରେ ବାରଣ୍ଡାରେ ଖେଳୁଥିବା ସମୟରେ ହଠାତ ବାଣ ବିସ୍ଫୋରଣ ହୋଇଥିଲା। ଏଥିରେ ୩ ଜଣ ଆହତ ହୋଇଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ପରିବାର ଲୋକେ ସେମାନଙ୍କୁ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ ହେଁ ସେଠାରୁ ସ୍ଥିତିରେ ସୁଧାର ନ ଆସିବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସାଇଣ୍ଟିଫିକ ଟିମ ସହ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଲିଙ୍ଗରାଜ ମନ୍ଦିରରେ ସେବାୟତ ଆହତ ଘଟଣା

# ତଦନ୍ତ ଦାବି, ଦିଅଁ ଉପାସ ରହିବାରୁ ଅଘଟଣ ଅଭିଯୋଗ

**ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ):** ବାପା ଦୀର୍ଘ ୩୦ ବର୍ଷ ହେବ ମହାଦୀପ ଉଠାଇଥିଲେ। ଏଭଳି ଅଘଟଣ କେବେ ଘଟିନଥିଲା। ମଶାଲରେ ଘିଅ ଅଧିକ ପରିମାଣରେ ହେଇଥିଲା। ଏଥିସହ ଦେଉଳ ଉପରକୁ ଉଠିବା ରାସ୍ତାରେ ପ୍ରଶାସନ ବାଲି ପକାଇବା କଥା ଯାହା କାଲି ପଡ଼ି ନଥିଲା। ପାଦରେ ଘିଅ ଲାଗିବା କାରଣରୁ ଗୋଡ଼ ଖସିଯିବାରୁ ବାପା ପଡ଼ିଯାଇଥିବା କହିଛନ୍ତି ଲିଙ୍ଗରାଜ ମନ୍ଦିର ଆହତ ସେବାୟତ ଯୋଗେନ୍ଦ୍ର ସମର୍ଥାଙ୍କ ପୁଅ ଅଶ୍ୱିନୀ। କ୍ୟାପିଟାଲ ହସ୍ପିଟାଲ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି ଲିଙ୍ଗରାଜ ସେବାୟତ ଯୋଗେନ୍ଦ୍ର ସମର୍ଥା। ଗତକାଲି ମହାଦୀପ ଉଠେଇବା ସମୟରେ ତଳେ ପଡ଼ିଯାଇଥିଲେ ଯୋଗେନ୍ଦ୍ର ଏବଂ ଏଥିରେ ତାଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିବା ସହ ଗୋଡ଼ର ଗୋଇଠି ଭାଙ୍ଗିଯାଇଥିବା ଜଣାପଡ଼ିଛି।

ଅଶ୍ୱିନୀଙ୍କ କହିବାନୁଯାୟୀ, ବର୍ଷ ବର୍ଷ ଧରି ସମର୍ଥା ସେବାୟତ ଜୀବନକୁ ବାଜି ଲଗାଇ ଦେଉଳ ଉପରକୁ ଚଢ଼ନ୍ତି । ହେଲେ ମନ୍ଦିରର ମୁଖ୍ୟ ନିଯୋଗ ମାନେ ଅବହେଳା କରି ଆସିଛନ୍ତି । ପ୍ରଶାସନ ମଧ୍ୟ ଏଥିପ୍ରତି ଧ୍ୟାନ ଦେଇନାହିଁ । ଆମ ପାଇଁ କୌଣସି ପ୍ରକାର ଇନସୁରାନ୍ସ ବା ବୀମା ନାହିଁ । ଏହା ନିଶ୍ଚୟ ଏକ ଅଘଟଣ, କିନ୍ତୁ ଏହାର ତଦନ୍ତ ହେବା ଦରକାର ବୋଲି ଅଶ୍ୱିନୀ କହିଛନ୍ତି।



**ଭେଟିଲେ ମୁଖ୍ୟମନ୍ତ୍ରୀ ଓ ବିଏମ୍‌ସି ମେୟର୍**

ସେହିପରି ସମର୍ଥା ସେବାୟତଙ୍କୁ ହସ୍ପିଟାଲ୍‌ରେ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ଉକ୍ତ ସେବାୟତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ ଦିଗରେ ଯତ୍ନବାନ ହେବାକୁ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ଉକ୍ତ ସେବାୟତଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ସୋସିଆଲ୍ ମିଡିଆ 'ଏକ୍ସ' ମାଧ୍ୟମରେ ସୂଚନା ଦେଇଛନ୍ତି। ଆହତ ସେବାୟତଙ୍କୁ ଭେଟିବା ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଭୁବନେଶ୍ୱର (ମଧ୍ୟ) ର ପୂର୍ବତନ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ରାଉତ ମଧ୍ୟ ଉପସ୍ଥିତ ଥିଲେ।

ଏହାଛଡ଼ା ସମର୍ଥା ସେବାୟତଙ୍କୁ ଆଜି ହସ୍ପିଟାଲ୍‌ରେ ବିଏମ୍‌ସି ମେୟର ସୁଲୋଚନା ଦାଶ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଦୁର୍ଘଟଣା ସମ୍ପର୍କରେ ବୁଝିଛନ୍ତି। ଆହତ ସେବାୟତଙ୍କୁ ଭେଟିବା ପରେ ପ୍ରତିକ୍ରିୟାରେ ଶ୍ରୀମତୀ ଦାସ କହିଛନ୍ତି ଯେ ପ୍ରଶାସନ ମନ୍ଦିର ଚଢ଼ା ବାଟରେ ବାଲି ପକାଇବାକୁ ଭୁଲିଯାଇଛି। କାହିଁକି ବାଲି ପଡ଼ିନଥିଲା ଘଟଣାର ତଦନ୍ତ ହେଉ ବୋଲି ମେୟର କହିଛନ୍ତି। ତଳେ ପଡ଼ିବା ସମୟରେ ବାଲି ନଥିବାରୁ ଉକ୍ତ ସେବାୟତଙ୍କ ଦେହରେ ଗଭୀର ଆଘାତ ଲାଗିଛି। ବର୍ଷ ବର୍ଷ ଧରି ସମର୍ଥା ସେବାୟତ ଜୀବନକୁ ବାଜି ଲଗାଇ ଦେଉଳ ଉପରକୁ ଦୀପ ନେଇ ଯାଉଛନ୍ତି। କିନ୍ତୁ ଏପରି ଏକ ବିପଦଜ୍ଜନକ କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ ତାଙ୍କ ପାଇଁ କୌଣସି ବୀମା ବ୍ୟବସ୍ଥା ନାହିଁ। ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ୧୯୯୬ରୁ ମାସକୁ ୨ ଥର ଚତୁର୍ଦ୍ଦଶୀ ଓ ମହାଶିବରାତ୍ରୀରେ ଉକ୍ତ ସେବାୟତ ଦେଉଳ ଉପରକୁ ଦୀପ ନେଇ ଯାଆନ୍ତି। ମନ୍ଦିର ଉପରକୁ ଯିବା ସମୟରେ ତଳେ ବାଲି ପଡୁଥିଲେ ହେଁ ଏଥର ପ୍ରଶାସନ ତାହା କରିନାହିଁ। ଗୋଡ଼ରେ ଘିଅ ଲାଗିଥିବାରୁ ଉପରକୁ ଚଢ଼ିବା ସମୟରେ ହଠାତ୍ ଗୋଡ ଖସିଯିବାରୁ ସେବାୟତ ତଳକୁ ଡେଇଁ ପଡ଼ିଲେ। ଯଦି ଖସିଯାଇଥାନ୍ତେ, ତେବେ ଆହୁରି ବଡ଼ ଅଘଟଣ ଘଟିଥାନ୍ତା। ତା'ଛଡ଼ା ତଳେ ବାଲି ପଡ଼ିନଥିବାରୁ ତାଙ୍କଠାରେ ଗଭୀର ଆଘାତ ଲାଗିଲା। ତେଣୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତର ଆବଶ୍ୟକତା ରହିଛି ବୋଲି ମେୟର୍ କହିଛନ୍ତି।

## ଦଶମ ଛାତ୍ରୀଙ୍କ ପ୍ରସବ ଘଟଣାରେ ଅଭିଯୁକ୍ତ ଅଟକ

**ବରୀ,୨୭।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲା ବରୀ ଶିକ୍ଷା ମଣ୍ଡଳ ଅଧିନସ୍ଥ ସରକାରୀ ପଞ୍ଚାୟତ ହାଇସ୍କୁଲ ରାମପୁରର ଜନୈକ ଦଶମ ଶ୍ରେଣୀର ନାବାଳିକା ଛାତ୍ରୀ ପ୍ରସବ କରିଛନ୍ତି। ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ବରୀ ପୋଲିସ ପଚରାଉଚରା ଚଳାଇଛି।

ସୂଚନା ମୁତାବକ, ଛାତ୍ରୀଜଣଙ୍କ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଥିଲେ। ସେ ଦୁଇଟି ବିଷୟରେ ପରୀକ୍ଷା ଦେବା ପରେ ବୁଧବାର ବିଳମ୍ବିତ ରାତିରେ ପେଟରେ ଯନ୍ତ୍ରଣା ହେଉଛି ବୋଲି ନିଜ ପରିବାର ଲୋକଙ୍କୁ କହିଥିଲେ। ଏଣୁ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମାତ୍ର ଦାୟିତ୍ୱରେ ଥିବା ଡାକ୍ତର ସେ ଗର୍ଭବତୀ ଥିବା ଏବଂ ଏହା ପ୍ରସବ ଜନିତ ଯନ୍ତ୍ରଣା ବୋଲି ଅନୁଭବ କରି ପ୍ରସବ କରାଇଥିଲେ। ସମ୍ପୃକ୍ତ ଛାତ୍ରୀଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଖବର ପାଇ ବରୀ ପୁଲିସ ଓ ଉଚ୍ଚ ପଦସ୍ଥ ଅଧିକାରୀମାନେ ସ୍ଥାନୀୟ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ସମ୍ପୃକ୍ତ ଛାତ୍ରୀଜଣଙ୍କ ବିଦ୍ୟାଳୟକୁ ଯିବା ସମୟରେ ବିଦ୍ୟାଳୟର କର୍ତ୍ତୃପକ୍ଷ କିମ୍ବା ସେହି ଗ୍ରାମର ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ କିଭଳି ଭାବରେ ଏଭଳି ଘଟଣା ଉପରେ ଅବଗତ ହୋଇ ପାରିଲେ ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଦୁଇ ଦିନ ତଳେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟ ପରିସରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଏକ ଶିଶୁକୁ ଜନ୍ମ ଦେଇଥିବା ଜଣାପଡ଼ିଥିଲା। ଦଶମ ଶ୍ରେଣୀର ଛାତ୍ରୀ ଜଣକ ସୋମବାର ସକାଳେ ପରୀକ୍ଷା ଦେଇ ସ୍କୁଲ ହଷ୍ଟେଲକୁ ଫେରିଥିଲେ। ତେବେ ସା ସମୟରେ ସ୍କୁଲ ହଷ୍ଟେଲରୁ ଝିଅଙ୍କ ବାପାଙ୍କୁ ଝିଅ ହଷ୍ଟେଲରେ ନ ଥିବା ନେଇ ଫୋନ ଯାଇଥିଲା। ସ୍କୁଲରେ ଝିଅଙ୍କ ମା-ବାପା ପହଞ୍ଚିବା ପରେ ହଷ୍ଟେଲରେ ଛାତ୍ରୀ ଜଣକ ଏକ ଶିଶୁ ଜନ୍ମ ଦେଇଥିବା ଜାଣିବାକୁ ପାଇଥିଲେ। ତେବେ ସ୍କୁଲ ଚାରି କାନ୍ଥ ଭିତରେ ଏତେ ବଡ଼ ଘଟଣା କିପରି ଘଟିଲା ତାକୁ ନେଇ ମା'ବାପା ଚିନ୍ତା ପ୍ରକଟ କରିବା ସହ ଏଥିପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ଚିତ୍ରକୋଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ହସ୍ପିଟାଲକୁ ଆଣି ଅଧିକ ଚିକିତ୍ସା ଯୋଗାଇ ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ ମାଟ୍ରନ ସୁଚିତ୍ରା ଚର୍ଚ୍ଚି ବହିଷ୍କୃତ ହୋଇଥିବା ବେଳେ ଏଏନ୍‌ଏମ୍ କବିତା କୁମାରୀ ପାତ୍ର ନିଲମ୍ବିତ ହୋଇଥିଲେ। ଏହାଛଡ଼ା ସମ୍ପୃକ୍ତ ଜଣେ ଯୁବକଙ୍କୁ ଚିତ୍ରକୋଣ୍ଡା ପୋଲିସ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା।

### ● ପରିକଳ୍ପିତ ମହାନଦୀ ଅବବାହିକା ବିକାଶ ସମ୍ପର୍କିତ ବୈଠକ

## ସ୍ଥାୟୀ ସହରୀକରଣ ଦିଗରେ ଅଭିନବ ପ୍ରୟାସ

**ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ):** ନଗର ଉନ୍ନୟନ କର୍ତ୍ତୃପକ୍ଷ ଓ ପରିବେଶ ବିଶେଷଜ୍ଞଙ୍କ ସହଯୋଗରେ ରାଜ୍ୟ ସରକାର ମହାନଦୀ ଜଳପ୍ରାନ୍ତ ପ୍ରକଳ୍ପର ପରିକଳ୍ପନା କାର୍ଯ୍ୟକାରୀ କରିବେ। ଏହି ପରିବର୍ତ୍ତନକାରୀ ପଦକ୍ଷେପ ମହାନଦୀ ନଦୀପ୍ରାନ୍ତକୁ ପୁନଃପରିଭାଷିତ କରିବା ସହ ଏହାକୁ ଏକ ସ୍ପନ୍ଦନଶୀଳ, ସ୍ଥାୟୀ ଓ ଅନ୍ତର୍ଭୁକ୍ତ ସ୍ଥାନରେ ପରିଣତ କରିବା ପାଇଁ ପରିବେଶଗତ ସଂରକ୍ଷଣକୁ ସହରାଞ୍ଚଳ ବିକାଶ ସହ ମିଶାଇପାରିବ। ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାନ ଓ ନଦୀର ସମୃଦ୍ଧ ସାଂସ୍କୃତିକ, ଐତିହାସିକ ଓ ପରିବେଶଗତ ଐତିହ୍ୟର ସଂରକ୍ଷଣ କରିପାରିବ ବୋଲି ଆଜି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଆଜି ଏଠାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଡ. ମହାପାତ୍ର କହିଛନ୍ତି ଯେ ମହାନଦୀ ଜଳପ୍ରାନ୍ତ ବିକାଶକୁ ଏକ ବିଶ୍ୱସ୍ତରୀୟ ସହରାଞ୍ଚଳ ଓ ମନୋରଞ୍ଜନ ସ୍ଥାନ ଭାବରେ କଳ୍ପନା କରାଯାଇଛି। ଏହା ସ୍ଥାନୀୟ ସମ୍ପ୍ରଦାୟର ଆବଶ୍ୟକତା ପୂରଣ କରିବା ସହ ପରିବେଶଗତ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରିବ। ମହାନଦୀର ଶୁଦ୍ଧତାକୁ ପ୍ରାଥମିକତା ଦେଇ ପ୍ରକଳ୍ପଟି ଜଳ ଗୁଣବତ୍ତା ପରିଚାଳନା, ବର୍ଜ୍ୟବସ୍ତୁ ବିଶୋଧନ ପ୍ଲାଣ୍ଟ ଏବଂ ଜଳୀୟ ଜୈବ



ବିବିଧତାକୁ ସୁରକ୍ଷା ଉପରେ ଧ୍ୟାନ ଦେବ ବୋଲି ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଜଳପ୍ରାନ୍ତରେ ଆବାସିକ ୟୁନିଟ୍, ବାଣିଜ୍ୟିକ କ୍ଷେତ୍ର, ମନୋରଞ୍ଜନ ସୁବିଧା ଏବଂ ସାଧାରଣ ସୁବିଧା ସମେତ ମିଶ୍ରିତ ବ୍ୟବହାର ସ୍ଥାନ ରହିବ। ବିକାଶ ସବୁଜ ସ୍ଥାନ, ପଦଯାତ୍ରୀ-ଅନୁକୂଳ ପଦଯାତ୍ରା, ସାଇକ୍ଲିଂ ପଥ ଏବଂ ସୁସଂଯୁକ୍ତ ପରିବହନ ବ୍ୟବସ୍ଥା ଉପରେ ଧ୍ୟାନ ଦେବ। ଦକ୍ଷ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ନିରୀକ୍ଷଣ ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସ୍ମାର୍ଟ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯିବ। ଏକ ପ୍ରମୁଖ ପରିବେଶ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବେ ସ୍ୱୀକୃତି ଲାଭ କରିବ। ଇଭେଣ୍ଟ ସ୍ଥାନଗୁଡ଼ିକ ସଙ୍ଗୀତ ଓ ଖାଦ୍ୟ ଉତ୍ସବ, ସ୍ଥାନୀୟ ସାଂସ୍କୃତିକ ପ୍ରଦର୍ଶନ ଓ ଅନ୍ୟାନ୍ୟ ଆୟୋଜନ କରିବ, ଯାହା ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବ ବୋଲି ଡ. ମହାପାତ୍ର କହିଛନ୍ତି।

କାର୍ଯ୍ୟକ୍ରମରେ କଟକର ସାଂସଦ ଭର୍ତ୍ତୃହରି ମହତାବ, କଟକ-ବାରବାଟୀ ବିଧାୟିକା ସୋଫିଆ ଫିରଦୋସ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସିଏମ୍‌ସି ମେୟର ସୁଭାଷ ସିଂହ, ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ, କଟକ ଜିଲ୍ଲାପାଳ, କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଉପାଧ୍ୟକ୍ଷ, ସିଏମ୍‌ସି କମିଶନର, ଜଳସମ୍ପଦ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେମାନେ ଡିପିଆର ଅନୁଯାୟୀ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ସକାଶେ ପରାମର୍ଶ ଦେଇଛନ୍ତି।

### ● ଡବ୍ଲ୍ୟୁଏଚ୍‌ଆର୍‌ପିଓର ଆଲୋଚନାଚକ୍ର

## ବିକାଶ ସବୁ ବର୍ଗକୁ ଛୁଇଁବା ଦରକାର




**ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ):** ଆଜି ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ (ଡବ୍ଲ୍ୟୁଏଚ୍‌ଆର୍‌ପିଓ) ପକ୍ଷରୁ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ରେ ମାନବ ଅଧିକାର ସଂଗଠନଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା କହିଛନ୍ତି ଯେ ବିକାଶ ସମାଜର ପ୍ରତିଟି ବର୍ଗକୁ ଛୁଇଁବା ଦରକାର। ଦେଶର ଅର୍ଥନୀତିରେ ଓଡ଼ିଶାର ସର୍ବାଧିକ ଅବଦାନ ରହିଛି। ଓଡ଼ିଶାରେ ଲୁହା, ବକ୍ସାଇଟ, କ୍ରୋମାଇଟ, କୋଇଲା ପରି ପ୍ରାକୃତିକ ସମ୍ପଦ ପ୍ରଚୁର ପରିମାଣରେ ରହିଛି। କିନ୍ତୁ ଏହା ସଙ୍ଗେ ସଙ୍ଗେ ବିସ୍ଥାପନ ଓ ପରିବେଶ ପ୍ରଦୂଷଣ ମଧ୍ୟ ବଢୁଛି। ତେଣୁ ଏସବୁ ଉପରେ ମାନବ ଅଧିକାର ସଂଗଠନମାନେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ବେହେରା କହିଛନ୍ତି।

ସେହିପରି ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡାକ୍ତର ଅଭିନ୍ନ ହୋତା ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଭାରତୀୟ ସମ୍ବିଧାନର ଧାରା ୧୪, ୧୯ ଓ ୨୧ର ସୁରକ୍ଷା ପାଇଁ ଆମେ ସର୍ବଦା ତତ୍ପରତା ପ୍ରକାଶ କରିଆସିଛୁ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଭାରତ ଗୌରବ ସମ୍ମାନ, ଡ. ଆମ୍ବେଦକର ସାମାଜିକ ନ୍ୟାୟ ସମ୍ମାନ ଆଦି ପ୍ରଦାନ କରାଯାଇଛି। ସଂଗଠନର ଶୀର୍ଷ ନେତୃତ୍ୱ ଡଃ ରାମଚନ୍ଦ୍ର ରାଉତରାୟ, ଡଃ ଅନୁ ଭଲ୍ଲା ଓ ସତ୍ୟ ମିଶ୍ର ଉପସ୍ଥିତ ଥିବା ବେଳେ ସାମ୍ବାଦିକରତ୍ନ ପୁରସ୍କାର ସ୍ମୃତି ରଞ୍ଜନ ଦାସଙ୍କୁ ଓ ସାମ୍ବାଦିକା ରତ୍ନ ପୁରସ୍କାର ରୁନିତା ମିଶ୍ରଙ୍କୁ ପ୍ରଦାନ କରାଯାଇଛି।

### ତୁରନ୍ତ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇବାକୁ କଂଗ୍ରେସର ଦାବି

## ଦେୟ ବଢ଼ିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ):** ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଆଗାମୀ ଦିନରେ ଟାଟା ପାୱାର୍ ଯଦି ବିଦ୍ୟୁତ୍ ଦେୟରେ ୧ ପଇସା ବି ବୃଦ୍ଧି କରେ, ତା'ହେଲେ ଏହା ପ୍ରତିବାଦରେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ। କାରଣ ସାଧାରଣ ଖାଉଟିଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ। ନିର୍ବାଚନ ସମୟରେ କ୍ଷମତାକୁ ଆସିଲେ ତୁରନ୍ତ ୩୦୦ ୟୁନିଟ ବିଜୁଳି ମାଗଣା ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ଅଦ୍ୟାବଧି ବିଜେପି ଏହା ପାଳନ କରନାହିଁ। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଲୋକଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ ବୋଲି ମଧ୍ୟ ଦଳ ପକ୍ଷରୁ କୁହାଗଲା। କିନ୍ତୁ କ୍ଷମତାକୁ ଆସିବାର ୮ ମାସ ପରେ ବି ବିଜେପି ସରକାର ନିଜ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଛି। ମାଗଣା ବିଜୁଳି ତ ଦୂରର କଥା, ବରଂ ଏବେ ଦେୟ ୟୁନିଟ ପିଛା ୧୨.୪୨ ପଇସା ବୃଦ୍ଧି ସକାଶେ ଓଇଆରସିଙ୍କ ନିକଟରେ ଟିପିସିଓଡିଏଲ ପ୍ରସ୍ତାବ ଦେଇଛି, ଯାହାକି ଦୁର୍ଭାଗ୍ୟଜନକ ବୋଲି ଶ୍ରୀ କାନୁନ୍‌ଗୋ କହିଛନ୍ତି।

ଶ୍ରୀ କାନୁନ୍‌ଗୋ କହିଛନ୍ତି ଯେ ୧୪୨.୧୫ କୋଟି ଟଙ୍କା ରାଜସ୍ୱ ନିଅଣ୍ଟ ରହିବ



ବୋଲି ଟାଟା ପାୱାର୍ ଦର୍ଶାଇ ଏହି କ୍ଷତିର ଭରଣା ପାଇଁ ୟୁନିଟ ପିଛା ୧୨.୪୨ ପଇସା ବଢ଼ାଇବାକୁ ପ୍ରସ୍ତାବ ଦେଇଛି। କିନ୍ତୁ ୨୦୨୩-୨୪ରେ ଆୟୋଗଙ୍କ ନିର୍ଦ୍ଧାରିତ ଶୁଳ୍କଠାରୁ ଟାଟା ପାୱାର୍ ୟୁନିଟ ପିଛା ପ୍ରାୟ ୨୮ ପଇସା ଅଧିକ ଆଦାୟ କରି ୨୪୬.୪୭ ଲକ୍ଷ ଟଙ୍କା ଅଧିକ ପାଇଛି। ତେଣୁ ବିଦ୍ୟୁତ ଆଇନ ୨୦୦୩ ଧାରା ୬୨ (୬) ଅନୁସାରେ ଟାଟା ଉପଭୋକ୍ତାଙ୍କୁ ସୁଧ ସହ ଉକ୍ତ ଅର୍ଥ ଫେରସ୍ତ କରିବା ଉଚିତ। କିନ୍ତୁ ଏହା ନ କରି ପୁଣିଥରେ ବିଦ୍ୟୁତ ଦେୟ ବୃଦ୍ଧି ପ୍ରସ୍ତାବ ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ବୋଲି ଶ୍ରୀ କାନୁନ୍‌ଗୋ କହିବା ସହ ବିଦ୍ୟୁତ ଉପଭୋକ୍ତାଙ୍କୁ ଶୋଷଣ ମନୋବୃତ୍ତିରୁ ସରକାର ନିବୃତ୍ତ ରହିବା ସହ ଗ୍ରୀଡ଼କୋ ରାଜ୍ୟ ସରକାରଙ୍କ ଅଧିନରେ ସରକାର ବିଜୁଳି ଦର ନିୟନ୍ତ୍ରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର କଂଗ୍ରେସର ପୂର୍ବତନ ଲୋକସଭା ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ଯେ ଉପସ୍ଥିତ ରହି ବିଦ୍ୟୁତ ଦେୟ କ୍ଷେତ୍ରରେ ରାଜ୍ୟରେ ଶିଳ୍ପପତି ଓ ପୁଞ୍ଜିପତିମାନଙ୍କ ପାଇଁ ଏବଂ ସାଧାରଣ ଲୋକଙ୍କ ପାଇଁ ଭିନ୍ନ ଭିନ୍ନ ନିୟମ ରହିଛି। ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଗତ ୧୦ ବର୍ଷରେ ୧୪ ଶିଳ୍ପପତିଙ୍କୁ ୪୦୯୭.୬୭ କୋଟି ଛାଡ଼ କରାଯାଇଥିବା ବେଳେ ୨୩ଟି ଶିଳ୍ପ ଉପରେ ୧୦୯୬.୩୨ କୋଟି ଟଙ୍କା ବାକି ପଡ଼ିଛି। ସେମାନଙ୍କଠାରୁ ଉକ୍ତ ଅର୍ଥ ଆଦାୟ କରାନଯାଇ ସାଧାରଣ ଲୋକଙ୍କ ତଣ୍ଟି ଚିପିବାକୁ ସରକାର ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସରକାର ତୁରନ୍ତ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣାରେ ଦେବା ସହ ଦର ବଢ଼ାଇବାଠାରୁ ଦୂରେଇ ରହିବାକୁ ଶ୍ରୀ କାନୁନ୍‌ଗୋ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସମସ୍ତ ଅଣକଂଗ୍ରେସ ଦଳ ମିଶି ପୁରପଲ୍ଲୀରୁ ଆରମ୍ଭ କରି ଭୁବନେଶ୍ୱର ପର୍ଯ୍ୟନ୍ତ ସବୁଠି ଆନ୍ଦୋଳନ କରିବେ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ

# ମାମଲା ସଂଖ୍ୟା ୨୦ ଲକ୍ଷ ଛୁଇଁଲାଣି

**ଭୁବନେଶ୍ୱର,୨୭।୨:** ପର୍ଯ୍ୟାପ୍ତ ସଂଖ୍ୟକ ବିଚାରପତି ଓ ଅନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ନଥିବା ଏବଂ ସରକାରୀ ସ୍ତରରେ ତଳୁ ଉପର ପର୍ଯ୍ୟନ୍ତ ଅଭିଯୋଗ ସମାଧାନ ପାଇଁ ସକରାତ୍ମକ ମନୋବୃତ୍ତିର ଅଭାବ ଯୋଗୁଁ ଓଡ଼ିଶାରେ ମାମଲା ସଂଖ୍ୟା ବଢ଼ି ବଢ଼ି ପ୍ରାୟ ୨୦ ଲକ୍ଷରେ ପହଞ୍ଚିସାରିଲାଣି।

ଏବେ ଓଡ଼ିଶା ହାଇକୋର୍ଟରେ ପାଖାପାଖି ଅଧା ବିଚାରପତି ପଦବୀ ଖାଲି ପଡିଥିବା ସତ୍ତ୍ୱେ ହାଇକୋର୍ଟର ମାମଲା ଫଏସଲା ହାର କିନ୍ତୁ ରୁଜୁ ମାମଲା ତୁଳନାରେ ଅଧିକ ରହୁଛି । ବିଶେଷକରି ଛୋଟଛୋଟ ଘଟଣାରେ ତଳୁ ଉପର ପର୍ଯ୍ୟନ୍ତ ସରକାରୀ କଳ ମୁଣ୍ଡ ନ ଖେଳାଇବା ଏବଂ ଆଇନ୍ ଅଦାଲତର ନିର୍ଦ୍ଦେଶକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରୁନଥିବାରୁ ମାମଲା ସଂଖ୍ୟା ବୃଦ୍ଧି ପାଉଛି ବୋଲି ଅଭିଜ୍ଞ ଆଇନ୍‌ଜୀବୀମାନେ କହୁଛନ୍ତି।

ଜାତୀୟ ଜୁଡିସିଆଲ ଡାଟା ଗ୍ରୀଡ୍‌ର ତଥ୍ୟ ମୁତାବକ, ଦେଶରେ ଯେତେ ମାମଲା ବିଚାର ପ୍ରତୀକ୍ଷାରେ ରହିଛି, ପ୍ରତିଦିନ ତା'ର ଅତି ବେଶିରେ ୧ ପ୍ରତିଶତ ଅଦାଲତଗୁଡିକ ନିକଟରେ ତାଲିକାଭୁକ୍ତ ହେଉଛି। ରାଜ୍ୟରେ ନିମ୍ନ ଅଦାଲତଗୁଡିକରେ ୧୬,୫୩,୬୧୩ ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ଓଡ଼ିଶା ହାଇକୋର୍ଟରେ ବିଚାର ପାଇଁ ଥିବା ମାମଲା ସଂଖ୍ୟା ୧,୪୯,୭୫୦ ରହିଛି।

ଗ୍ରୀଡ୍‌ର ତଥ୍ୟ ମୁତାବକ, ଜିଲ୍ଲା କୋର୍ଟଗୁଡିକରେ ଏବେ ୧୩ ଲକ୍ଷ ୮୫ ହଜାରରୁ ଅଧିକ ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଓଡ଼ିଶାରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ମାମଲା ଉଭୟ ସରକାର, ଆବେଦନକାରୀ,



ପ୍ରତିପକ୍ଷ, ସାଧାରଣ ଜନତା ଓ ବିଚାର ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିମ୍ନ ଅଦାଲତଗୁଡିକରେ ପଡ଼ିରହିଥିବା ମାମଲାଗୁଡିକ ମଧ୍ୟରୁ ୧୬ ପ୍ରତିଶତ ହେଉଛି ୧୦ ବର୍ଷରୁ ବି ପୁରୁଣା। ଏମିତିକି ୨୦/୩୦ ବର୍ଷରୁ ଅଧିକ ସମୟ ଧରି ହଜାର ହଜାର ମାମଲା ବି ଏଠି ଗଡୁଛି। ସେହିଭଳି ନିମ୍ନ ଅଦାଲତଗୁଡିକରେ ୫ରୁ ୧୦ ବର୍ଷର ପୁରୁଣା ମାମଲା ସଂଖ୍ୟା ୨୬ ପ୍ରତିଶତ ହୋଇଥିବା ବେଳେ ୩ରୁ ୫ ବର୍ଷର ପୁରୁଣା ମାମଲା ସଂଖ୍ୟା ୧୫ ପ୍ରତିଶତ ରହିଛି। ଏହାଛଡ଼ା ୧ରୁ ୩ ବର୍ଷର ପୁରୁଣା ମାମଲା ସଂଖ୍ୟା ୨୪ ପ୍ରତିଶତ ଓ ବର୍ଷକରୁ କମ୍ ଅବଧିର ଗଡୁଥିବା ମାମଲା ସଂଖ୍ୟା ୧୯ ପ୍ରତିଶତ ରହିଛି। ଏହି ବକେୟା ମାମଲାଗୁଡ଼ିକ ଭିତରୁ ୮୦ ରୁ ୮୮ ପ୍ରତିଶତ ହେଉଛି ଅପରାଧିକ ମାମଲା।

ସେହିଭଳି ଓଡ଼ିଶା ହାଇକୋର୍ଟରେ ବିଚାରାଧିନ ଥିବା ମାମଲାଗୁଡିକ ମଧ୍ୟରୁ ପ୍ରାୟ ୨୩ ପ୍ରତିଶତ ୧୦ ବର୍ଷରୁ ଅଧିକ ସମୟ ଧରି ଗଡୁଥିବାବେଳେ ୫ରୁ ୧୦ ବର୍ଷ ଧରି ଗଡ଼ିଆସୁଛି ୨୨ ପ୍ରତିଶତ। ୩ରୁ ୫ ବର୍ଷ ଧରି ଚାଲୁଛି ୧୦ ପ୍ରତିଶତ ମାମଲା। ଏହାଛଡ଼ା ବର୍ଷେରୁ ୩ ବର୍ଷର ପୁରୁଣା ମାମଲା ସଂଖ୍ୟା ୨୦ ପ୍ରତିଶତ ଥିବାବେଳେ ବର୍ଷେରୁ କମ୍ ଅବଧିର ମାମଲା ସଂଖ୍ୟା ଓଡ଼ିଶା ହାଇକୋର୍ଟରେ ୨୫ ପ୍ରତିଶତ ରହିଥିବା ଜଣାପଡ଼ିଛି। ଏବେ ବି ୧୯୮୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ବିଭିନ୍ନ ବର୍ଷର ଅନେକ ମାମଲା ଗଡୁଛି। କେବଳ ସେତିକି ନୁହେଁ, ୧୯୮୦ ପୂର୍ବର ବି ଉଭୟ ଦେୱାନୀ ଓ ଫୌଜଦାରୀ ମାମଲା ଅନେକ ନିମ୍ନ ଅଦାଲତରେ ଗଡ଼ି ଗଡ଼ି ଚାଲୁଛି। ଏନେଇ ଅଭିଜ୍ଞ ଆଇନ୍‌ଜୀବୀମାନେ ପରାମର୍ଶ ଦେଇଛନ୍ତି ଯେ ଅନ୍ତତଃ ପକ୍ଷେ ୨୦୦୦ ମସିହା ପୂର୍ବରୁ ରୁଜୁ ହୋଇଥିବା ସମସ୍ତ ଦେୱାନୀ ଓ ଫୌଜଦାରୀ ମାମଲାଗୁଡିକୁ ଚଳିତବର୍ଷ ଶେଷସୁଦ୍ଧା ସମାପ୍ତ କରି ପ୍ରତିବର୍ଷ ନୂଆ ମାମଲା ସହ ପୁରୁଣା ମାମଲାଗୁଡ଼ିକର କିଭଳି ଫଏସଲା ହୋଇ ୨୦୩୦ ବେଳକୁ ୨୦୨୦ ପୂର୍ବର ସମସ୍ତ ମାମଲାର ସମାଧାନ ହୋଇପାରିବ, ସେ ଦିଗରେ ପ୍ରଶାସନ ଓ ବିଚାର ବ୍ୟବସ୍ଥା ସୁଚିନ୍ତିତ ଯୋଜନା ପ୍ରଣୟନ କରିବା ଦରକାର। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ଆନନ୍ଦ-'କିଛି ନାହିଁ'ରେ ଯେଉଁ ଆନନ୍ଦ ଅଛି, 'ସବୁ ଥାଇ'ରେ ତାହା ନାହିଁ।

SANCHAR
ସଂଚାର



# ସତର୍କ ରହିବାର ସମୟ

ଚୀନରେ ଆତଙ୍କ ସୃଷ୍ଟି କରିଥିବା ଏଚଏମପିଭି ଏବେ ଭାରତରେ ଦେଖିବାକୁ ମିଳିଛି। ଏବେ ସୁଦ୍ଧା ଭାରତରେ ୮ଜଣ ଏହି ଭାଇରସରେ ସଂକ୍ରମିତ ଚିହ୍ନଟ ହୋଇଥିବା କୁହାଯାଉଛି। କିନ୍ତୁ ଆହୁରି ଅନେକ ସଂକ୍ରମିତ ଆମ ଭିତରେ ରହିଥିବେ। ଟେଷ୍ଟ କରାଗଲେ ଅନେକ ସଂକ୍ରମିତ ଧରାପଡ଼ିବେ। ଭାରତରେ ଏବେ ସୁଦ୍ଧା ଚିହ୍ନଟ ହୋଇଥିବା ଏଚଏମପିଭି ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଶିଶୁ ବା ନାବାଳକ। ଅଧିକାଂଶ ବଡ଼ ବଡ଼ ସହରରେ ଚିହ୍ନଟ ହୋଇଛନ୍ତି। ସବୁଠାରୁ ଆଶ୍ୱସ୍ତିର ବିଷୟ ହେଲା ଏବେ ସୁଦ୍ଧା ଏହି ରୋଗରେ କେହି ଜୀବନ ହରାଇ ନାହାଁନ୍ତି। କାରଣ ଏହି ଭାଇରସର ସଂକ୍ରମଣ କ୍ଷମତା କରୋନା ତୁଳନାରେ କମ ଏବଂ ଏଥିରେ ମୃତ୍ୟୁ ହାର ମଧ୍ୟ ସେଭଳି ଅଧିକ ନୁହେଁ। କିନ୍ତୁ ଏହା ସତ୍ତ୍ୱେ ଏହାକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ। କାରଣ ଏହି ଭାଇରସ ମ୍ୟୁଟେସନ ହୋଇ ନୂଆ ରୂପରେ ଏବଂ ଅଧିକ ଶକ୍ତିଶାଳି ହୋଇ ମଣିଷକୁ ଆକ୍ରମଣ କରିପାରେ। ନିକଟରେ ଚୀନର ଉହାନରେ କରେନା ଭାଇରସର ଆଉ ଏକ ନୂଆ ଷ୍ଟ୍ରେନ ଦେଖିବାକୁ ମିଳିଛି। ଏହା ଫଳରେ ବିଶ୍ୱରେ ପୁଣି ଏକ ମହାମାରୀ ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ୨୦୨୧ରେ କରୋନା ଭାଇରସ ନୂଆ ରୂପ ନେଇ ଡେଲଟା ଭାଇରସ ନାମରେ ମୃତ୍ୟୁର ତାଣ୍ଡବ ରଚିଥିଲା। ତେଣୁ ଏମପିଭି ନୂଆ ରୂପରେ ଅଧିକ ଶକ୍ତିଶାଳି ହୋଇ ମଣିଷକୁ ଆକ୍ରମଣ କରିବ ନାହିଁ ବୋଲି କିଏ କହିବ? ଏହି ଭାଇରସ ନୁହେଁ। ୨୦୦୧ରେ ଏହା ପ୍ରଥମେ ଚିହ୍ନଟ ହୋଇଥିଲା। ସେବେଠାରୁ ଏହା ସୁପ୍ତ ଅବସ୍ଥାରେ ଥିଲା। ଏବେ ଏହା ସକ୍ରିୟ ହୋଇଛି। ଏହି ଭାଇରସ କୋଭିଡ ଭଳି ଶ୍ୱାସକ୍ରିୟାକୁ ପ୍ରଭାବିତ କରେ। ଶ୍ୱାସନଳୀ ଏବଂ ଫୁସଫୁସ ଏଥିରେ ପ୍ରଭାବିତ ହୋଇଥାଏ। ଅଧିକ ହେଲେ ରୋଗୀ ମୃତ୍ୟୁ ମୁଖରେ ପଡ଼ିଥାଏ। କରୋନା ଭଳି ଏହାର ଲକ୍ଷଣ ମଧ୍ୟ ସାଧାରଣ ଫ୍ଲୁ ଭଳି। ଥଣ୍ଡା, କାଶ, ଜ୍ୱର, ଛିଙ୍କ, ଜ୍ୱର ଏହାର ସାଧାରଣ ଲକ୍ଷଣ। କୋଭିଡ ମହାମାରୀ ଆରମ୍ଭ ବେଳେ ଯେପରି ପରିସ୍ଥିତି ଥିଲା, ଏବେ ଠିକ ସେହି ପରିସ୍ଥିତି। ଚୀନରେ ଅନେକ ଏଥିରେ ଆକ୍ରାନ୍ତ




ହୋଇଛନ୍ତି। ଆଜି ପର୍ଯ୍ୟନ୍ତ ଏହାର ସଠିକ ଔଷଧ ବା ପ୍ରତିଷେଧକ ବାହାରି ନାହିଁ। ଉଦବେଗର ବିଷୟ ହେଲା ଚୀନ ଏହା ଉପରେ ସଠିକ ଏବଂ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରୁନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ବା ହୁ ମଧ୍ୟ ଏହା ଉପରେ ଆଜି ପର୍ଯ୍ୟନ୍ତ ନିରବ ରହିଛି। ଏହା ପରିସ୍ଥିତିକୁ ଅଧିକ ଜଟିଳ କରିପାରେ। କୋଭିଡ ମହାମାରୀର ଭୟଙ୍କର ଅନୁଭୂତି ଏବେ ବି ଲୋକେ ଭୁଲି ନାହାଁନ୍ତି। ଏହି ମହାମାରୀ ଯୋଗୁଁ ସାରା ବିଶ୍ୱରେ କୋଟିଏରୁ ଅଧିକ ଲୋକଙ୍କ ଜୀବନହାନୀ ହୋଇଥିଲା। ଏବେ ବି ଅନେକ ଦେଶରେ କୋଭିଡ ଆକ୍ରନ୍ତ ଚିହ୍ନଟ ହେଉଛନ୍ତି। ସବୁ ଦିନ ପାଇଁ ଏହି ରୋଗ ସହିତ, କରୋନା ଭାଇରସ ସହିତ ଆମକୁ ଲଢ଼େଇ କରିବାକୁ ପଡ଼ିବ। ଏହା କିପରି ସୃଷ୍ଟି ହେଲା ତାହା ଏବେ ବି ଅସ୍ପଷ୍ଟ। ଚୀନର ଉହାନ ନଗରୀରୁ ଏହା ପ୍ରଥମେ ଚିହ୍ନଟ ହୋଇଥିଲା। କୁହାଯାଉଛି ଯେ, ବାଦୁଡ଼ି ବା ଅନ୍ୟ କୌଣସି ପଶୁ ବା ପକ୍ଷୀ ଶରୀରରୁ ଏହି ଭାଇରସ ମଣିଷ ଶରୀରକୁ ସଂକ୍ରମିତ କରିଥିଲା। ଆଉ କେତେକଙ୍କ ସନ୍ଦେହ ହେଲା ଉହାନ ସ୍ଥିତ ଏକ ଲ୍ୟାବରୁ ଏହା ସୃଷ୍ଟି ହୋଇଛି। ଏହା ଏକ ମନୁଷ୍ୟକୃତ ବିପର୍ଯ୍ୟୟ ଥିଲା ବୋଲି ଅଧିକାଂଶ ବିଶ୍ୱାସ କରନ୍ତି। ଏଥିପାଇଁ ଚୀନକୁ ଅଧିକାଂଶ ବ୍ୟକ୍ତି ଦୋଷ ଦିଅନ୍ତି। ଚୀନ ପକ୍ଷରୁ ଏଚଏମପିଭି ସଂକ୍ରମଣକୁ ଏକ ଶୀତଦିନିଆ ସାଧାରଣ ଫ୍ଲୁ ବୋଲି କୁହାଯାଉଛି। ଏଥିରେ ଚିନ୍ତିତ ହେବାର କିଛି ନାହିଁ, ଶୀତ ଦିନ ଗଲେ ଏହାର ପ୍ରକୋପ କମିଯିବ ବୋଲି ଚୀନ କହିଛି। କିନ୍ତୁ ଚୀନର ଆଶ୍ୱାସନାରେ ବିଶ୍ୱାସ ନାହିଁ। ସବୁ କଥାକୁ ଲୁଚାଇବା ଏହାର ପ୍ରକୃତି। କୋଭିଡ ମହାମାରୀ ସମ୍ପର୍କରେ ମଧ୍ୟ ଅନେକ ତଥ୍ୟ ଚୀନ ମୁଳରୁ ଲୁଚାଇଥିଲା ଏବେ ବି ଚୀନ ଅନେକ ତଥ୍ୟ ଲୁଚାଇଛି। ଯଦି କୋଭିଡ ମହାମାରୀ ସମ୍ପର୍କରେ ଚୀନ ମୁଳରୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରିଥାଆନ୍ତା ତେବେ ବିଶ୍ୱରେ କୋଟିଏ ଜୀବନ ଯାଇନଥାନ୍ତା। ଆର୍ôଥିକ ବିପର୍ଯ୍ୟୟ ସୃଷ୍ଟି ହୋଇନଥାନ୍ତା। କୋଭିଡରେ ଆକ୍ରାନ୍ତ ହୋଇ ପ୍ରତ୍ୟକ୍ଷ ଭାବେ ଯେତିକି ଲୋକ ପ୍ରାଣ ହରାଇଛନ୍ତି ତାହାଠାରୁ ବହୁ ଅଧିକ ପରୋକ୍ଷରେ ଏଥିରେ ଶିକାର ହୋଇଛନ୍ତି। ସରକାରୀ ଭାବେ କୋଭିଡରେ ଯେତିକି ଲୋକ ପ୍ରାଣ ହରାଇଥିବା କୁହାଯାଉଛି ବାସ୍ତବରେ ତାହାଠାରୁ ଢେର ଅଧିକ ଲୋକ ଏଥିରେ ପ୍ରାଣ ହରାଇଛନ୍ତି। କୋଭିଡରେ ମୃତକଙ୍କ ମଧ୍ୟରୁ ଅନେକ ଭିନ୍ନ କାରଣରୁ ପ୍ରାଣ ହରାଇଥିବା କୁହାଗଲା। କିନ୍ତୁ ବାସ୍ତବରେ କୋଭିଡ ଯୋଗୁଁ ଅନ୍ୟ ରୋଗର ଚିକିତ୍ସା ସମ୍ଭବ ହେଲା ନାହିଁ ଏବଂ ଲୋକେ ଜୀବନ ହାରିଲେ। ତେଣୁ କୋଭିଡରେ ମୃତକଙ୍କ ବାସ୍ତବ ସଂଖ୍ୟା ସରକାରୀ ହିସାବଠାରୁ ବହୁ ଅଧିକ ହେବ। ଭାରତରେ କୋଭିଡର ଦ୍ୱିତୀୟ ଲହର ବେଳେ ପୋକମାଛି ଭଳି ଜୀବନ ଗଲା। ଏବେ ପୁଣି ସେହି ଆତଙ୍କ ସୃଷ୍ଟି ହୋଇଛି। ଏବେ ସୁଦ୍ଧା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ପକ୍ଷରୁ ଏ ସମ୍ପର୍କରେ କିଛି ତଥ୍ୟ ପ୍ରଦାନ କରାଯାଇନି। ହୁ ଏହା ଉପରେ ନିରବତା ଅବଲମ୍ବନ କରିଛି। ଚୀନକୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ କହିଛି। କିନ୍ତୁ ଚୀନ ଏହା ଉପରେ ମୁହଁ ଖୋଲିନି। ଚୀନର ପଡ଼ୋଶୀ ଭାବେ ଭାରତ ପାଇଁ ଅଧିକ ବିପଦ ଆଶଙ୍କା ରହିଛି। ଭାରତ ସରକାର ଏହାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ ଚିନ୍ତାର ବିଷୟ ହେଲା ଏହି ଭାଇରସ ଜନିତ ରୋଗର ନିର୍ଦ୍ଦିଷ୍ଟ ଔଷଧ ବା ପ୍ରତିଷେଧକ ଆଜି ପର୍ଯ୍ୟନ୍ତ ବାହାରିନାହିଁ। କେବଳ ରୋଗୀଠାରୁ ନିଜକୁ ଦୁରେଇ ରହିବା ଏବଂ ମାସ୍କ ବ୍ୟବହାର ଦ୍ୱାରା ସଂକ୍ରମଣକୁ କେତେକାଂଶ;ରେ ରୋକାଯାଇପାରିବ ବୋଲି କୁହାଯାଉଛି। ଏଥିପାଇଁ ଚୀନରେ ଏବେ ମାସ୍କ ବ୍ୟବହାର ବଢୁଛି। ଭାରତରେ ମଧ୍ୟ ଏବେ ସତର୍କ ରହିବାର ବେଳ। ଜନଗହଳିପୂର୍ଣ୍ଣ ସ୍ଥାନକୁ ନଯିବା ଏବଂ ମୁହଁରେ ମାସ୍କ ଲଗାଇବା ଦ୍ୱାରା ଆମେ ଅଧା ବିପଦକୁ ଏଡ଼ାଇପାରିବା। ଏଥିପାଇଁ ଜନସଚେତନତାର ଆବଶ୍ୟକତା ରହିଛି। ଆଶା ଭାରତ ସରକାର ଶୀଘ୍ର ଏ ଦିଗରେ ଉଚିତ ପଦକ୍ଷେପ ନେବେ। ଏଚଏମପିଭି ଆଜି ନିହାତି ମାରାତ୍ମକ ରୂପ ନେି ନାହିଁ। କିନ୍ତୁ କାଲି କ'ଣ ପରିସ୍ଥିତି ହେବ ତାହା କୁହାଯାଇପାରିବ ନାହିଁ। ଏଥିପାଇଁ ଶୃଙ୍ଖଳିତ ଜୀବନ ଯାପନ ନିହାତି ଜରୁରୀ। ଅମାନିଆ ହେଲେ ନିଜ ପାଇଁ ବିପଦ, ପୁରା ସମାଜ ଏବଂ ପରିବାର ପାଇଁ ଏହା ଘାତକ ସାବ୍ୟସ୍ତ ହୋଇପାରେ। ଏଥିଲାଗି ଆଗାମୀ ୩ ମାସ ପାଇଁ ସମସ୍ତ ପ୍ରକାର ଉତ୍ସବ ପାଳନକୁ ବାତିଲ କରାଯିବା ଉଚିତ। ଆସନ୍ତା ମାସରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନ ପାଇଁ ଜନସଭା ହୋଇପାରେ। ଏଥିରୁ ସବୁ ଦଳ ନିବୃତ୍ତ ରହିବା ଉଚିତ। ଲୋକଙ୍କ ଜୀବନଠାରୁ ବଡ଼ କଥା ଆଉ କିଛି ନଥାଇପାରେ। ନିର୍ବାଚନ ପ୍ରଚାର ଖବରକାଗଜ, ଟିଭି ଏବଂ ସୋସିଆଲ ମିଡିଆ ମାଧ୍ୟମରେ ହୋଇପାରେ। ଯୁଗ ବଦଳୁଛି, ସେଥିପାଇଁ ଆମେ ନିଜକୁ ବଦଳାଇବା ଜରୁରୀ। ନିର୍ବାଚନ ପ୍ରଚାର ପାଇଁ ଏତେ ହୋହଲ୍ଲାର କିଛି ଆବଶ୍ୟକତା ନାହିଁ। ସାମାଜିକ ଦୂରତ୍ୱ ରକ୍ଷା ଦ୍ୱାରା ଅନେକ ସମସ୍ୟା ଦୂର ହୋଇପାରିବ। ସାମାଜିକ ଦୂରତ୍ୱ ରକ୍ଷା ଏବଂ ମାସ୍କ ବ୍ୟବହାର, ହାତ ଧୋଇବା ସହିତ ଥଣ୍ଡା କାଶ ହେଲେ ବାହାରକୁ ନଯିବା ଏକ ସ୍ଥାୟୀ ପରମ୍ପରାରେ ପରିଣତ ହେବା ଉଚିତ।

# ଏକତାର ମହାକୁମ୍ଭ - ନୂଆ ଯୁଗର

ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ

ପବିତ୍ର ସହର ପ୍ରୟାଗରାଜରେ ମହାକୁମ୍ଭ ସଫଳତାର ସହ ସମାପନ ହୋଇଛି। ଏକତାର ଏକ ବିଶାଳ ମହାଯଜ୍ଞ ସମ୍ପନ୍ନ ହୋଇଛି। ଗୋଟିଏ ରାଷ୍ଟ୍ରର ଚେତନା ଜାଗ୍ରତ ହେଲେ, ଶହ ଶହ ବର୍ଷ ପୁରୁଣା ପରାଧୀନତାର ମାନସିକତାରୁ ମୁକ୍ତ ହେଲେ, ଦେଶରେ ନୂତନ ଶକ୍ତିର ସଂଚାର ହୋଇଥାଏ। ଏହାର ପରିଣାମ ଜାନୁଆରୀ ୧୩ରୁ ପ୍ରୟାଗରାଜରେ ଆରମ୍ଭ ହୋଇଥିବା 'ଏକତା କା ମହାକୁମ୍ଭ' (ଏକତାର ମହାକୁମ୍ଭ) ରେ ଦେଖିବାକୁ ମିଳିଥିଲା। ୨୨ ଜାନୁଆରୀ ୨୦୨୪ରେ, ଅଯୋଧାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମୟରେ, ମୁଁ ଦେବ ଭକ୍ତି ଏବଂ ଦେଶ ଭକ୍ତି ବିଷୟରେ କହିଥିଲି। ପ୍ରୟାଗରାଜରେ ମହାକୁମ୍ଭ ସମୟରେ, ସାଧୁ, ସନ୍ଥ, ମହିଳା, ଶିଶୁ, ଯୁବକ, ବରିଷ୍ଠ ନାଗରିକ ଏବଂ ସମାଜର ସମସ୍ତ ବର୍ଗର ଲୋକମାନେ ଏକାଠି ହୋଇଥିଲେ। ମହାକୁମ୍ଭରେ ଆମେ ରାଷ୍ଟ୍ରର ଜାଗ୍ରତ ଚେତନାକୁ ଦେଖିଛୁ। ଏହା ଥିଲା ଏକତାର ମହାକୁମ୍ଭ, ଯେଉଁଠି ୧୪୦ କୋଟି ଭାରତୀୟଙ୍କ ଆସ୍ଥା ଏହି ପବିତ୍ର ଅବସର ପାଇଁ ଏକ ସମୟରେ, ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଥିଲା।

ପ୍ରୟାଗରାଜର ଏହି ପବିତ୍ର ଅଞ୍ଚଳ ହେଉଛି ଶୃଙ୍ଗବେରପୁର। ଏହା ଏକତା, ସୌହାର୍ଦ୍ଦ୍ୟ ଏବଂ ପ୍ରେମର ଏକ ପବିତ୍ର ଭୂମି, ଯେଉଁଠାରେ ପ୍ରଭୁ ଶ୍ରୀରାମ ଓ ନିଶାଦରାଜଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ସେମାନଙ୍କର ଏହି ସାକ୍ଷାତ ଭକ୍ତି ଓ ସଦ୍ଭାବନାର ସଙ୍ଗମ ଥିଲା। ଆଜି ମଧ୍ୟ ପ୍ରୟାଗରାଜ ଆମକୁ ସେହି ଭାବନା ସହ ପ୍ରେରଣା ଦେଉଛି।

୪୫ ଦିନ ଧରି ମୁଁ ଦେଶର କୋଣ ଅନୁକୋଣରୁ କୋଟି କୋଟି ଲୋକଙ୍କୁ ସଙ୍ଗମକୁ ଯିବାଆସିବା କରୁଥିବାର ଦେଖିଲି। ସଙ୍ଗମସ୍ଥଳରେ ଭାବପ୍ରବଣତାର ତରଙ୍ଗ ବୃଦ୍ଧି ପାଇବାରେ ଲାଗିଥିଲା। ପ୍ରତ୍ୟେକ ଭକ୍ତ ସଙ୍ଗମରେ ବୁଡ଼ ପକାଇବାର ଆକାଂକ୍ଷା ନେଇ ଆସିଥିଲେ। ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ପବିତ୍ର ସଙ୍ଗମ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ଉତ୍ସାହ, ଶକ୍ତି ଏବଂ ଆତ୍ମବିଶ୍ୱାସରେ ଭରିଦେଇଥିଲା। ପ୍ରୟାଗରାଜର ଏହି ମହାକୁମ୍ଭ ଆଧୁନିକ ପ୍ରବନ୍ଧନ ବା ମ୍ୟାନେଜମେଣ୍ଟ ପେସାଦାର, ଯୋଜନା ଏବଂ ନୀତି ବିଶେଷଜ୍ଞଙ୍କ ପାଇଁ ଏକ ଅଧ୍ୟୟନର ବିଷୟ। ବିଶ୍ୱର କୌଣସି ସ୍ଥାନରେ ଏହି ବ୍ୟାପକତାର କୌଣସି ସମାନ୍ତରାଳ ଉଦାହରଣ ନାହିଁ। ପ୍ରୟାଗରାଜରେ ନଦୀ ସଙ୍ଗମ କୂଳରେ କୋଟି କୋଟି ଲୋକ କିପରି ଏକାଠି ହେଲେ, ତାହା ବିଶ୍ୱ ଆଶ୍ଚର୍ଯ୍ୟର ସହ ଦେଖିଲା। ଏହି ଲୋକମାନଙ୍କ ପାଖରେ କୌଣସି ଆନୁଷ୍ଠାନିକ ନିମନ୍ତ୍ରଣ ନଥିଲା, କେତେବେଳେ ଯିବେ ସେ ବିଷୟରେ କୌଣସି ପୂର୍ବ ସୂଚନା ନଥିଲା। ତଥାପି କୋଟି କୋଟି ଲୋକ ନିଜ ଇଚ୍ଛାରେ ମହାକୁମ୍ଭ ଅଭିମୁଖେ ବାହାରିଥିଲେ ଏବଂ ପବିତ୍ର ଜଳରାଶିରେ ବୁଡ଼ ପକାଇବାର ଆନନ୍ଦ ଅନୁଭବ କରିଥିଲେ। ପବିତ୍ର ସ୍ନାନ ପରେ ଅପାର ଆନନ୍ଦ ଏବଂ ସନ୍ତୋଷ ପ୍ରଦାନ କରୁଥିବା ସେହି ମୁହୂର୍ତ୍ତ ଗୁଡ଼ିକୁ ମୁଁ ଭୁଲି ପାରିବି ନାହିଁ। ମହିଳା, ବୟସ୍କ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ-ସମସ୍ତେ ସଙ୍ଗମରେ ପହଞ୍ଚିବାର ରାସ୍ତା ଖୋଜି ବାହାର କଲେ। ଭାରତର ଯୁବକମାନଙ୍କ ବିପୁଳ ଅଂଶଗ୍ରହଣକୁ ଦେଖିବା ମୋ ପାଇଁ ବିଶେଷ ଭାବରେ ହୃଦୟସ୍ପର୍ଶୀ ଥିଲା। ମହାକୁମ୍ଭରେ ଯୁବପିଢ଼ିର ଉପସ୍ଥିତି ଏକ ଗଭୀର ବାର୍ତ୍ତା ଦେଉଛି ଯେ ଭାରତର ଯୁବବର୍ଗ ଆମର ଗୌରବମୟ ସଂସ୍କୃତି ଏବଂ ଐତିହ୍ୟର ପଥପ୍ରଦର୍ଶକ ହେବେ। ସେମାନେ ଏହାର ସଂରକ୍ଷଣ ଦିଗରେ ସେମାନଙ୍କର ଦାୟିତ୍ୱକୁ ବୁଝନ୍ତି ଏବଂ ଏହାକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ମହାକୁମ୍ଭ ପାଇଁ ପ୍ରୟାଗରାଜରେ ପହଞ୍ଚୁଥିବା ଲୋକଙ୍କ ସଂଖ୍ୟା ନିଃସନ୍ଦେହରେ ନୂତନ ରେକର୍ଡ ସୃଷ୍ଟି କରିଛି। କିନ୍ତୁ ଶାରୀରିକ ଭାବେ ଉପସ୍ଥିତ ଥିବା ଲୋକମାନଙ୍କ ବ୍ୟତୀତ, ପ୍ରୟାଗରାଜରେ ପହଞ୍ଚି ପାରୁନଥିବା କୋଟି କୋଟି ଲୋକ ମଧ୍ୟ ଏହି ଅବସରରେ ଭାବପ୍ରବଣତାର ସହ ଗଭୀର ଭାବେ ଜଡ଼ିତ ଥିଲେ। ତୀର୍ଥଯାତ୍ରୀମାନେ ନେଇ ଆସୁଥିବା ପବିତ୍ର ଜଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଧାତ୍ମିକ ଆନନ୍ଦର ଉତ୍ସ ପାଲଟିଥିଲା। ମହାକୁମ୍ଭରୁ ଫେରୁଥିବା ଅନେକଙ୍କୁ ସେମାନଙ୍କ ଗ୍ରାମରେ ସମ୍ମାନର ସହ ସ୍ୱାଗତ କରାଯାଇଥିଲା, ସମାଜ ଦ୍ୱାରା ସମ୍ମାନିତ କରାଯାଇଥିଲା। ଗତ କିଛି ସପ୍ତାହ ମଧ୍ୟରେ ଯାହା ଘଟିଛି ତାହା ଅଭୂତପୂର୍ବ ଏବଂ ଆଗାମୀ ଶତାବ୍ଦୀ ପାଇଁ ଏକ ମୂଳଦୁଆ ପକାଇଛି। ସମସ୍ତଙ୍କ କଳ୍ପନା ଠାରୁ ଯଥେଷ୍ଟ ଅଧିକ ସଂଖ୍ୟକ ଭକ୍ତ ପ୍ରୟାଗରାଜରେ ପହଞ୍ଚିଥିଲେ। କୁମ୍ଭର ପୂର୍ବ ଅଭିଜ୍ଞତାକୁ ଆଧାର କରି ପ୍ରଶାସନ ଉପସ୍ଥାନର ଆକଳନ କରିଥିଲା। ଆମେରିକାର ପ୍ରାୟ ଦୁଇଗୁଣ ଜନସଂଖ୍ୟା ଏହି ଏକତାର ମହାକୁମ୍ଭରେ ଅଂଶଗ୍ରହଣ କରିଥିଲେ। ଆଧାତ୍ମିକ ବିଦ୍ୱାନମାନେ ଯଦି କୋଟି କୋଟି ଭାରତୀୟଙ୍କ ଉତ୍ସାହୀ ଅଂଶଗ୍ରହଣକୁ ବିଶ୍ଳେଷଣ କରନ୍ତି, ତେବେ ସେମାନେ ଦେଖିବେ ଯେ ଭାରତ ନିଜର ଐତିହ୍ୟକୁ ନେଇ ଗର୍ବିତ ଏବଂ ବର୍ତ୍ତମାନ ଦେଶ ଏକ ନୂତନ ଶକ୍ତି ସହିତ ଆଗକୁ ବଢୁଛି। ଏହା ଏକ ନୂତନ ଯୁଗର ପ୍ରାରମ୍ଭ ଏବଂ ଏହି ମହାକୁମ୍ଭ ନୂତନ ଭାରତର ଭବିଷ୍ୟତ ଲେଖିବ ବୋଲି ମୋର ବିଶ୍ୱାସ ରହିଛି। ହଜାର ହଜାର ବର୍ଷ ଧରି, ମହାକୁମ୍ଭ



ଭାରତର ଜାତୀୟ ଚେତନାକୁ ସୁଦୃଢ଼ କରିଛି। ଅତୀତରେ ପ୍ରତ୍ୟେକ ପୂର୍ଣ୍ଣ କୁମ୍ଭରେ ସନ୍ଥ, ବିଦ୍ୱାନ ଏବଂ ଚିନ୍ତାନାୟକମାନେ ନିଜ ସମୟର ସମାଜର ସ୍ଥିତି ଉପରେ ବିଚାରବିମର୍ଶ କରୁଥିବା ଦେଖିବାକୁ ମିଳୁଥିଲା। ସେମାନଙ୍କ ବିଚାରର ପ୍ରତିଫଳନ ଦେଶ ଏବଂ ସମାଜକୁ ଏକ ନୂତନ ଦିଗ ପ୍ରଦାନ କରୁଥିଲା। ପ୍ରତି ଛଅ ବର୍ଷରେ, ଅର୍ଦ୍ଧକୁମ୍ଭ ସମୟରେ, ଏହି ବିଚାରଗୁଡ଼ିକର ସମୀକ୍ଷା କରାଯାଇଥିଲା। ୧୪୪ ବର୍ଷ ଧରି ଚାଲିଥିବା ୧୨ଟି ପୂର୍ଣ୍ଣ କୁମ୍ଭ ଘଟଣା ପରେ, ପୁରୁଣା ପରମ୍ପରାକୁ ପରିତ୍ୟାଗ କରାଯାଉଥିଲା, ନୂତନ ଚିନ୍ତାଧାରାକୁ ଗ୍ରହଣ କରାଯାଇଥିଲା ଏବଂ ସମୟ ସହିତ ଆଗକୁ ବଢ଼ିବା ପାଇଁ ନୂତନ ପରମ୍ପରା ସୃଷ୍ଟି କରାଯାଇଥିଲା। ୧୪୪ ବର୍ଷ ପରେ, ଏହି ମହାକୁମ୍ଭରେ, ଆମର ସନ୍ଥମାନେ ପୁନର୍ବାର ଭାରତର ବିକାଶ ପାଇଁ ଏକ ନୂତନ ବାର୍ତ୍ତା ଦେଇଛନ୍ତି। ସେହି ବାର୍ତ୍ତା ହେଉଛି - ବିକଶିତ ଭାରତ। ଏହି ଏକତାର ମହାକୁମ୍ଭରେ ପ୍ରତ୍ୟେକ ତୀର୍ଥଯାତ୍ରୀ, ଧନୀ ହୁଅନ୍ତୁ ଅବା ଗରିବ, ଯୁବ ହୁଅନ୍ତୁ ଅବା ବୃଦ୍ଧ, ଗାଁ ଅବା ସହରରୁ, ଭାରତ ହେଉ କି ବିଦେଶ, ପୂର୍ବ ହେଉ କି ପଶ୍ଚିମ, ଉତ୍ତର ହେଉ କି ଦକ୍ଷିଣ, ଜାତି, ଧର୍ମ ଏବଂ ବିଚାର ନିର୍ବିଶେଷରେ ଏକାଠି ହୋଇଥିଲେ। ଏହା 'ଏକ ଭାରତ ଶ୍ରେଷ୍ଠ ଭାରତ' ପରିକଳ୍ପନାର ପ୍ରତିମୂର୍ତ୍ତି ଥିଲା, ଯାହା କୋଟି କୋଟି ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥିଲା। ଏବେ ଆମକୁ ଏକ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ପାଇଁ ସମାନ ଭାବନା ନେଇ ଏକାଠି ହେବାକୁ ପଡ଼ିବ। ମୋର ଗୋଟିଏ କଥା ମନେ ପଡ଼ୁଛି। ଭଗବାନ ଶ୍ରୀକୃଷ୍ଣ ଛୋଟ ଥିବା ସମୟରେ ନିଜ ପାଟିରେ ମା' ଯଶୋଦାଙ୍କୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଚିତ୍ର ଦେଖାଇଥିଲେ। ସେହିପରି, ଏହି ମହାକୁମ୍ଭରେ ଭାରତ ଓ ବିଶ୍ୱର ଲୋକମାନେ ଭାରତର ସାମୂହିକ ଶକ୍ତିର ବ୍ୟାପକ ସମ୍ଭାବନାକୁ ଦେଖିଛନ୍ତି। ଏବେ ଆମକୁ ଏହି ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାକୁ ହେବ ଏବଂ ଏକ ବିକଶିତ ଭାରତ ଗଠନ ଦିଗରେ ନିଜକୁ ସମର୍ପିତ କରିବାକୁ ହେବ। ଏହାପୂର୍ବରୁ ଭକ୍ତି ଆନ୍ଦୋଳନର ସନ୍ଥମାନେ ସମଗ୍ର ଭାରତରେ ଆମର ସାମୂହିକ ସଂକଳ୍ପର ଶକ୍ତିକୁ ଚିହ୍ନଟ କରିଥିଲେ ଏବଂ ପ୍ରୋତ୍ସାହିତ କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଠାରୁ ଆରମ୍ଭ କରି ଶ୍ରୀ ଅରବିନ୍ଦଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ମହାନ ଚିନ୍ତାନାୟକ ଆମକୁ ଆମ ସାମୂହିକ ସଂକଳ୍ପର ଶକ୍ତି ବିଷୟରେ ସ୍ମରଣ କରାଇ ଦେଇଥିଲେ। ଏପରିକି ମହାତ୍ମା ଗାନ୍ଧୀ ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଅନୁଭବ କରିଥିଲେ। ସ୍ୱାଧୀନତା ପରେ, ଯଦି ଏହି ସାମୂହିକ ଶକ୍ତିକୁ ସଠିକ୍ ଭାବରେ ସ୍ୱୀକୃତି ଦିଆଯାଇଥାନ୍ତା ଏବଂ ସମସ୍ତଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହାର ଉପଯୋଗ କରାଯାଇଥା'ନ୍ତା, ତେବେ ଏହା ଗୋଟିଏ ନୂତନ ଭାବେ ସ୍ୱାଧୀନ ରାଷ୍ଟ୍ର ପାଇଁ ଏକ ମହାଶକ୍ତି ହୋଇପାରିଥାନ୍ତା। ଦୁର୍ଭାଗ୍ୟବଶତଃ, ପୂର୍ବରୁ ଏହା କରାଯାଇ ନଥିଲା। କିନ୍ତୁ ବର୍ତ୍ତମାନ, ଏକ ବିକଶିତ ଭାରତ ପାଇଁ ଲୋକମାନଙ୍କର ଏହି ସାମୂହିକ ଶକ୍ତି ଯେପରି ଭାବେ ଏକାଠି ହେଉଛି, ତାହା ଦେଖି ମୁଁ ଆନନ୍ଦିତ। ବେଦ ଠାରୁ ଆରମ୍ଭ କରି ବିବେକାନନ୍ଦଙ୍କ ପର୍ଯ୍ୟନ୍ତ, ପ୍ରାଚୀନ ଶାସ୍ତ୍ରଠାରୁ ଆରମ୍ଭ କରି ଆଧୁନିକ ଉପଗ୍ରହ ପର୍ଯ୍ୟନ୍ତ, ଭାରତର ମହାନ ପରମ୍ପରା ଏହି ରାଷ୍ଟ୍ରକୁ ରୂପ ଦେଇଛି। ଜଣେ ନାଗରିକ ଭାବେ ମୁଁ ପ୍ରାର୍ଥନା କରୁଛି ଯେ ଆମେ ଆମର ପୂର୍ବପୁରୁଷ ଏବଂ ସନ୍ଥମାନଙ୍କ ସ୍ମୃତିରୁ ନୂତନ ପ୍ରେରଣା ପାଇବା। ଏହି ଏକତାର ମହାକୁମ୍ଭ ଆମକୁ ନୂତନ ସଂକଳ୍ପ ସହିତ ଆଗକୁ ବଢିବାରେ ସାହାଯ୍ୟ କରୁ। ଆସନ୍ତୁ ଏକତାକୁ ଆମର ମାର୍ଗଦର୍ଶକ ନୀତି କରିବା। "ରାଷ୍ଟ୍ରର ସେବା ହେଉଛି ଈଶ୍ୱରଙ୍କ ସେବା", ଆସନ୍ତୁ ଆମେ ଏହି ବୁଝାମଣା ସହିତ କାର୍ଯ୍ୟ କରିବା।

କାଶୀରେ ମୋର ନିର୍ବାଚନ ପ୍ରଚାର ସମୟରେ, ମୁଁ କହିଥିଲି, "ମା' ଗଙ୍ଗା ମୋତେ ଡାକିଛନ୍ତି।" ଏହା କେବଳ ଏକ ଭାବପ୍ରବଣତା ନଥିଲା, ବରଂ ଆମର ପବିତ୍ର ନଦୀଗୁଡ଼ିକର ସ୍ୱଚ୍ଛତା ପ୍ରତି ଦାୟିତ୍ୱର ଏକ ଆହ୍ୱାନ ମଧ୍ୟ ଥିଲା। ପ୍ରୟାଗରାଜରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ସଙ୍ଗମ ସ୍ଥଳରେ ଠିଆ ହୋଇ ମୋର ସଂକଳ୍ପ ଆହୁରି ଦୃଢ଼ ହୋଇଗଲା। ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଆମ ନିଜ ଜୀବନ ସହିତ ଗଭୀର ଭାବେ ଜଡ଼ିତ। ବଡ଼ ହେଉ କିମ୍ବା ଛୋଟ, ଆମ ନଦୀଗୁଡ଼ିକୁ ଜୀବନଦାୟିନୀ ମା' ଭାବେ ସମ୍ମାନ କରିବା ଆମର ଦାୟିତ୍ୱ। ଏହି ମହାକୁମ୍ଭ ଆମକୁ ଆମ ନଦୀଗୁଡ଼ିକର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛି। ମୁଁ ଜାଣେ ଯେ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ କାମ ନଥିଲା। ଯଦି ଆମର ଭକ୍ତିରେ କୌଣସି ତ୍ରୁଟି ଥାଏ ତେବେ ଆମକୁ କ୍ଷମା କରନ୍ତୁ ବୋଲି ମୁଁ ମା' ଗଙ୍ଗା, ମା' ଯମୁନା ଏବଂ ମା' ସରସ୍ୱତୀଙ୍କୁ ପ୍ରାର୍ଥନା କରୁଛି। ମୁଁ ଜନତା ଜନାର୍ଦ୍ଦନ, ଜନସାଧାରଣଙ୍କୁ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ଦେଖୁଛି। ଯଦି ସେମାନଙ୍କ ସେବା କରିବା ପାଇଁ ଆମ ପ୍ରୟାସରେ କୌଣସି ତ୍ରୁଟି ରହିଛି, ତେବେ ମୁଁ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରୁଛି। ଭକ୍ତି ଭାବନା ନେଇ କୋଟି କୋଟି ଲୋକ ମହାକୁମ୍ଭକୁ ଆସିଥିଲେ। ସେମାନଙ୍କର ସେବା କରିବା ମଧ୍ୟ ଏକ ଦାୟିତ୍ୱ ଥିଲା ଯାହା ସମାନ ଭକ୍ତିର ଭାବନା ସହିତ କାର୍ଯ୍ୟକାରୀ ହୋଇଥିଲା। ଉତ୍ତର ପ୍ରଦେଶର ଜଣେ ସାଂସଦ ଭାବେ ମୁଁ ଗର୍ବର ସହ କହିପାରିବି ଯେ ଯୋଗୀ ଜୀଙ୍କ ନେତୃତ୍ୱରେ ପ୍ରଶାସନ ଏବଂ ଲୋକମାନେ ମିଳିତ ଭାବେ ଏହି ଏକତାର ମହାକୁମ୍ଭକୁ ସଫଳ କରିବା ପାଇଁ କାର୍ଯ୍ୟ କରିଥିଲେ। ରାଜ୍ୟ ହେଉ କିମ୍ବା କେନ୍ଦ୍ର, ସେଠାରେ କୌଣସି ଶାସକ କିମ୍ବା ପ୍ରଶାସକ ନଥିଲେ। ଏହା ପରିବର୍ତ୍ତେ ସମସ୍ତେ ଜଣେ ଉତ୍ସର୍ଗୀକୃତ ସେବକ ଥିଲେ। ସଫେଇ କର୍ମଚାରୀ, ପୁଲିସ, ଡଙ୍ଗାଚାଳକ, ଡ୍ରାଇଭର, ଖାଦ୍ୟ ପରିବେଷଣ କରୁଥିବା ଲୋକ-ସମସ୍ତେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଅନେକ ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରୟାଗରାଜର ଲୋକମାନେ ଯେଭଳି ଭାବେ ତୀର୍ଥଯାତ୍ରୀମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ, ତାହା ବିଶେଷ ଭାବେ ପ୍ରେରଣାଦାୟୀ ଥିଲା। ମୁଁ ସେମାନଙ୍କୁ ଏବଂ ଉତ୍ତର ପ୍ରଦେଶର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରୁଛି। ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ଉପରେ ମୋର ସର୍ବଦା ଅତୁଟ ବିଶ୍ୱାସ ରହିଛି। ଏହି ମହାକୁମ୍ଭକୁ ଦେଖିବା ଦ୍ୱାରା ମୋର ବିଶ୍ୱାସ ଅନେକ ଗୁଣ ବୃଦ୍ଧି ପାଇଛି। ୧୪୦ କୋଟି ଭାରତୀୟ ଯେଉଁଭଳି ଭାବେ ଏକତାର ମହାକୁମ୍ଭକୁ ଏକ ବିଶ୍ୱସ୍ତରୀୟ ସମାରୋହରେ ପରିଣତ କରିଛନ୍ତି, ତାହା ବାସ୍ତବରେ ଚମତ୍କାର। ଆମ ଲୋକମାନଙ୍କ ସମର୍ପଣ, ଭକ୍ତି ଏବଂ ପ୍ରୟାସ ଦ୍ୱାରା ଅନୁପ୍ରାଣିତ ହୋଇ, ମୁଁ ଖୁବଶୀଘ୍ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ପ୍ରଥମ ଶ୍ରୀ ସୋମନାଥଙ୍କୁ ଦର୍ଶନ କରିବି। ତାଙ୍କୁ ଏହି ଶ୍ରଦ୍ଧାରୂପୀ ସଂକଳ୍ପ ପୁଷ୍ପ ସମର୍ପଣ କରି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରାର୍ଥନା କରିବି। ଦେଶବାସୀଙ୍କ ମଧ୍ୟରେ ଏକତାର ଏହି ଅବିରତ ଧାରା ପ୍ରବାହିତ ହୋଇ ଚାଲିବା ପାଇଁ କାମନା କରିବି। ମହାକୁମ୍ଭର ଭୌତିକ ସ୍ୱରୂପ ମହାଶିବରାତ୍ରୀ ଉପଲକ୍ଷେ ସଫଳତାର ସହ ସମାପ୍ତ ହୋଇଥାଇପାରେ, କିନ୍ତୁ ଗଙ୍ଗାର ଶାଶ୍ୱତ ପ୍ରବାହ ପରି ମହାକୁମ୍ଭ ଜାଗ୍ରତ କରିଥିବା ଆଧାତ୍ମିକ ଶକ୍ତି, ଜାତୀୟ ଚେତନା ଏବଂ ଏକତା ଆମକୁ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ପ୍ରେରଣା ଯୋଗାଇବ।

# ୩ ବର୍ଷରେ ରୁଷ-ୟୁକ୍ରେନ ଯୁଦ୍ଧ



ସୌଭାଗ୍ୟ ରଞ୍ଜନ ମହାନ୍ତି

ରୁଷ-ୟୁକ୍ରେନ ଯୁଦ୍ଧ ତିନି ବର୍ଷ ପୁରିଯାଇଥିବାବେଳେ କେବେ ଏହାର ଅନ୍ତଘଟିବ ଏହି କହିବା ମୁସ୍କିଲ କିନ୍ତୁ ଏହା ନିସନ୍ଦେହ ଯେ, ଏହା ହେଉଛି, ଭୂଭାଗ ନେଇ ସବୁଠାରୁ ବଡ ମାନବିକ ଟ୍ରାଜେଡି। ନିଜ ଭୂଖଣ୍ଡର ସୁରକ୍ଷା ପାଇଁ ଏବଂ ଆତ୍ମ ସମ୍ମାନ ସୁରକ୍ଷା ପାଇଁ ଏହି ଯୁଦ୍ଧ ଲାଗିଛି। ଯୁଦ୍ଧରେ ପ୍ରାୟ ୧ନିୟୁତରୁ ଊର୍ଦ୍ଧ୍ୱ ନିହତ ଓ ଆହତ ହୋଇଥିବାବେଳେ ଏକଦା ବିଶ୍ୱର ସବୁଠୁ ସୌନ୍ଦର୍ଯ୍ୟମୟୀ ନଗର ଭାବେ ପରିଚିତ ଥିବା ୟୁକ୍ରେନର ରାଜଧାନୀ କିଭ୍ ଏବେ ଶ୍ରୀହୀନ ହୋଇ ଯାଇଛି। କେବଳ ଏତିକି ନୁହେଁ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ହେଉଛି ୟୁରୋପ ମହାଦେଶର ସବୁଠାରୁ ରକ୍ତପାତର ଲଢେଇ। ରୁଷର ଅହରହ ଆକାଶମାର୍ଗରୁ ବୋମାମାଡ ଏବଂ ଡ୍ରୋନ ଆକ୍ରମଣରେ ୟୁକ୍ରେନର ବହୁ ସହର କ୍ଷତିଗ୍ରସ୍ତ ହୋଇଛି। ଲକ୍ଷ ଲକ୍ଷ ଲୋକ ଯେଉଁମାନଙ୍କ ମଧ୍ୟରେ ବହୁ ଶିଶୁ ଓ ମହିଳା ଅଛନ୍ତି, ମୃତ୍ୟୁବରଣ କରିସାରିଲେଣି। ହଜାର ହଜାର ୟୁକ୍ରେନବାସୀ ଦେଶ ଛାଡି ପଡୋଶୀ ଦେଶଗୁଡିକ ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି। ରୁଷ ଆକ୍ରମଣରୁ ୟୁକ୍ରେନର ହସ୍ପିଟାଲ ଓ ସ୍କୁଲଗୁଡିକ ମଧ୍ୟ ବାଦ ପଡ଼ିନାହିଁ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଆଣବିକ ଶକ୍ତିର ଅଧିକାରୀ ରୁଷ ବାରମ୍ବାର ଆଣବିକ ଆକ୍ରମଣ ଧମକ ଦେଇଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଆଣବିକ ଯୁଦ୍ଧ କରିନାହିଁ। ସେହିପରି ରୁଷର ଶକ୍ତି, ସାମର୍ଥ୍ୟ ତୁଳନାରେ ୟୁକ୍ରେନ ସମ୍ପୂର୍ଣ୍ଣ ନଗଣ୍ୟ ଥିବାବେଳେ ଆମେରିକାର ଆର୍ଥୀକ ସହାୟତା ଏବଂ ୟୁରୋପୀୟ ରାଷ୍ଟ୍ରଗୁଡିକର ସମର୍ଥନରେ ଦୀର୍ଘ ୩ବର୍ଷ ବୃହତ ସାମରିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ରୁଷ ସହ ଲଢେଇ କରି ଆସିଛି। ନିକଟରେ ଆମେରିକାରେ କ୍ଷମତା ପରିବର୍ତ୍ତନ ପରିବର୍ତ୍ତେ ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ୟୁକ୍ରେନକୁ ସମସ୍ତ ସାମରିକ ଓ ଆର୍ଥୀକ ସହାୟତା ବନ୍ଦ କରିବାକୁ ଘୋଷଣା କରିଛନ୍ତି ଏବଂ ୟୁରୋପୀୟ ରାଷ୍ଟ୍ରଗୁଡିକ ସହ ଏକ ପ୍ରକାର ସମ୍ପର୍କ ଛିନ୍ନ କରିବା ଚେତାବନୀ ଦେଇଛନ୍ତି। ଯାହାକି ୟୁକ୍ରେନର ପରାଜୟକୁ ଏକ ପ୍ରକାର ସୁନିଶ୍ଚିତ କରିଦେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ସମ୍ଭବତଃ ଆସନ୍ତା ସପ୍ତାହରେ ରୁଷ ନିଜର ବିଜୟ ଘୋଷଣା କରିବା ବିଶ୍ୱାସ କରାଯାଏ। ଏହା ସତ୍ୟ ଯେ, ରୁଷ-ୟୁକ୍ରେନ ମଧ୍ୟରେ ଗଭୀର ଧାର୍ମିକ, ଜାତିଗତ, ସାଂସ୍କୃତିକ ସମ୍ପର୍କ ରହିଛି। ନବେଦଶକ ପୂର୍ବରୁ ୟୁକ୍ରେନ ସୋଭିଏତ ୟୁନିୟନର ଅଂଶ ବିଶେଷ ଥିଲା। ସୋଭିଏତ ୟୁନିୟନର ବିଲୟ ପରେ ୟୁକ୍ରେନ ଏକ ସ୍ୱାଧୀନ ଓ ସାର୍ବଭୌମତ୍ୱ ରାଷ୍ଟ୍ର ଭାବେ ଘୋଷଣା କରିଥିଲା। ମାତ୍ର ୟୁକ୍ରେନ ଏକ ସ୍ୱାଧୀନ ଓ ସାର୍ବଭୌମତ୍ୱ ରାଷ୍ଟ୍ର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁ ଏହା ରୁଷ ଚାହେଁ ନାହିଁ। ଆହୁରି ମଧ୍ୟ ୟୁକ୍ରେନ ନାଟୋ'ର ସଦସ୍ୟତା ଆବେଦନକୁ ବିରୋଧ କରି ରୁଷ ନିଜ ଆଡୁ ହଠାତ ଆକ୍ରମଣ କରିଥିଲା। 'କିଚକ ବାହୁବଳେ ବିରାଟ ରାଜା' ପରି ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡିକରେ ସହାୟତା ଓ ସମର୍ଥନରେ ୟୁକ୍ରେନ ରୁଷ ସହ ଦୀର୍ଘ ୩ବର୍ଷ ଧରି ଲଢେଇ ଜାରି ରଖିଛି। ଏବେ ଆମେରିକା ୟୁକ୍ରେନର ହାତ ଛାଡିଦେଇଥିବାବେଳେ ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ୍ୟରେ ବିଭେଦ ଦେଖାଦେଇଛି। ଯୁକ୍ତରାଷ୍ଟ୍ର ଆମେରିକା ଯେ କି ୟୁକ୍ରେନର ପ୍ରତିରକ୍ଷା ଉପରେ ବିପୁଳ ସମ୍ବଳ ଦେଇଥିବା ବେଳେ ଆନ୍ତର୍ଜାତିକ ସମର୍ଥନ ପାଇଁ ଉଦ୍ୟମ ଜାରି ରଖିଥିଲା। କିନ୍ତୁ ୱାଂଶିଟନରେ କ୍ଷମତା ପରିବର୍ତ୍ତନ ପରେ ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ପ୍ରଶାସନ ତା'ର ଆଭିମୁଖ୍ୟ ପରିବର୍ତ୍ତନ କରିଛି। ଉଲ୍ଲେଖଯୋଗ୍ୟ ଯେ ୟୁକ୍ରେନର ରାଷ୍ଟ୍ରପତି ଭୋଲେଡମିର ଜେଲେନସ୍କି ଆମେରିକା ଏକଦା ଲଢୁଆ ବୀର ଭାବେ ଉପସ୍ଥାପିତ କରିଥିବାବେଳେ ଟ୍ରମ୍ପ ପ୍ରଶାସନ ତାଙ୍କୁ ଆମେରିକାର ପାଣ୍ଠିର ଅପବ୍ୟବହାରୀକାରୀ ଜଣେ ଦୁର୍ନୀତିଗ୍ରସ୍ତ ରାଜନେତା ଭାବେ ଦୁର୍ନମ ରଚନା କରିଛି। ଇତି ମଧ୍ୟରେ ମଧ୍ୟ ଯୁଦ୍ଧକୁ ଉସକାଇଥିବା ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଆଲୋଚନା କରିବା ପାଇଁ ରୁଷ ଆଗ୍ରହ ପ୍ରକାଶ କରିଛି। କେବଳ ଏତିକି ନୁହେଁ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା-ରୁଷ ମଧ୍ୟରେ ଯେଉଁ ସହଯୋଗିତାର ଯୁଗ ଆରମ୍ଭ ହୋଇଥିଲା, ତାହାକୁ ପୁର୍ନଜୀବୀତ କରାଇବା ପାଇଁ ରୁଷର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଆଗ୍ରହ ପ୍ରକାଶ କରିଛନ୍ତି। କୌଣସି ସମୟରେ ଯୁଦ୍ଧର ଅବସାନ ଘଟିବା ଆଶଙ୍କା ସୃଷ୍ଟି ହୋଇଛି।

**ସମ୍ମାନ ଭବନ,ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ଜାତୀୟ ସବୁଜ ଅଦାଲତର ଭୂମିକା



ଯୁଧିଷ୍ଠିର ମହାରଣା

ସାଧାରଣତଃ ଆମେ ବାୟୁ, ଜଳ, ଶବ୍ଦ ପ୍ରଦୂଷଣର ଭୟାବହତା ବିଷୟରେ ଊଣା ଅଧିକେ ଜାଣିଛେ। ମୁଖ୍ୟତଃ କଳକାରଖାନା, ଖଣି ଖାଦାନ, ଯାନବାହାନ, ଶୀତତପ ନିୟନ୍ତ୍ରଣ ଯନ୍ତ୍ର ପ୍ରଭୃତିରୁ ନିର୍ଗତ ବାୟୁ ପ୍ରଦୂଷଣ ସୃଷ୍ଟି କରେ। ଅପରପକ୍ଷରେ ଜଣେ ମଣିଷ ପାଇଁ ଦିନକୁ ୧୦ରୁ ୧୫ ଲିଟର ଶୁଦ୍ଧ ବାୟୁ ଆବଶ୍ୟକ। ଏହାର ଅଭାବରେ ଗତ କରୋନା ସମୟରେ କିପରି ହଜାର ହଜାର ରୋଗୀଙ୍କ ମୃତ୍ୟୁ ଘଟିଥିଲା ତାହା ବିଷୟରେ ଆମେ ଜାଣିଛେ। ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ପ୍ରକାର ମାରାତ୍ମକ ରୋଗ ମଧ୍ୟ ସୃଷ୍ଟି ହୁଏ। ସେହିପରି ଜଣଙ୍କ ପାଇଁ ଦିନକୁ ୩ରୁ ୫ ଲିଟର ବିଶୁଦ୍ଧ ପାନୀୟ ଜଳର ଆବାଶ୍ୟକତା ହୁଏ। ମାତ୍ର ଜଳ ବିଭିନ୍ନ କାରଣରୁ ପ୍ରଦୂଷିତ ହୋଇ ଜୀବଜଗତ ପାଇଁ ଆଉ ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରୁଛି। ଶିଳ୍ପରୁ ବର୍ଜ୍ୟଜଳ, ସାର, କୀଟନାଶକ ପଦାର୍ଥ, ଲୋକମାନଙ୍କର ବ୍ୟବହୃତ ଆବର୍ଜନା ଇତ୍ୟାଦି ନଦୀନାଳରେ ମିଶି ଜଳ ପ୍ରଦୂଷଣ ସୃଷ୍ଟି ହୁଏ। ତା ଦ୍ୱାରା ବିଭିନ୍ନ ସଂକ୍ରାମକ ଓ ପ୍ରାଣଘାତୀ ରୋଗ ସୃଷ୍ଟି ହୁଏ। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏହି ସମସ୍ୟା ଅଧିକ ଦୃଷ୍ଟି ଗୋଚର ହୁଏ। ସେହିପରି କଳା-କାରଖାନା, ଖଣି-ଖାଦାନମାନଙ୍କରୁ ସୃଷ୍ଟ ଶବ୍ଦ ରକ୍ତଚାପ ବୃଦ୍ଧି ସହିତ ଶ୍ରବଣ ଓ ହୃଦଘାତ ସମସ୍ୟା ସୃଷ୍ଟି କରେ। ମଣିଷ ବ୍ୟତୀତ ପ୍ରାଣୀମାନେ ମଧ୍ୟ ଶବ୍ଦ ପ୍ରଦୂଷଣର ଶିକାର ହୁଅନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଳକାରକାନା ଓ ଖଣିଖାଦାନର ମାଲିକ, ଠିକାଦାର, ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟକ୍ତିବିଶେଷଙ୍କ ପ୍ରମୁଖ ଭୂମିକା ରହିଥିବାବେଳେ ଏ ଦିଗରେ ଉଦ୍ୟମ ସମୁଦ୍ରକୁ ଶଙ୍ଖେ ପରି। ସର୍ବୋପରି ପ୍ରଦୂଷଣ ଗ୍ରାମ, ସହର, ଜିଲ୍ଲା, ରାଜ୍ୟ, ଦେଶର ସୀମା ସରହଦକୁ ମାନେ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବହୁ ନିୟମ କାନୁନ ଅଛି। ସେଗୁଡ଼ିକ ମଧ୍ୟରେ ଜାତୀୟ ପରିବେଶ ଆଇନ, ଜଳ ପ୍ରଦୂଷଣ ଆଇନ, ବାୟୁ ପ୍ରଦୂଷଣ ଆଇନ, ବନ୍ୟଜନ୍ତୁ ଆଇନ, ଜଙ୍ଗଲ ସଂରକ୍ଷଣ ଆଇନ, ଭାରତୀୟ ପିଙ୍ଗଳ କୋଡ଼ ଅନ୍ୟତମ। ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଏ ସମ୍ପର୍କିତ ଆଇନ କାନୁନ ତଦାରଖ ପାଇଁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ପ୍ରଦୂଷଣ ବୋର୍ଡ଼ ମଧ୍ୟ ଗଠନ କରାଯାଇଛି।

ସରକାରୀ ସଂସ୍ଥା, ମୁନିସିପାଲଟି, ଜିଲ୍ଲାପାଳ, ତହସିଲଦାର, ବେସରକାରୀ ଅନୁଷ୍ଠାନ, କ୍ଷତିଗ୍ରସ୍ତ ଅଞ୍ଚଳର ଯୁବକ ସଂଘ କିମ୍ବା ବ୍ୟକ୍ତିବିଶେଷ ପ୍ରଦୂଷଣ ସୃଷ୍ଟିକାରୀଙ୍କ ବିରୁଦ୍ଧରେ ସ୍ଥାନୀୟ ଅଦାଲତରେ ମାମଲା ଦାୟର କରି ପ୍ରତିକାର ଲୋଡ଼ି ପାରିବେ। ମାତ୍ର ମାମଲା ଖର୍ଚ୍ଚ ଓ ସମୟ ଦୃଷ୍ଟିରୁ ଠିକ ସମୟରେ ଅନେକେ ମାମଲା କରି ପାରନ୍ତି ନାହିଁ। ଗୋଟିଏ ମାମଲାର ଫଇସଲା ହେବାକୁ ବର୍ଷ ବର୍ଷ ବିତିଯାଏ। କେତେକ ସ୍ଥଳରେ ମାମଲାର ରାୟ ପ୍ରକାଶ ହେବା ପରେ ତାହାକୁ ଚ୍ୟାଲେଞ୍ଜ କରି ପୁନଃ ବିଚାର ଆବେଦନ କରାଯାଉଥିବା ଦେଖାଯାଏ। ଏହି ଜଟିଳ ପ୍ରକ୍ରିୟାରେ ଅନେକ ସମୟ ଚାଲିଯାଇଥାଏ। ଅନେକ ଧନଜୀବନ ମଧ୍ୟ କ୍ଷତି ଘଟିଥାଏ। ପରିବେଶର ପ୍ରଭୂତ କ୍ଷତି ସାଧନ ହୁଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ଦେଶର ନ୍ୟାୟାଧୀଶମାନେ ଦେଇଥିବା ପରାମର୍ଶ ଆଧାରରେ କେନ୍ଦ୍ର ସରକାର ସଂସଦର ଅନୁମୋଦନକ୍ରମେ ନୂତନ ଜାତୀୟ ସବୁଜ ଅଦାଲତ ସ୍ଥାପନ କରିଛନ୍ତି। ଏହା ୧୮.୧୦.୨୦୧୨ରୁ କାର୍ଯ୍ୟକାରୀ ହୋଇଆସୁଛି। ଏହି ଅଦାଲତ ଭାରତର ଜଙ୍ଗଲ ସମ୍ପଦ, ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ସୁରକ୍ଷା, ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ପରିବେଶ ସୁରକ୍ଷା ପାଇଁ ଆଇନଗତ ଅଧିକାର ପ୍ରଦାନ କରିବା ସହ ପ୍ରଦୂଷଣ ନିୟନ୍ତ୍ରଣ, ପ୍ରଦୂଷଣଜନିତ କ୍ଷୟକ୍ଷତିର ଭରଣା, ପରିବେଶ ସମସ୍ୟାର ତ୍ୱରିତ ଫଇସଲା ଆଦି କରିଥାଏ। ଏହି ଅଦାଲତମାନଙ୍କର ଦଣ୍ଡ ବ୍ୟବସ୍ଥା ବହୁତ କଠୋର। ରାଜଧାନୀ ନୂଆଦିଲ୍ଲୀ ଠାରେ ସବୁଜ ଅଦାଲତର ମୁଖ୍ୟ କାର୍ଯ୍ୟାଳୟ ଥିବାବେଳେ ଭୋପାଳ, ପୁନ୍ନେ, ଚେନ୍ନାଇ ଓ କୋଲକାତାରେ ଆଞ୍ଚଳିକ ଶାଖା କାର୍ଯ୍ୟାଳୟମାନ ରହିଛି। ଓଡ଼ିଶାର ଏ ସମ୍ପର୍କିତ ମାମଲା କୋଲକାତା ସବୁଜ ଅଦାଲତ ଅଧୀନରେ ଆସୁଛି। କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ସର୍ବୋଚ୍ଚ କିମ୍ବା ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶମାନେ ଏମାନଙ୍କର ସଭାପତି ଓ ନ୍ୟାୟାଧୀଶ ପଦରେ ନିଯୁକ୍ତ ପାଆନ୍ତି। ସେହିପରି ସ୍ୱନାମଧନ୍ୟ ଓକିଲ ଓ ଉଚ୍ଚ ସରକାରୀ ଅଧିକାରୀମାନେ ଏହାର ସଦସ୍ୟ ରୂପେ କାର୍ଯ୍ୟ କରନ୍ତି। ଏହି ଅଦାଲତରେ ଯେ କୌଣସି ଅନୁଷ୍ଠାନ, ବ୍ୟକ୍ତିବିଶେଷ, ପ୍ରଦୂଷଣ ସୃଷ୍ଟିକାରୀ ଅନୁଷ୍ଠାନ, ସରକାର, ସରକାରୀ କର୍ମଚାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଆଦିଙ୍କ ବିରୁଦ୍ଧରେ ନୋଟିସ ଦେଇ ନିର୍ଦ୍ଦିଷ୍ଟ ସମୟରେ ସବୁଜ ଅଦାଲତରେ ବିନା ଓକିଲ ଖର୍ଚ୍ଚରେ ମାମଲା ଦାୟାର କରାଯାଇପାରିବ।

ଜାତୀୟ ସବୁଜ ଅଦାଲତର କେତୋଟି ଉଲ୍ଲେଖନୀୟ ଆଦେଶ ବିଷୟରେ ବର୍ତ୍ତମାନ ସଂକ୍ଷିପ୍ତ ଆଲୋଚନା କରିବା। ଢ଼େଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ତହସିଲରେ ଥିବା ଏକ ପଥର ଖଣି ମାଲିକ ଅନୁମତି ଠାରୁ ଅଧିକ ଉତ୍ତୋଳନ, ବେଆଇନ ବ୍ଲାଷ୍ଟିଙ୍ଗ, ବେଆଇନ ଗଛକଟା, ଅତ୍ୟଧିକ ଧୂଳି ବାୟୁ ପ୍ରଦୂଷଣ ସୃଷ୍ଟି କରିବା ଅଭିଯୋଗର ସବୁଜ ଅଦାଲତ ବିଚାର କରି ପାଞ୍ଚ କୋଟି ଟଙ୍କାର ଜୋରିମାନା ଆଦେଶ ପ୍ରଦାନ କରିଛନ୍ତି। ସମ୍ବଲପୁର ଜିଲ୍ଲାର ଏକ ଓପନ କାଷ୍ଟ କୋଇଲା ଖଣିରେ ଧାର୍ଯ୍ୟ ପରିମାଣ ଠାରୁ ଅଧିକ ଉତ୍ତୋଳନ, ଖଣି କାମ ଶେଷ ହେବାପରେ ଖୋଲା ଜାଗାକୁ ନପୋତିବା, ବୃକ୍ଷରାଜିର ନଷ୍ଟ, ଖଣି ଚାରିପଟେ ସବୁଜ ବଳୟ ସୃଷ୍ଟି ନକରିବା, ଭୟଙ୍କର ବାୟୁ ପ୍ରଦୂଷଣ ସୃଷ୍ଟି ଆଦି ଅଭିଯୋଗ ଆଧାରରେ ସବୁଜ ଅଦାଲତ ୧୦ କୋଟି ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ପୁନଶ୍ଚ ଜନୈକ ତହସିଲଦାରଙ୍କ ବେଆଇନ ଭାବେ ନଦୀରୁ ବାଲୁକା ଉତ୍ତୋଳନ ଅଭିଯୋଗ ବିରୋଧରେ ତୁରନ୍ତ ନିକଟସ୍ଥ ଥାନାରେ ମାମଲା ଦାଏର କରିବାକୁ ସବୁଜ ଅଦାଲତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୁବର୍ଣ୍ଣରେଖା ନଦୀରେ ବେଆଇନ ବାଲୁକା ଖନନ ବିଷୟରେ ଠିକାଦାରଙ୍କୁ ସୁହାଇଲା ପରି ଅନୁସନ୍ଧାନ ରିପୋର୍ଟ ଦିଆଯାଇଥିବା ଅଭିଯୋଗ ଆସିବା ପରେ ପୁନର୍ବାର ଉପଗ୍ରହ ସୂଚନାରେ ଏକ ବିଜ୍ଞାନଭିତ୍ତିକ ମିଳିତ ଅନୁସନ୍ଧାନ ରିପୋର୍ଟ ଜିଲ୍ଲା ଖଣି ଅଧିକାରୀ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ ଓ ଅନ୍ୟ ସରକାରୀ ଅଧିକାରୀଙ୍କୁ ନେଇ ତୁରନ୍ତ ପ୍ରଦାନ କରିବାକୁ ସବୁଜ ଅଦାଲତ ଆଦେଶ ଦେଇଛନ୍ତି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

# ରାଜସ୍ଥାନରେ ଚାଞ୍ଚଲ୍ୟ ସ୍କୁଲ ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ

**ନୂଆଦିଲ୍ଲୀ,୨୭।୨:** ରାଜସ୍ଥାନରେ ଚାଞ୍ଚଲ୍ୟ। ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗରେ ବିୱାର ଜିଲ୍ଲାରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ମୁତାବକ ମସୁଦା ନାମକ ଏକ ଛୋଟ ସହରରେ ବିଭିନ୍ନ ସ୍କୁଲର ଛାତ୍ରୀମାନଙ୍କ ଯୌନ ଉତ୍ପୀଡ଼ନ କରାଯିବା ସହ ଧର୍ମାନ୍ତିକରଣ ମଧ୍ୟ କରାଯାଉଛି ବୋଲି ଅଭିଯୋଗ ରହିଛି। ଏହି ଘଟଣାକୁ ବିରୋଧ କରି ସ୍ଥାନିୟ ଅଞ୍ଚଳର ବଜାରକୁ ବନ୍ଦ କରାଯିବା ସହ ଏହା ବିରୁଦ୍ଧରେ ଲୋକମାନେ ରାଲି ଆରମ୍ଭ କରିଛନ୍ତି। ଏହି ଘଟଣାରେ ସାମିଲ ଥିବା ନେଇ ଜଣେ ପୂର୍ବତନ କାଉନସିଲରଙ୍କୁ ପୋଲିସ ନିଜ ହେପାଜତରେ ରଖିଛି। ଏହି ମାମଲାରେ ମୋଟ୍ ୨ ଜଣ ସାବାଳିକା ଓ ୩ ଜଣ ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନର ଶିକାର ହୋଇଛନ୍ତି। ଉତ୍ପୀଡ଼ନର ଶିକାର ହୋଇଥିବା ପୀଡିତାଙ୍କ ପରିବାର ପକ୍ଷରୁ ୧୧ଜଣଙ୍କ ନାମରେ ୩ଟି ମାମଲା ରୁଜୁ କରାଯାଇଛି। ପ୍ରଥମେ ପୀଡିତାମାନଙ୍କ ସହ ଆରୋପିମାନେ ସୋଶିଆଲ ମିଡିଆ ଯୋଗେ ସମ୍ବନ୍ଧ ବନାଇଥାନ୍ତି। ପରେ ସେମାନଙ୍କୁ ମୋବାଇଲ ଫୋନ ଭଳି ଦାମି ଉପହାର ଦେଇ ସେମାନଙ୍କ ସହ ଯୌନ ଉତ୍ପୀଡ଼ନ କରିତାନ୍ତି ବୋଲି ପୀଡିତାମାନଙ୍କ ପରିବାର ଲୋକ ସୂଚନା ଦେଇଛନ୍ତି। ଏହା ସହ କେତେକ ଝିଅଙ୍କୁ ଆରୋପିମାନେ ଡରେଇ ଧମକେଇ ଧର୍ମାନ୍ତିକରଣ କରିବାକୁ ଧମକ ମଧ୍ୟ ଦେଇଥିଲେ ବୋଲି ଜଣେ ପୋଲିସ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ସବୁଠୁ ବଡ କଥା ହେଉଛି ଅଭିଯୋଗ ରହିଥିବା ୧୧ ଜଣଙ୍କ ମଧ୍ୟରୁ ୩ ଜଣ ନାବାଳକ ରହିଛନ୍ତି। ଏହି ମାମଲାରେ ସାମିଲ ଥିବା ନେଇ ଜଣେ ପୂର୍ବତନ କାଉନସିଲର ହକିମ କୁରେସିଙ୍କୁ ପୋଲିସ ନିଜ ହେପାଜତକୁ ନେଇଛି। ତେବେ କୋଟଡାରେ ଥିବା କୋର୍ଟ ତାଙ୍କୁ ୫ ଦିନିଆ ପୋଲିସ ରିମାଣ୍ଡରେ ପଠାଇବାକୁ ଅନୁମତି ଦେଇଛି ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରି ସୂଚନା ପ୍ରଦାନ କରିଛନ୍ତି। ଲକ୍ଷ୍ମନ, ସୋହିଲ ମନସୁରି, ରିଆନ ମହମ୍ମଦ ଓ ଅଫରାଜ ନାମକ ଅନ୍ୟ ଚାରି ଅଭିଯୁକ୍ତଙ୍କୁ ପୋଲିସ ୫ ଦିନ ନିଜ ରିମାଣ୍ଡରେ ରଖିବା ପରେ ରବିବାରଦିନ ବିଚାର ବିଭାଗୀୟ ହାଜତକୁ ପଠାଇଛି। ତେବେ ଦେଖିବାକୁ ଗଲେ ଆରୋପିମାନେ ଏକ ଗୋଷ୍ଠୀର ହୋଇଥିବା ବେଳେ ପୀଡିତା ମାନେ ଆଉ ଏକ ଗୋଷ୍ଠୀର ସଦସ୍ୟ ଅଟନ୍ତି। ଏଣୁ ଏହି ମାମଲାରେ ଧର୍ମାନ୍ତିକରଣ କଥା ରହିଥିବାରୁ ବିୱାର ଜିଲ୍ଲାରେ ପରିସ୍ଥିତି ଅତ୍ୟନ୍ତ ଉତ୍ସ୍ନ ରହିଛି। ପୀଡିତା ଛାତ୍ରୀମାନଙ୍କ ମଧ୍ୟରୁ ଜଣେ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି ଯେ ଏହି ମାମଲାରେ ସାମିଲ ଥିବା ସମସ୍ତ ଆରୋପିମାନେ ତାଙ୍କୁ ଅନ୍ତରଙ୍ଗ ମୂହୁର୍ତ୍ତର ଫଟୋ ଦେଖେଇ ବ୍ଲକମେଲ କରୁଥିଲେ। ମୋଟ୍ ଉପରେ ୧୪-୧୫ ଜଣ ଯୁବକ ମିଶି ଏହି ଯୌନ ଉତ୍ପୀଡ଼ନ ରାକେଟ ଚଳାଉଥିଲେ। ସେ ଏକା ନୁହେଁ ତାଙ୍କ କ୍ଲାସର ଆହୁରି ୫ ଜଣ ଛାତ୍ରୀ ସେମାନଙ୍କ ଶିକାର ହୋଇଥିବା କଥା ମଧ୍ୟ ସେ କହିଛନ୍ତି। ଏହା ସହ ଅନେକ ଛାତ୍ରୀ ସେମନାଙ୍କ ଟାର୍ଗେଟରେ ଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।


ଧର୍ମାନ୍ତୀକରଣ ପ୍ରୟାସ

## ମମତାଙ୍କ ସହ ମତଭେଦ
# ବିଜେପିରେ ସାମିଲ ହେବେ ଅଭିଷେକ!



**କୋଲକାତା,୨୭।୨:** ମମତା ବାନାର୍ଜୀଙ୍କ ସହ ନାହିଁ କୌଣସି ମତଭେଦ କିମ୍ବା ବିବାଦ। ଏଭଳି କହିଛନ୍ତି ଟିଏମ୍‌ସିର ରାଷ୍ଟ୍ରୀୟ ମହାସଚିବ ଅଭିଷେକ ବାନାର୍ଜୀ। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ତଥା ପିଉସୀ ମମତା ବାନାର୍ଜୀଙ୍କ ସହ ମତଭେଦର ଖବରକୁ ସିଧାସଳଖ ଖଣ୍ଡନ କରିଛନ୍ତି ଅଭିଷେକ। ସେ ଦଳର ଏକ କାର୍ଯ୍ୟକ୍ରମରେ କହିଛନ୍ତି, ମୁଁ ତୃଣମୂଳ କଂଗ୍ରେସର ଜଣେ ନିଷ୍ଠବାନ ସିପାହୀ। ମୋର ନେତା ହେଉଛନ୍ତି ମମତା ବାନାର୍ଜୀ।' ଜୀବନ ବୀମା ପଲିସି ନେଇଥିଲେ ଜାଣି ରଖନ୍ତୁ ଏହି ଖବର, କ୍ଲେମ୍ ବିବାଦ ଉପରେ ସୁପ୍ରିମକୋର୍ଟଙ୍କ ବଡ଼ ଧରଣର ନିର୍ଦ୍ଦେଶ ଏହା ସହ ବିଜେପିରେ ସାମିଲ ହେବା ନେଇ ଚର୍ଚ୍ଚାକୁ ମଧ ସେ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଯେଉଁ ଲୋକ କହୁଛନ୍ତି ମୁଁ ବିଜେପିରେ ହେବାକୁ ଯାଉଛି, ସେମାନେ ମିଛ କଥା କହୁଛନ୍ତି। ଯଦି ମୋର ମୁଣ୍ଡ କାଟି ଦିଆଯିବ ତେବେ ବି ମୁଁ ମମତା ବାନାର୍ଜୀ ଜିନ୍ଦାବାଦ କହିବି। ଆଜିକାଲି ଯେଉଁ ସବୁ ଖବର ଆସୁଛି ତାହା ସମ୍ପୂର୍ଣ୍ଣ ଭାବରେ ମିଛ। ମୁଁ ଜାଣିଛି ଆଗାମୀ ବର୍ଷ ବିଧାନସଭା ନିର୍ବାଚନ ପୂର୍ବରୁ ନିଜର ନିହିତ ସ୍ୱାର୍ଥ କାରଣରୁ କିଛି ଲୋକ ଏଭଳି ମିଛ ଖବର ପ୍ରଚାର କରୁଛନ୍ତି। ଦଳର ସଦସ୍ୟଙ୍କ ସହ ବିବାଦ ନକରି ଜନସେବା ଉପରେ ଧ୍ୟାନ କେନ୍ଦ୍ରିତ କରିବେ ବୋଲି କହିଛନ୍ତି ଅଭିଷେକ। ସେ ମତଭେଦକୁ ଭୁଲି ଲୋକଙ୍କ ପାଇଁ କାମ କରିବା ଉପରେ ଧ୍ୟାନ ଦେବାକୁ ଚାହାନ୍ତି। ଷଡଯନ୍ତ୍ରରେ ସାମିଲ ହେବାର କୌଣସି ଅର୍ଥ ନାହିଁ। ହ୍ୱାଟସଆପ୍ ଗ୍ରୁପର ରାଜନୀତିରେ ଲିପ୍ତ ଲୋକଙ୍କୁ ଜଣା ରହିବା ଦରକାର ଯେ ଏଭଳି ଚେଷ୍ଟା ବ୍ୟର୍ଥ ହେବ। ଷଡଯନ୍ତ୍ର କରୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ପଡିବ। ସେ କହିଛନ୍ତି, ଦଳ ଭିତରେ ଗଦ୍ଦାରଙ୍କୁ ପର୍ଦ୍ଦାଫାଶ କରିବୁ, ଯେମିତି ସେମାନେ ଗତ ନିର୍ବାଚନ ସମୟରେ କରିଥିଲେ। ମୁକୁଲ ରୟ ଓ ଶୁଭେନ୍ଦୁ ଅଧିକାରୀଙ୍କ ଭଳି ନେତା ଦଳକୁ ଧୋକା ଦେଇଥିବା ନେତାଙ୍କୁ ଚିହ୍ନଟ କରିଥିଲି। ଆଗାମୀ ଦିନରେ ଏଭଳି ଲୋକଙ୍କୁ ମଧ ଚିହ୍ନଟ କରିବି।

# ପୁଣି ମାଡିଆସିଲା ବିପଦ! ଏକକାଳୀନ ସତର୍କତା ଜାରି କଲେ ୫୭ଟି ଦେଶ



**ନୂଆଦିଲ୍ଲୀ,୨୬।୨:** ମଣିଷ ପୃଥିବୀରେ ଯେତେ ଅଗ୍ରଗତି କଲେ ମଧ, ପ୍ରତ୍ୟେକ ଥର ରୋଗ ଏକ ନୂତନ ବିପଦ ଭାବରେ ଉଭା ହୁଏ। ଏଥର ଏକ ବିପଦଜନକ ଭାଇରସ ବିଶ୍ୱର ୫୭ଟି ଦେଶକୁ ଗ୍ରାସ କରିଛି, ଯାହା ଏକ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ରୋଗ ନିୟନ୍ତ୍ରଣ କେନ୍ଦ୍ର (ସିଡିସି) ଏହି ଦେଶଗୁଡ଼ିକରେ ଏକ ଉଚ୍ଚସ୍ତରୀୟ ସତର୍କତା ଜାରି କରିଛି। ଏହି ଭାଇରସ ହେଉଛି ମିଳିମିଳା। ଯାହା ଅତ୍ୟନ୍ତ ସଂକ୍ରାମକ ଏବଂ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଏପରି ପରିସ୍ଥିତିରେ, ସମସ୍ତଙ୍କୁ ସତର୍କ ରହିବା ଏବଂ ନିଜକୁ ସୁରକ୍ଷିତ ରଖିବା ଆବଶ୍ୟକ। ସାଧାରଣତଃ ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସଙ୍କଟ, ରୋଗ ପ୍ରକୋପ, ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅନ୍ୟାନ୍ୟ ଗମ୍ଭୀର ପରିସ୍ଥିତିରେ ସିଡିସି ଯାତ୍ରା ସ୍ୱାସ୍ଥ୍ୟ ନୋଟିସ ଜାରି କରିଥାଏ। ଏଥର ସାରା ବିଶ୍ୱରେ ମିଳିମିଳା ରୋଗର ବୃଦ୍ଧି ସମ୍ପର୍କରେ ସତର୍କତା ଜାରି କରାଯାଇଛି। ରିପୋର୍ଟ ଅନୁଯାୟୀ, ଅନେକ ଦେଶରେ ମିଳିମିଳା ମାମଲା ବୃଦ୍ଧି ପାଉଛି।

## 'ହିନ୍ଦୀ ଏକ ମାସ୍କ, ସଂସ୍କୃତ ଏହା ଭିତରେ ଚେହେରା'

ଭାଷା ବିବାଦ ଭିତରେ ଷ୍ଟାଲିନଙ୍କ ବଡ଼ ବୟାନ



**ନୂଆଦିଲ୍ଲୀ,୨୭।୨:** ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ପୁଣିଥରେ କେନ୍ଦ୍ର ସରକାରଙ୍କ ବିରୋଧରେ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। ସେ କହିଛନ୍ତି, ରାଜ୍ୟ ସରକାର ହିନ୍ଦୀକୁ ଲାଗୁ କରିବାର ଅନୁମତି ଦେବେନି ଏବଂ ତାମିଲ ଭାଷା ଓ ସଂସ୍କୃତିର ରକ୍ଷା କରିବେ। ସିଏମ୍ ଷ୍ଟାଲିନ ନିଜ ପତ୍ରରେ ଲେଖିଛନ୍ତି, ଆମ ଉପରେ ହିନ୍ଦୀକୁ ଲଦି ଦେବାକୁ ଆମେ ବିରୋଧ କରିବୁ। ହିନ୍ଦୀ ଏକ ମୁଖା, ସଂସ୍କୃତ ହେଉଛି ତା ଭିତରେ ଲୁଚିଥିବା ଚେହେରା।' ଡିଏମ୍‌କେ ସରକାରଙ୍କ ଦାବି ଯେ, ଜାତୀୟ ଶିକ୍ଷା ନୀତି ଅନୁସାରେ ତିନୋଟି ଭାଷାର ଫର୍ମୁଲା ଜରିଆରେ ହିନ୍ଦୀ ଆମ ଉପରେ ଲଦିବାର ଚେଷ୍ଟା କରାଯାଉଛି।

# ସଫେଇ କର୍ମଚାରୀଙ୍କୁ ମିଳିବ ଅତିରିକ୍ତ ବୋନସ



**ପ୍ରୟାଗରାଜ,୨୭।୨:** ମହାକୁମ୍ଭ ସମାପ୍ତ ହେବା ପରେ ପ୍ରୟାଗରାଜରେ ପହଞ୍ଚିଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ ବଡ଼ ଘୋଷଣା କରିଛନ୍ତି। ମହାକୁମ୍ଭରେ ନିୟୋଜିତ ଉତ୍ତର ପ୍ରଦେଶର ସଫେଇ କର୍ମଚାରୀମାନଙ୍କୁ ଅତିରିକ୍ତ ୧୦,୦୦୦ ଟଙ୍କାର ବୋନସ ମିଳିବ। ଏହା ବ୍ୟତୀତ ପ୍ରତି ମାସରେ ସର୍ବନିମ୍ନ ୧୬,୦୦୦ ଟଙ୍କା ଦରମା ଘୋଷଣା କରାଯାଇଛି। ଏହା ବ୍ୟତୀତ ମହାକୁମ୍ଭରେ କାମ କରୁଥିବା ସମସ୍ତ ଶ୍ରମିକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସାର ସୁବିଧା ମିଳିବ। ଏପ୍ରିଲ ମାସରେ ନିଗମ ଗଠିତ ହେବ। ଏପ୍ରିଲ ମାସରୁ କର୍ମଚାରୀଙ୍କ ଆକାଉଣ୍ଟକୁ ମଧ୍ୟ ଟଙ୍କା ପଠାଯିବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ପୂର୍ବରୁ ସଫେଇ କର୍ମଚାରୀମାନେ ପ୍ରତି ମାସରେ ୮ ରୁ ୧୧ ହଜାର ଟଙ୍କା ପାଉଥିଲେ। ଏବେ ଏହାକୁ ଏପ୍ରିଲରୁ ଅତି କମରେ ୧୬ ହଜାରକୁ ବୃଦ୍ଧି କରାଯିବ। ଏହା ସହିତ, ସମସ୍ତ କର୍ମଚାରୀଙ୍କୁ ଆୟୁଷ୍ମାନ ଯୋଜନା ସହିତ ଯୋଡ଼ି ସାର୍ବଜନୀନ ସ୍ୱାସ୍ଥ୍ୟ ବୀମାର ଲାଭ ମଧ୍ୟ ଦିଆଯିବ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଧ୍ଆମର ସରକାର ପ୍ରୟାଗରାଜର ମହାକୁମ୍ଭରେ ସଫେଇ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ୧୦,୦୦୦ ଟଙ୍କାର ବୋନସ ଦେବାକୁ ନିଷ୍ପତ୍ତି ନେଇଛି। ସଫେଇ କର୍ମଚାରୀମାନଙ୍କୁ ଏପ୍ରିଲରୁ ସର୍ବନିମ୍ନ ୧୬,୦୦୦ ଟଙ୍କା ମଜୁରୀ ପ୍ରଦାନ କରାଯିବ। ଅସ୍ଥାୟୀ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ମଧ୍ୟ ସ୍ୱାସ୍ଥ୍ୟ କଭରେଜ ପାଇଁ ଆୟୁଷ୍ମାନ ଭାରତ ଯୋଜନା ସହିତ ଯୋଡାଯିବ। ଉତ୍ତର ପ୍ରଦେଶ ସରକାର ୨୦୨୫ ମହାକୁମ୍ଭ ସମୟରେ ସବୁଠାରୁ ବଡ଼ ସମନ୍ୱିତ ସ୍ୱଚ୍ଛତା ଅଭିଯାନ ପାଇଁ ଗିନିଜ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ଆଜି ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ବ୍ରଜେଶ ପାଠକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ, କେଶବ ପ୍ରସାଦ ମୌର୍ଯ୍ୟ, ଉତ୍ତର ପ୍ରଦେଶ ଡିଜିପି ପ୍ରଶାନ୍ତ କୁମାରଙ୍କ ସମେତ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ଏବଂ ଅଧିକାରୀମାନେ ସଫେଇ କର୍ମଚାରୀଙ୍କ ସହ ଲଞ୍ଚ୍ କରିଥିଲେ। ମହାକୁମ୍ଭ ସମାପ୍ତ ହେବା ପରେ ପ୍ରୟାଗରାଜରେ ନାବିକମାନଙ୍କ ସହ ଆଲୋଚନା ସମୟରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ପଞ୍ଜିକରଣ ପରେ ପ୍ରତ୍ୟେକ ନାବିକଙ୍କୁ ୫ ଲକ୍ଷ ଟଙ୍କାର ବୀମା ଯୋଜନା ଦିଆଯିବ। ଡଙ୍ଗା କିଣିବା ପାଇଁ ଟଙ୍କା ଦିଆଯିବ। ଯେଉଁମାନଙ୍କର ସ୍ୱାସ୍ଥ୍ୟ ବୀମା ନାହିଁ ସେମାନଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।

## ଭୂକମ୍ପରେ ଥରିଲା ଆସାମ, ତୀବ୍ରତା ୫.୦

**ଅସାମ,୨୭।୨:** ଭୂକମ୍ପରେ ଥରିଲା ଆସାମ । ଆସାମ ମୋରିଗାଓଁରେ ଭୂକମ୍ପ । ରାତି ପ୍ରାୟ ୨ଟା ୨୫ ମିନିଟରେ ଝଟକା ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୫.୦ ରେକର୍ଡ ହୋଇଛି । ୫.୦ ତୀବ୍ରତାର ଭୂକମ୍ପ ଏକ ମଧମ ଧରଣର ଭୂକମ୍ପ । ତେବେ ଆସାମ ଭୂକମ୍ପର କେନ୍ଦ୍ର ସ୍ଥଳ କେଉଁଠି ସେ ନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରି ନାହିଁ। କ୍ଷୟକ୍ଷତି କଣ ହୋଇଛି, ସେ ନେଇ ମଧ ତଥ୍ୟ ହସ୍ତଗତ ହୋଇ ନାହିଁ । ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ, ଗୁରୁବାର ଭୋର ୨.୨୫ ମିନିଟରେ ଭୂମିକମ୍ପ ହୋଇଥିଲା। ଏହାର ଗଭୀରତା ଥିଲା ୧୬ କିଲୋମିଟର । କେବଳ ମୋରିଗାଁଓ ନୁହେଁ, ଗୌହାଟି, ଶିଲଂ ଏବଂ ଆସାମର ଅନ୍ୟାନ୍ୟ ସ୍ଥାନରେ ମଧ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା ।

# ଫିଲିପାଇନ୍ସରେ ତିନି ମହଲା କୋଠାରେ ଭୟଙ୍କର ଅଗ୍ନିକାଣ୍ଡ, ୮ ଜୀବନ୍ତ ଦଗ୍ଧ




**ନୂଆଦିଲ୍ଲୀ,୨୭।୨:** ଫିଲିପାଇନ୍ସର ରାଜଧାନୀ ମନିଲା ଅଞ୍ଚଳରେ ଥିବା ଏକ ତିନି ମହଲା କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। କୁହାଯାଉଛି ଯେ, ଗୁରୁବାର ସକାଳୁ ରାଜଧାନୀ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । ଅଗ୍ନିକାଣ୍ଡ ଯୋଗୁଁ ମାତ୍ର ଗୋଟିଏ ଘଣ୍ଟା ମଧରେ ଏହି ତିନି ମହଲା ବିଶିଷ୍ଟ ଆବାସିକ କୋଠା ପୋଡ଼ି ପାଉଁଶ ହୋଇଯାଇଛି ଏବଂ ଏଥିରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି । ଅଧିକାରୀ ମାନେ ଏହି ସୂଚନା ପ୍ରଦାନ କରିଛନ୍ତି। ଅଗ୍ନିକାଣ୍ଡରେ ଅତି କମରେ ଜଣେ ଆହତ ହୋଇଥିବା ଅଧିକାରୀ ମାନେ କହିଛନ୍ତି। ସେ କହିଛନ୍ତି ଯେ, ପ୍ରାୟତଃ କାଠରେ ତିଆରି ଏହି କୋଠାରେ ମଧରାତ୍ରି ପରେ ଲୋକମାନେ ଶୋଇଥିବା ସମୟରେ ନିଆଁ ଲାଗିଯାଇଥିଲା। ଏହି କୋଠାଟି କ୍ୱେଜନ୍ ସିଟିର ଉପନଗରୀୟ ସାନ ଇସିଡ୍ରୋ ଗାଲାସ୍ ଗ୍ରାମରେ ଅବସ୍ଥିତ ଥିଲା। ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତଦନ୍ତ ଚାଲିଛି। ଜଣେ ବରିଷ୍ଠ ଅଗ୍ନିଶମ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁଇଟି ମୃତଦେହ ତଳ ମହଲାରେ ଏବଂ ଅନ୍ୟ ଛଅଟି ଦ୍ୱିତୀୟ ମହଲାରେ ମିଳିଛି, ଯେଉଁଠାରୁ ନିଆଁ ଲାଗିଥିବା ସମ୍ଭବତଃ ଜଣାପଡୁଛି। ଫିଲିପାଇନ୍ସରେ ମାର୍ଚ୍ଚ ମାସରେ ଅଗ୍ନି-ନିବାରଣ ମାସ ଆରମ୍ଭ ହେବାର ମାତ୍ର ଦୁଇ ଦିନ ପୂର୍ବରୁ ଏହି ଅଗ୍ନିକାଣ୍ଡ ଘଟିଥିଲା, ଯେତେବେଳେ ସରକାର ପ୍ରଚଣ୍ଡ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ପୂର୍ବରୁ ଅଗ୍ନି ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ବାର୍ଷିକ ଅଭିଯାନ ଆରମ୍ଭ କରନ୍ତି। ଫିଲିପାଇନ୍ସର ଅନେକ ଭୟଙ୍କର ଅଗ୍ନିକାଣ୍ଡ ପାଇଁ ସୁରକ୍ଷା ନିୟମର ଦୁର୍ବଳ କାର୍ଯ୍ୟକାରୀତା, ଅତ୍ୟଧିକ ଲୋକ ରହିବା ଏବଂ ତ୍ରୁଟିପୂର୍ଣ୍ଣ କୋଠା ଡିଜାଇନ୍ ଦାୟୀ ବୋଲି କୁହାଯାଇଛି। ୧୯୯୬ ମସିହାରେ, କ୍ୱେଜନ୍ ସିଟିର ଏକ ଡିସ୍କୋରେ ଅଗ୍ନିକାଣ୍ଡ ଘଟି ୧୬୨ ଜଣଙ୍କର ମୃତ୍ୟୁ ହୋଇଥିଲା ।

# ଗିନିଜ୍ ବୁକ୍‌ରେ ମହାକୁମ୍ଭ, ମିଳିଲା ପ୍ରମାଣପତ୍ର



**ପ୍ରୟାଗରାଜ,୨୭।୨:** ଗତକାଲି ପ୍ରୟାଗରାଜରେ ଦୀର୍ଘ ୪୫ ଦିନ ଧରି ଚାଲିବା ପରେ ମହାକୁମ୍ଭ ଉଦ୍‌ଯାପିତ ହୋଇଛି। ତେବେ ଚଳିତ ବର୍ଷର ମହାକୁମ୍ଭରେ ୬୫ କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ୍ ହୋଇଥିବା ବେଳେ ଏହା ସର୍ବକାଳୀନ ରେକର୍ଡ। ଏହି ମହାକୁମ୍ଭ ୩ଟି ରେକର୍ଡ କରିଥିବା ବେଳେ ଏହାର ସ୍ୱୀକୃତି ସ୍ୱରୂପ ପ୍ରମାଣପତ୍ର ବି ମିଳିଛି। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ୨୦୨୫ ମହାକୁମ୍ଭ ସ୍ଥାନ ପାଇଥିବା ବେଳେ ଆଜି ଏହାର ଏକ ଟିମ୍ ଏଠାରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ଉତ୍ତର ପ୍ର୍ୟପ୍ରଦେଶ ମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଏହି ପ୍ରମାରପତ୍ର ପ୍ରଦାନ କରିଛନ୍ତି।

ମହାକୁମ୍ଭରେ ୩ଟି କ୍ଷେତ୍ରରେ ବିଶ୍ୱ ରେକର୍ଡ ହୋଇଛି । ସବୁଠୁ ଅଧିକ ଲୋକଙ୍କ ଦ୍ୱାରା ଏକାଠି ନଦୀର ସଫେଇ ଅଭିଯାନ, ସବୁଠୁ ଅଧିକ ଲୋକଙ୍କ ଦ୍ୱାରା ଏକାଠି ଗୋଟିଏ ସ୍ଥାନରେ ସଫେଇ ଏବଂ ୮ ଘଣ୍ଟାରେ ସବୁଠୁ ଅଧିକ ଲୋକଙ୍କ ଦ୍ୱାରା ହ୍ୟାଣ୍ଡ୍ ପେଣ୍ଟିଂ ଭଳି ତିନିଟି ରେକର୍ଡ କରିଛି ମହାକୁମ୍ଭ । ସୂଚନାନୁସାରେ, ୪୫ ଦିନ ଧରି ଚାଲିଥିବା ମହାକୁମ୍ଭ ବେଳେ, ପ୍ରୟାଗରାଜର ୩୨୯ଟି ସ୍ଥାନରେ ଗଙ୍ଗା ନଦୀର ସଫେଇ ହୋଇଥିଲା। ୧୯ ହଜାର ଲୋକ ଏକାଠି ମହାକୁମ୍ଭରେ ଝାଡୁ ମାରିଥିଲେ। ଏଥିସହ ରେକର୍ଡ ସୃଷ୍ଟିକାରୀ ହ୍ୟାଣ୍ଡ୍ ପେଣ୍ଟିଂରେ ଏକାଠି ୧୦ ହଜାର ୧୦୨ ଜଣ ଲୋକ ସାମିଲ ହୋଇଥିଲେ। ଏହାଛଡ଼ା ମହାକୁମ୍ଭରେ ଆହୁରି ଅନେକ କିର୍ତ୍ତୀମାନ ସ୍ଥାପିତ ହୋଇଛି। ଏଥିରେ ସାମିଲ ହୋଇଥିବା ୬୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ଭାରତର ପ୍ରାୟ ଅଧା ଜନସଂଖ୍ୟା। କେବଳ ଭାରତ ଓ ଚୀନ୍‌କୁ ବାଦ୍ ଦେଲେ, ବାକି କୌଣସି ଦେଶର ଜନସଂଖ୍ୟାଠାରୁ ମଧ୍ୟ ଅଧିକ ଲୋକ ମହାକୁମ୍ଭରେ ସାମିଲ ହୋଇଥିଲେ। ୭୦ଟି ଦେଶରୁ ୫୦ ଲକ୍ଷରୁ ଅଧିକ ବିଦେଶୀ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମହାକୁମ୍ଭକୁ ଆସିଥିଲେ। ୧୬ ହଜାର ଟ୍ରେନ୍‌ରେ ପ୍ରାୟ ୫ କୋଟି ଶ୍ରଦ୍ଧାଳୁ ପ୍ରୟାଗରାଜ ଆସିଥିଲେ। ଆଜି ପ୍ରୟାଗରାଜ ରେଲଷ୍ଟେସନକୁ ଯାଇ କର୍ମଚାରୀଙ୍କୁ ଭେଟିବା ସହ ମହାକୁମ୍ଭ ସଫଳତା ପାଇଁ ଆଦିତ୍ୟନାଥ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପୂର୍ବତନ ବିଧାୟକଙ୍କ ସମେତ ୫ କଂଗ୍ରେସ ନେତା ବହିଷ୍କୃତ



**ଚଣ୍ଡିଗଡ଼,୨୭।୨:** ହରିୟାଣା ରାଜନୀତି ସହିତ ଜଡିତ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଗୁରୁବାର ହରିୟାଣା କଂଗ୍ରେସ କିଛି ଦଳୀୟ ନେତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦଳ ପୂର୍ବତନ ବିଧାୟକ ରାମବୀର ସିଂହଙ୍କ ସମେତ ୫ ନେତାଙ୍କୁ ବହିଷ୍କାର କରିଛି। ଏହି ନେତାମାନଙ୍କୁ ଦଳରୁ ୬ବର୍ଷ ପାଇଁ ବହିଷ୍କାର କରାଯାଇଥିଲା। ପୂର୍ବତନ ପଟୌଦି ବିଧାୟକ ରାମବୀର ସିଂହ, ଫରିଦାବାଦରୁ ବିଜୟ କୌଶିକ, ଫରିଦାବାଦର ୱାର୍ଡ ୩୬ରୁ ରାହୁଲ ଚୌଧୁରୀ, ଫରିଦାବାଦର ୱାର୍ଡ ୩୬ ରୁ ପୂଜା ରାଣୀ ଏବଂ ତାଙ୍କ ସ୍ୱାମୀ ରୂପେଶ ମଲିକ। କଂଗ୍ରେସ ସମସ୍ତଙ୍କୁ ଦଳରୁ ବହିଷ୍କାର କରିଥିଲା। କଂଗ୍ରେସ ଏକ ସରକାରୀ ଘୋଷଣା ମାଧମରେ ଗଣମାଧମକୁ ଏହି ଖବର ବିଷୟରେ ସୂଚନା ଦେଇଛି।

## କୋମାରେ ଭାରତୀୟ ଯୁବତି, ପରିବାର ଲୋକଙ୍କୁ ମିଳୁନି ଭିଜା

**ମୁମ୍ବାଇ/ୱାଶିଂଟନ,୨୭।୨:** ୩୫ ବର୍ଷୀୟା ନୀଲମ ଶିନ୍ଦେ ନିକଟରେ କାଲିଫର୍ନିଆରେ ଏକ ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କୁ ସେଠାରେ ଏକ କାର ଧକ୍କା ଦେଇଥିଲା। ଏବେ ତାଙ୍କ ପରିବାର ଆମେରିକା ଯିବା ପାଇଁ ଭିସା ଖୋଜୁଛନ୍ତି। ପରିବାର ପକ୍ଷରୁ ମୁମ୍ବାଇସ୍ଥିତ ଭାରତୀୟ ଦୂତାବାସରେ ଆବେଦନ କରାଯାଇଛି। କୁହାଯାଉଛି ଯେ ଏବେ ପରିବାରକୁ ଭିଜା ସାକ୍ଷାତକାର ପାଇଁ ଡକାଯାଇଛି। ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଏହି ପ୍ରସଙ୍ଗ ଉଠାଇବା ପରେ ଏହି ଆହ୍ୱାନ ଦିଆଯାଇଥିଲା। ଏଥିରେ, ଆମେରିକୀୟ ପକ୍ଷ ଶୀଘ୍ର ଭିଜା ପ୍ରଦାନ ପାଇଁ ଔପଚାରିକତା ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛି। ସୂଚନାଯୋଗ୍ୟ, ନୀଲମ ଶିନ୍ଦେ ମହାରାଷ୍ଟ୍ର ସତାରାର ବାସିନ୍ଦା। ତାଙ୍କର କାଲିଫର୍ନିଆରେ ୧୦ ଦିନ ପୂର୍ବେ ଏକ ଦୁର୍ଘଟଣା ହୋଇଥିଲା।

## ଚନ୍ଦ୍ରପୃଷ୍ଠରେ ପାଣି ଖୋଜିବ ନାସା, ପଠାଗଲା ଲୁନାର ଟ୍ରେଲ୍‌ବ୍ଲେଜର ଅର୍ବିଟର



**ନୂଆଦିଲ୍ଲୀ,୨୭।୨:** ଆମେରିକା ମହାକାଶ ବିଜ୍ଞାନ ଗବେଷଣା କେନ୍ଦ୍ରର ନୂଆ ପରୀକ୍ଷଣ । ଚନ୍ଦ୍ର ପୃଷ୍ଠରେ ପାଣି ଖୋଜିବ ନାସାର ସାଟେଲାଇଟ୍ । ଏହି ସାଟେଲାଇଟ୍‌ର ନାଁ ଲୁନାର ଟ୍ରେଲ୍‌ବ୍ଲେଜର ଅର୍‌ବିଟର । ଚନ୍ଦ୍ରରେ ପାଣିର ସନ୍ଧାନ ମିଳିଲେ, ମହାକାଶ ବିଜ୍ଞାନ କ୍ଷେତ୍ରରେ ଏହା ଏକ ଅଭୁତପୂର୍ବ ସଫଳତା। ଅଧିକ ପରୀକ୍ଷଣ ପାଇଁ ଚନ୍ଦ୍ରକୁ ଯିବେ ମହାକାଶ ବିଜ୍ଞାନୀ । ଚନ୍ଦ୍ରପୃଷ୍ଠରେ ପାଣି ଖୋଜିବ ନାସା । ଜହ୍ନରେ ପାଣିର ସନ୍ଧାନ ପାଇଁ ନାସା ଏକ ସ୍ୱତନ୍ତ୍ର ଉପଗ୍ରହ ପଠାଇଛି। ଏନେଇ ବୁଧବାର ଏକ ସାଟେଲାଇଟ୍ ଉତ୍‌କ୍ଷେପଣ କରିଛି ଆମେରିକା ମହାକାଶ ବିଜ୍ଞାନ ଗବେଶଣା କେନ୍ଦ୍ର । ସ୍ପେଶ୍ ଏକ୍ସ ଫାଲକନ୍ ନାଇନ୍ ରକେଟ୍ ସାହାଯ୍ୟରେ ଏହି ସାଟେଲାଇଟ୍‌କୁ ଫ୍ଲୋରିଡ଼ାରୁ ୨୭ ତାରିଖରେ ମହାକାଶକୁ ସଫଳତାର ସହ ଉତ୍‌କ୍ଷେପଣ କରାଯାଇଛି । ଏହି ସାଟେଲାଇଟ୍‌ର ନାଁ ଲୁନାର ଟ୍ରେଲ୍‌ବ୍ଲେଜର ଅର୍‌ବିଟର । ୨୦୦ କିଲୋ ଓଜନର ଏହି ସାଟେଲାଇଟ୍‌ର ଲମ୍ବ ୧୧.୫ ଫୁଟ୍ । ଏହି ସାଟେଲାଇଟ୍ ଚନ୍ଦ୍ର ପୃଷ୍ଠରେ ପାଣିର ସନ୍ଧାନ କରିବ । ଚନ୍ଦ୍ରପୃଷ୍ଠ ସବୁବେଳେ ଶୁଷ୍କ ବୋଲି ଧାରଣା ରହିଛି । ହେଲେ ନିକଟ ଅତୀତରେ ଅନେକ ଗବେଷଣାରେ ଚନ୍ଦ୍ରମାରେ ପାଣି ଥିବା ଅନୁମାନ କରାଯାଉଛି । ଲୁନାର ପୋଲ୍‌ରେ ଗରମ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ପାଣି ଥିବାର ଅନୁମାନ କରାଯାଉଛି । ଏହି ସ୍ଥାନରେ ବରଫ ଆକାରରେ ଜଳ ଥିବା ସମ୍ଭାବନା ରହିଛି। ଆଗାମୀ ଦିନର ମହାକାଶ ବିଜ୍ଞାନ କ୍ଷେତ୍ରରେ ଅଧିକ ପରୀକ୍ଷଣ ପାଇଁ ଚନ୍ଦ୍ରକୁ ମହାକାଶ ବିଜ୍ଞାନୀଙ୍କୁ ପଠାଇବାକୁ ଚିନ୍ତା କରାଯାଉଛି । ଏଥିପାଇଁ ଚନ୍ଦ୍ରରେ ପାଣି ଖୋଜିବା ଏକ ଗୁରୁତ୍ୱପୂର୍ଣ୍ଣ ମିଶନ । ଯଦି ଜହ୍ନରେ ପାଣି ମିଳିଯାଏ, ଏହା ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ଅଭୁତପୂର୍ବ ସଫଳତା ହେବ ।

## ମୋହନ ସିଂହ ବିଷ୍ଟ ଦିଲ୍ଲୀ ବିଧାନସଭାର ଉପବାଚସ୍ପତି



**ନୂଆଦିଲ୍ଲୀ,୨୭।୨:** ଦିଲ୍ଲୀର ମୁସ୍ତାଫାବାଦ ବିଧାନସଭା ଆସନରୁ ଭାଜପା ବିଧାୟକ ମୋହନ ସିଂହ ବିଷ୍ଟ ଦିଲ୍ଲୀ ବିଧାନସଭାର ଉପବାଚସ୍ପତି ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ତାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଦିଲ୍ଲୀ ବିଧାନସଭାରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ରେଖା କହିଥିଲେ, 'ମୁଁ ପ୍ରସ୍ତାବ ଦେବାକୁ ଚାହୁଁଛି ଯେ ଏହି ଗୃହର ଜଣେ ସମ୍ମାନିତ ସଦସ୍ୟ ମୋହନ ସିଂହ ବିଷ୍ଟଙ୍କୁ ଏହି ଗୃହର ଉପବାଚସ୍ପତି ନିର୍ବାଚିତ କରାଯାଉ।' ଏହା ପରେ, ମୋହନ ସିଂହ ବିଷ୍ଟଙ୍କୁ ଉପବାଚସ୍ପତି ଭାବରେ ନିର୍ବାଚିତ କରାଯାଇଥିଲା। ସେ ଦାୟିତ୍ୱ ମଧ୍ୟ ଗ୍ରହଣ କରିଛନ୍ତି। ମୋହନ ବିଷ୍ଟଙ୍କୁ ଭଜେପାର ବରିଷ୍ଠ ନେତାଙ୍କ ମଧ୍ୟରେ ଗଣନା କରାଯାଏ। ସେ ଛଅ ଥର ବିଧାୟକ ହୋଇଛନ୍ତି। ୨୦୨୫ ବିଧାନସଭା ନିର୍ବାଚନରେ ସେ ମୁସଲିମ ବହୁଳ ବିଧାନସଭା ଆସନ ମୁସ୍ତାଫାବାଦରୁ ଜିତିଛନ୍ତି। ବିଶ୍ୱାସ କରାଯାଉଥିଲା ଯେ ସରକାର ଗଠନ ସହିତ ତାଙ୍କୁ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇପାରେ। ଏବେ ଏହା ନିଶ୍ଚିତ ହୋଇଗଲା ଏବଂ ବିଷ୍ଟଙ୍କୁ ଉପବାଚସ୍ପତିର ସମ୍ମାନଜନକ ପଦବୀ ଦିଆଯାଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ରେଖା ଦିଲ୍ଲୀ ବିଧାନସଭାରେ ବିଷ୍ଟଙ୍କ ନାମ ପ୍ରସ୍ତାବ ଦେଇଥିଲେ, ଯାହାକୁ ମଞ୍ଜିନ୍ଦର ସିଂହ ସିରସା ସମର୍ଥନ କରିଥିଲେ। ଏହା ପରେ ବିଧାନସଭାରେ ପ୍ରସ୍ତାବ ଗୃହୀତ ହେଲା ଏବଂ ମୋହନ ସିଂହ ବିଷ୍ଟ ଦିଲ୍ଲୀ ବିଧାନସଭାର ଉପବାଚସ୍ପତି ହେବେ। ମୋହନ ସିଂହ ବିଷ୍ଟ ଦିଲ୍ଲୀର ପାହାଡ଼ି ଭୋଟରଙ୍କୁ ପ୍ରତିନିଧିତ୍ୱ କରନ୍ତି। ତାଙ୍କୁ ଉପବାଚସ୍ପତି କରି ଭାଜପା ପାହାଡିଆ ଭୋଟରଙ୍କ ମଧ୍ୟ ଯତ୍ନ ନେଇଛି ବୋଲି କୁହାଯାଇପାରେ। ସୂଚନାଯୋଗ୍ୟ, ଶୁକ୍ରବାର ଦିଲ୍ଲୀ ବିଧାନସଭା ଅଧିବେଶନର ତୃତୀୟ ଦିନ। ପୂର୍ବରୁ ବିଧାନସଭାର ଏହି ଅଧିବେଶନ ତିନି ଦିନ ପାଇଁ ଚାଲିବାର ଥିଲା, କିନ୍ତୁ ଏବେ ଏହି ଅଧିବେଶନକୁ ମାର୍ଚ୍ଚ ୩ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଫେବୃଆରୀ ୨୫ ତାରିଖରେ, ମୁଖ୍ୟମନ୍ତ୍ରୀ ରେଖା ଗୃହରେ ମଦ ନୀତି ଉପରେ ସିଏଜି ରିପୋର୍ଟ ଉପସ୍ଥାପନ କରିଥିଲେ।

## ନାଗରିକତା ଥିଲେ ବି ଆମେରିକାରୁ ବିଦା ହେବେ ଅଣ-ଆମେରିକୀୟ



**ନୂଆଦିଲ୍ଲୀ,୨୭।୨:** ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରେ, ଡୋନାଲ୍ଡ ଟ୍ରମ୍ପ ଦେଶରୁ ଅବୈଧ ଭାବେ ରହୁଥିବା ପ୍ରବାସୀମାନଙ୍କୁ ବାହାର କରିବା ଆରମ୍ଭ କରିଥିଲେ। ସେ ଦେଶରେ କ୍ଷମତା ଗ୍ରହଣ କରିବା ପରଠାରୁ, ଭେନେଜୁଏଲା, ଭାରତ, ବ୍ରାଜିଲ, ମେକ୍ସିକୋ ସମେତ ଅନେକ ଦେଶରୁ ଆସି ଆମେରିକାରେ ରହୁଥିବା ହଜାର ହଜାର ଲୋକଙ୍କୁ ସାମରିକ ଜାହାଜରେ ନିର୍ବାସିତ କରିଛନ୍ତି।। କିନ୍ତୁ ଏବେ ପୁଣି ଟ୍ରମ୍ପ ଯେଉଁ ନୂଆ ନିୟମ ଆଣିବାକୁ ଯାଉଛନ୍ତି, ତାହା ଆହୁରି କଠୋର ହେବ। କୁହାଯାଉଛି ଯେ ଟ୍ରମ୍ପ ଏକ ୨୨୭ ବର୍ଷ ପୁରୁଣା ଆଇନ ପ୍ରଣୟନ କରିବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ପ୍ରତ୍ୟେକ ଅଣ-ଆମେରିକୀୟଙ୍କୁ ବହିଷ୍କାର କରିବ। ଯଦି ରାଷ୍ଟ୍ରପତି ଟ୍ରମ୍ପ ଏହି ଆଇନ ଲାଗୁ କରନ୍ତି, ତେବେ ଆମେରିକା ସମେତ ସମଗ୍ର ବିଶ୍ୱରେ ହଇଚଇ ସୃଷ୍ଟି ହେବ। ତେବେ ଆସନ୍ତୁ ଜାଣିବା ୧୭୯୮ ମସିହାର ଏଲିୟନ ଏନିମିଜ୍ ଆକ୍ଟ କ'ଣ? ସିଏନଏନ ରିପୋର୍ଟ ଅନୁଯାୟୀ, ଡୋନାଲ୍ଡ ଟ୍ରମ୍ପ ଆମେରିକାରେ ୧୭୯୮ ମସିହାରେ ତିଆରି ହୋଇଥିବା ଏହି ଆଇନକୁ ପୁନଃ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି। ଏହି ଆଇନ ଆମେରିକାର ରାଷ୍ଟ୍ରପତିଙ୍କୁ ଯୁଦ୍ଧକାଳୀନ କ୍ଷମତା ପ୍ରଦାନ କରିଥାଏ। ଏହା ଅନୁଯାୟୀ, ରାଷ୍ଟ୍ରପତି ଜାତୀୟ ସ୍ୱାର୍ଥ ନାଁରେ ଯେକୌଣସି ଅଣ-ଆମେରିକୀୟ ନାଗରିକଙ୍କୁ ଦେଶରୁ ବହିଷ୍କାର କରିପାରିବେ। ଯଦିଓ ଏହି ଆଇନ ଯୁଦ୍ଧ ସମୟ ପାଇଁ ପ୍ରସ୍ତୁତ ହୋଇଥିଲା, ତେବେ ଏବେ ଡୋନାଲ୍ଡ ଟ୍ରମ୍ପ ଏହାକୁ ସାଧାରଣ ପରିସ୍ଥିତିରେ ମଧ ଲାଗୁ କରିବାକୁ ଚାହୁଁଛନ୍ତି।

## କନେଷ୍ଟବଳଙ୍କ ବିରୋଧରେ ନାବାଳିକାଙ୍କୁ ନିର୍ଯାତନା ଅଭିଯୋଗ

**ବେଙ୍ଗାଲୁରୁ,୨୭।୨:** ଜଣେ ନାବାଳିକାକୁ ଯୌନ ଉତ୍ପୀଡ଼ନ କରିବା ଅଭିଯୋଗରେ ଜଣେ ପୋଲିସ କନଷ୍ଟେବଳ ଗିରଫ । ବେଙ୍ଗାଲୁରୁ ପୋଲିସ ବେମ୍ମନହଲ୍ଲୀ ପୁଲିସ ଷ୍ଟେସନର କନଷ୍ଟେବଳ ଅରୁଣ ଥୋନେପାଙ୍କୁ ଗିରଫ କରି ନ୍ୟାୟିକ ହେପାଜତକୁ ପଠାଇଛି । ପୋଲିସ କହିବା ମୁତାବକ, ଫେବୃଆରୀ ୧୩ ତାରିଖରେ ୧୭ ବର୍ଷୀୟ ନାବାଳିକାକୁ ପଡୋଶୀ ଯୌନ ଉତ୍ପୀଡ଼ନ କରିଥିବା ନେଇ ଥାନାରେ ଅଭିଯୋଗ କରିବାକୁ ଆସିଥିଲେ । ଏହି ମାମଲାରେ କନଷ୍ଟେବଳ ଜଣକ ନ୍ୟାୟ ଦେବା ଆଳରେ ନାବାଳିକାଙ୍କ ପରିବାର ସହିତ ସଂପର୍କ କରିଥିଲେ । ଏହାପରେ ନାବାଳିକାକୁ ଏକ ଲଜକୁ ନେଇଥିଲେ କନଷ୍ଟେବଳ । ସେଠାରେ ନାବାଳିକାଙ୍କୁ ମଦ ପିଆଇବା ପରେ ଯୌନ ଉତ୍ପୀଡ଼ନ କରିଥିଲେ । ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନ କରିବା ପରେ କାହାକୁ ନ କହିବା ପାଇଁ ଧମକ ଦେଇଥିଲେ । ନହେଲେ ଭିଡିଓ ଭାଇରଲ କରିଦେବେ ବୋଲି ଧମକ ଦେଇଥିଲେ । ଏହି ମାମଲାରେ ଜଣେ ବରିଷ୍ଠ ପୋଲିସ ଅଧିକାରୀବୁଝିବା ପରେ କନଷ୍ଟେବଳଙ୍କୁ ଗିରଫ କରିବା ସହିତ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ତାଙ୍କ ବିରୋଧରେ ଯାଞ୍ଚ ଜାରି ରହିଛି ।

# ଗାର୍ଡନରଙ୍କ ଅର୍ଦ୍ଧଶତକରେ ଗୁଜରାଟ ବିଜୟୀ

ବେଙ୍ଗାଲୁରୁ,୨୭।୨: ଚଳିତ ମହିଳା ପ୍ରିମିୟର୍ ଲିଗ୍‌ରେ ଆଜି ଏଠାରେ ଖେଳାଯାଇଥିବା ସଂସ୍କରଣର ଦ୍ୱାଦଶ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟସ ତା'ର ଦ୍ୱିତୀୟ ବିଜୟ ହାସଲ କରିଛି। ଘରୋଇ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର୍ ବିପକ୍ଷ ଏହି ମ୍ୟାଚ୍‌କୁ ୬ ୱିକେଟ୍‌ରେ ଜିତିଥିବା ବେଳେ ଦଳର ଅଧିନାୟିକା ଆଶ୍‌ଲେ ଗାର୍ଡନରଙ୍କ ଅର୍ଦ୍ଧଶତକୀୟ ଇନିଂସ ଏଥିରେ ମୁଖ୍ୟ ଭୂମିକା ନିର୍ବାହ କରିଛି। ପ୍ରଥମେ ବ୍ୟାଟିଂ ପାଇ ବେଙ୍ଗାଲୁରୁ ୭ ୱିକେଟ୍‌ରେ ୧୨୫ ରନ୍ କରିଥିଲା। କନିକା ଆହୁଜା ସର୍ବାଧିକ ୩୩, ରାଘବୀ ବିଷ୍ଟ୍ ୨୨ ଓ ଜର୍ଜିଆ ୱେୟାରହାମ୍ ଅପରାଜିତ ୨୦ ରନ୍ କରିଥିଲେ। ଗୁଜରାଟ ପକ୍ଷରୁ ଡିଆଣ୍ଡ୍ରା ଡଟିନ୍ ଓ ତନୁଜା କନ୍‌ୱର୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୧୬.୩ ଓଭର୍‌ରେ ମାତ୍ର ୪ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଗାର୍ଡନର୍ ସର୍ବାଧିକ ୫୮ ରନ୍ କରିଥିବା ବେଳେ ଏଥିସକାଶେ ସେ ମାତ୍ର ୩୧ଟି ବଲ୍ ନେଇଥିଲେ। ତାଙ୍କର ଏହି ଇନିଂସରେ ୬ଟି ଚୌକା ଓ ୩ଟି ଛକା ରହିଥିଲା। ଏହାଛଡ଼ା ଫୋଏବ୍ ଲିଚ୍‌ଫିଲ୍‌ଡ ମାତ୍ର ୨୧ ବଲ୍‌ରେ ୩ଟି ଚୌକା ଓ ଗୋଟିଏ ଛକା ସହ ୩୦ ରନ୍ କରି ଅପରାଜିତ ଥିଲେ। ଉଭୟଙ୍କ ମଧ୍ୟରେ ଚତୁର୍ଥ ୱିକେଟ୍‌ରେ ୫୧ ରନ୍‌ର ଭାଗୀଦାରୀ ମଧ୍ୟ ହୋଇଥିଲା। ବେଙ୍ଗାଲୁରୁ ପକ୍ଷରୁ ରେଣୁକା ସିଂହ ଠାକୁର ଓ ଜର୍ଜିଆ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଗାର୍ଡନରଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।






## ଚେନ୍ନାଇରେ ପହଞ୍ଚିଲେ ଧୋନି

**ଚେନ୍ନାଇ, ୨୭।୨:** ଆଗାମୀ ଆଇପିଏଲ୍ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ ପ୍ରାକ୍ ଋତୁ ଶିବିର ଆରମ୍ଭ କରିଛି। ଏଥିଲାଗି ଏହାର ତାରକା ଖେଳାଳି ମହେନ୍ଦ୍ର ସିଂହ ଧୋନି ବୁଧବାର ଚେନ୍ନାଇରେ ପହଞ୍ଚିଛନ୍ତି। ଧୋନି ଚେନ୍ନାଇ ବିମାନବନ୍ଦରରୁ ବାହାରୁଥିବାର ଏକ ଫଟୋକୁ ୫ ଥରର ବିଜେତା ଚେନ୍ନାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। ଏହି ଫଟୋରେ ସୁରକ୍ଷା ଅଧିକାରୀ ଗହଣରେ ଧୋନି କଳାରଙ୍ଗର ଟି-ସାର୍ଟ ଓ ସନ୍‌ଗ୍ଲାସ୍ ପିନ୍ଧି ବିମାନବନ୍ଦର ବାହରକୁ ଆସୁଥିବାର ଦେଖିବାକୁ ମିଳିଛି। ଏହାର ଶିରୋନାମରେ ଲେଖିଛି, ‘‘ଥାଲା ଧରିସାନମ (ଥାଲାର ଝଲକ)’’। ଚେନ୍ନାଇରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଖେଳାଳିଙ୍କ ସହ ଯୋଗଦେବା ପୂର୍ବରୁ ଅଧିନାୟକ ଋତୁରାଜ ଗାଏକ୍‌ୱାଡ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଦ୍ରୁତ ବୋଲର ଗୁରଜାପନିତ ସିଂହ ଓ ଆନ୍ଦ୍ରେ ସିଦ୍ଧାର୍ଥ ମଧ ଏହି ଶିବିରରେ ଯୋଗ ଦେବାକୁ ଚେନ୍ନାଇରେ ପହଞ୍ଚିଛନ୍ତି। ଯୁବ ଦ୍ରୁତବୋଲର ଖଲିଲ ଅହମଦ, ଅଂଶୁଲ କମ୍ବୋଜ ଓ କମଲେଶ ନାଗରକୋଟି ମଙ୍ଗଳବାର ଶିବିରରେ ଯୋଗଦେଇଥିଲେ। ଚେନ୍ନାଇରେ ମାର୍ଚ୍ଚ ୨୩ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳି ସିଏସ୍‌କେ ଅଭିଯାନ ଆରମ୍ଭ କରିବ।

## ବକ୍ସିଂରେ ବିଭ୍ରାଟ: କାର୍ଯ୍ୟାନୁଷ୍ଠାନ ଦାବି କଲେ ବିଜେନ୍ଦର



**ନୂଆଦିଲ୍ଲୀ, ୨୭।୨:** ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)ରେ ବିଭ୍ରାଟ ଲାଗି ରହିଛି। ନିର୍ବାଚନ ବିଳମ୍ବ ହେବାରେ ଲାଗିଛି। ଭାରତୀୟ ବକ୍ସର ପ୍ୟାରିସ୍ ଅଲିମ୍ପିକ୍ ପରଠୁ ଆଉ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିନାହାନ୍ତି। ଏପରିକି ବହୁବାର ଜାତୀୟ ମହିଳା ପ୍ରତିଯୋଗିତାକୁ ମଧ ସ୍ଥଗିତ ରଖାଯାଇଛି। ଭାରତୀୟ ବକ୍ସିଂରେ ଏହି ସବୁ ବିଭ୍ରାଟ ଅଲିମ୍ପିକ୍ ପଦକ ବିଜେତା ବିଜେନ୍ଦର ସିଂହଙ୍କ ମନକୁ ଦୋହଲାଇ ଦେଇଛି। ମହାସଂଘକୁ ଠିକ୍ ରାସ୍ତାକୁ ଆଣିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଧବାର ‘ଏକ୍ସ’ରେ ଲେଖା ଲେଖି ପିଏମ୍‌ଓ ଇଣ୍ଡିଆ ଏବଂ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ଟ୍ୟାଗ୍ କରିଛନ୍ତି ସେ। ଏଥିରେ ବିଜେନ୍ଦର ଲେଖିଛନ୍ତି, ‘‘ଆମ ଦେଶ ଯେଉଁଭଳି ଭାବେ କ୍ରୀଡ଼ାରେ ଆଗକୁ ବଢ଼ୁଛି, ମୁଁ ଭାବୁଛି ଭାରତୀୟ ବକ୍ସର ଏଲ୍ ଏଞ୍ଜେଲସ ଅଲିମ୍ପିକ୍ସ ୨୦୨୮ରେ ଅଧିକ ପଦକ ଜିତିବାକୁ ହେଲେ ସେମାନେ ବିଦେଶରେ ଅଧିକରୁ ଅଧିକ ପ୍ରତିଯୋଗିତା ଖେଳିବାକୁ ପଡ଼ିବ। ଏଥିପାଇଁ ଏକ ଶକ୍ତିଶାଳୀ ମହାସଂଘ ଗଢ଼ିବା ଲାଗି ଯଥାଶୀଘ୍ର ନୂତନ ଓ ନିରପେକ୍ଷ ନିର୍ବାଚନ କରିବାକୁ ପଡ଼ିବ। ଆମ ସରକାର ଏଥିରେ ହସ୍ତକ୍ଷେପ କରି କିଛି ଦାୟିତ୍ୱ ନିଅନ୍ତୁ, ମୋ ଅଭିଜ୍ଞତା ଉପଯୋଗ କରିପାରିଲେ ବହୁତ ଖୁସି ହେବି’’। ବିଏଫ୍‌ଆଇ ନିର୍ବାଚିତ ପ୍ରତିନିଧିଙ୍କ ଅବଧି ଫେବୃଆରି ୩ରୁ ଶେଷ ହେଲାଣି। କିନ୍ତୁ ନିର୍ବାଚନ ସମୟାନୁସାରେ ନହେବାରୁ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ହସ୍ତକ୍ଷେପ କରି ଆଡ୍‌ହକ୍ କମିଟି ଗଠନ କରିଥିଲା। ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ)ର ପୂର୍ବତନ କୋଷାଧ୍ୟକ୍ଷ ମଧୁକାନ୍ତ ପାଠକଙ୍କ ନେତୃତ୍ୱରେ ବକ୍ସିଂ ମହାସଂଘ ଅଫିସିଆଲ୍ ରାଜେଶ ଭଣ୍ଡାରୀ (ଉପାଧ୍ୟକ୍ଷ), ଡିପି ଭଟ୍ଟ, ବୀରେନ୍ଦ୍ର ସିଂହ ଠାକୁର ଏବଂ ଏକମାତ୍ର ଖେଳାଳିଭାବେ ପୂର୍ବତନ ଏସୀୟ ବିଜେତା ଶିବ ଥାପ୍ପା ଏହି କମିଟିରେ ଅଛନ୍ତି। ଏହି ୫ ଜଣିଆ କମିଟି ସୋମବାରଠୁ ନିର୍ବାଚନ ପର୍ଯ୍ୟନ୍ତ ଏହି ମହାସଂଘର ଦାୟିତ୍ୱ ନେଇଛନ୍ତି। ପ୍ୟାରିସ୍ କ୍ରୀଡ଼ାରେ ଭାରତୀୟ ବକ୍ସର ଖାଲି ହାତରେ ଫେରିଥିଲେ। ଏହାର ବିଶ୍ୱସ୍ତରୀୟ ସଂଘ ମଧ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହୋଇଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଉମର କ୍ରେମଲେଭ୍‌ଙ୍କ ନେତୃତ୍ୱାଧୀନ ଅନ୍ତର୍ଜାତୀୟ ବକ୍ସିଂ ସଂଘ (ଆଇବିଏ)କୁ ନିଲମ୍ବନ କରିଛି। ପୃଥକ ହୋଇଥିବା ବିଶ୍ୱ ବକ୍ସିଂକୁ ବୁଧବାର ଆଇଓସି ଅସ୍ଥାୟୀ ଭାବେ ସ୍ୱୀକୃତି ଦେଇଛି।

### ଆଇସିସି ଦିନିକିଆ ମାନ୍ୟତା

## ବ୍ୟାଟିଂରେ ପଞ୍ଚମକୁ ଉଠିଲେ କୋହଲି
## ବୋଲିଂରେ ଶ୍ରେଷ୍ଠ ୧୦ ମଧ୍ୟରେ କୁଲଦୀପ




**ଦୁବାଇ,୨୭।୨:** ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ବ୍ୟାଟିଂ ମାନ୍ୟତା ତାଲିକାରେ ଟିମ୍ ଇଣ୍ଡିଆ ଭେଟେରାନ ବିରାଟ କୋହଲିଙ୍କ ଉନ୍ନତି ହୋଇଛି। ସେ ପଞ୍ଚମ ସ୍ଥାନ ଦଖଲ କରିଛନ୍ତି। ଚଳିତ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମୁକାବିଲାରେ କୋହଲି ଶତକ ଅର୍ଜନ କରିଥିଲେ। ଏହି ପ୍ରଦର୍ଶନ ବଳରେ ତାଙ୍କ ମାନ୍ୟତାରେ ଗୋଟିଏ ସ୍ଥାନ ଉନ୍ନତି ହୋଇଛି। ଗତ ସପ୍ତାହରେ ସେ ଷଷ୍ଠ ସ୍ଥାନରେ ରହିଥିଲେ। ଶୁଭମନ ଗିଲ୍ ପୂର୍ବବତ୍ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି ଓ ରୋହିତ ଶର୍ମା ତୃତୀୟରେ ରହିଛନ୍ତି। ପାକିସ୍ତାନ ବିପକ୍ଷରେ ଗିଲ୍ ୪୧ ରନ୍ କରିଥିଲେ। ସେ ବର୍ତ୍ତମାନ ୮୧୭ ରେଟିଂ ପଏଣ୍ଟ ଅର୍ଜନ କରିସାରିଛନ୍ତି। ଦ୍ୱିତୀୟରେ ରହିଥିବା ପାକିସ୍ତାନର ବାବର ଆଜମଙ୍କ ପଏଣ୍ଟ ୭୭୦ ରହିଛି। ଉଭୟଙ୍କ ମଧରେ ୪୭ ପଏଣ୍ଟର ବ୍ୟବଧାନ ରହିଛି। ରୋହିତ ୭୫୭ ପଏଣ୍ଟ ହାସଲ କରିଛନ୍ତି। ଅନ୍ୟ ଭାରତୀୟଙ୍କ ମଧରେ ଶ୍ରେୟାସ ଆୟର ମାନ୍ୟତା ତାଲିକାର ନବମ ସ୍ଥାନ ଦଖଲ କରିଛନ୍ତି। ସେ ମଧ ପାକିସ୍ତାନ ବିପକ୍ଷରେ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଦିନିକିଆ ବୋଲିଂ ମାନ୍ୟତାରେ ଏକମାତ୍ର ଭାରତୀୟ ଭାବେ କୁଲଦୀପ ଯାଦବ ଶ୍ରେଷ୍ଠ ୧୦ଜଣଙ୍କ ମଧରେ ରହିଛନ୍ତି। ସେ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟ ଭାରତୀୟଙ୍କ ମଧରେ ମହମ୍ମଦ ସିରାଜ ୧୨, ରବିନ୍ଦ୍ର ଜାଡେଜା ୧୩ ଓ ମହମ୍ମଦ ସାମି ୧୪ ତମ ସ୍ଥାନରେ ରହିଛନ୍ତି।

## ଆଇପିଏଲ୍ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସର ପ୍ରସ୍ତୁତି
## ପିଟରସେନ ମେଣ୍ଟର ନିଯୁକ୍ତ



**ନୂଆଦିଲ୍ଲୀ,୨୭।୨:** ଆଇପିଏଲ ୨୦୨୫ ଆରମ୍ଭ ହେବାକୁ ଏକ ମାସରୁ କମ ସମୟ ବାକି। ଏହାପୂର୍ବରୁ ପୂର୍ବତନ ଇଂଲଣ୍ଡ ଅଧିନାୟକ କେଭିନ ପିଟରସେନଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସାମିଲ କରିଛି। ଫ୍ରାଞ୍ଚାଇଜ ତାଙ୍କୁ ନୂତନ ସିଜିନ ପାଇଁ ନିଜର ମେଣ୍ଟର କରିଛି। ଏନେଇ ଦଳ ଏହାର ଆପ୍‌ରେ ଘୋଷଣା କରିଛି। ପିଟରସେନଙ୍କ ନାମ ଘୋଷଣା କରି ଫ୍ରାଞ୍ଚାଇଜ ସୋସିଆଲ ମିଡିଆରେ ଲେଖିଛି, ‘Go to DC Fan sabha App, ଜଣେ ଦିଲ୍ଲୀର ପୁରୁଣା ଲୋକ ଫେରି ଆସିଛନ୍ତି।’ ତେବେ ଆଇପିଏଲ୍‌ରେ ପିଟରସେନ ଦିଲ୍ଲୀ ଦଳ ପାଇଁ ଖେଳିବା ସହିତ ଏହାର ଅଧିନାୟକ ମଧ ହୋଇଥିଲେ। ଏବେ ପ୍ରଥମ ଥର ପାଇଁ, ସେ ଏହି ଟୁର୍ନାମେଣ୍ଟରେ ମେଣ୍ଟର ଭୂମିକାରେ ନଜର ଆସିବେ।

ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ ୨୦୨୫ ପାଇଁ ହେମାଙ୍ଗ ବଦାନୀଙ୍କୁ ମୁଖ୍ୟ ପ୍ରଶିକ୍ଷକ(ହେଡ୍ କୋଚ୍) ଭାବରେ ନିଯୁକ୍ତ କରିଛି। ସେହିପରି ଇଂଲଣ୍ଡର ଧଳା ବଲ ପ୍ରଶିକ୍ଷକ ଥିବା ମାଥ୍ୟୁ ମଟ ସହାୟକ ପ୍ରଶିକ୍ଷକ ଭୂମିକାରେ ଦେଖାଯିବେ, ଯେତେବେଳେ ଫ୍ରାଞ୍ଚାଇଜ ଭାରତର ଅଭିଜ୍ଞ ପେସର ମୁନାଫ ପଟେଲଙ୍କୁ ବୋଲିଂ ପ୍ରଶିକ୍ଷକ ଭାବରେ ବାଛିଚି। ଏହା ବ୍ୟତୀତ ଭେଣୁଗୋପାଳ ରାଓ କ୍ରିକେଟ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି। ଏବେ ୪୪ ବର୍ଷୀୟ କେଭିନ ପିଟରସେନ ମଧ ଏହି ପ୍ରଶିକ୍ଷକ ଦଳରେ ପ୍ରବେଶ କରିଛନ୍ତି। ପିଟରସେନ ୨୦୧୪ ସିଜିନରେ ଏହି ଦଳ ପାଇଁ ଖେଳାଳି ଏବଂ ଅଧିନାୟକ ଭାବରେ ଖେଳିଛନ୍ତି। ତାଙ୍କ ଅଧିନାୟକତ୍ୱରେ ଦଳ ୨ଟି ମ୍ୟାଚ ଜିତିପାରିଥିଲା।

ପିଟରସେନ ୨୦୦୯ ମସିହାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ଆଇପିଏଲ୍‌ରେ ଡେବ୍ୟୁ କରିଥିଲେ। ସେ ଶେଷ ଥର ପାଇଁ ଏହି ଟୁର୍ନାମେଣ୍ଟରେ ୨୦୧୬ ସିଜିନରେ ରାଇଜିଂ ପୁଣେ ସୁପରଜିଆଣ୍ଟସ ପାଇଁ ଖେଳିଥିଲେ। ଏହି ଲିଗରେ ଖେଳୁଥିବା ସମୟରେ ସେ ୩ ଫ୍ରାଞ୍ଚାଇଜ ପକ୍ଷରୁ ଖେଳିଥିଲେ। IPL ବ୍ୟତୀତ ସେ ପାକିସ୍ତାନ ସୁପର ଲିଗ୍, ବିଗ୍ ବାଶ ଲିଗ୍ ଏବଂ କାରିବିଆନ୍ ପ୍ରିମିୟର ଲିଗ୍‌ରେ ମଧ ଖେଳିଛନ୍ତି।

# ଆଜିଠାରୁ ଯୁବା ବାସ୍କେଟବଲ୍ ଓପନ୍ ପ୍ରତିଯୋଗିତା




ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ଚତୁର୍ଦ୍ଦଶ ଯୁବା ବାସ୍କେଟବଲ ଓପନ୍ ପ୍ରତିଯୋଗିତା ସ୍ଥାନୀୟ ସହିଦ ନଗରସ୍ଥିତ ସନସାଇନ ଯୁବ ସଂଗଠନ ପକ୍ଷରୁ ଆରମ୍ଭ ହେବ। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଲିଗ ପର୍ଯ୍ୟାୟରେ ୬ଟି ରାଜ୍ୟରୁ ୧୨ଟି ଦଳ ଅଂଶଗ୍ରହଣ କରିବେ। ଓଡ଼ିଶା ସହ ପ୍ରତିଯୋଗିତାରେ ମହାରାଷ୍ଟ୍ର, ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ମଧ୍ୟ ଏହି ପ୍ରତିଯୋଗିତାରେ ଭାଗନେବେ। ଉଦଯାପନୀ ଉତ୍ସବରେ ଚମ୍ପିଆନ୍ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୨୦ ହଜାର ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର, ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ, କର୍ପୋରେଟର ରାଜକିଶୋର ଦାଶ, ଟୁର୍ଣ୍ଣାମେଣ୍ଟ ସଂଯୋଜକ ଆଦର୍ଶ ପଟ୍ଟନାୟକ, ପ୍ରଶାନ୍ତ ବେହେରା, ମିଥୁନ ବିଶୋୟୀ, ମନୋରଞ୍ଜନ ଗରାବଡୁ, ସିଦ୍ଧାର୍ଥ ଦାଶ, ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ପରିଚାଳନା ସକାଶେ କ୍ଲବ୍ ଉପଦେଷ୍ଟା ଭାବେ ବିଶ୍ୱ ପ୍ରକାଶ ମହାନ୍ତି, ପ୍ରୀତମ ପାଳ, ବିଶ୍ୱରଞ୍ଜନ ରାୟ, ଅଜୟ ପ୍ରଧାନ ଓ ପ୍ରିୟବ୍ରତ ରାୟ ଅଛନ୍ତି। ଉଦଯାପନୀ ଉତ୍ସବରେ ଜାତୀୟ ସ୍ତରର ବାସ୍କେଟ୍‌ବଲ୍ ଖେଳାଳି ଓମ୍ ସ୍ଥିତପ୍ରଜ୍ଞ, ପାରା ଜାଭେଲିନ୍ ପ୍ରତିଯୋଗୀ କମଳାକାନ୍ତ, ଏସୀୟ କରାଟେ ପ୍ରତିଯୋଗୀ ଅନ୍ୱେଷା ସୁବୁଦ୍ଧି ଓ ଜୁନିଅର୍ ଏନ୍‌ବିଏ ବାସ୍କେଟ୍‌ବଲ୍‌ରେ ଅଂଶଗ୍ରହଣ କରିଥିବା ବାଦଲ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦିଆଯାଇଛି। ଶେଷରେ ପ୍ରତିଯୋଗିତା ପରିଚାଳନା ସକାଶେ ସରୋଜ ପାତ୍ର ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଥାଳ...

ଓ ରହୁଥିବା କୋଠରୀରେ ଯଥେଷ୍ଟ ବାୟୁ ଚଳାଚଳ କରିପାରୁନଥିଲା। ପିଲାଙ୍କୁ ରହିବା ପାଇଁ ଲୁହା ଭାଡ଼ି ଦିଆଯାଇଥିବାବେଳେ ସେଥିରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ବି ନଥିଲା। ଗୋଟିଏ ଛୋଟିଆ ଖଟରେ ଦୁଇ ଦୁଇ ଜଣ ପିଲା ଶୋଇବାକୁ ବାଧ୍ୟ ହେଉଥିଲେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏଭଳି ପିଲାମାନଙ୍କୁ କେଉଁଭଳି ସ୍ଥିତିରେ ରଖାଯିବ, ସେନେଇ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଅନୁଯାୟୀ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅନୁମୋଦନ କରିବା କଥା। ଏନେଇ ଅନୁଷ୍ଠାନ ସରକାରୀ ଅଧିକାରୀମାନଙ୍କୁ ସହଯୋଗ କରିବାର ଆବଶ୍ୟକତା ରହିଛି। ହେଲେ ସେଭଳି କିଛି ହେଉନଥିଲା।

୨୦୧୭ରେ ରାଜ୍ୟ ସରକାରଙ୍କର ଗୋଟିଏ କମିଟି ଏଭଳି ପୁଳା ପୁଳି ଅସଙ୍ଗତି ଠାବ କରିବା ସହ ସେମାନଙ୍କର ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ ହେଁ କୌଣସି ଅଜୁହା କାରଣରୁ ଅଚ୍ୟୁତଙ୍କ ବିଚ୍ୟୁତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସରକାର ପଛଘୁଞ୍ଚା ଦେଇଥିଲେ। ସେତେବେଳେ ସରକାରର ମାମଲତକାର ସାଜିଥିବା ଅନେକ ଅଚ୍ୟୁତଙ୍କ ସହଯୋଗୀ ଭାବେ କାମ କରୁଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ଦଳରେ ମିଶାଇ ରାଜ୍ୟସଭା ପଠାଇ ତାଙ୍କର ସମସ୍ତ ଅନୈତିକ କାର୍ଯ୍ୟ ଉପରେ ନୈତିକତାର ମୋହର ମାରି ଦେଇଥିଲେ। ହେଲେ ଛୋଟ ଛୋଟ ପିଲାଙ୍କୁ ଶୋଷଣ ଓ ସେମାନଙ୍କ ନାଁରେ ଅର୍ଥ ଆତ୍ମସାତ କରିବା ‘ସବୁବେଳେ ଚୋର ଘର ଅନ୍ଧାର ନଥାଏ’ ଭଳି ପରିସ୍ଥିତି ସୃଷ୍ଟି କରିଛି ଓ ନିଜକୁ ଆଦିବାସୀଙ୍କ ତ୍ରାଣକର୍ତ୍ତା କହୁଥିବା ଧଳା ଯୋଗୀ ଏବେ ଥାଳ ଥରିବା ଏକପ୍ରକାର ଥୟ ହେଲାଣି।

### କାଠଗଡ଼ାରେ...

ସରକାରୀ ସଂସ୍ଥା ବିରୋଧରେ ଏବଂ କିଟ୍ ସପକ୍ଷରେ ଓକିଲାତି କରିବାକୁ ପଛାଇ ନଥିଲେ ତତ୍କାଳୀନ ଏଜି ଅଶୋକ ପରିଜା। ନିଜ ସାମ୍ବିଧାନିକ ପଦମର୍ଯ୍ୟାଦାକୁ ଜଳାଞ୍ଜଳି ଦେଇ ଘରୋଇ ସଂସ୍ଥା କିଟ୍ ସପକ୍ଷରେ ଏଜିଙ୍କ ଓକିଲାତି ପାଇଁ ହାଇକୋର୍ଟରୁ କିଟ୍ ରହିତାଦେଶ ହାସଲରେ ସଫଳ ହୋଇଥିଲା। କିଟ୍ ସୂଚନା ଅଧିକାର ଆଇନ୍ ପରିସରରୁ ବାହାରିଗଲା ଓ ପରବର୍ତ୍ତୀ ସମୟରେ ପୁରସ୍କାର ସ୍ୱରୂପ ସେଇ ଏଜି ପଦବୀରେ ଥାଇ ବି ଅଶୋକଙ୍କୁ କିଟ୍ କୁଳାଧିପତି ଦାୟିତ୍ୱ ମିଳିଲା ବୋଲି ଅଭିଯୋଗ କରିଛି ଓସା। ତେବେ ଏ ସମ୍ପର୍କରେ ପୂର୍ବତନ ଆଡଭୋକେଟ ଜେନେରାଲଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ୨୯ ସେପ୍ଟେମ୍ବର ୨୦୨୨ରେ ଅଚ୍ୟୁତ ସାମନ୍ତଙ୍କ ଏକ ପୋଷ୍ଟରେ ଆଡଭୋକେଟ୍ ଜେନେରାଲ୍ ଅଶୋକ ପରିଜାଙ୍କୁ କିଟ୍ ଚାନସେଲର ନିଯୁକ୍ତି ବିଷୟ ଘୋଷଣା କରିବା ପରଠୁ ଆଜିକା ଦିନରେ ବି ସେ ସେହି ପଦରେ ଥିବା ଦର୍ଶାଉଛି କିଟ୍ ୱେବ୍‌ସାଇଟ୍। ତେଣୁ ଏଭଳି ସ୍ଥିତିରେ ଏହା କ'ଣ ଅଫିସ୍ ଅଫ୍ ପ୍ରଫିଟ୍ ନୁହେଁ କି? ସବୁ ସରକାରୀ ଅନୁଦାନ ପାଇବା ସତ୍ତ୍ୱେ କିଟ୍ ଓ କିସ୍ କାହିଁକି ଆରଟିଆଇ ଅନ୍ତର୍ଭୁକ୍ତ ହେବେନାହିଁ ବୋଲି ପ୍ରଶ୍ନ କରିଛି ଓସା।

### ବଡ଼...

ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସମୀକ୍ଷାରେ ଅଂଶଗ୍ରହଣ କରିଥିଲେ। ତେବେ ସ୍ୱାସ୍ଥ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା, ଶକ୍ତି, ଉଚ୍ଚଶିକ୍ଷା, ଅବକାରୀ, ଶିଳ୍ପ, ଏମଏସଏମଇ, ପଞ୍ଚାୟତିରାଜ ଭଳି ବଡ଼ ବଡ଼ ବିଭାଗର ଖର୍ଚ୍ଚ କମ୍ ରହିଥିବା ସୂଚନା ମିଳିଛି।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ବିଭିନ୍ନ ବିଭାଗର ଖର୍ଚ୍ଚ ସମ୍ପର୍କରେ ଉପସ୍ଥାପନା ରଖିଥିଲେ।

### ସୁପରିଣ୍ଟେଣ୍ଡେଣ୍ଟଙ୍କ...

ଅନ୍ୟାନ୍ୟ କେତେକ ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ତଦନ୍ତ କରି ଉପଜିଲାପାଳ ରିପୋର୍ଟ ଦେବା ପରେ ଏହା ଆଧାରରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଗତ ୨୪ ତାରିଖରେ ହଳଦୀ ହାଇସ୍କୁଲରେ ମାଟ୍ରିକ୍ ପରୀକ୍ଷା ଚାଲିଥିବା ସମୟରେ ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ୍ କ୍ଷେତ୍ରୀ ସେଠାକୁ ପରିଦର୍ଶନ କରିଥିଲେ। ସେତେବେଳେ ପରୀକ୍ଷାର୍ଥୀମାନେ କପି କରୁଥିବା ସେ ଦେଖିବାକୁ ପାଇଥିଲେ। ଖୋଲାଖୋଲି ଭାବେ ମାଟ୍ରିକ୍ ପରୀକ୍ଷା ପରିଚାଳନା ପାଇଁ ଧାର୍ଯ୍ୟ ହୋଇଥିବା ନିୟମର ଉଲ୍ଲଂଘନ କରାଯାଉଛି ବୋଲି ଦେଖିବା ପରେ ଉପଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଥିଲେ। ଉପଜିଲାପାଳଙ୍କ ଚିଠି ପରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବିତ ହୋଇଥିବା ଶିକ୍ଷକମାନଙ୍କ ମଧ୍ୟରେ ହଳଦୀ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଉମେଶ ବିଶ୍ୱାଳ ଓ ଅନ୍ୟ ୪ ଜଣ ଶିକ୍ଷକ ରହିଛନ୍ତି।

### ଦିଲ୍ଲୀପ...

ସଭାପତି ଜେପି ନଡ୍ଡା ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଫଟୋ ଥିବା ବେଳେ ତାହାର ପାଖ ଶୀର୍ଷରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ଫଟୋ ଥିଲା। ପ୍ରଧାନମନ୍ତ୍ରୀଙ୍କ ଫଟୋ ତଳେ ରହିଥିଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଫଟୋ। ପୋର୍ଟଫୋଲିଓ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ଫଟୋ ବ୍ୟାନରର ଉପରେ ରହିବା କଥା। କିନ୍ତୁ କୌଣସି ପଦପଦବୀରେ ନଥାଇ ଦିଲ୍ଲୀପ ରାୟଙ୍କ ଫଟୋ ଉପରେ ରହିବା ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ତଳେ ରହିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଚର୍ଚ୍ଚା ହେଉଛି ଜାଣିଶୁଣି ମୁଖ୍ୟମନ୍ତ୍ରୀଙ୍କୁ ଗୌଣ କରିବାକୁ ଚେଷ୍ଟା କରାଯାଇଛି। ଯଦିଓ ଏ ସମ୍ପର୍କରେ ରାଉରକେଲା କି ରାଜ୍ୟ ବିଜେପିର କୌଣସି ନେତା ଗଣମାଧ୍ୟମରେ ପ୍ରତିକ୍ରିୟା ଦେଉନାହାଁନ୍ତି, କିନ୍ତୁ ପୋର୍ଟଫୋଲିଓ ଓ ସୌଜନ୍ୟତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ଫଟୋକୁ ତଳେ ରଖିବା ତାଙ୍କ ପଦ ପ୍ରତି ଅପମାନ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଦିଲ୍ଲୀପ ରାୟଙ୍କ ପ୍ରତିକ୍ରିୟା ମଧ୍ୟ ମିଳିପାରିନି।

### ଆଜି ଉଦ୍‌ଘାଟନ...

ବିଳମ୍ବ ଉପରେ ମଧ୍ୟ ଆଲୋଚନା ହୋଇପାରେ। ତା'ଛଡ଼ା କ୍ଷମତାକୁ ଆସିବାର ୮ ମାସ ପରେ ବି ନିଗମ ବୋର୍ଡର ନିଯୁକ୍ତି ନେଇ ହୋଇଥିବା କସରତରେ ଚୂଡ଼ାନ୍ତ ମୋହର ବାଜିବାର ସମ୍ଭାବନା ରହିଛି। ବିଜେପି ରାଜ୍ୟ ନେତୃତ୍ୱକୁ ସଂଗଠନ କିପରି ବଢ଼ିବ, ସେନେଇ ଶ୍ରୀ ନଡ୍ଡା ପରାମର୍ଶ ମଧ୍ୟ ଦେବେ।

ନଡ୍ଡାଙ୍କ ଗସ୍ତର ଦିନକ ପୂର୍ବରୁ ଅର୍ଥାତ୍ ଗତକାଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗଙ୍କ ଉପସ୍ଥିତିରେ ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରଭାରୀ, ସଙ୍ଗଠନ ସମ୍ପାଦକ ଓ ପୂର୍ବତନ ସଭାପତିମାନେ ଉକ୍ତ ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ନଡ୍ଡାଙ୍କ ମୋହର ବାଜିବା ପରେ ଏସବୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି।

### ଚଳିତ...

ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ପ୍ରାଧିକରଣ କରିବାକୁ ଯୋଜନା କରୁଛନ୍ତି। କ୍ୟାପିଟାଲ ରିଙ୍ଗ ରୋଡ ହେଉ କି କୋଷ୍ଟାଲ ହାଇୱେ, ଏସବୁ ପ୍ରକଳ୍ପ ପାଇଁ ଟେକ୍ନିକାଲ ରିପୋର୍ଟ ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଜମି ଚିହ୍ନଟ ଓ ଅଧିଗ୍ରହଣ ଏବଂ ସର୍ବୋପରି ନିର୍ମାଣ କାମକୁ ନିର୍ଦ୍ଧାରିତ ସମୟରେ ଆରମ୍ଭ କରି ସାରିବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ଏହି ପ୍ରାଧିକରଣ ହାତରେ ନ୍ୟସ୍ତ କରାଯିବ।

ଏହି ପ୍ରାଧିକରଣ ଜାତୀୟ ରାଜପଥ ପ୍ରାଧିକରଣ ସହ ଯୋଗସୂତ୍ର ରକ୍ଷା ପୂର୍ବକ କାମ କରିବ। ବର୍ତ୍ତମାନ ପୂର୍ତ୍ତ ବିଭାଗ ରାଜ୍ୟର ସବୁ ରାଜପଥ କାମ କରୁଥିଲେ ବି ବୈଷୟିକ ଲୋକ ଓ ଜ୍ଞାନର ଅଭାବ ଯୋଗୁ ବହୁ ରାଜପଥର ସଠିକ ବିକାଶ ହୋଇପାରୁନି। ଏପରିକି ମରାମତି କାମ ମଧ୍ୟ ମନ୍ଥର ଗତିରେ ଚାଲୁଛି। ତେଣୁ ରାଜପଥର ବିକାଶ, ନିର୍ମାଣ ଓ ମରାମତି ପାଇଁ ଅଭିଜ୍ଞ ଯନ୍ତ୍ରୀ ଓ ଆର୍କିଟେକ୍ଟଙ୍କୁ ନେଇ ଏହି ପ୍ରାଧିକରଣ ଗଠନ କରାଯିବ ବୋଲି ସୂଚନା ମିଳିଛି।

# ଚାଲିଗଲେ ଦଣ୍ଡା ବାଳୁଙ୍ଗା

## ରାଜ୍ୟ ଚଳଚ୍ଚିତ୍ର ଜଗତରେ ଶୋକ

ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ): ଚାଲିଗଲେ ଓଡ଼ିଆ ସିନେମା ଜଗତର ବର୍ଷିଆନ ଅଭିନେତା ଉତ୍ତମ ମହାନ୍ତି। ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିବା ବେଳେ ମେଦାନ୍ତ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ସେ ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିଲେ। ୭୦ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ୧୯୭୭ ମସିହାରେ ସେ ‘ଅଭିମାନ’ ଚଳଚ୍ଚିତ୍ର ଜରିଆରେ ଓଡ଼ିଆ କଥାଚିତ୍ର ଜଗତରେ ଅଭିନୟ ଆରମ୍ଭ କରିଥିଲେ। ଉତ୍ତମ ୧୯୫୫ ଏପ୍ରିଲ ୮ରେ ମୟୂରଭଞ୍ଜ ଜିଲ୍ଲାର ବାରିପଦାଠାରେ ଜନ୍ମ ନେଇଥିଲେ। ସେ ୧୩୫ଟି ଓଡ଼ିଆ, ୩୦ଟି ବଙ୍ଗଳା ଓ ଗୋଟିଏ ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି। ସୂଚନା ଥାଉକି, ୧୯୭୭ରେ ପ୍ରଥମ ସିନେମା ଅଭିମାନରୁ କ୍ୟାରିଅର ଆରମ୍ଭ କରିଥିଲେ। ଦୀର୍ଘଦିନ ଧରି ଓଡ଼ିଆ ସିନେମା ଜଗତର ସୁପରଷ୍ଟାର ଥିଲେ ଉତ୍ତମ। କିଛିଦିନ ତଳେ ସେ ‘ବୋଉ ବୁଟୁ ଭୂତ’ ସିନେମାର ସୁଟିଂ ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ଓଡ଼ିଆ କଥାଚିତ୍ର ଅଭିନେତ୍ରୀ ଅପରାଜିତାଙ୍କୁ ସେ ବିବାହ କରିଛନ୍ତି। ସେମାନଙ୍କ ପୁଅ ବାବୁସାନ ମଧ୍ୟ ଜଣେ ଖ୍ୟାତନାମା ଅଭିନେତା। ୧୯୭୭ରେ ସିନେମା ଜଗତକୁ ପ୍ରବେଶ କରିଥିଲେ ମଧ୍ୟ ପରେ ପାଠପଢ଼ାରେ ବ୍ୟସ୍ତ ରହିଥିଲେ ଓ ୩ ବର୍ଷ ପରେ ପୁଣି ‘ପତିପତ୍ନୀ’ ଚଳଚ୍ଚିତ୍ର ଜରିଆରେ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କୁ ୨୦୧୨ରେ ଓଡ଼ିଶା ଲିଭିଙ୍ଗ ଲିଜେଣ୍ଡ ପୁରସ୍କାର ସହ ୨୦୦୮ରେ ଶ୍ରେଷ୍ଠ ଅଭିନେତା, ‘ଫିଟଫାଟ ବାଇସ୍କୋପ’ ପୁରସ୍କାର, ୨୦୦୬ରେ ଇନ୍ଦିରା ଗାନ୍ଧୀ ପ୍ରିୟଦର୍ଶିନୀ ପୁରସ୍କାର, ୧୯୯୯ରେ ଜୟଦେବ ପୁରସ୍କାର ମିଳିଥିଲା। ଏଥିସହିତ ‘ତୋ ବିନୁ ଅନ୍ୟଗତି ନାହିଁ’ ପାଇଁ ୧୯୯୧ରେ ଶ୍ରେଷ୍ଠ ସହଅଭିନେତା ସହ ଲଗାତାର ୩ ବର୍ଷ ଧରି ଶ୍ରେଷ୍ଠ ଅଭିନେତା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ୧୯୮୪ରେ ‘ଦଣ୍ଡାବାଳୁଙ୍ଗା’ ପାଇଁ, ୧୯୮୩ରେ ‘ଝିଅଟି ସୀତା ପରି’ ପାଇଁ ଓ ୧୯୮୨ରେ ‘ଫୁଲ ଚନ୍ଦନ’ ପାଇଁ ଏହି ପୁରସ୍କାର ପାଇଥିଲେ।

### ଶିରିଡ଼ିରେ ଗୁରୁଜୀଙ୍କ ଦ୍ୱାରା ଲାଇବ୍ରେରୀ ଉଦ୍‌ଘାଟିତ

## ସାଇବାବା ସଂସ୍ଥାନକୁ ବିରଳ ପୁସ୍ତକ ଦାନ



ଶିରିଡ଼ି,୨୭।୨: ଶିରିଡ଼ିଠାରେ ଶ୍ରୀସାଇବାବା ସଂସ୍ଥାନ ଟ୍ରଷ୍ଟ ଦ୍ୱାରା ନବନିର୍ମିତ ଲାଇବ୍ରେରୀକୁ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଆଜି ଉଦ୍‌ଘାଟନ କରିଛନ୍ତି। ଏଥିସହ ସଂସ୍ଥାନର ଅନୁରୋଧ କ୍ରମେ ଗୁରୁଜୀ ଦୀର୍ଘବର୍ଷରୁ ଯତ୍ନ ସହକାରେ ସାଇତି ରଖିଥିବା ଶହେ ବର୍ଷ ତଳର ପୁରୁଣା ଦୁର୍ଲ୍ଲଭ ସାଇ ସାହିତ୍ୟ ସଂକ୍ରାନ୍ତ ପତ୍ରପତ୍ରିକା ମଧ୍ୟ ଦାନ କରିଛନ୍ତି। ଏହି ଉପଲକ୍ଷେ ସଂସ୍ଥାନ ପରିସର ସଭାକକ୍ଷରେ ପୂର୍ବାହ୍ନରେ ଏକ ସଭା ଆୟୋଜିତ ହୋଇଥିଲା। ଶ୍ରୀସାଇବାବା ସଂସ୍ଥାନ ପକ୍ଷରୁ ପ୍ରକାଶିତ ମାସିକ ପତ୍ରିକା ‘ସାଇଲୀଳା’ର ଯେଉଁ ୧୫ ବର୍ଷର ପୁରୁଣା ସଂଖ୍ୟାଗୁଡ଼ିକ ସଂସ୍ଥାନ ନିକଟରେ ଉପଲବ୍ଧ ନଥିଲା, ସେହି ସଂଖ୍ୟାଗୁଡ଼ିକର ଉଭୟ ମୁଦ୍ରଣ ଓ ଡିଜିଟାଲ ସଂସ୍କରଣ ଗୁରୁଜୀ ଡ. ଶତପଥୀ ସଂସ୍ଥାନକୁ ପ୍ରଦାନ କରିଛନ୍ତି। ଏଥିସହ ଶ୍ରୀସାଇବାବାଙ୍କ ଜୀବନ କାଳରେ ପ୍ରକାଶ ପାଉଥିବା ‘ଶ୍ରୀସାଇନାଥ ପ୍ରଭା’ର ୧୯୧୯ର ସଂସ୍କରଣ ମଧ୍ୟ ସଂସ୍ଥାନକୁ ପ୍ରଦାନ କରାଯାଇଛି। ପୂର୍ବରୁ ଶ୍ରୀସାଇବାବାଙ୍କ ମହାପ୍ରୟାଣର ଶହେବର୍ଷ ପୂର୍ତ୍ତି ଅବସରରେ ଗତ ୨୦୧୭ରେ ଗୁରୁଜୀ ଶ୍ରୀସାଇନାଥ ପ୍ରଭାର ୧୯୧୬ ବର୍ଷର ସଂସ୍କରଣକୁ ସଂସ୍ଥାନକୁ ପ୍ରଦାନ କରିଥିଲେ। ସଂସ୍ଥାନର ସିଇଓ ଗୋରକ୍ଷ ଗାଡ଼ିଲକର, ଆଇଏଏସ ବିଶ୍ୱବ୍ୟାପୀ ସାଇଲୀଳାର ପ୍ରଚାର ଓ ପ୍ରସାରରେ ଗୁରୁଜୀଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନକୁ ପ୍ରଶଂସା କରିବା ସହ ଉପଢୌକନ, ମାନପତ୍ର ଓ ବାବାଙ୍କର ପ୍ରତିମା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଉତ୍ସବରେ ବରିଷ୍ଠ ଆଇଏଏସ, ବିଚାର ବିଭାଗୀୟ ଅଧିକାରୀଙ୍କ ସମେତ ସଂସ୍ଥାନର ପଦାଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସୋଆ ଉପକୁଳପତିଙ୍କୁ ଡ. ଏପିଜେ ଅବ୍ଦୁଲ କାଲାମ ସମ୍ମାନ



ଭୁବନେଶ୍ୱର, ୨୭।୨ (ସଂଚାର ବ୍ୟୁରୋ) : ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର (ଡ) ନୀତା ମହାନ୍ତିଙ୍କୁ ନିକଟରେ ମୁଖ ଗହ୍ୱର ସ୍ୱାସ୍ଥ୍ୟ, ନୂତନତ୍ୱ ପ୍ରବର୍ତନ ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ଇଣ୍ଡିଆନ୍ ଡେଂଟାଲ୍ ଆସୋସିଏସନ୍ ପକ୍ଷରୁ ଡ. ଏପିଜେ. ଅବ୍ଦୁଲ କାଲାମ ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଠାରେ ଫେବୃଆରୀ ୧୫ ଓ ୧୬ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖଗହ୍ୱର ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରଫେସର (ଡ.) ମହାନ୍ତି ଓ ଅନ୍ୟ ୧୨ ଜଣ ଗବେଷକଙ୍କୁ ସମ୍ମାନିତ କରାଯାଇଥିଲା।

ପ୍ରଫେସର (ଡ) ମହାନ୍ତି ମଧ୍ୟ ଏହି ଅବସରରେ ଆୟୋଜିତ ଏକ କର୍ମଶାଳାରେ ବକ୍ତୃତା ଦେଇଥିଲେ ଓ ଏକ ପ୍ୟାନେଲ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଦନ୍ତ ଚିକିତ୍ସକ ଓ ସାଂସଦ ଡ. ରାଜେଶ ମିଶ୍ର ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମଟି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆଇସିଏମ୍ଆର୍, ଡବ୍ଲ୍ୟୁଏଚ୍ଓ, ବାୟୋଟେକ୍ନୋଲଜି ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆସିଷ୍ଟାନ୍ସ କାଉନ୍ସିଲ୍, ଡିବିଟି, ଡିଏସ୍ଟି, ସିଏସ୍ଆଇଆର, ଡିଆରଡିଓ, ଫେଡେରେସନ୍ ଡେଂଟାୟାର ଇନ୍ଟରନ୍ୟାସ୍ନାଲ, ଇନ୍ଟରନ୍ୟାସ୍ନାଲ ଆସୋସିଏସନ୍ ଫର ଡେଂଟାଲ ରିସର୍ଚ୍ଚ, ହେଲ୍ଥକେୟାର ଇନ୍କ୍ୟୁବେସନ୍ ସେଂଟର୍ସ ତଥା ଓରାଲ୍ ହେଲ୍ଥ ଟ୍ରେଡ ଆଣ୍ଡ ଫାର୍ମା ଇଣ୍ଡଷ୍ଟ୍ରି ସହାୟତାରେ ଆୟୋଜିତ ହୋଇଥିଲା।

## ରାମଚରିତ ମାନସ ପାରାୟଣ ମହାଯଜ୍ଞ ଉଦ୍ଯାପିତ

- ୪ ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ

ସାଲେପୁର, ୨୭।୨ (ସଂଚାର ବ୍ୟୁରୋ) : ଶ୍ରୀରାମ ଚରିତ ମାନସ ପ୍ରଚାରିଣୀ ସମିତି ପକ୍ଷରୁ ସାଲେପୁରସ୍ଥିତ ସାହେଶ୍ୱରୀ ମଣ୍ଡପ ପରିସରରେ ଅନୁଷ୍ଠିତ ଶ୍ରୀରାମ ଚରିତ ମାନସ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦ୍ଯାପନ ଦିବସରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପୂଜ୍ୟ ବ୍ୟାସ ଗଙ୍ଗାରାମ ଦାସଜୀଉଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବ୍ୟାସ ପୂଜା କରାଯାଇଥିଲା। ଏହି ଅବସରରେ ଶ୍ରୀରାମ ଚରିତ ମାନସ ପାରାୟଣ କମିଟି ପକ୍ଷରୁ ବିଶିଷ୍ଟ ଅନ୍ନ ଯାଜ୍ଞିକ ଦାମୋଦର ତ୍ରିପାଠୀ, ଅବସରପ୍ରାପ୍ତ ବିଶିଷ୍ଟ ଶିକ୍ଷକ ନିରଞ୍ଜନ ପତି, ଶତାଧିକ ବାର ରକ୍ତଦାନ କରିଥିବା ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକଙ୍କୁ ମାନପତ୍ର ଓ ପୁଷ୍ପହାର ତଥା ବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ପ୍ରବଚକ ଡଃ ଶାରଦା ପ୍ରସାଦ କରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରବିନାରାୟଣ କର, ସମ୍ପାଦକ ମିହିର କୁମାର ଜେନା, ଆଡଭୋକେଟ ବିଜୟ କେତନ ନାୟକ, ସାମ୍ବାଦିକ ଅକ୍ଷୟ କୁମାର ଦାଶ, ବରିଷ୍ଠ ଶିକ୍ଷକ ବିଷ୍ଣୁଚରଣ ମିଶ୍ର, ନୃସିଂହ ଚରଣ ଷଡ଼ଙ୍ଗୀ, ବସନ୍ତ କୁମାର କର, ଚିତ୍ତରଞ୍ଜନ ପଣ୍ଡା, ଅନନ୍ତ ଚରଣ ଦାଶଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସାହେଶ୍ୱରୀ ମଣ୍ଡପ ପରିସରରେ ଥିବା ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ପୀଠରେ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ରହି ଦୀପଦାନ କରିଥିଲାବେଳେ ରାତି ୧୦ଟାପରେ ମନ୍ଦିରରେ ମହାଦୀପ ଉଠିଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

### ବ୍ଲକ ଅଧ୍ୟକ୍ଷାଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

## ତୃତୀୟ ଦିନରେ ଗଣମାଧ୍ୟମ ପ୍ରତିନିଧିଙ୍କ ଧାରଣା, ସାମିଲ ହେଲେ ଜନପ୍ରତିନିଧି



ବାଲିଅନ୍ତା, ୨୭।୨ (ସଂଚାର ବ୍ୟୁରୋ) : ବାଲିଅନ୍ତା ପଞ୍ଚାୟତ ସମିତିରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଦୁର୍ବ୍ୟବହାର ଏବେ ଉଗ୍ରରୂପ ନେଇଛି। ବିଭିନ୍ନ ମହଲରୁ ଏବେ ଅଧ୍ୟକ୍ଷାଙ୍କ ବିରୋଧରେ ଅସନ୍ତୋଷ ଦେଖାଦେଇଛି। ଆଜି ତୃତୀୟ ଦିନରେ ଆନ୍ଦୋଳନକୁ ସମର୍ଥନ ଜଣାଇ ଜନ ପ୍ରତିନିଧିଙ୍କ ସମେତ ବାଲିପାଟଣା ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗ ଦେଇ ଏହାର ପ୍ରତିବାଦ କରିଥିଲେ। ଅପରପକ୍ଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କସ୍ତୁରୀ ସ୍ୱାଇଁ ଧାରଣାସ୍ଥଳରେ ପହଞ୍ଚି ଅନଶନ ପ୍ରତ୍ୟାହୃତ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଗଣମାଧ୍ୟମ ପ୍ରତିନିଧି ଅଧ୍ୟକ୍ଷା ଶ୍ରୀମତୀ ଖଟୁଆ ପହଞ୍ଚି କ୍ଷମା ପ୍ରାର୍ଥନା ନକରିବା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ କହି ଜିଦିରେ ଅଟଳ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଉମାଦେଇ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଓ ଡ.ରଞ୍ଜନ ଦାଶ ପ୍ରମୁଖ ପହଞ୍ଚି ସାମ୍ବାଦିକମାନଙ୍କୁ ସମର୍ଥନ ଜଣାଇ ଘଟଣାର ଦୃଢ଼ ନିନ୍ଦା କରିଥିଲେ। ଏନେଇ ଆୟୋଜିତ ସଭାରେ ବାଲିପାଟଣା ପ୍ରେସକ୍ଲବ ସଭାପତି ଦିଲ୍ଲୀପ ଓଝା ଅଧ୍ୟକ୍ଷା କରିଥିଲେ।

# ବେଆଇନ ଚିଙ୍ଗୁଡ଼ି ଘେରି ନେଇ ଅଶାନ୍ତି

### ଜଳ ପ୍ରଦୂଷଣ ସତ୍ତ୍ୱେ ପ୍ରଶାସନ ନିରବ

### ଦାନା ବାନ୍ଧୁଛି ଆନ୍ଦୋଳନ



କାକଟପୁର/ଅସ୍ତରଙ୍ଗ, ୨୭।୨ (ସଂଚାର ବ୍ୟୁରୋ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନରେ ମାଛଧରାକୁ କେନ୍ଦ୍ର କରି ମତ୍ସ୍ୟଜୀବୀ ଓ ଅଣମତ୍ସ୍ୟଜୀବୀଙ୍କ ମଧ୍ୟରେ ବହୁବାର ଗଣ୍ଡଗୋଳ ଘଟିଥିବାର ନଜିର ରହିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇଥିଲେ ସୁଦ୍ଧା ଏଥିନେଇ କୌଣସି ସ୍ଥାୟୀ ପ୍ରତିକାର ହୋଇପାରିନଥିବା ଜଣାଯାଇଛି। ଅସ୍ତରଙ୍ଗ ଅଞ୍ଚଳର ନଗର, ଝାଡ଼ଲିଙ୍ଗ, ଆଳସାହି, ଛୁରିଆନାଁ, ଶିଶୁଅ, ନୂଆଗଡ, ଅସ୍ତରଙ୍ଗ ଅଞ୍ଚଳରେ କିଛି ଯାଆଁଳ ମାଫିଆମାନେ ବେଆଇନ ମଶାରୀ ଜାଲ ଓ ମାଟି ବନ୍ଧରେ ଘେରି କରାଯିବା ନେଇ ସର୍ବଦା ମତ୍ସ୍ୟଜୀବୀ ଓ ଅଣମତ୍ସ୍ୟଜୀବୀଙ୍କ ମଧ୍ୟରେ ବିବାଦ ଲାଗିରହୁଛି। ଯାହା ଫଳରେ ପିଏଫସିଏସ ରାଜ୍ୟ ଫିସଫେଡ଼ରୁ ମତ୍ସ୍ୟଜୀବୀମାନେ ଲିଜ ଆଣିଥିବା ବେଳେ ମାଛ ଧରିବାରେ ବଂଚିତ ହୋଇଛନ୍ତି।

ଅସ୍ତରଙ୍ଗ ଚିଙ୍ଗୁଡ଼ି ଆମଦାନୀ ବେଳକୁ ବେଳ ହ୍ରାସ ପାଉଥିବା ବେଳେ ଅଭାବ ମେଣ୍ଟାଇବା ନିମନ୍ତେ କେତେକ ମାଫିଆ ଅସ୍ତରଙ୍ଗ ଦେବୀ ନଦୀତଟରେ ଘେରି କରି ବେଆଇନି ଚିଙ୍ଗୁଡ଼ି ଚାଷ କରିଆସୁଛନ୍ତି। ଏହି ଚିଙ୍ଗୁଡ଼ିରେ ପ୍ରଚୁର ଲାଭ ହେଉଥିବାରୁ ବହୁ ମାଫିଆ ଦିନଦିନ ଅଧିକରୁ ଅଧିକ ଘେରି କରି ଅସ୍ତରଙ୍ଗ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ କରି ଚାଲିଛନ୍ତି। ଦେବୀ ନଦୀ ବେଳକୁ ବେଳ ସଂକୁଚିତ ହେବାରେ ଲାଗିଛି। ଏହି ଚିଙ୍ଗୁଡ଼ି କମ୍ ଦିନରେ ବଢ଼ିବା ପାଇଁ ମାଫିଆମାନେ ବିଭିନ୍ନ ରାସାୟନିକ ସାମଗ୍ରୀ ମିଶ୍ରିତ ଖାଦ୍ୟ ଦେଉଥିବାରୁ ଅସ୍ତରଙ୍ଗ ଦେଇ ପ୍ରବାହିତ ଦେବୀ ନଦୀ ଜଳ ପ୍ରଦୂଷିତ ହେବାରେ ଲାଗିଛି। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଇ ନିରବ ଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରୁ ଯାହା ଜଣାଯାଉଛି, ପ୍ରଶାସନ ଓ ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅସ୍ତରଙ୍ଗ ଅଞ୍ଚଳର ଚତୁଃପାର୍ଶ୍ୱରେ ମଶାରୀ ଜାଲ ଓ ମାଟି ବନ୍ଧରେ ଘେରି କରି ବେନାମୀ ଚିଙ୍ଗୁଡ଼ି ଚାଷ ଦିନକୁ ଦିନ ବୃଦ୍ଧି ପାଇଆସୁଛି। ସେଥିପ୍ରତି ପ୍ରଶାସନ ବିଭିନ୍ନ ଆଳଦେଖାଇ ନିରବ ରହୁଛି।

ବିଧାନସଭା ଗୃହସମିତି ଓ ରାଜ୍ୟ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଣ୍ଟ୍ରାଲ ଲେଗୁଲେସନ ଜୋନର (ସିଆରଜେଡ) ନିୟମ ଉଲ୍ଲଘନ କରି ଅସ୍ତରଙ୍ଗକୁ ସମ୍ପୂର୍ଣ୍ଣ ଘେରି ମୁକ୍ତ କରାଯାଉ ନଥିବା ଜଣାଯାଉଛି। ସରକାର ଯଦି ଏ ଦିଗରେ କୌଣସି ପଦକ୍ଷେପ ନ ନିଅନ୍ତି ଆଗାମୀ ଦିନରେ ଏକାଧିକ ମତ୍ସ୍ୟଜୀବୀ ଏକତ୍ରିତ ହୋଇ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି।

# ମାର୍ଚ୍ଚରୁ ଏନ୍ଏଚ୍ ବାଇପାସ୍ ରାସ୍ତା ନିର୍ମାଣ




ନବରଙ୍ଗପୁର, ୨୭।୨ (ସଂଚାର ବ୍ୟୁରୋ) : ସହର ଦେଇ ଯାଇଥିବା ୨୬ନଂ ଜାତୀୟ ରାଜପଥର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଶେଷ ହୋଇଛି ସବୁ ପ୍ରକ୍ରିୟା। ଜମି ଅଧିଗ୍ରହଣ ପରେ ରାସ୍ତା ପାଇଁ ଟେଣ୍ଡର ପ୍ରକ୍ରିୟା ବି ସରିଛି। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରୁ ଠିକା ସଂସ୍ଥା ପକ୍ଷରୁ ଆରମ୍ଭ ହେବ ନୂଆ ବାଇପାସ୍ ରାସ୍ତା ନିର୍ମାଣ। ବିଭାଗ ପକ୍ଷରୁ ଏହି ସୂଚନା ମିଳିଛି। ଜାତୀୟ ରାଜପଥର ସହର ପାର୍ଶ୍ୱ ଦେଇ ନିର୍ମାଣ ହେବ ୯ କିମି ବାଇପାସ୍ । ଏଥିଲାଗି ୧୬୮ କୋଟି ୯୫ ଲକ୍ଷ ଟଙ୍କା ମଞ୍ଜୁର ହୋଇସାରିଛି । ଏହି ବାଇପାସ୍ ରାସ୍ତା ଜିଲ୍ଲାର ପ୍ରବେଶ ଦ୍ୱାର ଇନ୍ଦ୍ରାବତୀ ପୋଲ ନିକଟ ୨୬ନଂ ଜାତୀୟ ରାଜପଥକୁ ସଂଯୋଗ କରି ୫ଟି ଗାଁ ଡାଇଭଙ୍ଗ, ନବରଙ୍ଗପୁର, ନୂଆଗଡ଼, ଗାଦବାଗୁଡା, କେଶରିଗୁଡା, ପଡାଲଗୁଡା ଦେଇ ଚରକବନ ନିକଟରେ ପୁଣି ଏନ୍ଏଚ୍ ସହ ମିଶିବ।

ମୁଖ୍ୟ ରାଜପଥକୁ ବାଇପାସ୍ ରାସ୍ତା ସଂଯୋଗ ଲାଗି ଆରମ୍ଭ ଓ ଶେଷ ମୁଣ୍ଡରେ ଚାରିଥାକିଆ ପାଇଁ ଓସାର ରହିବ ପ୍ରାୟ ୪୫ ମିଟର। ଏଥିଲାଗି ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ପ୍ରାୟ ୪୧ ହେକ୍ଟର ଜମି ଅଧଗ୍ରହଣ କରାଯାଇଛି। ମାର୍ଚ୍ଚ ପ୍ରଥମ ସପ୍ତାହରୁ କାମ ଆରମ୍ଭ ହେବ । ଆସନ୍ତା ୨ ବର୍ଷ ମଧ୍ୟରେ ବାଇପାସ୍ ରାସ୍ତା ନିର୍ମାଣ କାମ ଶେଷ କରିବାକୁ ଠିକାସଂସ୍ଥା ସହିତ ଚୁକ୍ତି ହୋଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ସୂର୍ଯ୍ୟ ଛତ୍ରିଆ କହିଛନ୍ତି।

ସୂଚନାଥାଉକି, ନବରଙ୍ଗପୁର ସହର ଭିତର ଦେଇ ପ୍ରାୟ ୫ କିମି ଜାତୀୟ ରାଜପଥ ଯାଇଛି। ସହର ମଧ୍ୟରେ ଏହା ଅଣଅସାରିଆ ରହିଥିବାରୁ ପ୍ରତିଦିନ ଗୁରୁତର ଟ୍ରଫିକ୍ ସମସ୍ୟା ସୃଷ୍ଟି ହେଉଛି। ବର୍ଷ ବର୍ଷ ଧରି ଜନସାଧାରଣ ଗ୍ରାଫିକରେ ଫସି ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ବହୁ ପ୍ରତୀକ୍ଷିତ ବାଇପାସ୍ ରାସ୍ତା ମଞ୍ଜୁରି ପରେ ଟ୍ରଫିକ୍ ସମସ୍ୟାରୁ ମୁକ୍ତି ମିଳିବ।



# ଅସହାୟ ଯୁବକଙ୍କୁ ଥଇଥାନ

କଣାସ, ୨୭।୨ (ସଂଚାର ବ୍ୟୁରୋ) : ଦୀର୍ଘ ଦେଢ ବର୍ଷ ହେବ ବର ଗଛମୂଳରେ ଜୀବନ କଟିଛି। ଶୀତ, କାକର, ଖରା, ବର୍ଷାରେ ସେ ଜୀବନ ଅତିବାହିତ କରୁଥିଲେ। ଡେଲାଙ୍ଗ ଥାନା ଗୁନୁପୁଟ ଗାଁ ଶେଷ ମୁଣ୍ଡରେ ଥିବା କାଳି କୋଇଲି ବରଗଛ ମୂଳରେ ଯୁବକ ଜଣକ ଅତି ଦୟନୀୟ ଅବସ୍ଥାରେ ଜୀବନ ସହ ସଂଗ୍ରାମ କରୁଥିଲେ। ଆନୁମାନିକ ବୟସ ତାଙ୍କର ୩୫ବର୍ଷ ହେବ ବୋଲି କୁହାଯାଉଛି। ଠିକଣା ତ ଦୂରର କଥା, ସେ କଥା କହି ପାରୁନାହାନ୍ତି। ସ୍ଥାନୀୟ ଅଞ୍ଚଳର ଯୁବ ସମାଜସେବୀ ସର୍ବେଶ୍ୱର ସାହୁ ଏବଂ ତାଙ୍କର ସହଯୋଗୀ ବନ୍ଧୁମାନେ କିଛିଦିନ ହେବ ତାଙ୍କର ସେବା ସହ ଖାଇବାକୁ ଦେଉଥିଲେ। ଏ ସମ୍ପର୍କରେ ଖବରପାଇ କଳିଙ୍ଗ ପେସାଦାର ସାମ୍ବାଦିକ ସଂଘର ସମ୍ପାଦକ ରାଜକିଶୋର ସ୍ୱାଇଁ, ଆଇନଜିବୀ ବିଚିତ୍ରଭୂଷଣ ମହାପାତ୍ର, ସାମ୍ବାଦିକ ଅରୁଣ ରାଉତ ଓ ପ୍ରତାପ ବାରିକ ପ୍ରମୁଖ ଆଜି ସେଠାରେ ପହଁଚି ଉକ୍ତ ନିରାଶ୍ରୟ ଯୁବକଙ୍କୁ ସେଠାରୁ ଉଦ୍ଧାର କରି କଣାସର ସ୍ୱେଚ୍ଛାସେବୀ ସଂଗଠନ ନୀଳାଚଳ ସେବା ପ୍ରତିଷ୍ଠାନରେ ନେଇ ଛାଡ଼ିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟିଛି।

# ବୈଶିଙ୍ଗା-ମାଣତ୍ରୀ ରାସ୍ତାରେ ସଡ଼କ ଦୁର୍ଘଟଣା: ୨ ଗୁରୁତର



ବୈଶିଙ୍ଗା, ୨୭।୨ (ସଂଚାର ବ୍ୟୁରୋ) : ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା -ମାଣତ୍ରୀ ରାସ୍ତାର ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ରାତ୍ରୀ ୯.୩୦ ମିନିଟ ସମୟରେ ଦୁଇ ବାଇକ ମଧ୍ୟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅଧୀନ ଖଣ୍ଡଦେଉଳା ଗ୍ରାମର କରୁଣାକର ପରିଡାଙ୍କ ପୁଅ କିଶୋର ପରିଡା (୪୩) ନୂଆଗାଁ ସ୍ଥିତ ସାପ୍ତାହିକ ହାଟ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଅପର ପାର୍ଶ୍ୱରୁ ଦ୍ରୁତ ଭାବେ ଏକ ବାଇକ ଯୋଗେ ବାଲେଶ୍ୱର ଜିଲ୍ଲା ଅଙ୍ଗାରଗଡିଆ ଗ୍ରାମର ପ୍ରଭାକର ଦାସଙ୍କ ପୁଅ ନରେଶ ଦାସଙ୍କ ସହ ସାମ୍ନାସାମ୍ନି ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ଦୁଇ ଜଣ ଗୁରୁତର ଭାବେ ରକାକ୍ତ ହୋଇ ରାସ୍ତା ଉପରେ ପଡି ରହିଥିଲେ । ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକ ସହାୟତାରେ ଆହତ ଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ କିଶୋର ଏବଂ ନରେଶ ଙ୍କ ଅବସ୍ଥା ଗୁରୁତର ହୋଇ ପଡିବାରୁ ସେମାନଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୈଶିଙ୍ଗା ଏସଆଇ ବୋଇତ ବେହେରା ଘଟଣାର ତଦନ୍ତ ଜାରି ରଖିଥିବା ସୂତ୍ରରୁ ଜଣାଯାଇଛି ।

# ଶିଶୁଆ ପ୍ରାଣୀ ସହାୟକ କେନ୍ଦ୍ରର ତାଲା ଭାଙ୍ଗି ଚୋରି ଅଭିଯୋଗ

ସାଲେପୁର,୨୭।୨ (ସଂଚାର ବ୍ୟୁରୋ): କେହି ଦୁର୍ବୃତ୍ତ ଶିଶୁଆ ପ୍ରାଣୀ ସହାୟକ କେନ୍ଦ୍ରର ତାଲା ଭାଙ୍ଗି କାର୍ଯ୍ୟାଳୟ ଭିତରେ ଥିବା ଏକ ପାଣି ମୋଟର, ୨ଟି ଫ୍ୟାନ୍ ସମେତ ବହୁ ସାମଗ୍ରୀ ଚୋରି କରି ନେଇଯାଇଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ଆଜି ସକାଳ ପ୍ରାୟ ୯ଟାବେଳେ ଶିଶୁଆ ପ୍ରାଣୀ ସହାୟକ କେନ୍ଦ୍ରର ପ୍ରାଣୀ ନିରୀକ୍ଷକ ସଞ୍ଜୟ କୁମାର ଦଳାଇ କାର୍ଯ୍ୟାଳୟରେ ପହଞ୍ଚି ଦେଖିଲେ ଯେ ୨ଟି କୋଠରୀର କେହି ତାଲା ଭାଙ୍ଗି କୋଠରୀ ମଧ୍ୟରେ ପଶି ପାଣି ପମ୍ପ ସମେତ ବହୁ ଜିନିଷପତ୍ର ଚୋରି କରିନେଇଯାଇଛି। ଏହାନେଇ ଶ୍ରୀ ଦଳାଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

# ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ଆଶା ମଉଳିଲାଣି

- ଆଉ କେତେ ଠକିହେବେ ଜମାକାରୀ ?
- ଚାତକ ପରି ଚାହିଁରହିଛନ୍ତି

କାକଟପୁର/ଅସ୍ତରଙ୍ଗ, ୨୭।୨ (ସଂଚାର ବ୍ୟୁରୋ) : ବର୍ଷ ପରେ ବର୍ଷ ଗଡୁଛି। ଚିଟଫଣ୍ଡରେ ଠକି ହୋଇ ଛଟପଟ କ୍ଷତିଗ୍ରସ୍ତଙ୍କ ପକେଟକୁ କିନ୍ତୁ ଫେରୁନି ଟଙ୍କା। ଗତ ସରକାର କର୍ପସ ପାଣ୍ଠି ଗଠନ କଲେ। ବିଜେପି ସରକାର କ୍ଷମତାକୁ ଆସିଲେ ଶହେ ଦିନରେ ସବୁ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ। ମାତ୍ର ଦିନ ସିନା ଗଡୁଛି। ସରକାରୀ କଳ ଆନ୍ତରିକତା କି ଇଛାଶକ୍ତି ଦେଖାଉନି। ସେଇମିତି ଚାତକ ପକ୍ଷୀ ଭଳି ଟଙ୍କା ଫେରସ୍ତ ପାଇବାକୁ କ୍ଷତିଗ୍ରସ୍ତ ଜମାକାରୀ ଅପେକ୍ଷା କରି ବସିଛନ୍ତି।

ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗରେ ସବୁଠି ଚିଟଫଣ୍ଡ ଜମାକାରୀ ଠକେଇର ଶିକାର ହୋଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ସରକାର ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଲେ। କମିଶନ ଗଠନ କଲେ। ଲକ୍ଷ ଲକ୍ଷ ଜମାକାରୀ ସତ୍ୟପାଠ ଦାଖଲ କଲେ। ମାତ୍ର କାଁଭାଁ କିଛି ଜମାକାରୀଙ୍କୁ (୧୦ ହଜାରରୁ କମ୍) ଟଙ୍କା ଫେରସ୍ତ ହେବା ପରେ ପ୍ରକ୍ରିୟା ବନ୍ଦ ରହିଛି। କ୍ଷତିଗ୍ରସ୍ତ ଅପେକ୍ଷା କରି କରି ହତାଶ ହେଲେଣି। ଟଙ୍କାର ନାଁ ଗନ୍ଧ ନାହିଁ। ନିର୍ବାଚନକୁ ମାତ୍ର ଦୀର୍ଘ ମାସ ପରେ ଫଳ ଶୂନ । କେବେ ଠାରୁ ପୁଣି କ୍ଷତିଗ୍ରସ୍ତ ଜମା ଟଙ୍କା ଫେରସ୍ତ ପାଇବେ ତାହା ପ୍ରଶ୍ନବାଚୀରେ।

ଚିଟ୍‌ଫଣ୍ଡ ସଂସ୍ଥାରେ ୧୦ ହଜାର ଟଙ୍କାରୁ ଅଧିକ ଜମା ରଖିଥିବା ଜମାକାରୀଙ୍କୁ ଟଙ୍କା ମିଳିବା ଆଶା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ଆଇନଗତ ଜଟିଳତା, ଜମାକାରୀ ଚିହ୍ନଟ ନହେବା ଅଡୁଆ। ତଦନ୍ତ କମିଶନଙ୍କ ସୁପାରିଶ ଆଧାରରେ ମାତ୍ର ଅଳ୍ପ କିଛି କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ହୋଇଛି। ଅନ୍ୟମାନେ ଟଙ୍କା ପାଇବେ ନା ନାହିଁ? ଯଦି ପାଇବେ କ'ଣ ଢାଞ୍ଚା ରହିବ ସେନେଇ ସରକାରଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ ।

# ବୃଦ୍ଧଙ୍କୁ ନିର୍ମମ ହତ୍ୟା, ସନ୍ଦେହରେ ଜଣେ ଅଟକ



ଉମରକୋଟ, ୨୭।୨ (ସଂଚାର ବ୍ୟୁରୋ) : ଜମି ବିବାଦକୁ ଦୃଷ୍ଟିରେ ରଖି ଜଣେ ୭୦ବର୍ଷୀୟ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରୁଛି ପରିବାର। ସାଥିରେ ଥିବା ଯୁବକକୁ ସନ୍ଦେହ କରୁଛି ପରିବାର। ମହୁଲ ଗଛ ତଳେ ସାଥିରେ ଖିଆପିଆ କରିବା ପରେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ସୂଚନା ମିଳିଛି। ମୃତ ବୃଦ୍ଧଙ୍କ ପରିବାର ଲୋକଙ୍କୁ ସାଥିରେ ଥିବା ଯୁବକ ହି ହତ୍ୟା ବିଷୟରେ ଖବର ଦେଇଥିଲା। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବେନୋରା ପଂଚାୟତ ଅଧୀନରେ ଥିବା କଲିବେଡା ଗ୍ରାମ ନିକଟରେ ଥିବା ଏକ ମହୁଲ ଗଛ ତଳେ।

ସୂଚନା ପ୍ରକାରେ, ଲକ୍ଷ୍ମଣ ଗୌଡ଼ ଓ ମୁକୁନ୍ଦ ଗୌଡ଼ ଦୁହେଁ ନୂଆଗୁଡା ଗ୍ରାମର ଅଟନ୍ତି। କର୍ଲିବେଡା ଗ୍ରାମ ନିକଟରେ ଥିବା ଏକ ମହୁଲ ଗଛ ତଳେ ଦୁହେଁ ରାନ୍ଧିବାଡି କରି ଜମି ଜଗିଥିଲେ। କିନ୍ତୁ ସକାଳ ହେବା ପରେ ମୁକୁନ୍ଦ ଗୌଡ଼ ଲକ୍ଷ୍ମଣ ଗୌଡ଼ଙ୍କ ପରିବାର ବର୍ଗଙ୍କୁ ଲକ୍ଷ୍ମଣଙ୍କ ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପରିବାର ଲୋକେ ପହଂଚିବାରୁ ଏହା ଏକ ହତ୍ୟା ବୋଲି କହିଥିଲେ। ଲକ୍ଷ୍ମଣ ଗୌଡ଼ଙ୍କ ମୁଣ୍ଡ ଓ ଅଣ୍ଟାରେ ଏକ ଧାରୁଆ ଅସ୍ତ୍ର ରେ ଆଘାତ କରିଥିବା ଦେଖିବାକୁ ମିଳିଛି। ରକ୍ତାକ୍ତ ଅବସ୍ଥାରେ ବୃଦ୍ଧଙ୍କ ମରଶରୀରକୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଜବତ କରିବା ସହ ହତ୍ୟାର ସନ୍ଦେହରେ ଥିବା ମୁକୁନ୍ଦ ଗୌଡ଼କୁ ଥାନାରେ ଅଟକ ରଖିଥିବା ଏସଆଇ ଶିବଜି ପଣ୍ଡା ସୂଚନା ଦେଇଛନ୍ତି।

- ହୋହାଲ୍ଲା ମଧ୍ୟରେ ଶେଷହେଲା ଦଶରଥପୁର ପଞ୍ଚାୟତ ସମିତି ବୈଠକ

# ସାଂସଦଙ୍କ ଉପରେ ବର୍ଷିଲେ ପ୍ରମିଳା ଓ ସୁଜାତା




ଦଶରଥପୁର, ୨୭।୨ (ସଂଚାର ବ୍ୟୁରୋ) : ଦଶରଥପୁର ବ୍ଲକର ସମ୍ମିଳନୀ ଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ଚତୁର୍ଥ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହି ବୈଠକଟି ହୋହାଲ୍ଲା ମଧ୍ୟରେ ଶେଷ ହୋଇଛି। ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଯାଜପୁର ସାଂସଦ ରବୀନ୍ଦ୍ର ବେହେରା, ବିଡ଼ିଓ ଆକାଶ ପଟ୍ଟନାୟକ, ବିଂଝାରପୁର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଏବିଡ଼ିଓ ତ୍ରିଲୋଚନ ସେଠି, ଉପାଧକ୍ଷା ଝିଲ୍ଲୀ ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ ବିହାରି ଜେନା ଓ ଜିପିଇଓ ସୁମନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାଶ, ନିନାରାଣୀ ସାମଲ, ମାମିନା ମଲ୍ଲିକ, ୩୫ ଟି ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଗଣ ଯୋଗ ଦେଇଥିଲେ। ତେବେ ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ, ଖଣ୍ଡରା ସରପଞ୍ଚ କୁଞ୍ଜ ବିହାରି ଦାଶ, ତଳିହା ସରପଞ୍ଚ ନିରାକାର ସାହୁ, କନିକାପଡା ସରପଞ୍ଚ ପ୍ରଦୀପ କୁମାର ଯେନା, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ଓ ନିନାରାଣୀ ସାମଲ ପ୍ରମୁଖ ଧାନମଣ୍ଡିରେ କଟନି ଛଟନି ସାଙ୍ଗକୁ ଟୁକନ ଅବଧି ଶେଷ ହୋଇଥିଲେ ମଧ୍ୟ ମଣ୍ଡିରେ ଧାନ ପଡି ରହିବା ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିବା ସହ ସାଂସଦଙ୍କ ଠାରୁ ଉତ୍ତର ମାଗିଥିଲେ।

ତେବେ ମଧୁଚନ୍ଦ୍ରିକା, ଆମ ବିଧାୟକ ଓ ଦଳୀୟ ବିଧାୟକ ଆଦି ଶବ୍ଦକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ, କଥାକଟା କଟି ଓ ପାଟିତୁଣ୍ଡ ହୋଇଥିଲା। ସେହିପରି କେତେକ ଜନ ପ୍ରତିନିଧି ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ବିଭାଗୀୟ ଅଧିକାରୀମାନେ ସଠିକ ଉତ୍ତର ନଦେଇ ପାରିବାରୁ ଏନେଇ ବିଧାୟିକା ପ୍ରମିଳା ମଲ୍ଲିକ ଓ ବିଧାୟିକା ସୁଜାତା ସାହୁ ବିଭାଗୀୟ ଅଧିକାରୀ ମାନଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଖୁବ ଶୀଘ୍ର ଏସବୁର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ବିଧାୟିକା ଦ୍ୱୟ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା, ମନରେଗା, ସାମାଜିକ ସୁରକ୍ଷା, ଖାଦ୍ୟ ଓ ଯୋଗାଣ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଅନ୍ୟାନ୍ୟ ବିଭାଗ ବାବଦରେ ଆଲୋଚନା ହୋଇଥିଲା।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ନାଉଗାଁ, ୨୭।୨ (ସଂଚାର ବ୍ୟୁରୋ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ୨୦୦୧ମସିହା ସ୍ନାତକ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ସାଧୁଗୋସ୍ୱାମୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବନ୍ଧୁମିଳନ ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ ସହପାଠୀମାନେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ. ଚାଇନା ପ୍ରଧାନ ଏବଂ ତିନି ଜଣ ବନ୍ଧୁଙ୍କର ଦେହାନ୍ତ ହୋଇଥିବାରୁ ଏକ ମିନିଟ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଦୀର୍ଘ ୨୪ବର୍ଷ ପରେ ବନ୍ଧୁମାନେ ଏକତ୍ରିତ ହୋଇ ନିଜର ପୁରୁଣା ସ୍ମୃତିକୁ ବଖାଣୀ ଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବେଶ୍ୱର ମହାରଣା, ସଞ୍ଜୟ ପାଢ଼ୀ, ପ୍ରଶାନ୍ତ ଦାସ, ଅନିଲ କୁମାର ମହାନ୍ତି, ଲୋଚନ ବେହେରା, ଦିଲ୍ଲିପ ପଣ୍ଡା, ଜନ୍ମଜୟନ୍ତୀ ମହାନ୍ତିଙ୍କ ସମେତ ଅନ୍ୟ ସହପାଠୀମାନେ ସାମିଲ ଥିଲେ। ଆଗାମୀ ଦିନରେ ଏହିଭଳି ବନ୍ଧୁମିଳନ କରିବା ପାଇଁ ନିଷ୍ପତି ନେଇଥିଲେ।



# ନନ୍ଦିକେଶ୍ୱର ପୀଠରେ ଆଧ୍ୟାତ୍ମିକ ଓ ସମ୍ବର୍ଦ୍ଧନା ସଭା



ନାଉଗାଁ, ୨୭।୨ (ସଂଚାର ବ୍ୟୁରୋ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଗ୍ରାମର ନନ୍ଦିକେଶ୍ୱର ପୀଠରେ ନନ୍ଦକିଶୋର ଯୁଥ କ୍ଲବ ତରଫରୁ ଆଧ୍ୟାତ୍ମିକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଧର୍ମସଭାକୁ ମୁଖ୍ୟ ଅତିଥି ଭାବେ ତିହୁଡାସ୍ଥିତ ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରୋଟାରୀ ଗଭର୍ଣ୍ଣର ଓଡ଼ିଶାର ଯଜ୍ଞାଶିଷ ମହାପାତ୍ର, ସମ୍ମାନୀତ ବକ୍ତା ପ୍ରଶାସକ ତଥା ସୁସାହିତ୍ୟିକ ଡଃ ସଂଗ୍ରାମ କେଶରୀ ସାମନ୍ତରାୟ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲିପ କୁମାର ଜେନା ଆଦି ଯୋଗ ଦେଇଥିଲେ। ଆଧ୍ୟାତ୍ମିକ ସଭା ପରେ ନନ୍ଦିକେଶ୍ୱର ଯୁଥ କ୍ଲବ ଓ ଗ୍ରାମବାସୀଙ୍କ ତରଫରୁ ୨୦୨୪ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଓ ସମାଜସେବା ପାଇଁ ସାମାଜିକ କର୍ମୀ ଦୀପକ କୁମାର ବିଶ୍ୱାଳ, ରଜନୀକାନ୍ତ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ତ୍ରିଲୋଚନ ପାଢ଼ୀ ପରିଚାଳନା କରିଥିବା ବେଳେ ଯୁଥ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

**ଲିଙ୍ଗରାଜ ମନ୍ଦିରରେ ଅଘଟଣ ନେଇ ତେଜିଲା ରାଜନୀତି**

# ଘେରିଲେ ବିରୋଧୀ, ଶାସକ ଦଳର କଡ଼ା ଜବାବ

**ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ):** ଗତକାଲି ମହାଶିବରାତ୍ରୀରେ ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠିବା ସମୟରେ ଘଟିଛି ଅଘଟଣ। ମହାଦୀପ ଧରି ମନ୍ଦିର ଉପରକୁ ଉଠୁଥିବା ସମୟରେ ଜଣେ ସେବାୟତ ହଠାତ୍ ଖସିପଡ଼ି ଆହତ ହୋଇଛନ୍ତି। ତେବେ ଏହି ଘଟଣାରେ ଏବେ ରାଜନୀତି ଜୋର ଧରିଛି। ଗୋଟିଏ ପଟେ ବିରୋଧୀ ଦଳର ସଦସ୍ୟମାନେ ଅବ୍ୟବ୍ୟବସ୍ଥା ନେଇ ସରକାର ଓ ପ୍ରଶାସନକୁ ଘେରିଥିବା ବେଳେ ଶାସକ ବିଜେପି ମଧ୍ୟ ଏହାର କଡ଼ା ଜବାବ ଦେଇଛି। ମନ୍ଦିରର ବିଭିନ୍ନ ରୀତିନୀତି ନେଇ ସଠିକ ଢଙ୍ଗରେ ସମୀକ୍ଷା ହେଉନଥିବାରୁ ଏଭଳି ଅଘଟଣ ଘଟୁଛି ବୋଲି ବିରୋଧୀ ବିଜେଡି ଓ କଂଗ୍ରେସ ଅଭିଯୋଗ କରିଥିବା ବେଳେ ଠାକୁରଙ୍କ ପ୍ରସଙ୍ଗରେ କାଦୁଅଫିଙ୍ଗା ରାଜନୀତି ନହେବା ଉଚିତ ବୋଲି ଶାସକ ବିଜେପି ଉତ୍ତର ଦେଇଛି।

ବିଜେଡିର ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି ଯେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଗୋଟିଏ ପରେ ଗୋଟିଏ ଅଘଟଣ ଘଟୁଛି। ରଥଯାତ୍ରା ସମୟରେ ବଡ଼ ଠାକୁର ବଳଭଦ୍ରଙ୍କ ସହ ଅଘଟଣ ଘଟିଲା। ଏବେ ଲିଙ୍ଗରାଜଙ୍କ ପାଳି। ଠାକୁରଙ୍କ ନୀତି ବିଭ୍ରାଟ, ଠାକୁର ଉପାସ ରହିବା କଥା ସାମ୍ନାକୁ ଆସିଛି। ସେବାୟତଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ପାଇଁ ଠାକୁର ଉପାସ ରହୁଛନ୍ତି। ସେବାୟତମାନେ

- ବିରୋଧୀ ଦଳର ସହଯୋଗ ଲୋଡ଼ୁନାହାନ୍ତି ସରକାର
- କାଦୁଅଫିଙ୍ଗା ରାଜନୀତି ଛାଡ଼ନ୍ତୁ ବିରୋଧୀ

ଠାକୁରଙ୍କ ନୀତି ସମୟରେ ଜାଗ୍ରତ ରହିବା ଦରକାର। ସାରା ବିଶ୍ୱ ମହାଦୀପ ଦେଖୁଛି, ତେଣୁ ସେବାୟତମାନେ ଦୀପ ଉଠିବା ସମୟରେ ସମସ୍ତ ପ୍ରକାର ଶୃଙ୍ଖଳା ବଜାୟ ରଖିବାକୁ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି। ଏଥିସହ ସେ ମନ୍ଦିର ଉପରେ ଅଧିକ ସଂଖ୍ୟକ ସେବାୟତଙ୍କ ଉପସ୍ଥିତି ଉପରେ ପ୍ରଶ୍ନ ଉଠାଇଛନ୍ତି। ମହାଦୀପ ଉଠିବା ସମୟରେ ମନ୍ଦିର ଉପରେ ୧୦ରୁ ଅଧିକ ସେବାୟତ ଛିଡ଼ା ହୋଇଥିଲେ। ପୂଜକ ଓ ସହାୟକ ମନ୍ଦିର ଉପରକୁ ଯିବାର ଆବଶ୍ୟକତା ଥିବା ବେଳେ ଅନ୍ୟମାନଙ୍କୁ ମନ୍ଦିର ଉପରେ ଚଢ଼ିବା





ସକାଶେ କିଏ ଅନୁମତି ଦେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଗତକାଲିର ଅଘଟଣ ସମସ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ଦର୍ଶନରେ ଭକ୍ତ ବ୍ୟାପକ ସମସ୍ୟା ଭୋଗିଥିବାରୁ ପ୍ରଶାସନର ଭୂମିକା ସନ୍ଦେହ ଘେରକୁ ଆସିଛି। ପ୍ରସ୍ତୁତି ବୈଠକରେ ଶାସକ ଦଳ ପ୍ରତି ଦଳର ସଦସ୍ୟମାନଙ୍କୁ ସାମିଲ୍ କରିବା ଆବଶ୍ୟକ ଥିଲା ବୋଲି ବିଧାୟକ ଶ୍ରୀ ଜେନା କହିଛନ୍ତି।

ସେହିପରି କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଷ କହିଛନ୍ତି ଯେ ଲଗାତାର ରାଜ୍ୟରେ ଅଘଟଣ ଘଟୁଥିବା ବେଳେ ଏଥିସକାଶେ ରାଜ୍ୟ ସରକାର ଦାୟୀ। ଦାୟିତ୍ୱରେ ଥିବା ଅଧିକାରୀ ମଧ୍ୟ ସମାନ ଭାବେ ଦାୟୀ। ପ୍ରତି ଘଟଣାରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ସମୀକ୍ଷା କରୁଛନ୍ତି, କିନ୍ତୁ ଏହା ସତ୍ତ୍ୱେ ବି ଅଘଟଣ ଘଟୁଛି। ତେଣୁ ସମୀକ୍ଷାର ମୂଲ୍ୟ କ'ଣ ବୋଲି ସେ ପ୍ରଶ୍ନ କରିବା ସହ ଆଗାମୀ ଦିନରେ ଏଭଳି ଅଘଟଣର ପୁନରାବୃତ୍ତି ନ ହେବା ଦିଗରେ ସରକାର ପଦକ୍ଷେପ ନେବା ଦରକାର ବୋଲି ବିଧାୟିକା କହିଛନ୍ତି।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ଯେ ପ୍ରଭୁ ଲିଙ୍ଗରାଜଙ୍କ କାର୍ଯ୍ୟ ପାଇଁ ସାଧାରଣ ଲୋକଙ୍କଠାରୁ ସେବାୟତ, ପ୍ରଶାସନଠାରୁ ପୁଲିସ ପର୍ଯ୍ୟନ୍ତ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଛି। ସମସ୍ତେ ନିଜ ପାରୁପର୍ଯ୍ୟନ୍ତ ଚେଷ୍ଟା ମଧ୍ୟ କରିଛନ୍ତି। ଆହତ ହୋଇଥିବା ସେବାୟତଙ୍କ ପାଖରେ ୩୦ ବର୍ଷର ଅଭିଜ୍ଞତା ରହିଛି। ଗୋଡ଼ ଖସିଯିବାରୁ ସେ ଖସିପଡ଼ିଲେ ବୋଲି ହସ୍ପିଟାଲ୍‌ରେ ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପଚାରି ବୁଝିବା ସମୟରେ ଉକ୍ତ ସେବାୟତ କହିଛନ୍ତି। ତେଣୁ ଏହାକୁ ନେଇ ରାଜନୀତି କରାଯିବା ଉଚିତ ନୁହେଁ। ପ୍ରଭୁ ଲିଙ୍ଗରାଜଙ୍କ ଆଶୀର୍ବାଦରୁ ତାଙ୍କ କାର୍ଯ୍ୟରେ ସେମିତି କିଛି ବଡ଼ ଧରଣର ଅଘଟଣ ହୋଇନାହିଁ ବୋଲି ଶ୍ରୀ ସିଂ କହିଛନ୍ତି।

ତେବେ ଦର୍ଶନରେ ହୋଇଥିବା ଅବ୍ୟବସ୍ଥା ନେଇ ଶ୍ରୀ ସିଂ କହିଛନ୍ତି ଯେ ଚଳିତ ଥର ଯଥେଷ୍ଟ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଏକାଠି ହୋଇଥିଲେ। ଭକ୍ତଙ୍କ ସଂଖ୍ୟା ସ୍ୱାଭାବିକଠାରୁ ପ୍ରାୟ ଦେଢ଼ଗୁଣା ହୋଇଥିବାରୁ ଦର୍ଶନରେ ସମସ୍ୟା ସୃଷ୍ଟି ହୋଇଥିଲା। ତେବେ ଏପରି ସମସ୍ୟା ଆଗାମୀ ଦିନରେ ଯେପରି ନ ହେବ, ସେଥିପ୍ରତି ସରକାର ଓ ମନ୍ଦିର ପ୍ରଶାସନ ସତର୍କ ରହିବେ ବୋଲି ଶ୍ରୀ ସିଂ କହିବା ସହ ବିରୋଧୀ ଦଳର କାଦୁଅଫିଙ୍ଗା ରାଜନୀତିକୁ ନାପସନ୍ଦ କରିଛନ୍ତି। ଏଥିସହ ବିରୋଧୀ ଦଳ ଅଙ୍ଗୁଳି ନିର୍ଦ୍ଦେଶ ନ କରି ଠାକୁରଙ୍କ କାର୍ଯ୍ୟରେ ସହଯୋଗ ମନୋଭାବ ନେଇ କାମ କରିବା ଉଚିତ ବୋଲି ଏକମାତ୍ର ବିଧାୟକ କହିଛନ୍ତି।

# ଗ୍ଲୋରି ଫେଷ୍ଟରେ ଚମକିଲେ ବଲାଙ୍ଗୀର ଝିଅ

## ହାତେଇଲେ ଦ୍ୱିତୀୟ ସ୍ଥାନ, ସିନେମା ପ୍ରତି ଆଗ୍ରହୀ



**ବଲାଙ୍ଗୀର,୨୭।୨ (ସଂଚାର ବ୍ୟୁରୋ) :** ଜାତୀୟସ୍ତରୀୟ ଗ୍ଲୋରି ଫେଷ୍ଟ ପ୍ରତିଯୋଗିତାରେ ବଲାଙ୍ଗୀର ଝିଅ ଗୀତାଞ୍ଜଳି ମେହେର ଚମକପ୍ରଦ ସଫଳତା ପାଇଛନ୍ତି। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଉପାନ୍ତ ଅଞ୍ଚଳର ଗୀତାଞ୍ଜଳି ମଡେଲିଂ ଦୁନିଆରେ ପାଦ ଥାପିବା ପରେ ପ୍ରଥମ ପାହାଚରେ ସଫଳତା ସାଉଁଟିଛନ୍ତି। ଆଗକୁ ଜଣେ ସୁପର ମଡେଲ ହେବା ସହ ସିନେମାରେ କାମ କରିବାକୁ ତାଙ୍କର ଇଚ୍ଛା ରହିଛି ବୋଲି ଗୀତାଞ୍ଜଳି କହିବା ସହ ତାଙ୍କ ସଫଳତାରେ ପରିବାର ଲୋକେ ଖୁସି ପ୍ରକଟ କରିଛନ୍ତି।

ବଲାଙ୍ଗୀର ଜିଲ୍ଲା ଲାଠୋର ଗ୍ରାମର ପ୍ରେମାନନ୍ଦ ମେହେରଙ୍କ ଝିଅ ଗୀତାଞ୍ଜଳି ରାଜେନ୍ଦ୍ର ୟୁନିଭର୍ସିଟିରେ କମ୍ପ୍ୟୁଟର ସାଇନ୍ସ ବିଏସସି ପଢୁଛନ୍ତି। ଭଲ ପାଠପଢ଼ା ସାଙ୍ଗକୁ ତାଙ୍କର ମଡେଲିଂ ପ୍ରତି ରୁଚି ରହିଛି। ଏଥିପାଇଁ ସେ ଯଥେଷ୍ଟ ପରିଶ୍ରମ ବି କରିଛନ୍ତି। ଗତ ୧୪ରେ ପୁରୀରେ ଯୁବ ସମନ୍ୱୟ କେନ୍ଦ୍ର ପକ୍ଷରୁ ଜାତୀୟସ୍ତରୀୟ ଆନ୍ତଃମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କୁ ନେଇ ସୁନ୍ଦରୀ ପ୍ରତିଯୋଗିତା ଗ୍ଲୋରି ଫେଷ୍ଟ୍ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟର ପ୍ରତିଯୋଗୀଙ୍କୁ ଗୀତାଞ୍ଜଳି ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ଗ୍ଲୋରି କୁଇନ ରନର୍ସଅପ ଟାଇଟଲ ହାସଲ କରିଛନ୍ତି।

ନିଜ ପ୍ରତିକ୍ରିୟାରେ ଗୀତାଞ୍ଜଳି କହିଛନ୍ତି ଯେ ପୁରୀରେ ଆୟୋଜିତ ଗ୍ଲୋରି ଫେଷ୍ଟରେ ଦେଶର ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ଥିଲେ ହେଁ ସେମାନଙ୍କୁ ଟପି ସେ ଈପ୍‌ସିତ ସଫଳତା ପାଇଛନ୍ତି। ଏପରି ସଫଳତା ପାଇବାରେ ସେ ତାଙ୍କ ଅଞ୍ଚଳର ପ୍ରଥମ ମଡେଲ୍। ପିଲାଟି ଦିନରୁ ତାଙ୍କର ମଡେଲିଂ ପ୍ରତି ରୁଚି ଥିଲା। ତେବେ ପ୍ରଥମ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ପାଇବା ପରେ ସେ ଏ ଦିଗରେ ଆହୁରି ଆଗକୁ ଯିବା ସକାଶେ ପ୍ରଚେଷ୍ଟା ଜାରି ରଖିବେ ବୋଲି ଗୀତାଞ୍ଜଳି କହିବା ସହ ଆଗକୁ ମଡେଲିଂ ସହ ସିନେମା ଜଗତରେ ପ୍ରବେଶ କରିବେ ବୋଲି କହିଛନ୍ତି। ସେହିପରି ଗୀତାଞ୍ଜଳି ସଫଳତାରେ ତାଙ୍କ ପରିବାର ଲୋକଙ୍କ ବ୍ୟତୀତ ସ୍ଥାନୀୟ ଲୋକେ ବି ଖୁସି ପ୍ରକଟ କରିଛନ୍ତି। ଗୀତାଞ୍ଜଳିଙ୍କୁ ଶୁଭେଚ୍ଛା ଦେବା ସହ ବିଶିଷ୍ଟ ନୃତ୍ୟ ଗୁରୁ ତଥା କଳାକାର ସୁବଳ ମହାକୁଡ଼ ବଲାଙ୍ଗୀର ଜିଲ୍ଲାର ଉପାନ୍ତ ଅଞ୍ଚଳର ଜଣେ ଝିଅ ମଡେଲିଂରେ ପାଦ ଦେଇ ସଫଳତା ପାଇବା କିଛି କମ୍ ବଡ଼ କଥା ନୁହେଁ ବୋଲି କହିଛନ୍ତି। ଏପରି ସଫଳତାରେ ସେ ବେଶ୍ ଗର୍ବିତ। ଗୀତାଞ୍ଜଳି ତାଙ୍କ ଏକତା ଟିମ ସହ ଜଡ଼ିତ ରହିଆସିଛନ୍ତି। ତେଣୁ ତାଙ୍କ ସଫଳତାରେ ସମସ୍ତେ ଖୁସି ଅଛନ୍ତି ଓ ସେ ଆଗକୁ ସଫଳତା ପରେ ସଫଳତା ପାଇଚାଲନ୍ତୁ, ଏହା ସମସ୍ତଙ୍କର କାମନା ବୋଲି ଶ୍ରୀ ମହାକୁଡ଼ କହିଛନ୍ତି।

**● ଆଇସିସିଙ୍କ ବିରୋଧରେ ହୋମ୍‌ଗାର୍ଡଙ୍କୁ ନିର୍ଯାତନା ମାମଲା**

# ରଫାଦଫା ପାଇଁ ଯାଚିଥିଲେ ୨୫ ଲକ୍ଷ

**ଜଗତସିଂହପୁର,୨୭।୨(ସଂଚାର ବ୍ୟୁରୋ):** ଜଗତସିଂହପୁର ସଦର ଥାନା ମହିଳା ହୋମଗାର୍ଡଙ୍କ ସହ ବିବାହ ପ୍ରଲୋଭନ ଦେଇ ଶାରୀରିକ ସମ୍ପର୍କ ରଖିଥିଲେ ଆଇଆଇସି ତପନ ନାହାକ। କିନ୍ତୁ ପରେ ତାଙ୍କୁ ବିବାହ ନ କରି ଠକିଚାଲିଥିବାରୁ ଶେଷରେ ପୀଡ଼ିତା ଜଣଙ୍କ ଆଇନର ଆଶ୍ରୟ ନେଇଥିଲେ। ଏହି ମାମଲାରେ ପ୍ରଥମେ ଶ୍ରୀ ନାହାକଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ପରେ ଗତକାଲି ତାଙ୍କୁ ଗିରଫ କରାଯାଇଛି। ତେବେ ଏହି ମାମଲାରେ ଉକ୍ତ ମହିଳା ହୋମ୍‌ଗାର୍ଡଙ୍କୁ ମାମଲା ରଫାଦଫା କରିବା ସକାଶେ ଶ୍ରୀ ନାହାକ ଜନୈକ ବ୍ୟକ୍ତି ମାଧ୍ୟମରେ ତାଙ୍କୁ ୨୫ ଲକ୍ଷ ଟଙ୍କା ଯାଚିଥିବା ଅଭିଯୋଗ ହୋଇଛି। ନିଜେ ହୋମ୍‌ଗାର୍ଡ ଏହି ଅଭିଯୋଗ କରିବା ସହ ସେ ଓ ତାଙ୍କ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ ଗତକାଲି ଜଣେ ବ୍ୟକ୍ତି ତାଙ୍କୁ ଷ୍ଟାଡିୟମଙ୍କୁ ଡାକି ମାମଲା ରଫାଦଫା କରିବା ସକାଶେ ତାଙ୍କ ଉପରେ ଚାପ ପକାଇଥିଲେ। ତାଙ୍କୁ ଏହି ମାମଲାରେ ପଛକୁ ଫେରିଯିବା ସକାଶେ ଶ୍ରୀ ନାହାକ ୨୫ ଲକ୍ଷ ଟଙ୍କା ଦେବାକୁ ରାଜି ଥିବା ଉକ୍ତ ବ୍ୟକ୍ତି ତାଙ୍କୁ କହିଥିବା ପୀଡ଼ିତା କହିଛନ୍ତି। ଏପରିକି ତାଙ୍କୁ ମାମଲା ଦଫାରଫା ନକଲେ ଚାକିରିରୁ ହଟାଇ ଦିଆଯିବ ବୋଲି ମଧ୍ୟ ଉକ୍ତ ବ୍ୟକ୍ତି ତାଙ୍କୁ ଧମକ ଦେଇଥିଲେ। ନଚେତ୍ ତାଙ୍କ ପରିବାରକୁ ବି ସଫା କରିଦିଆଯିବ ବୋଲି ସେ ଧମକ ଦେଇଥିବା ନେଇ ସମ୍ପୃକ୍ତ ହୋମଗାର୍ଡ ଅଭିଯୋଗ କରିଛନ୍ତି। କିନ୍ତୁ ଏପରି ଅଭିଯୋଗକୁ ଜଗତସିଂହପୁର ଏସପି ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ଗିରଫ ପରେ କୋର୍ଟରେ ହାଜର ହୋଇଥିବା ଶ୍ରୀ ନାହାକଙ୍କ ଜାମିନ୍ ନାମଞ୍ଜୁର ହେବା ପରେ ସେ ଏବେ ଆଳିପିଙ୍ଗଳ ଜେଲରେ ଅଛନ୍ତି।

**● ସାଇବର ଠକଙ୍କ ଡିଜିଟାଲ୍ ଆରେଷ୍ଟ ଧମକ**

# ପୂର୍ବତନ ନୌସେନା ଅଧିକାରୀ ହରାଇଲେ ୧.୦୮ କୋଟି




**କଟକ,୨୭।୨(ସଂଚାର ବ୍ୟୁରୋ):** ସାମ୍ପ୍ରତିକ ସମୟରେ ସାଇବର୍ ଠକମାନେ ବିଭିନ୍ନ ଉପାୟରେ ଠକେଇ କରୁଥିବା ବେଳେ ଏବେ ଜଣେ ଭାରତୀୟ ନୌସେନାର ପୂର୍ବତନ ଅଧିକାରୀ ଏହାର ଶିକାର ହୋଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହରାଇଛନ୍ତି। ସାଇବର୍ ଠକମାନେ ତାଙ୍କୁ ଡିଜିଟାଲ୍ ଆରେଷ୍ଟ ଓ ଦିଲ୍ଲୀ ପୁଲିସ୍ ଦ୍ୱାରା ଗିରଫ ହେବାର ଭୟ ଦେଖାଇ ୧ କୋଟି ୮ ଲକ୍ଷ ଟଙ୍କା ଠକିନେଇଥିବା ଜଣାପଡ଼ିଛି। ସାଇବର ଠକମାନେ ଏହି ପୂର୍ବତନ ନୌସେନା ଅଧିକାରୀଙ୍କୁ ଫୋନ୍ ଟେଲିକମ୍ ରେଗୁଲେଟରୀ ଅଥରିଟି ଅଧିକାରୀର ପରିଚୟ ଦେବା ସହ ଦିଲ୍ଲୀ ପୁଲିସ୍‌ରେ ତାଙ୍କ ନାଁରେ ବଡ଼ ଧରଣର ଅନିୟମିତତା ନେଇ ମାମଲା ରହିଛି ବୋଲି କହିଥିଲେ। ତେଣୁ ଦିଲ୍ଲୀ ପୁଲିସ ଗିରଫ କରିବା ସକାଶେତାଙ୍କୁ ଖୋଜୁଛି ବୋଲି କହି ସାଇବର୍ ଠକମାନେ ଭୟ ଦେଖାଇଥିଲେ। ସେମାନେ କୌଶଳ କ୍ରମେ ନୌସେନା ଅଧିକାରୀଙ୍କ ଆକାଉଣ୍ଟରୁ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ନେଇଯାଇଥିଲେ। ଆକାଉଣ୍ଟ୍ ଖାଲି ହେବା ପରେ ଉକ୍ତ ନୌସେନା ଅଧିକାରୀ ଠକେଇର ଶିକାର ହୋଇଥିବା ଜାଣି କଟକ କ୍ରାଇମବ୍ରାଞ୍ଚ୍ ସାଇବର ଥାନାରେ ଏତଲା ଦେଇଛନ୍ତି। ତେବେ ଜଣେ ଉଚ୍ଚଶିକ୍ଷିତ ଅଧିକାରୀ ଏପରି ଠକେଇର ଶିକାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଖବରରୁ ପ୍ରକାଶ ଯେ ଗଞ୍ଜାମ ଜିଲ୍ଲା ବେଲଗାମ ଥାନା ସୂର୍ଯ୍ୟନାରାୟଣପୁର ଅଞ୍ଚଳରେ ରହୁଥିବା ନୌବାହିନୀର ଉକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ମୋବାଇଲ୍ ନମ୍ବରକୁ ଏକ ଅଜଣା ନମ୍ବରରୁ ଗତ ୧୩ ତାରିଖରେ କଲ୍ ଆସିଥିଲା। କଲ୍ କରିଥିବା ଅଜଣା ବ୍ୟକ୍ତି ନିଜକୁ ଟ୍ରାଇ ଅଧିକାରୀ ବୋଲି ପରିଚୟ ଦେଇଥିଲେ। ଦୁଇ ଘଣ୍ଟା ମଧ୍ୟରେ ମୋବାଇଲ୍ ନମ୍ବର ବ୍ଲକ୍ ହୋଇଯିବ ବୋଲି କହି ତାଙ୍କୁ ଡରାଇଥିଲେ। ତେଣୁ ଟ୍ରାଇର ଉଚ୍ଚପଦସ୍ଥ ଅଧିକାରୀଙ୍କ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ହେଲେ ମୋବାଇଲ୍‌ରେ ଥିବା ୧ ବଟମ୍ ଚିପିବାକୁ ଉକ୍ତ ସନ୍ଦିଗ୍ଧ କହିଥିଲା। ସେହିପରି ମୋବାଇଲ୍ ନମ୍ବରରେ ବେଆଇନ ଅର୍ଥ କାରବାର ମଧ୍ୟ ହୋଇଥିବା ସେ କହିଥିଲା। ତେଣୁ ତାଙ୍କୁ ଦିଲ୍ଲୀ ପୁଲିସ ଗିରଫ କରିବା ନିଶ୍ଚିତ ବୋଲି ସେ ଚେତାବନୀ ଦେବା ପରେ ପୂର୍ବତନ ନୌସେନା ଅଧିକାରୀ ଅକଳରେ ପଡ଼ିଯାଇଥିଲେ। ଠକଙ୍କ କଥାରେ ରାଜି ହୋଇ ନିଜ ଆକାଉଣ୍ଟ୍ ନମ୍ବର, ଏଟିଏମ୍ କାର୍ଡ ନମ୍ବର ଆଦି ହ୍ୱାଟସ୍‌ଆପ ମାଧ୍ୟମରେ ଠକଙ୍କ ସହ ଶେୟାର୍ କରିଥିଲେ। ହ୍ୱାଟସ୍ ଆପ୍‌ରେ ପୂର୍ବତନ ନୌସେନା ଅଧିକାରୀଙ୍କଠାରୁ ବ୍ୟାଙ୍କ ଆକାଉଣ୍ଟ୍ ନମ୍ବର ପାଇଯିବା ପରେ ଠକମାନେ ଉକ୍ତ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ବେଆଇନ୍ ଅର୍ଥ କାରବାର ହୋଇଛି ବୋଲି କହି ଭୟଭୀତ କରାଇଥିଲେ। ଅଭିଯୁକ୍ତ ଠକର ଏସବୁ କାରସାଦିକୁ ସହଜରେ ବୁଝିନପାରି ଗିରଫଦାରୀରୁ ବର୍ତ୍ତିବା ପାଇଁ ପୂର୍ବତନ ନୌସେନା ଅଧିକାରୀ ଆକାଉଣ୍ଟରୁ ପ୍ରଥମେ ୩୩ ଲକ୍ଷ, ପରେ ୪୫ ଲକ୍ଷ ଓ ୨୮ ଲକ୍ଷ ଏବଂ ଶେଷରେ ୨ ଲକ୍ଷ ଟଙ୍କା ପଠାଇଥିଲେ। ୧ କୋଟି ୮ ଲକ୍ଷ ଟଙ୍କା ନେଇସାରିବା ପରେ ଅଭିଯୁକ୍ତ ତା'ର ହ୍ୱାଟସ୍‌ଆପ୍ ନମ୍ବର ଅଫ୍ କରିଦେଇଥିଲା। ଟଙ୍କା ଦେଇସାରିବା ପରେ ଉକ୍ତ ନମ୍ବରକୁ ଯୋଗାଯୋଗ କରିବା ବେଳକୁ ନମ୍ବର ଆଉ ଲାଗିନଥିଲା। ତେଣୁ ଉକ୍ତ ପୂର୍ବତନ ନୌସେନା ଅଧିକାରୀ ସାଇବର୍ ଥାନାର ଆଶ୍ରୟ ନେଇଛନ୍ତି।

# ପଶୁପାଳନ ପାଇଁ ମାଗଣା ଟିକା



**ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ):** ପଶୁପାଳନ କ୍ଷେତ୍ରର ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ଆସନ୍ତା ୧ରୁ ପଶୁପାଳନ ପାଇଁ ମାଗଣାରେ ଚିକିତ୍ସା ଓ ଟୀକା ଯୋଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟବାସୀଙ୍କ ଅନୁରୋଧକୁ ସମ୍ମାନ ଜଣାଇ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ଗାଈ, ଛେଳି ଓ ମେଣ୍ଢା ଇତ୍ୟାଦି ପଶୁପାଳନ ପାଇଁ ଉପଭୋକ୍ତା ଫି' ଛାଡ଼ କରାଯାଇଛି। ଲୋକମାନେ ଆସନ୍ତା ୧ରୁ ଏହି ମାଗଣା ପଶୁପାଳନ ସୁବିଧା ପାଇବେ ବୋଲି ମତ୍ସ୍ୟ ଏବଂ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ଆମେ ମାଗଣା ସାର୍ବଜନୀନ ପଶୁପାଳନ ଯତ୍ନ ଓ ପଶୁପାଳନ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନେଇଛୁ। ମୁଁ ବିଶ୍ୱାସ କରୁଛି ଯେ ଏହି ନିଷ୍ପତ୍ତି ପଶୁପାଳନ ପ୍ରତି ଆଗ୍ରହୀ ଚାଷୀମାନଙ୍କ ପାଇଁ ନିଶ୍ଚିତ ଭାବେ ସହାୟକ ହେବ ବୋଲି ମନ୍ତ୍ରୀ ତାଙ୍କ ସୋସିଆଲ୍ ମିଡିଆ 'ଏକ୍ସ' ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି।

# ୩ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ):** ଆସନ୍ତା ୩ ତାରିଖ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆସନ୍ତାକାଲି ପୂର୍ବାହ୍ନ ୧୧ଟାଠାରୁ ଆରମ୍ଭ ହେବ ଓ ଏଥିରେ ସର୍ବାଧିକ ୧ ହଜାର ଅଭିଯୋଗ ପଞ୍ଜୀକରଣ ହୋଇପାରିବ। ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏଜି) ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନିଜ ନିଜର ଅଭିଯୋଗ ପଞ୍ଜିକରଣ କରିବା ସକାଶେ ଜନସାଧାରଣ ପୋର୍ଟାଲ https://janasunani.odisha.gov.in/ ଅଥବା ଜନଶୁଣାଣି ମୋବାଇଲ ଆପ୍‌ର ସହଯୋଗ ନେଇପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଓ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜ ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ବିଧାନସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବା କାରଣରୁ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିଥିଲା।

# ସିଏମ୍‌ସି ଜୈବ ବର୍ଜ୍ୟରୁ ପ୍ରସ୍ତୁତ ହେବ ଇନ୍ଧନ ଗ୍ୟାସ୍




**କଟକ,୨୭।୨ (ସଂଚାର ବ୍ୟୁରୋ):** କଟକ ମହାନଗର ନିଗମ(ସିଏମ୍‌ସି)ରେ ପରିମଳ ପରିଚାଳନା କ୍ଷେତ୍ରରେ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ମହାନଗର ନିଗମ ପରେ ଏବେ ସିଏମ୍‌ସିରେ ନିର୍ଗତ ହେଉଥିବା ଜୈବ ବର୍ଜ୍ୟବସ୍ତୁରୁ ଉତ୍ପନ୍ନ ହେବ ଇନ୍ଧନ ଗ୍ୟାସ୍। ସାଧାରଣ ଲୋକଙ୍କୁ ଏହି ଇନ୍ଧନ ଗ୍ୟାସ୍ ପ୍ରଦାନ କରାଯିବ। ଏଥିପାଇଁ ଜଗତପୁର ଅଞ୍ଚଳରେ ଏକ ବାୟୋ ମିଥାନେନ୍ ପ୍ଲାଣ୍ଟ୍ ପ୍ରତିଷ୍ଠା ହେବ। ଏହି ପ୍ଲାଣ୍ଟ୍ ନିର୍ମାଣ ପାଇଁ ଗତ ବଜେଟ୍‌ରେ ୩୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହା ପରିମଳ ପରିଚାଳନା କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଉଛି। ସିଏମ୍‌ସିରୁ ଏବେ ଦୈନିକ ୨୩୪.୨୫ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଛି। ସେଥିରେ ୧୧୯.୭୪ ମେଟ୍ରିକ୍ ଟନ୍ ଓଦା ଆବର୍ଜନା ତଥା ଜୈବ ଆବର୍ଜନା ଥିବା ବେଳେ ୧୧୪.୫୧ ମେଟ୍ରିକ୍ ଟନ୍ ଶୁଖିଲା ଅଳିଆ ରହିଛି। ତେବେ ସିଏମ୍‌ସିରୁ ବାହାରୁଥିବା ୨୩୪ ମେଟ୍ରିକ୍ ଟନ୍‌ରୁ ୧୫୦ ମେଟ୍ରିକ୍ ଟନ୍ ଆବର୍ଜନାର ପ୍ରକ୍ରିୟାକରଣ କରାଯାଉଥିବା ବେଳେ ଦୈନିକ ୮୪.୨୫ ମେଟ୍ରିକ୍ ଟନ୍ ଆବର୍ଜନା ଚକ୍ରଧରପୁରଠାରେ ଥିବା ଡମ୍ପିଂୟାର୍ଡରେ ଗଦା ହେଉଛି। ଏହା ମଧ୍ୟରେ ସହରରେ ଥିବା ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ ବନ୍ଦ ହେବା ପରିସ୍ଥିତିରେ। ତେଣୁ ସହରରୁ ନିର୍ଗତ ହେଉଥିବା ଆବର୍ଜନା ପରିମାଣ ଦିନକୁ ଦିନ ବଢୁଥିବାବେଳେ ଏହାକୁ ନଷ୍ଟ କରିବା ପାଇଁ ସିଏମ୍‌ସି ପାଇଁ ସବୁଠାରୁ ବଡ଼ ଆହ୍ୱାନ ହୋଇଛି। ଏଭଳି ସ୍ଥିତିରେ ସିଏମ୍‌ସି ପକ୍ଷରୁ ଜୈବ ଆବର୍ଜନାରୁ ଇନ୍ଧନ ଗ୍ୟାସ୍ ଉତ୍ପାଦନ ପାଇଁ ଯୋଜନା କରାଯାଇଛି। ଏଥିପାଇଁ ପ୍ରତିଷ୍ଠା ହେବାକୁ ଥିବା ପ୍ଲାଣ୍ଟ୍‌ରେ ପ୍ରଥମ ପର୍ଯ୍ୟାୟରେ ମିଥେନ୍ ଗ୍ୟାସ୍‌କୁ ରନ୍ଧନ କ୍ଷେତ୍ରରେ ବ୍ୟବହାର କରାଯିବ। ଏହାପରେ ପାୱାର୍ ପ୍ଲାଣ୍ଟ୍ ସ୍ଥାପନ କରାଯାଇ ସେଥିରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହେବା ନେଇ ସିଏମ୍‌ସି କର୍ତ୍ତୃପକ୍ଷ ଯୋଜନା କରିଛନ୍ତି। ଏହା ସିଏମ୍‌ସିର ରାଜସ୍ୱ ବୃଦ୍ଧି କରିବା ସହ ପରିବେଶ ସୁରକ୍ଷା ଦିଗରେ ଏହା ଯଥେଷ୍ଟ ସହଯୋଗ କରିବ।

# ଭୁବନେଶ୍ୱରରେ ସିରିଜ୍ ଦୁର୍ଘଟଣା

**ଭୁବନେଶ୍ୱର,୨୭।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ହୋଇଛି ସିରିଜ୍ ଦୁର୍ଘଟଣା। ଏହି ଅଘଟଣ ଦିନ ଦ୍ୱିପ୍ରହରରେ ଘଟିଛି। ଏଥିରେ ଗୋଟିଏ କାର୍ ସମେତ ଅନେକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଡମଣା ଛକ-ଶୈଳଶ୍ରୀ ବିହାର ରାସ୍ତାରେ ଏକ କାର ଏକାଧିକ ଗାଡ଼ିକୁ ଧକ୍କା ଦେଇଛି। ଏଥିରେ ୩/୪ଟି ବାଇକ୍ ଓ ଗୋଟିଏ କାର କ୍ଷତିଗ୍ରସ୍ତ ହୋଇଛି। କାର ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଦେଖି ପଦଯାତ୍ରୀମାନେ ଜୀବନ ବଞ୍ଚାଇବାକୁ ଦୌଡୁଥିବା ଦେଖିବାକୁ ମିଳିଥିଲା। ସୂଚନା ପାଇ ଚନ୍ଦ୍ରଶେଖରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କାର୍‌କୁ ଜବତ କରିବା ସମ୍ପୃକ୍ତ ଡ୍ରାଇଭର୍‌କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ତହସିଲରେ ଖାଲିପଡ଼ିଛି ୪ ହଜାର ପଦବୀ

**ଭୁବନେଶ୍ୱର,୨୭।୨ (ସଂଚାର ବ୍ୟୁରୋ):** ରାଜ୍ୟରେ କେମିତି ଚାଲିବ ତହସିଲ କାମ? ଖାଲିପଡ଼ିଛି ପାଖପାଖି ୪ ହଜାର ପଦବୀ। ସେଥରେ ୧୦୦୧ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ୧୫୬୯ ସହକାରୀ ରାଜସ୍ୱ ନିରୀକ୍ଷକ(ଏଆର୍‌ଆଇ) ଓ ୧୪୦୧ ଅମିନ ପଦବୀ ରହିଛି। ବିଶେଷକରି ଜମି ପଟ୍ଟାଠାରୁ ଆରମ୍ଭ କରି ଜାତି ପ୍ରମାଣପତ୍ର, ଆୟକର ପ୍ରମାଣପତ୍ର, ଚାଷ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ରାଜସ୍ୱ ଅଧିକାରୀଙ୍କ ଭୂମିକା ରହିଛି। କିନ୍ତୁ ଦୀର୍ଘଦିନ ଧରି ଏତେ ସଂଖ୍ୟକ ପଦବୀ ପୂରଣ ହେଉନଥିବାରୁ ସାଧାରଣଲୋକଙ୍କ ଉପରୋକ୍ତ ସେବା ଯୋଗାଣ ନେଇ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ରାଜ୍ୟର ୩୧୭ଟି ତହସିଲରେ ୨୭୧୧ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରହିଛି। ସେଥିରେ ମୋଟ ୩୬୬୫ ଆର୍‌ଆଇ, ୩୧୦୧ ଏଆର୍‌ଆଇ ଓ ୨୭୮୯ ଅମିନ ନିଯୁକ୍ତି ହେବା କଥା। ମାତ୍ର ସାରା ରାଜ୍ୟରେ ଏବେ ମୋଟ ୨୫୬୪ ଆର୍‌ଆଇ, ୧୫୩୨ ଏଆର୍‌ଆଇ ଓ ୧୩୮୮ ଅମିନ ଅଛନ୍ତି। କଟକ ଜିଲ୍ଲାରେ ସର୍ବାଧିକ ୮୨ ଆର୍‌ଆଇ ପଦବି ଖାଲି ପଡ଼ିଥିବାବେଳେ ୧୦୭ ଏଆର୍‌ଆଇ ଓ ୯୦ଟି ଅମିନ ପଦବି ଖାଲିପଡ଼ିଛି। ଗଞ୍ଜାମ ଜିଲ୍ଲାରେ ୭୩ ଆର୍‌ଆଇ, ୧୨୩ ଏଆର୍‌ଆଇ ଓ ୧୪୩ଟି ଅମିନ ପଦବି ଖାଲି ପଡ଼ିଥିବା ବେଳେ ବଲାଙ୍ଗିରରେ ୬୬ ଆର୍‌ଆଇ, ୪୭ ଏଆର୍‌ଆଇ ଓ ୬୬ଟି ଅମିନ ପଦବୀ ଖାଲି ପଡ଼ିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ବିଶେଷ କରି ୫୫୯ଟି ଆର୍‌ଆଇ, ୮୨୭ ଏଆର୍‌ଆଇ ଓ ୬୮୬ଟି ଅମିନ ପଦବୀ ପୂରଣ ପାଇଁ ଲିଖିତ ପରୀକ୍ଷା ହୋଇଛି। ଆଗାମୀ ଦିନରେ ୨୯୬ ଆର୍‌ଆଇ, ୫୭୨ ଏଆର୍‌ଆଇ ଓ ୫୪୬ ଅମିନ ନିଯୁକ୍ତ ହେବେ। ଏହି ପଦବୀଗୁଡ଼ିକୁ ପୂରଣ କରିବାକୁ ଓଏସ୍‌ଏସ୍‌ଏସ୍‌ସିକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଖାଲି ପଡ଼ିଥିବା ଅବଶିଷ୍ଟ ପଦବୀଗୁଡ଼ିକୁ ଉଭୟ ଚୟନ ପ୍ରକ୍ରିୟା ଓ ପଦୋନ୍ନତି ଭିତ୍ତିରେ ପୂରଣ କରିବା ସକାଶେ ସରକାର ପଦକ୍ଷେପ ନେଉଥିବା ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି ।

**● ମାସେ କାଳ ଟ୍ରାକିଂ ପରେ ବନ ବିଭାଗକୁ ବଡ଼ ସଫଳତା**

# ୬ ଆନ୍ତଃଜିଲା ଶିକାରୀ ଗିରଫ




**ବଣାଇଁ,୨୭।୨(ସଂଚାର ବ୍ୟୁରୋ):** ଦୀର୍ଘଦିନ ଧରି ବଣାଇଁ ବନଖଣ୍ଡ ଅଞ୍ଚଳରେ ସକ୍ରିୟ ଥିବା ଶିକାରୀଙ୍କ ଉପରେ ବିଭାଗ ଟ୍ରାକିଂ ଜାରି ରଖି ଶେଷରେ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ପ୍ରାୟ ଦେଢ଼ ମାସ ହେବ ବଣାଇଁ ବନଖଣ୍ଡ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାରୀଙ୍କ ଗତିବିଧି ବୃଦ୍ଧି ପାଉଥିବା କାରଣରୁ ବିଭାଗ ସେମାନଙ୍କୁ ଧରିବା ସକାଶେ ପ୍ରାୟ ମାସେ ଧରି ଟ୍ରାକିଂ ଚଳାଇଥିଲା। ତେବେ ଆଜି ୬ ଜଣ ଆନ୍ତଃଜିଲ୍ଲା ଶିକାରୀଙ୍କୁ ଗିରଫ କରି ବନ ବିଭାଗ ବଡ଼ ଧରଣର ସଫଳତା ହାସଲ କରିଛି। ଉକ୍ତ ଶିକାରୀମାନଙ୍କଠାରୁ ବ୍ୟାପକ ମାତ୍ରାରେ ଅସ୍ତ୍ରଶସ୍ତ୍ର ଓ ବିଭିନ୍ନ ଜୀବଜନ୍ତୁଙ୍କ ଚମଡ଼ା ମଧ୍ୟ ଜବତ କରାଯାଇଥିବା ଜଣାପଡ଼ିଛି।

ସୁ-ସମନ୍ୱିତ ସନ୍ଧାନ କ୍ରମେ ଆଜି ସକାଳେ ବନଖଣ୍ଡର ବଣାଇଁ ବନାଞ୍ଚଳ ଅଧିକାରୀ ଦେବାଶିଷ ନାଏକ, ଜର୍ଡା ବନାଞ୍ଚଳ ଅଧିକାରୀ କୈଳାଶ କିଷାନଙ୍କ ନେତୃତ୍ୱରେ ଏକ ୩୫ଜଣିଆ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ସେମାନେ ପୃଥକ୍ ସ୍ଥାନରୁ ୫ଟି ଦେଶୀ ବନ୍ଧୁକ, ୨ଟି ମାଙ୍କଡ଼ ଚମଡ଼ା, ୨ଟି କୁଟୁରା ଶିଙ୍ଗ, ଶିକାର ଫାଶ, ୮ଟି ଧନୁତୀର, ବ୍ୟାପକ ପରିମାଣର ବାରୁଦ, ଜୀବନ୍ତ ଗୁଳି, ମୟୂର ପୁଚ୍ଛ, ଝିଙ୍କ କାଠି, ୨ଟି ମୋବାଇଲ, ଓ ଗୋଟିଏ ବାଇକ ଜବତ କରାଯାଇଛି। ଏହି ଶିକାରରେ ସମ୍ପୃକ୍ତ ତଥା ପୁଣି ଶିକାର ପାଇଁ ଯୋଜନା ଚଳାଇଥିବା ଥିବା ୬ ଜଣଙ୍କୁ ବନ ବିଭାଗର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗିରଫ କରିଛି। ଗିରଫ ଶିକାରୀମାନେ ରାଜକୁମାର ପ୍ରଧାନ, ରମଣୀ ରଞ୍ଜନ ପାତ୍ର, ଶରତ ନାଏକ, ଭୀମ କିଷାନ, ନାରାୟଣ ହସ୍ତୀ ଓ ବିଶ୍ୱନାଥ ହସ୍ତୀ ବୋଲି ଜଣାପଡ଼ିଛି। ଏମାନଙ୍କ ଘର ସୁନ୍ଦରଗଡ଼ ଜିଲାର ଜର୍ଡା, ସୋଲ ସମେତ ସମ୍ବଲପୁର ଜିଲ୍ଲାର କେତେକ ଅଞ୍ଚଳରେ ବୋଲି ବନ ବିଭାଗ ପକ୍ଷରୁ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବଣାଇଁ ଡିଏଫଓ ଲଳିତ କୁମାର ପାତ୍ର ସମ୍ପୃକ୍ତ ଶିକାରୀମାନେ ଆନ୍ତଃଜିଲା ଅପରାଧୀ ଓ ଆଗକୁ ଆହୁରି ଅନେକ ଘଟଣାରେ ବନ ବିଭାଗକୁ ସଫଳତା ମିଳିବ ବୋଲି କହିବା ସହ ଗିରଫ ୬ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା କହିଛନ୍ତି।

# ସୌର ଶକ୍ତି, ୩ ଲକ୍ଷ ସଂଯୋଗ ଲକ୍ଷ୍ୟ



**ଭୁବନେଶ୍ୱର,୨୭।୨:** ଆସନ୍ତା ଦୁଇ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ରାଜ୍ୟରେ ୩ ଲକ୍ଷ ସୌର ପ୍ୟାନେଲ ସଂଯୋଗ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆବେଦନକାରୀଙ୍କ ସଂଖ୍ୟା ୯୦ ହଜାର ଛୁଇଁଲାଣି। ତେବେ ଆବେଦନକାରୀଙ୍କ ମଧ୍ୟରୁ ପ୍ୟାନେଲ୍ ସଂଯୋଗ ନେଇଥିବା ହିତାଧିକାରୀଙ୍କ ସଂଖ୍ୟା ୫ ପ୍ରତିଶତ ବି ହୋଇପାରିନାହିଁ।

ଅକ୍ଷୟ ଶକ୍ତି ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେବା ସହ ସରକାରୀ ଦପ୍ତର, ବିଭିନ୍ନ ସଂସ୍ଥା ଓ ସାଧାରଣ ଲୋକେ ଯେଭଳି ସୌରଶକ୍ତିର ବ୍ୟବହାର କରିବେ, ତାହା ଉପରେ ବି ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଆକର୍ଷଣୀୟ ସବସିଡି ପ୍ରଦାନ କରାଯାଉଛି। ପୌରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଇଁ ଏହି ସବସିଡି ପରିମାଣ ଅଧିକ ରହିଥିବା ବେଳେ ପୌରସଂସ୍ଥାଗୁଡ଼ିକ ସ୍ୱତନ୍ତ୍ର ସବସିଡି ଯୋଗାଇ ଦେଉଛନ୍ତି।

ତେବେ ମିଳିଥିବା ସୂଚନାନୁଯାୟୀ, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୦ ହଜାରରୁ ଅଧିକ ଲୋକେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆବେଦନ କରିଛନ୍ତି। କିନ୍ତୁ ପାଖାପାଖି ଅଢେଇ ହଜାର ଲୋକଙ୍କ ଘରେ ସୌର ପ୍ୟାନେଲ ଲଗାଯାଇଛି। ଆବେଦନ କରୁଥିବା ଲୋକଙ୍କ ମଧ୍ୟରୁ ପ୍ୟାନେଲ ସଂଯୋଗ କରିଥିବା ଲୋକଙ୍କ ସଂଖ୍ୟା ପାଖାପାଖି ଅଢ଼େଇ ହଜାର ରହିଛି।

ସେହିପରି ସବୁଠାରୁ ଅଧିକ ଲୋକେ ଆବେଦନ କରିଛନ୍ତି ଭଦ୍ରକ ଜିଲ୍ଲାରେ। ଜିଲ୍ଲାରେ ଆବେଦନକାରୀଙ୍କ ସଂଖ୍ୟା ୧୭ ହଜାର ଟପିଥିବାବେଳେ ଗଞ୍ଜାମରେ ୧୩ ହଜାରରୁ ଅଧିକ ଲୋକ ଆବେଦନ କରିଛନ୍ତି। ଅନ୍ୟ ଜିଲ୍ଲା ମଧ୍ୟରେ ବାଲେଶ୍ୱରରେ ୯୬୩୨, ଖୋର୍ଦ୍ଧାରେ ୪୬୨୨, ଜଗତ୍‌ସିଂହପୁରରେ ୪୪୯୪, ବରଗଡ଼ରେ ୩ ହଜାର, ଯାଜପୁରରେ ୩୮୨୧, କଟକରେ ୩୬୪୪, ମୟୂରଭଞ୍ଜରେ ୨୫୯୦, କେନ୍ଦ୍ରାପଡ଼ାରେ ୨୩୧୩ ଜଣ ଆବେଦନ କରିଛନ୍ତି। ସବୁଠାରୁ କମ୍ ଆବେଦନକାରୀ ଦେବଗଡ଼ରେ ଥିବା ବେଳେ ଏହି ସଂଖ୍ୟା ମାତ୍ର ୩୦୬ ରହିଛି।

ତେବେ ସୌରଶକ୍ତି ପ୍ୟାନେଲ ସଂଯୋଗ କରିଥିବା ଜିଲ୍ଲା ମଧ୍ୟରେ ସବୁଠାରୁ ଆଗରେ ରହିଛି ଖୋର୍ଦ୍ଧା। ଏହି ଜିଲ୍ଲାରେ ୯୩୧ ଜଣଙ୍କ ଘରେ ସୌରଶକ୍ତି ପ୍ୟାନେଲ ଖଞ୍ଜାଯାଇ ସାରିଥିବା ବେଳେ କଟକରେ ୧୯୧, ସୁନ୍ଦରଗଡରେ ୧୪୮ ଜଣଙ୍କର ସଂଯୋଗ ହୋଇଛି। ନବରଙ୍ଗପୁର ଜିଲ୍ଲାରେ ୧୮୨୦ ଜଣ ଆବେଦନକାରୀଙ୍କ ମଧ୍ୟରୁ ଜଣଙ୍କର ହେଲେ ବି ସଂଯୋଗ ହୋଇନଥିବାବେଳେ କନ୍ଧମାଳରେ ୧, ମାଲକାନଗିରିରେ ୨, ବୌଦ୍ଧରେ ୫, ରାୟଗଡାରେ ୬ ଓ ଗଜପତିରେ ୭ ଜଣ ସଂଯୋଗ ନେଇଛନ୍ତି।

ତେବେ ଖୋର୍ଦ୍ଧା ଜିଲ୍ଲା ଏ କ୍ଷେତ୍ରରେ ଆଗରେ ରହିଥିବା ବେଳେ ଭୁବନେଶ୍ୱର ସହରରେ ସରକାରୀ କ୍ୱାର୍ଟର୍ସ ପାଇଁ କିନ୍ତୁ ସବସିଡି ସଂଯୋଗ ବ୍ୟବସ୍ଥା ନାହିଁ। ଏହା ହୋଇଥିଲେ ସଂଯୋଗ ସଂଖ୍ୟା ଢେର ଅଧିକ ହୋଇଥାନ୍ତା। ତେଣୁ ସରକାରୀ କୋଠା ଭଳି ସରକାରୀ କ୍ୱାର୍ଟର୍ସଗୁଡିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଏବଂ ତଦନୁଯାୟୀ ସେହିଘରେ ରହୁଥିବା ଲୋକଙ୍କଠାରୁ ଅର୍ଥ ଆଦାୟ ପାଇଁ ମତ ପ୍ରକାଶ ପାଉଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ଦର

ଦିନକୁ ଦିନ ନୂଆ ରେକର୍ଡ ଛୁଇଁ ଚାଲିଛି ସୁନା ଦର। କିନ୍ତୁ ଆଜି ସୁନା ମୂଲ୍ୟରେ କିଛି ପରିବର୍ତ୍ତନ ଆସିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୩୮୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦ ହଜାର ୧୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୧୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୩୮୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୧୦୦ ଟଙ୍କା ଓ ୮୭,୩୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୨୫୦ ଟଙ୍କା ଓ ୮୭, ୫୩୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୧୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୩୮୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୧୦୦ ଓ ୮୭,୩୮୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୮,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# ବଜାରକୁ ଆସିଲା ୪-ସିଟର ଇଲେକ୍ଟ୍ରିକ୍ କାର ଏମଜି କମେଟ ଇଭି

**ନୂଆଦିଲ୍ଲୀ, ୨୭।୨:** ଦେଶର ସବୁଠାରୁ ଶସ୍ତା ୪-ସିଟ୍ ଇଲେକ୍ଟ୍ରିକ୍ କାର୍ ଏମଜି କମେଟର ବ୍ଲାକଷ୍ଟର୍ମ ଭର୍ସନ ବଜାରକୁ ଆସିଛି। ଏହି ନୂଆ ଭ୍ୟାରିଆଣ୍ଟର ଏକ୍ସ-ସୋରୁମ୍ ପ୍ରାଇସ୍ ୭.୮୦ ଲକ୍ଷ ଟଙ୍କା। ଏହା ସହିତ ଏହି ଇଭି ରେ ବ୍ୟାଟେରୀ ପ୍ରତି କିଲୋମିଟର ପାଇଁ ୨.୫୦ ଟଙ୍କା ଭଡାରେ ଉପଲବ୍ଧ। କମେଟ ଇଭିର ଏହି ନୂଆ ଭର୍ସନଟି ସହରରେ ଚଳାଉଥିବା ଇଲେକ୍ଟ୍ରିକ୍ କାରର ଟପ୍ ଏକ୍ସକ୍ଲୁସିଭ୍ ଭ୍ୟାରିଆଣ୍ଟ ଉପରେ ବେସ୍ଡ। ଏହି ଗାଡ଼ିର ଏକ୍ସଟେରିୟର ଏବଂ ଇଣ୍ଟେରିୟରକୁ ବ୍ଲାକ୍ ଥିମ୍ ଦିଆଯାଇଛି ଏବଂ ଏହାକୁ ରେଡ୍ ଆସେଣ୍ଟସ୍ ସହିତ ଡିଜାଇନ୍ କରାଯାଇଛି। ଏମଜି କମେଟ ଇଭିର ବୁକିଂ ଆମାଉଣ୍ଟ ୧୧ ହଜାର ଟଙ୍କା ରହିଛି। ବାସ୍ ସର୍ଭିସ୍ ବିନା ଏମଜି ମୋଟର୍ସ କମେଟ ଇଭିର ବ୍ଲାକଷ୍ଟର୍ମ ଭର୍ସନ ମୂଲ୍ୟ ପ୍ରକାଶ କରିନାହିଁ। ଏହି କାରର ରେଗୁଲାର୍ କୋମେଟ୍ ଏକ୍ସକ୍ଲୁସିଭ୍ ଭ୍ୟାରିଆଣ୍ଟର ମୂଲ୍ୟ ୭.୫୦ ଲକ୍ଷ ଟଙ୍କା ଏବଂ ବାସ୍ ସର୍ଭିସ୍ ସହିତ ଏହି ଭ୍ୟାରିଆଣ୍ଟ ପାଇଁ ପ୍ରତି କିଲୋମିଟରରେ ୨.୫୦ ଟଙ୍କା ହାରରେ ବ୍ୟାଟେରୀ ଭଡା ମଧ ଉପଲବ୍ଧ। ଏମଜି କମେଟ ଇଭି ର ଏହି ବ୍ଲାକଷ୍ଟର୍ମ




ଏଡିସନଟି ମେକାନିକାଲ୍ ଷ୍ଟାଣ୍ଡାର୍ଡ ମୋଡ୍ ସହିତ ସମାନ। ଏହି କାଫିରେ ୧୭.୩ କେଡବ୍ଲ୍ୟୁର ବ୍ୟାଟେରୀ ପ୍ୟାକ୍ ମିଳିଥାଏ। ଏହି ଇଭି ରେ ଥିବା ଇଲେକ୍ଟ୍ରିକ୍ ମୋଟର ୪୨ ଏଚପିର ପାୱାର ମିଳିଥାଏ ଏବଂ ୧୧୦ ଏନଏମର ଟର୍କ ଜେନେରେଟ୍ ହୋଇଥାଏ। ଏମଜି ମୋଟର୍ସର ଏହି ଇଲେକ୍ଟ୍ରିକ୍ କାରର ଏମଆଇଡିସି ରେଞ୍ଜ ୨୩୦ କିଲୋମିଟର ରହିଛି। ଏମଜିର ଏହା ହେଉଛି ପ୍ରଥମ ଇଲେକ୍ଟ୍ରିକ୍ କାର୍, ଯାହାକୁ ବ୍ଲାକଷ୍ଟର୍ମ ଏଡିସନ୍ ସହିତ ଲଞ୍ଚ କରାଯାଇଛି। ଏହା ବ୍ୟତୀତ, ଏମଜିର ସମସ୍ତ ଆଇସିଇ ପାବର୍ଡ ମଡେଲ୍ସର ବ୍ଲାକଷ୍ଟର୍ମ ଭର୍ସନ ପୂର୍ବରୁ ଲଞ୍ଚ ହୋଇସାରିଛି।

କମେଟ ଇଭିର ବ୍ଲାକଷ୍ଟର୍ମ ଏଡିସନରେ ଡୁଆଲ୍ ୧୦.୨୫ ଇଞ୍ଚର ସ୍କ୍ରିନ୍ ଦିଆଯାଇଛି, ଯେଉଁଥିରେ ଏକ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଏବଂ ଅନ୍ୟଟି ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ ପାଇଁ ରହିଛି। ଏହି ଗାଡ଼ିରେ ୱାୟରଲେସ୍ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ କାରପ୍ଲେର ଫିଚର୍ସ ଦିଆଯାଇଛି। ଗାଡ଼ିରେ କନେକ୍ଟେଡ୍ କାର୍ ଫିଚର୍ସ ମଧ ସାମିଲ ଅଛି। ଏହି କାରରେ ରିୟର ପାର୍କିଂ କ୍ୟାମେରା ଏବଂ ସେଫ୍ଟି ପାଇଁ ଡୁଆଲ୍ ଏୟାରବ୍ୟାଗ୍ ଦିଆଯାଇଛି।

## କେସ୍ ଲଢ଼ିବାରେ ୪୦୦ କୋଟି ଖର୍ଚ୍ଚ କେନ୍ଦ୍ର ବିରୋଧରେ ୭ ଲକ୍ଷ ମାମଲା



**ନୂଆଦିଲ୍ଲୀ, ୨୭।୨:** ବିଭିନ୍ନ କୋର୍ଟରେ କେସ୍ ଲଢ଼ିବାରେ ଗତ ୧୦ ବର୍ଷରେ କେନ୍ଦ୍ର ସରକାର ୪୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିଛନ୍ତି। କେବଳ ୨୦୨୩-୨୪ରେ ସେ ବାବଦରେ ୬୬ କୋଟି ଟଙ୍କା ବ୍ୟୟ କରାଯାଇଥିଲା ଯାହା ପୂର୍ବବର୍ଷ ତୁଳନାରେ ୯ କୋଟି ଟଙ୍କା ଅଧିକ ଥିଲା। ୨୦୧୪-୧୫ ପରଠାରୁ କେସ୍ ଲଢ଼ିବା ଖର୍ଚ୍ଚ ବଢ଼ିବାରେ ଲାଗିଛି। କୋଭିଡ୍ ମହାମାରୀ ଦ୍ୱାରା ପ୍ରଭାବିତ ଦୁଇ ଆର୍ଥିକ ବର୍ଷକୁ ବାଦ ଦେଲେ ଅନ୍ୟ ସବୁ ବର୍ଷ ଏହି ଖର୍ଚ୍ଚ ବଢ଼ିଛି। ଲୋକସଭାରେ ସରକାର ଦେଇଥିବା ସୂଚନା ଅନୁସାରେ ୨୦୧୪-୧୫ରେ ବାଦବିବାଦ ତୁଟାଇବା ଲାଗି କେସ୍ ଲଢ଼ିବାରେ ୨୬.୬୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୧୫-୧୬ରେ ସେହି ଖର୍ଚ୍ଚ ୩୭.୪୩ କୋଟି ଟଙ୍କା ଥିଲା। ୨୦୧୪-୧୫ରୁ ୨୦୨୩-୨୪ ମଧ୍ୟରେ ସରକାର ବିବାଦ ତୁଟାଇବା ଲାଗି ୪୦୯ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ଆଇନ ମନ୍ତ୍ରଣାଳୟ ରାଜ୍ୟସଭାକୁ ଦେଇଥିବା ତଥ୍ୟ ଅନୁସାରେ କେନ୍ଦ୍ର ସରକାରଙ୍କ ବିରୋଧରେ ପାଖାପାଖି ୭ ଲକ୍ଷ ମାମଲା ରହିଛି। ସେଥିରୁ ପ୍ରାୟ ୨ ଲକ୍ଷ ମାମଲା ଅର୍ଥ ମନ୍ତ୍ରଣାଳୟ ବିରୋଧରେ ରହିଛି। କେସ୍‌ଗୁଡ଼ିକର ତ୍ୱରିତ ସମାଧାନ ଲାଗି ଏକ ଜାତୀୟ ବିବାଦ ସମାଧାନ ନୀତି ଆଣିବା ଉପରେ ସରକାର ବିଚାର କରୁଛନ୍ତି। ତାହାର ଚିଠା ପ୍ରସ୍ତୁତ କରାଯାଉଛି, ଯାହାକୁ କ୍ୟାବିନେଟ୍ ବୈଠକରେ ଉପସ୍ଥାପନ କରାଯିବ। ଏହି ଚିଠାରେ ଅନେକ ବର୍ଷ ଧରି ବାରମ୍ବାର ପରିବର୍ତ୍ତନ କରାଯାଇଛି।

## ବ୍ରିଟେନ୍ ପରେ ୟୁରୋପୀୟ ସଂଘ ସହ ଆଲୋଚନା: ଫୋକସ୍‌ରେ କାର୍, ମଦ ଟିକସ

**ନୂଆଦିଲ୍ଲୀ, ୨୭।୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଚଳିତ ବର୍ଷ ଏପ୍ରିଲ୍‌ରୁ ପାଲଟା ଶୁଳ୍କ ଲଗାଇବା ଧମକ ଦେବା ପରେ ଭାରତ ସରକାର ଅଧା ବାଟରେ ଅଟକି ଥିବା ମୁକ୍ତ ବାଣିଜ୍ୟ ରାଜିନାମାଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏହି ମର୍ମରେ ବ୍ରିଟେନ୍ ସରକାରଙ୍କ ସହ କଥାବାର୍ତ୍ତା ଆରମ୍ଭ ହୋଇଯାଇଛି। ୧୦ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ କାରବାରକୁ ଦ୍ୱିଗୁଣିତ କରିବାକୁ ଉଭୟ ଦେଶ ରାଜି ହୋଇଛନ୍ତି। ଆସନ୍ତାକାଲିଠାରୁ ୟୁରୋପୀୟ ସଂଘ (ଇୟୁ) ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବାକୁ ଯାଉଛି। ୟୁରୋପର କାର୍ ଓ ମଦ ଉପରୁ ଭାରତ ଟିକସ କମ୍ କରୁ ବୋଲି ଇୟୁ ଚାହୁଁଛି।

ଗୁରୁବାରଠାରୁ ୟୁରୋପୀୟ କମିସନର ସଭାପତି ଉର୍ସୁଲା ଭନ୍ ଡେ ଲିୟେନ୍ ଦୁଇଦିନିଆ ଭାରତ ଗସ୍ତରେ ଆସିବେ। ତାଙ୍କ ସହିତ ସଂଘର ବିଭିନ୍ନ ସଦସ୍ୟ ରାଷ୍ଟ୍ରର ପ୍ରତିନିଧି ମଧ ଆସିବେ। ଉଭୟ ପକ୍ଷ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କିଭଳି ସହଯୋଗିତାକୁ ଆହୁରି ମଜଭୁତ କରାଯାଇପାରିବ, ତାହା ଉପରେ ଆଲୋଚନା କରିବେ। ଲିୟେନ୍ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବେ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସହ ମଧ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଭାରତରେ ଆଲୋଚନା ସରିବା ପରେ ମାର୍ଚ୍ଚ ୧୦-୧୪ ପର୍ଯ୍ୟନ୍ତ ବ୍ରସେଲ୍‌ସରେ ଆଉ ଏକ ପର୍ଯ୍ୟାୟ ଆଲୋଚନା



ହେବ। ଭାରତ ବିପୁଳ ପରିମାଣର ସାମଗ୍ରୀ ୟୁରୋପରୁ ମଗାଉଛି। ୨୦୨୪ରେ ଏହା ୧୨୬୦୦ କୋଟି ଡଲାରର ଜିନିଷ ମଗାଇଥିଲା। ଭାରତ ସହିତ ସହଯୋଗିତା ବଢ଼ାଇ ୟୁରୋପୀୟ ସଂଘ ଚୀନ୍ ଉପରେ ଥିବା ନିର୍ଭରଶୀଳତା କମ୍ କରିବାକୁ ଚାହୁଁଛି। ସାଇବର ନିରାପତ୍ତା ଓ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ନଜର ରଖିବା ଲାଗି ମଧ ଉଭୟ ପକ୍ଷ ସହଯୋଗିତା କରିବା ଉପରେ ବିଚାର କରୁଛନ୍ତି। ପ୍ରତିରକ୍ଷା ଉପକରଣ କାରବାର ମଧ ଆଲୋଚନାର ଏକ ଅଂଶ ଥିବା କୁହାଯାଉଛି।

## ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରି ଠକେଇ କରିବା ସାଇବର ଲୁଟେରାଙ୍କ ନୂଆ ଚାଲ୍

ନୂଆଦିଲ୍ଲୀ, ୨୭।୨: ସାଇବର ଅପରାଧୀଙ୍କ ବଡ଼ ଚାଲ। ଲୋକଙ୍କୁ ଲୁଟିବାକୁ ସରକାରଙ୍କ କାନ୍ଧରେ ପିସ୍ତଲ ରଖି ଗୁଳି ଚଳାଉଛନ୍ତି ଠକ। ସରକାର ଗରିବଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି। ଅର୍ଥ ମନ୍ତ୍ରଣାଳୟ ଗରିବଙ୍କୁ ୪୬ହଜାର ୭୧୦ ଟଙ୍କା ଦେଉଛନ୍ତି। ଯଦି ଆପଣଙ୍କ ହ୍ୱାଟ୍ସଆପକୁ ବି ଏଭଳି ମେସେଜ୍ ଆସୁଛି ତେବେ ସାବଧାନ। ହ୍ୱାଟ୍ସଆପ୍‌ରେ ଏମିତି ମେସେଜ୍ ଆସିଲେ ଭୁଲରେ ବି କ୍ଲିକ୍ କରନ୍ତୁ ନାହିଁ। ନହେଲେ ଚୁଟ୍‌କିରେ ଉଡ଼ିଯିବ ସବୁତକ ଟଙ୍କା। ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରି ଠକେଇ କରିବାର ନୂଆ ଜାଲ ବିଛାଇଛନ୍ତି ସାଇବର ଲୁଟେରା। ସରକାର ଏନେଇ ସତର୍କ ସୂଚନା ଜାରି କରିଛନ୍ତି। ଲୋକଙ୍କୁ ଠକିବାକୁ ପ୍ରତିଦିନ ନୂଆ ନୂଆ ଚାଲ୍ ବିଛାଉଥିବା ସାଇବର୍ ଠକ ଏବେ ଲୋକଙ୍କୁ ଫସାଇବା ପାଇଁ ସରକାରୀ ଯୋଜନାର ଲୋଭ ଦେଖାଉଛନ୍ତି। ଲୋକଙ୍କୁ ସରକାରୀ ସହାୟତା ଦେବା ବାହାନାରେ ଲୋକଙ୍କଠୁ ବ୍ୟକ୍ତିଗତ ତଥ୍ୟ ହାସଲ କରୁଛନ୍ତି ଏବଂ ଟଙ୍କା ଠକି ନେଉଛନ୍ତି। ଯାହାକୁ ନେଇ ସରକାରଙ୍କ ତରଫରୁ ଲୋକଙ୍କୁ ସଚେତନ କରାଯାଇଛି। ପ୍ରେସ୍ ଇନଫରମେସନ୍ ବ୍ୟୁରୋ ଏହିପରି କିଛି ମେସେଜର ସ୍କ୍ରିନସଟ୍ ନେଇ ଟ୍ୱିଟ୍ କରି ଲୋକଙ୍କୁ ସଚେତନ କରିଛନ୍ତି। ସରକାରଙ୍କ ତରଫରୁ ଏପରି କୌଣସି ଯୋଜନା ପ୍ରଣୟନ କରାଯାଇନାହିଁ ବୋଲି ଦାବିକୁ ଖଣ୍ଡନ କରିବା ସହ ଟ୍ୱିଟ୍ କରି ଲୋକଙ୍କୁ ସଚେତନ କରାଯାଇଛି। ସରକାର କହିଛନ୍ତି ଯେ, ଗରିବଙ୍କ ପାଇଁ ଆର୍ଥିକ ସହାୟତା ଦାବି କରି ହ୍ୱାଟ୍ସଆପରେ ଏକ ଲିଙ୍କ ସହିତ ଏକ ବାର୍ତ୍ତା ପଠାଯାଉଛି। ଏହା ବ୍ୟତୀତ, ମେସେଜ୍ ପଢ଼ୁଥିବା ବ୍ୟକ୍ତିଙ୍କ ବ୍ୟକ୍ତିଗତ ବିବରଣୀ ପଚରାଯାଉଛି। ଏହି ମେସେଜ୍ ସମ୍ପୂର୍ଣ୍ଣ ନକଲି। ଅର୍ଥ ମନ୍ତ୍ରଣାଳୟ ଏପରି କୌଣସି ଯୋଜନା ଘୋଷଣା କରିନାହିଁ। ହ୍ୱାଟ୍ସଆପ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏପରି ନକଲି ମେସେଜର ବନ୍ୟା ଆସିଛି। ଏପରି ମେସେଜ୍ ସମୟ ସମୟରେ ଭାଇରାଲ୍ ହୁଏ ଏବଂ ଅନେକ ଲୋକ ଏହାକୁ ବିଶ୍ୱାସ କରନ୍ତି ଏବଂ ନିଜକୁ କ୍ଷତି ପହଞ୍ଚାନ୍ତି। ନିକଟରେ, ସମାନ ପ୍ରକାରର ଆଉ ଏକ ବାର୍ତ୍ତା ଭାଇରାଲ ହୋଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ୭୫ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ। ସରକାର ଏପରି ମେସେଜ୍ ପ୍ରତି ସତର୍କ ରହିବାକୁ ଲୋକଙ୍କୁ ନିବେଦନ କରିଛନ୍ତି। ଆଜିକାଲି ସାଇବର ଅପରାଧର ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି।

## ହ୍ୱାଟ୍ସଆପ୍‌ରେ ଏଭଳି ମେସେଜ୍ ଆସୁଥିଲେ ଭୁଲ୍‌ରେ ବି କ୍ଲିକ୍ କରନ୍ତୁନି

ନୂଆଦିଲ୍ଲୀ, ୨୭।୨: ସାଇବର ଅପରାଧୀଙ୍କ ବଡ଼ ଚାଲ । ଲୋକଙ୍କୁ ଲୁଟିବାକୁ ସରକାରଙ୍କ କାନ୍ଧରେ ପିସ୍ତଲ ରଖି ଗୁଳି ଚଳାଉଛନ୍ତି ଠକ । ସରକାର ଗରିବଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି । ଅର୍ଥ ମନ୍ତ୍ରଣାଳୟ ଗରିବ ଙ୍କୁ ୪୬ହଜାର ୭୧୦ ଟଙ୍କା ଦେଉଛନ୍ତି । ଯଦି ଆପଣଙ୍କ ହ୍ୱାଟ୍ସଆପକୁ ବି ଏଭଳି ମେସେଜ୍ ଆସୁଛି ତେବେ ସାବଧାନ । ହ୍ୱାଟ୍ସଆପ୍‌ରେ ଏମିତି ମେସେଜ୍ ଆସିଲେ ଭୁଲରେ ବି କ୍ଲିକ୍ କରନ୍ତୁ ନାହିଁ । ନହେଲେ ଚୁଟ୍‌କିରେ ଉଡ଼ିଯିବ ସବୁତକ ଟଙ୍କା । ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରି ଠକେଇ କରିବାର ନୂଆ ଜାଲ ବିଛାଇଛନ୍ତି ସାଇବର ଲୁଟେରା । ସରକାର ଏନେଇ ସତର୍କ ସୂଚନା ଜାରି କରିଛନ୍ତି । ଲୋକଙ୍କୁ ଠକିବାକୁ ପ୍ରତିଦିନ ନୂଆ ନୂଆ ଚାଲ୍ ବିଛାଉଥିବା ସାଇବର୍ ଠକ ଏବେ ଲୋକଙ୍କୁ ଫସାଇବା ପାଇଁ ସରକାରୀ ଯୋଜନାର ଲୋଭ ଦେଖାଉଛନ୍ତି । ଲୋକଙ୍କୁ ସରକାରୀ ସହାୟତା ଦେବା ବାହାନାରେ ଲୋକଙ୍କଠୁ ବ୍ୟକ୍ତିଗତ ତଥ୍ୟ ହାସଲ କରୁଛନ୍ତି ଏବଂ ଟଙ୍କା ଠକି ନେଉଛନ୍ତି । ଯାହାକୁ ନେଇ ସରକାରଙ୍କ ତରଫରୁ ଲୋକଙ୍କୁ ସଚେତନ କରାଯାଇଛି। ପ୍ରେସ୍ ଇନଫରମେସନ୍ ବ୍ୟୁରୋ ଏହିପରି କିଛି ମେସେଜର ସ୍କ୍ରିନସଟ୍ ନେଇ ଟ୍ୱିଟ୍ କରି ଲୋକଙ୍କୁ ସଚେତନ କରିଛନ୍ତି । ସରକାରଙ୍କ ତରଫରୁ ଏପରି କୌଣସି ଯୋଜନା ପ୍ରଣୟନ କରାଯାଇନାହିଁ ବୋଲି ଦାବିକୁ ଖଣ୍ଡନ କରିବା ସହ ଟ୍ୱିଟ୍ କରି ଲୋକଙ୍କୁ ସଚେତନ କରାଯାଇଛି । ସରକାର କହିଛନ୍ତି ଯେ, ଗରିବଙ୍କ ପାଇଁ ଆର୍ଥିକ ସହାୟତା ଦାବି କରି ହ୍ୱାଟ୍ସଆପରେ ଏକ ଲିଙ୍କ ସହିତ ଏକ ବାର୍ତ୍ତା ପଠାଯାଉଛି । ଏହା ବ୍ୟତୀତ, ମେସେଜ୍ ପଢ଼ୁଥିବା ବ୍ୟକ୍ତିଙ୍କ ବ୍ୟକ୍ତିଗତ ବିବରଣୀ ପଚରାଯାଉଛି । ଏହି ମେସେଜ୍ ସମ୍ପୂର୍ଣ୍ଣ ନକଲି । ଅର୍ଥ ମନ୍ତ୍ରଣାଳୟ ଏପରି କୌଣସି ଯୋଜନା ଘୋଷଣା କରିନାହିଁ । ହ୍ୱାଟ୍ସଆପ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏପରି ନକଲି ମେସେଜର ବନ୍ୟା ଆସିଛି । ଏପରି ମେସେଜ୍ ସମୟ ସମୟରେ ଭାଇରାଲ୍ ହୁଏ ଏବଂ ଅନେକ ଲୋକ ଏହାକୁ ବିଶ୍ୱାସ କରନ୍ତି ଏବଂ ନିଜକୁ କ୍ଷତି ପହଞ୍ଚାନ୍ତି । ନିକଟରେ, ସମାନ ପ୍ରକାରର ଆଉ ଏକ ବାର୍ତ୍ତା ଭାଇରାଲ ହୋଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ୭୫ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ । ସରକାର ଏପରି ମେସେଜ୍ ପ୍ରତି ସତର୍କ ରହିବାକୁ ଲୋକଙ୍କୁ ନିବେଦନ କରିଛନ୍ତି ।

### ନିତି ଆୟୋଗ ଅଧୀନରେ କମିଟି ଗଠନ

## ପେଟ୍ରୋଲ୍‌ରେ ମିଶିବ ୨୦%ରୁ ଅଧିକ ଇଥାନଲ୍

**ନୂଆଦିଲ୍ଲୀ, ୨୭।୨:** ତୈଳ ଆମଦାନି ନିର୍ଭରଶୀଳତା କମ୍ କରିବା ଓ ବୈଦେଶିକ ମୁଦ୍ରା ସଞ୍ଚୟ କରିବା ଲାଗି ପେଟ୍ରୋଲ୍‌ରେ ୨୦ ପ୍ରତିଶତରୁ ଅଧିକ ଇଥାନଲ୍ ମିଶାଇବା ପ୍ରସ୍ତାବ ଉପରେ ସରକାର ବିଚାର କରୁଛନ୍ତି।



ନିତି ଆୟୋଗରେ ଏନେଇ ଏକ କମିଟି ଗଠନ କରାଯାଇଥିବା ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି ଯେ ୨୦୨୬ ସୁଦ୍ଧା ପେଟ୍ରୋଲ୍‌ରେ ୨୦ ପ୍ରତିଶତ ଇଥାନଲ୍ ମିଶାଇବା ଲକ୍ଷ୍ୟ ଥିଲା। ବର୍ତ୍ତମାନ ସୁଦ୍ଧା ୧୯.୬ ପ୍ରତିଶତ ମିଶ୍ରଣ ଲକ୍ଷ୍ୟ ହାସଲ ହୋଇଛି। ଆମେ ତାହାକୁ ଆହୁରି ବଢ଼ାଇବାକୁ ଚାହୁଁଛୁ। ଦେଶରେ ୧୭୦୦ କୋଟି ଲିଟର ମିଶ୍ରଣ ପାଇଁ କ୍ଷମତା ରହିଛି। ସେଥିରୁ ୧୫୦୦ କୋଟି ଲିଟର୍‌ର ମିଶ୍ରଣ ସମ୍ଭବ ହୋଇପାରିଛି।

ବିଭିନ୍ନ ପ୍ରକାର ଇନ୍ଧନ ଆମଦାନି କରିବାରେ ସରକାର ୧୫ ହଜାର କୋଟି ଡଲାର ଖର୍ଚ୍ଚ କରୁଛନ୍ତି। ଗ୍ରିନ୍ ହାଇଡ୍ରୋଜେନ୍ ଉପରେ ଯେତିକି ଧ୍ୟାନ ଦିଆଯିବା କଥା ତାହା ଦିଆଯାଉନଥିବା ମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ଗ୍ରିନ୍ ହାଇଡ୍ରୋଜେନ୍ ଦାମ୍ ୪.୫ ଡଲାର ରହିଛି। ଯଦି ସେହି ଦରକୁ ୨.୫ ଡଲାରକୁ ହ୍ରାସ କରାଯାଇପାରିବ, ତେବେ ସେହି କ୍ଷେତ୍ରରେ ବିପ୍ଳବ ଆସିପାରିବ। ପାରମ୍ପରିକ ଇନ୍ଧନ ତୁଳନାରେ ଗ୍ରିନ୍ ହାଇଡ୍ରୋଜେନ୍ ବ୍ୟବହାର ବଢ଼ିପାରିବ ବୋଲି ସେ କହିଛନ୍ତି। ବିଶ୍ୱର ବିଭିନ୍ନ ଦେଶ ସ୍ୱଚ୍ଛ ଶକ୍ତି ଆଡ଼କୁ ମୁହାଁଉଁଛନ୍ତି। କିନ୍ତୁ ଅର୍ଥନୀତିର ଚାହିଦାକୁ ମଧ ନଜରରେ ରଖିବାକୁ ପଡ଼ିବ। ଭାରତୀୟ ଅର୍ଥନୀତି ୬-୭ ପ୍ରତିଶତ ହାରରେ ଆଗକୁ ବଢ଼ୁଛି। ଏଥିପାଇଁ ଇନ୍ଧନ ଦରକାର। ଏକ ସ୍ୱଚ୍ଛ ଭବିଷ୍ୟତ ଲାଗି ଆମକୁ ବର୍ତ୍ତମାନ ଉପରେ ମଧ ଧ୍ୟାନ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଜୀବାଶ୍ମ ଇନ୍ଧନ ଉତ୍ପାଦନ କରୁଥିବା ପ୍ରତ୍ୟେକ କମ୍ପାନି ୨୦୪୫ ସୁଦ୍ଧା ନେଟ୍ ଜିରୋ ହେବେ ବୋଲି ସେ କହିଛନ୍ତି।

## ଇପିଏଫ୍‌ଓର କୋଟି କୋଟି ସଦସ୍ୟଙ୍କୁ ବଡ଼ ଝଟ୍‌କା!

**ନୂଆଦିଲ୍ଲୀ, ୨୭।୨:** ସରକାର ଇପିଏଫ୍‌ଓର କୋଟି କୋଟି ସଦସ୍ୟଙ୍କୁ ଏକ ବଡ଼ ଝଟ୍‌କା ଦେଇପାରନ୍ତି। ଶୁକ୍ରବାର ସରକାର ଇପିଏଫ୍‌ଓ ଉପରେ ସୁଧ ଘୋଷଣା କରିପାରନ୍ତି। ଏପରି ପରିସ୍ଥିତିରେ ଏହା ବିଶ୍ୱାସ କରାଯାଉଛି ଯେ ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ପିଏଫରେ ଜମା ହୋଇଥିବା ଟଙ୍କାର ପରିମାଣକୁ ହ୍ରାସ କରିପାରେ। ଷ୍ଟକ ବଜାର ଏବଂ ଅଧିକ କ୍ଲେମ୍ ସମାଧାନକୁ ଦୃଷ୍ଟିରେ ରଖି ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସୁଧ ହାର ହ୍ରାସ କରିପାରେ। ଏହା ୩୦୦ ନିୟୁତ ସଦସ୍ୟଙ୍କ ଅବସରକାଳୀନ ସଞ୍ଚୟ ଉପରେ ସୁଧ ହାରକୁ ପ୍ରଭାବିତ କରିବ।

୨୦୨୪-୨୫ ପାଇଁ ଇପିଏଫ ସୁଧ ହାର ନେଇ ନିଷ୍ପତ୍ତି ନେବା ପାଇଁ




ଆସନ୍ତାକାଲି ଅର୍ଥାତ ୨୮ ଫେବୃଆରୀ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପିଏଫ୍‌ରେ ଜମା ହୋଇଥିବା ଟଙ୍କାର ସୁଧ ଉପରେ ଏକ ବଡ଼ ନିଷ୍ପତ୍ତି ନିଆଯାଇପାରେ, ଯାହାର ସିଧାସଳଖ ପ୍ରଭାବ କୋଟି କୋଟି ଇପିଏଫଓ ସଦସ୍ୟଙ୍କ ଉପରେ ପଡ଼ିବ। ଗତ ବର୍ଷ ସରକାର ଇପିଏଫର ସୁଧ ହାର ୮.୧୫ ପ୍ରତିଶତରୁ ୮.୨୫ ପ୍ରତିଶତକୁ ବୃଦ୍ଧି କରିଥିଲେ। ହେଲେ ଏବେ ଏହାକୁ ହ୍ରାସ ହୋଇପାରେ ବୋଲି କୁହାଯାଉଛି। ବିଜନେସ ଷ୍ଟାଣ୍ଡାର୍ଡ ରିପୋର୍ଟ ଅନୁଯାୟୀ, ଇପିଏଫ୍ ହାର ସୁପାରିଶ କରିବା ପାଇଁ ବୋର୍ଡର ନିବେଶ କମିଟି ଗତ ସପ୍ତାହରେ ଇପିଏଫ୍‌ଓର ଆୟ ଏବଂ ବ୍ୟୟ ପ୍ରୋଫାଇଲ ଉପରେ ଆଲୋଚନା କରିବା ପାଇଁ ବୈଠକ କରିଥିଲା। ନାମ ଗୋପନ ରଖିବା ସର୍ତ୍ତରେ, ବୋର୍ଡରେ ନିଯୁକ୍ତିଦାତା ପ୍ରତିନିଧି ବିଜିନେସ ଷ୍ଟାଣ୍ଡାର୍ଡକୁ କହିଛନ୍ତି ଯେ ଏହି ବର୍ଷ ସୁଧ ହାର ଗତ ବର୍ଷ ତୁଳନାରେ କମ ହୋଇପାରେ। କାରଣ ଗତ କିଛି ମାସ ମଧ୍ୟରେ ବଣ୍ଡ ଇଲ୍ଡ ହ୍ରାସ ପାଇଛି। ଏପରି ପରିସ୍ଥିତିରେ୍ ଯଦି କୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅଧିକ ସୁଧ ହାର ଘୋଷଣା କରାଯାଏ, ତେବେ ଅବସର ପାଣ୍ଠି ସଂସ୍ଥା ପାଖରେ ଅଧିକ ବଳକା ରହିବ ନାହିଁ। ଏହା ବ୍ୟତୀତ କ୍ଲେମ୍ ସେଟଲମେଣ୍ଟ ପାଇଁ ଅଧିକ ଚାହିଦା ଯୋଗୁ ବାର୍ଷିକ ଇପିଏଫ କ୍ରେଡିଟ ପାଇଁ ଏକ କମ ପୁଲ ରହିଛି। ଜାନୁଆରୀ ସୁଦ୍ଧା, ଇପିଏଫ୍‌ଓ ୨୦୨୪-୨୫ ରେ ୨.୦୫ ଟ୍ରିଲିୟନ ମୂଲ୍ୟର ୫.୦୮ ନିୟୁତରୁ ଅଧିକ କ୍ଲେମ୍ ସେଟଲମେଣ୍ଟ ପ୍ରକ୍ରିୟାକରଣ କରିଛି। ଯେତେବେଳେ ୨୦୨୩-୨୪ ରେ, ୧.୮୨ ଟ୍ରିଲିୟନ ମୂଲ୍ୟର ୪୪.୫ ନିୟୁତରୁ ଅଧିକ କ୍ଲେମ୍ ସେଟଲମେଣ୍ଟ କରାଯାଇଛି।

## ଟ୍ରମ୍ପ ସରକାରଙ୍କୁ ପ୍ରତି ୨୦ମିନିଟ୍‌ରେ ୮କୋଟିରୁ ଅଧିକ ଟିକସ ଦିଅନ୍ତି ୱାରେନ ବଫେଟ

**ୱାଶିଂଟନ,୨୭।୨:** ବର୍କଶାୟାର ହାଥାୱେର ଅଧକ୍ଷ ୱାରେନ ବଫେଟ କହିଛନ୍ତି ଯେ, ହାଥାୱେ ୨୦୨୪ରେ ଆମେରିକା ସରକାରଙ୍କୁ ସର୍ବାଧିକ ଟିକସ ଦେଇଛି। ଗତବର୍ଷ ଆମେରିକୀୟ ସରକାରଙ୍କୁ ୨୬.୮ ବିଲିୟନ ଡଲାର ଦେଇଛି, ଯାହା ଯେକୌଣସି ଆମେରିକୀୟ କମ୍ପାନୀ ଅପେକ୍ଷା ଅଧିକ, ଏହା ବ୍ୟତୀତ ଆମେ ବିଦେଶୀ ସରକାର ଏବଂ ୪୪ଟି ରାଜ୍ୟକୁ ଟିକସ ଆକାରରେ ବିପୁଳ ପରିମାଣର ଦେୟ ଦେଇଛୁ।

ୱାରେନ ବଫେଟ କହିଛନ୍ତି ଯେ ବର୍କଶାୟାର ହାଥାୱେ ଗତ ୬୦ ବର୍ଷ ମଧରେ ୧୦୧ ବିଲିୟନ ଡଲାର ଟିକସ ଦେଇଛି। ସେ ଆମେରିକୀୟ ସରକାରଙ୍କୁ ନିବେଦନ କରି କହିଛନ୍ତି, ଧନ୍ୟବାଦ। ଗୋଟିଏ ଦିନ, ବର୍କଶାୟା ଅଧିକ ଟିକସ ଦେବାକୁ ଚାହିଁବ। ଏହି ଟଙ୍କାକୁ ବୁଦ୍ଧିମାନ ଭାବରେ ଖର୍ଚ୍ଚ କରନ୍ତୁ ଏବଂ ଯେଉଁ ଲୋକମାନେ ସମ୍ବଳର ଅଭାବରୁ ପୀଡିତ ଏବଂ ଜୀବନରେ ସଂଘର୍ଷ କରୁଛନ୍ତି ସେମାନଙ୍କୁ ସାହାଯ୍ୟ କରନ୍ତୁ, ସେମାନଙ୍କର କୌଣସି ଦୋଷ ନାହିଁ। ୱାରେନ ବଫେଟ କହିଛନ୍ତି ଯେ ଯଦିଓ ବର୍କଶାୟାର ୨୦୨୪ ମଧରେ ପ୍ରତି ୨୦ ମିନିଟରେ ଆମେରିକୀୟ ସରକାରଙ୍କୁ ୧ ନିୟୁତ ଡଲାର ଚେକ ପଠାଇଥାଏ, ତଥାପି ଆମକୁ ବର୍ଷ





ଶେଷରେ ଏକ ବିପୁଳ ପରିମାଣର ଅର୍ଥ ଦେବାକୁ ପଡିଥାଏ। ସେ ଏହା ମଧ କହିଛନ୍ତି ଯେ ହାଥୱେ ଦ୍ୱାରା ପ୍ରଦାନ କରାଯାଇଥିବା ଟିକସ ଆମେରିକାର ସମସ୍ତ କର୍ପୋରେଟ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ମୋଟ ଟିକସର ୫ ପ୍ରତିଶତ। ହାଥୱେ ଦ୍ୱାରା ଦିଆଯାଇଥିବା ଟିକସ ଆମେରିକାର ବଡ଼ ଟେକ କମ୍ପାନୀଗୁଡ଼ିକ ଦ୍ୱାରା ଦିଆଯାଇଥିବା ଟିକସ ଅପେକ୍ଷା ଅଧିକ, ଯେଉଁମାନଙ୍କର ବଜାର ପୁଞ୍ଜି ଏକ ଟ୍ରିଲିୟନ ଡଲାରରୁ ଅଧିକ।

ସୂଚନାଯୋଗ୍ୟ, ୱାରେନ ବଫେଟ ବର୍ତ୍ତମାନ ବିଶ୍ୱର ଷଷ୍ଠ ଧନୀ ବ୍ୟକ୍ତି। ଡିସେମ୍ବର ତ୍ରୈମାସିକରେ, ବଫେଟଙ୍କ କମ୍ପାନୀ ହାଥାୱେର ପରିଚାଳନା ଆୟ ୭୧ ପ୍ରତିଶତ ବୃଦ୍ଧି ପାଇ ୧୪.୫ ବିଲିୟନ ଡଲାର ହୋଇଛି। ଏହି ବୃଦ୍ଧିରେ ବୀମା ଆୟ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିଥିଲା, ପ୍ରାୟ ୪୮ ପ୍ରତିଶତ ବୃଦ୍ଧି ପାଇ ୪.୧ ବିଲିୟନ ଡଲାରରେ ପହଞ୍ଚିଛି। କମ୍ପାନୀର ଅଣ୍ଡରରାଇଟିଂ ବ୍ୟବସାୟରେ ମଧ ଏକ ବିରାଟ ବୃଦ୍ଧି ଘଟିଛି ଏବଂ ତୃତୀୟ ତ୍ରୈମାସିକରେ ଏହାର ଇବିଆଇଟିଡିଏ 4 ଗୁଣ ବୃଦ୍ଧି ପାଇ ୩.୪ ବିଲିୟନ ଡଲାର ହୋଇଛି। ଓମାହାର ଓରାକାଲ ଭାବରେ ଜଣାଶୁଣା ବଫେଟ ପ୍ରାୟତଃ ରାଜନୈତିକ ବୟାନବାଜିରୁ ଦୂରରେ ରୁହନ୍ତି। କିନ୍ତୁ ଏଥର, ସେ ଟ୍ରମ୍ପ ପ୍ରଶାସନକୁ ଟିକସ ବିଷୟରେ ପରାମର୍ଶ ଦେଇଥିଲେ। ବଫେଟ ପୂର୍ବରୁ ଡିସେମ୍ବର ୨୦୨୪ରେ ଭବିଷ୍ୟବାଣୀ କରିଥିଲେ ଯେ ଆମେରିକାରେ ବର୍ଦ୍ଧିତ ଆର୍ଥିକ ନିଅଣ୍ଟକୁ ପୂରଣ କରିବା ପାଇଁ ଟିକସ ହାର ବୃଦ୍ଧି ପାଇପାରେ।

# ଭିନ୍ନକ୍ଷମ ପ୍ରମାଣପତ୍ର ଅପେକ୍ଷାରେ ବୁଇ



ଖପ୍ରାଖୋଲ,୨୭।୨ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମର ବସନ୍ତ ରଣାଙ୍କ ସ୍ତ୍ରୀ ବୁଇ ରଣା ଭିନ୍ନକ୍ଷମ ପ୍ରମାଣପତ୍ର ଅପେକ୍ଷାରେ ରହିଛନ୍ତି । ଦୁଇ ଝିଅକୁ ବିବାହ ଦେବା ପରେ ସ୍ତ୍ରୀ ବୁଇର ରୋଗୀଣା ହୋଇ ପଡିଲେ । ଡାକ୍ତରକୁ ଦେଖାଇ ଔଷଧ ଖାଉଥିଲେ ମଧ୍ୟ କିଛି ସୁଫଳ ମିଳୁନଥିଲା । ଧିରେ ଧିରେ ରୋଗ ବଢ଼ି ଆଜିକୁ ଏକ ବର୍ଷ ହେଲା ରୋଗରେ ଶଯ୍ୟାଶାୟୀ ହୋଇ ପଡିରହିଲେ । ଧାର କରଜ କରି ସ୍ତ୍ରୀକୁ ଭଲ କରିବାକୁ ସ୍ୱାମୀ ବସନ୍ତ ବଲାଙ୍ଗିର ଭୀମଭୋଇ ଚିକିତ୍ସାଳୟ ଓ ରାଇପୁରର ଏକ ଘରୋଇ ଚିକିତ୍ସାଳୟ କୁ ନେଇ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସା କରାଇଥିଲେ। କିନ୍ତୁ ଭଲ ନ ହୋଇ ଧିରେ ଧିରେ ଗୋଡ଼ ହାତ ଅଚଳ ହୋଇଗଲା ଓ ଆଖି କୁ ଦେଖା ଯାଉନାହିଁ। ପଙ୍ଗୁ ହୋଇ ଘରେ ପଡି ରହିଛନ୍ତି । ତାଙ୍କର ଜମି ବାଡ଼ି ନଥିବା ବେଳେ ବହୁ କଷ୍ଟରେ ଏବେ ଦୁହେଁ ଚଳୁଛନ୍ତି । ପଞ୍ଚାୟତରୁ ୧୦ କିଲୋ ଚାଉଳ ଓ ବସନ୍ତ ରୋଗୀଣା ସ୍ତ୍ରୀକୁ ଘରେ ଏକୁଟିଆ ଛାଡି କୁଲି କାମ କରି ଯାହା ଆଣୁଛନ୍ତି ସେଥିରେ ଚଳୁଛନ୍ତି । ବସନ୍ତ କାମରୁ ଫେରି ରୋଷେଇ କରିବା ସହ ବାସନ ମଜା ଓ ସ୍ତ୍ରୀର ସ୍ନାନ ଶୌଚ କରାଇଥାନ୍ତି । ଜଣକ ପାଖରେ ଅଚଳ ହୋଇ ପଡ଼ିଥିବା ହୁଇଲ ଚେୟାର ଆଣି ତାକୁ ସଜାଡି ସ୍ତ୍ରୀକୁ ବସାଇ ସ୍ୱାମୀ ଶୌଚ ପାଇଁ ପଦାକୁ ନିଅନ୍ତି । ଜମିବାଡ଼ି ନଥିବାରୁ ଦୁହେଁ ରେଲୱେ ଜାଗାରେ ଘର ଖଣ୍ଡେ କରି ରହୁଛନ୍ତି । ସ୍ତ୍ରୀର ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳିବା ପାଇଁ ଅନଲାଇନରେ ଆବେଦନ କରିଛନ୍ତି ।ଭିନ୍ନକ୍ଷମ ପ୍ରମାଣ ପତ୍ର ଯେପରି ମିଳିପାରିବ ପ୍ରଶାସନକୁ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ସ୍ୱାମୀ ବସନ୍ତ ରଣା ।

## ବନ୍ୟପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବୈଶିଙ୍ଗା,୨୭।୨ (ସଂଚାର ବ୍ୟୁରୋ): ଜଙ୍ଗଲ ଧିରେଧିରେ ଧ୍ୱଂସାଭିମୁଖି ଆଡକୁ ଗତି କରୁଥିବା ବେଳେ ଆମ୍ବଗାଡ଼ିଆ ପଞ୍ଚାୟତ ଭଗବାନପୁର ଗ୍ରାମର ଯୁବ ସମାଜସେବୀ ତଥା ପରିବେଶବିତ୍ ଏବଂ ସୀମାନ୍ତବର୍ତ୍ତି ରୁପସା ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତି ଭାବେ ଦେବେନ୍ଦ୍ର ଆଚାର୍ଯ୍ୟ ଙ୍କ ତତ୍ତ୍ୱାବଧାନରେ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ରୁଦ୍ଧା ଓ ଆମ୍ବଗାଡ଼ିଆ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଏବଂ ବିଦ୍ୟାଳୟ ମାନଙ୍କରେ ଆୟୋଜିତ ହୋଇଯାଇଚି । ଜୈବ ବିବିଧତା, ବନ୍ୟାପ୍ରାଣୀ ସୁରକ୍ଷା , ପରିବେଶ ସନ୍ତୁଳନ ବନ୍ୟପ୍ରାଣୀ ସଂରକ୍ଷଣ, ପଶୁପକ୍ଷୀ, ସରୀସୃପ ମାନଙ୍କର ଆବଶ୍ୟକତା ତଥା ଜଙ୍ଗଲ ଓ ପରିବେଶ ସନ୍ତୁଳନ ରକ୍ଷା କରିବାରେ ହାତୀ, ବାଘ , ଭାଲୁ, ସମ୍ବର, ହରିଣ, ସିଂହ, ବାରହା , କୁଟୁରା, ବଜ୍ରକାପ୍ଟା, ଇତ୍ୟାଦି ଅନେକ ବନ୍ୟପ୍ରାଣୀ ମାନଙ୍କର ଉପକାରିତା ସମ୍ପର୍କ ରେ ଦେବେନ୍ଦ୍ର ଆଚାର୍ଯ୍ୟ ଆମ୍ବଗାଡ଼ିଆ ଓ ରୁଦ୍ଧା ଅଞ୍ଚଳରେ ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଓ ବିଦ୍ୟାଳୟ ବିଦ୍ୟାଳୟ ବୁଲି ବୁଲି ସଚେନତାର ବାର୍ତ୍ତା ବାଣ୍ଟିବା ସହ ଆମେ କିପରି ପରିବେଶ ସୁରକ୍ଷା କରିବା ସହ ବନ୍ୟାପ୍ରାଣୀ ମାନଙ୍କୁ ଆମର ଆବଶ୍ୟକତା ଓ ଟଙ୍କାର ପ୍ରଲୋଭନରେ ବନ୍ୟଜନ୍ତୁ ମାନଙ୍କୁ ହତ୍ୟା ନ କରିବା ପାଇଁ ନିଜେ ସଚେତନ ହେବା ସହ ଅନ୍ୟ ମାନେ କିପରି ସଚେତନ ହେବେ ସେ ସମ୍ପର୍କ ରେ କହିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଭଗବାନପୁର ପ୍ରାଥମିକ ବିଦ୍ୟାଳୟ , କସିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ହୀରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ବାମୋଡ଼ା ଉଚ୍ଚ ବିଦ୍ୟାଳୟ ମାନଙ୍କ ରେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗ କରିଥିଲେ ଏବଂ ଯୋଗେଶ୍ୱର ବେହେରା, ଶୁଭାଶିଷ ମହାନ୍ତି, ଅନ୍ତର୍ଯ୍ୟାମୀ ମହାପାତ୍ର, ଭକ୍ତିରାଣୀ ମହାନ୍ତି, ସରୋଜିନୀ ରାଉତ୍, କ୍ରୀଷ୍ଣାରାଣୀ ଚାନ୍ଦ, କାହ୍ନୁ ସେଠୀ ପ୍ରମୁଖ ସାହାଯ୍ୟ କରିଥିଲେ ।ଏହି କାର୍ଯ୍ୟକ୍ରମ ଜରିଆରେ ଲୋକ ମାନେ ଜାଗ୍ରତ ହୋଇ ପାରିବେ ବୋଲି ଶ୍ରୀ ଆଚାର୍ଯ୍ୟ ଆଶାବାଦୀ ଅଛନ୍ତି ।

## ହାତୀ ଆକ୍ରମଣରେ ଯୁବକ ମୃତ



ଅନୁଗୋଳ,୨୭।୨(ସଂଚାର ବ୍ୟୁରୋ): ଅନୁଗୋଳ ଜିଲ୍ଲା ପୁରୁଣାକୋଟ ଥାନା ତରଭା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକ ମୃତ। ମୃତକ ଜଣ ଙ୍କ ହେଲେ ତରଭା ଗ୍ରାମର ଗଣେଶ୍ୱର ଭୋଇ ଙ୍କ ପୁଅ ଅନିଲ ଭୋଇ (୨୫)। ସୂଚନା ଯେ, ଗତ କାଲି ବିଲମ୍ବିତ ରାତିରେ ଘର ତରଭା ଅଞ୍ଚଳରେ ଗୋଟି କିଆ ଦାନ୍ତ ହାତୀ ବୁଲୁ ଥିଲା। ସେହି ଗ୍ରାମର ଅନିଲ ଭୋଇ ନାମକ ଜଣେ ଯୁବକ କୌଣସି କାର୍ଯ୍ୟରେ ବାହାରକୁ ଯାଇ ଘରକୁ ଫେରୁଥିବା ବେଳେ ଗୋଟି କିଆ ଦାନ୍ତ ହାତୀ ହାବୁଡରେ ପଡି ଯାଇଥିଲେ। ଯାହା ଫଳରେ ହାତୀ ଅନିଲଙ୍କୁ ଦଳି ଦେଇଥିଲା। ଆଜି ସକାଳ ସମୟରେ ଗ୍ରାମ ବାସୀ ଅନିଲ ବିଲରେ ପଡିଥିବା ଦେଖି ସଙ୍ଗେ ସଙ୍ଗେ ଉଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିଲେ। କିନ୍ତୁ ଚିକିତ୍ସାଳୟରେ ଅନିଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ପଟେ ତରଭା ଗ୍ରାମ ଠାରେ କ୍ଷତି ପୂରଣ ଦାବି ନେଇ ଉତେଜନା ଲାଗୀ ରହିଛି।

## ମିନି ଟ୍ରକ୍ ଧକ୍କାରେ ଶିଶୁ ମୃତ, କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ




ହାଟଡିହି,୨୭।୨(ସଂଚାର ବ୍ୟୁରୋ): ଛେନାପଦି -ହଦଗଡ଼ ରାସ୍ତାର ସଙ୍କଟପାଲିଆ ଛକ ନିକଟରେ ଦୁର୍ଘଟଣା। ମିନି ଟ୍ରକ୍ ଧକ୍କାରେ ୫ବର୍ଷର ଶିଶୁ ମୃତ। କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକ କଲେ ଉତ୍ତ୍ୟକ୍ତ ଲୋକେ। ଯାହା ଫଳରେ ହଦଗଡ଼କୁ ଯାତାୟତ ଠପ୍ ହୋଇଯାଇଥିଲା। ତେବେ ମୃତ ଶିଶୁ ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ଦୋଳପଦି ଗ୍ରାମର କାଳିଆ ମୁଣ୍ଡାଙ୍କ ୫ବର୍ଷର ପୁଅ ଆକାଶ ମୁଣ୍ଡା ବୋଲି ଜଣାପଡିଛି। ସୂଚନା ମୁତାବକ, ଆଜି ଦିନ ୧୦ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା । ହଦଗଡରୁ ଛତୁଆ ବୋଝେଇ କରି ଯାଉଥିବା ଏକ ମିନିଟ୍ରକ ୫ବର୍ଷର ଶିଶୁକୁ ଧକ୍କା ଦେଇଥିଲା। ଯାହାଫଳରେ ଶିଶୁଟିର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ସେ ନିଜ ବାପା ମାଆଙ୍କ ସହ ସଙ୍କଟ ପାଲିଆ ଗାଁରେ ଚାଲିଥିବା ଏକ ଉତ୍ସବକୁ ବୁଲିବାକୁ ଆସିଥିଲା। ସକାଳେ ଘରକୁ ଫେରିବାକୁ ରାସ୍ତା ପାର ହେଉଥିବା ବେଳେ ଏହି ଟ୍ରକଟି ଶିଶୁକୁ ଧକ୍କା ଦେଇ ତା ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଶିଶୁର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକମାନେ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ଫଳରେ ହଦଗଡ଼କୁ ଯାତାୟତ ଠପ୍ ହୋଇଯାଇଥିଲା। ଏନେଇ ଖବରପାଇ ଆନନ୍ଦପୁର ଏସଡ଼ିପିଓ ପ୍ରଶାନ୍ତ କୁମାର ବେହେରା,ହାଟଡିହି ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ,ଅତିରିକ୍ତ ତହସିଲଦାର ପ୍ୟାରୀ ମୋହନ ହେମ୍ବ୍ରମ,ସୋସୋ ଥାନା ଆଇଆଇସି ବିଜୟ କୁମାର ବିହାରୀ, ନନ୍ଦିପଦା ଥାନା ଇନ୍ସପେକ୍ଟର ରବିନ୍ଦ୍ର କୁମାର ପାତ୍ର ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବୁଝାସୁଝା କରିଥିଲେ। ଯାହାପରେ ପରେ ସେମାନେ ରାସ୍ତାରୁ ହଟିଥିଲେ । ଟ୍ରକ୍ ମାଲିକ ମୃତ ଶିଶୁର ପରିବାରକୁ ଅର୍ଥିକ ସହାୟତା ପ୍ରଦାନ କରିଥିଲା ବେଳେ ପ୍ରଶାସନ ପକ୍ଷରୁ ମଧ୍ୟ ୨୦ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଛି। ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଡ଼ାକ୍ତରଖାନାକୁ ପଠାଇଥିବା ଜଣାପଡିଛି ।

## ଆଠଗଡ଼ ବନଖଣ୍ଡରେ ଅଘଟଣ, ବିଦ୍ୟୁତ ତାର ସଂସ୍ପର୍ଶରେ ଦନ୍ତା ହାତୀର ମୃତ୍ୟୁ

ଆଠଗଡ, ୨୭।୨(ସଂଚାର ବ୍ୟୁରୋ): ଆଠଗଡ଼ ବନଖଣ୍ଡରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। କୁଲାଇଲୋ କ୍ରସର୍ ପଡ଼ିଆରୁ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଛି । ହାତୀଟି ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ଜଣାପଡ଼ିଛି । କଟକ ଜିଲ୍ଲା ଆଠଗଡ଼ ବନଖଣ୍ଡ କୁଲାଇଲୋ କ୍ରସର୍ ପଡ଼ିଆରେ ଏଭଳି ଘଟଣା ଘଟିଥିବାର ଖବର ସାମ୍ନାକୁ ଆସିଛି । ସୂଚନା ମୁତାବକ, ହାତୀଟି କୁଲାଇଲୋ କ୍ରସର ପଡ଼ିଆକୁ ଆସିଥିଲା । ସେଠାରେ ଏଣେତେଣେ ବୁଲୁଥିବା ବେଳେ ହାତୀଟି ୩୩ କେଭି ତାର ସଂସ୍ପର୍ଶରେ ଆସିଥିଲା । ଫଳରେ ଘଟଣା ସ୍ଥଳରେ ହିଁ ହାତୀଟିର ମୃତ୍ୟୁ ହୋଇଥିଲା । ହାତୀଟିର ମୃତଦେହ ଦେଖି ସ୍ଥାନୀୟଲୋକେ ତୁରନ୍ତ ବନ ବିଭାଗର ଅଧିକାରୀଙ୍କୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗର ଅଧିକାରୀ ପହଞ୍ଚି ମୃତଦେହ ଜବତ କରିଛନ୍ତି । ସବୁଠୁ ଆଶ୍ଚର୍ଯ୍ୟର କଥା, ଉକ୍ତ ସ୍ଥାନରେ ବିଦ୍ୟୁତ ତାର ମାତ୍ର ୧୦ ଫୁଟ ଉଚ୍ଚତାରେ ଯାଇଥିବା ଦେଖିବାକୁ ମିଳିଛି । ବିଦ୍ୟୁତ୍ ବିଭାଗର ଅବହେଳା ପାଇଁ ଏଭଳି ଘଟଣା ଘଟିଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ମୀନାଝୋଲାଠାରେ ତ୍ରିବେଣୀ ଉତ୍ସବ ଓ ଜାଗର ଯାତ୍ରା ପାଳିତ




ରାୟଗଡା,୨୭।୨(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମ ପଞ୍ଚାୟତର ଶ୍ରୀମିନାଝୋଲା ଠାରେ ଚନ୍ଦ୍ରପୁର ବ୍ଲକ ପ୍ରେସ କ୍ଲବ ତରଫରୁ ତୃତୀୟ ବାର୍ଷିକ ତ୍ରିବେଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜନ କଲ୍ୟାଣ ଆଶ୍ରମର ସ୍ୱାମୀ ଜୋନକା ନନ୍ଦ ଗୀରୀ,ରାଜ୍ୟ ଅବିଶି ମର୍ଚା ଉପ ସଭାପତି ରାମଚନ୍ଦ୍ର ବେହେରା, ହନୁମନ୍ତପୁର ସରପଞ୍ଚ ନୀଳମାଇ ଦିବାକା, ଏମପି ପ୍ରତିନିଧି, ବୁଡୁବାଲି ସରପଞ୍ଚ ଭୀମ ଗଗେରେଙ୍ଗା,ଗୁଣପୁର ପୌରାଉପାଧକ୍ଷ ଶିବପ୍ରସାଦ ଗୌଡ଼ ପୂର୍ବତନ ବିଧାୟକ ତ୍ରିନାଥ ଗୋମାଙ୍ଗ, ବିଜେପି ବିଧାୟକ ପାର୍ଥୀ ବସନ୍ତ ଉଲାକା, ଜଗନ୍ନାଥ ନୁଣ୍ଡ୍ରୁକା, ଭାର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପାତ୍ର, ବନାଞ୍ଚଳ ଅଧିକାରୀ ଅନିଲ କୁମାର ବାଲା,ପ୍ରାକ୍ତନ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଗୌରାଙ୍ଗ ଚରଣ ରାଉତ, ଉପସ୍ଥିତ ରହି ଅତିଥି ପରିଚୟ ପ୍ରଦାନ କରାଯାଇ ଜଗନ୍ନାଥ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି ମଞ୍ଚାସିନ ହେଲେ । ପରେ ଦେଶାତ୍ମକ ସଙ୍ଗୀତ ଗାଇଥିଲେ । ଅତିଥି ମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । ତ୍ରିବେଣୀ ମୋହତ୍ସବ ଉଦେଶ୍ୟ ହେଲା ଏହି ତ୍ରିବେଣୀ ସଙ୍ଗମ ସ୍ଥଳରେ ଥିବା ଶ୍ରୀ ମୀନ କେତନସ୍ୱରଙ୍କ ଠାରେ କେଉ ଆବାହନ କାଳରୁ ହଜାର ହଜାର ଶ୍ରଦ୍ଧାଳୁ ଆସି ରାତ୍ର ଉଜାଗର ରହି ବୁଡ଼ ପକାଇଥାନ୍ତି । ତେଣୁ ଭକ୍ତ ଙ୍କ ପାଇ ସନ୍ଧ୍ୟା ସମୟରେ ପ୍ରେସ କ୍ଲବ ତରଫରୁ ଭଜନ ସମାରୋହ କରାଯାଉଛି । ଏହି ଭଜନ ସମାରୋହରେ ନାମୀ ଦାମି ଗାୟକ ଗାୟିକା ଭଜନ ପରିବେଷଣ କରି ଭକ୍ତଙ୍କୁ ଆକର୍ଷଣ କରାଯାଉଛି। ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ ତ୍ରିବେଣୀ ସଙ୍ଗମ ସ୍ଥଳରେ ଗଙ୍ଗାଆରତୀ କରାଯିବ ବୋଲି ଆଶ୍ରମର ସ୍ୱାମୀ ଜନକାନନ୍ଦ ଗିରି ସୁଚନା ଦେଇଛନ୍ତି । ସେହିପରି ଏହି ତ୍ରିବେଣୀ ସଙ୍ଗମ ସ୍ଥଳକୁ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ନେଇ ଆକର୍ଷଣ କରିବା ପାଇଁ ଅତିଥି ମାନେ ମତ ପ୍ରକାଶ କରିଥିଲେ। ପ୍ରେସ କ୍ଲବତତଫରୁ ଉତ୍ତମ ଶିକ୍ଷକ , ଶିକ୍ଷୟତ୍ରୀ ଭାବେ ଭାବେ ଡ଼ାଙ୍ଗସରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ଲକ୍ଷ୍ମୀ ପ୍ରିୟା ଶବର, ଉତ୍ତମ ଶିକ୍ଷକ ଭାବେ ରାଜୁ ପାଲ, ପ୍ରଦୀପ କୁମାର ଚୌଧୁରୀ ଓ ଏସ ଏସ ଡି ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନଙ୍କୁ ପୁଷ୍ପ ଗୁଚ୍ଛ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ବନ ବିଭାଗ ତରଫରୁ ଆଶ୍ରମ ମଧ୍ୟରେ ଚାରା ରପୋଣ ଓ ଜଙ୍ଗଲରେ ନିଆଁ ନିରାକରଣ ପାଇଁ ଦାସକାଠିଆ ମାଧ୍ୟମରେ ସଚେତନା କରାଇ ଥିବାରୁ ଡ଼ାଙ୍ଗସରଡ଼ା ବନପାଳ , ବନରକ୍ଷୀଙ୍କୁ ଓ ଗାୟକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।ଭକ୍ତଙ୍କପାଇ ପ୍ରେସ କ୍ଲବ, ଗୁଡ଼ାରୀ ଧନ ଲକ୍ଷ୍ମୀ ଓ ଅନ୍ୟ ପୁଜା କମିଟି ପକ୍ଷରୁ ଭକ୍ତ ଙ୍କ ପାଇ ମାଗଣା ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ଯୋଡ଼ା/ବଡ଼ବିଲ,୨୭।୨(ସଂଚାର ବ୍ୟୁରୋ): ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାର (ଜେଏସପି) ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ ଆଇରନ ଏଣ୍ଡ ଡୋଲାମାଇଟ ଖଣି ଅଞ୍ଚଳରେ ଏକ ଦୁଇ ଦିନିଆ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଲଭିପିଇଆଇ ସହଭାଗିତାରେ ଜିନ୍ଦଲ ଫାଉଣ୍ଡେସନର ଦୃଷ୍ଟି କାର୍ଯ୍ୟକ୍ରମ ଅଧୀନରେ ଅନୁଷ୍ଠିତ ଏହି ପରୀକ୍ଷଣ ଶିବିରକୁ ଭଦ୍ରାସାହି ସରପଞ୍ଚ ଶ୍ରୀମତୀ ପ୍ରମିଳା ନାଏକ ଓ କାଶିଆ ମାଇନ୍ସ ୟୁନିଟ୍ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଶିବିରର ମୋଟ ୪୦୫ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୧୦ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୪୧ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ଜିନ୍ଦଲ ଫାଉଣ୍ଡେସନ ସହଯୋଗରେ ସେମାନଙ୍କର ଅସ୍ତ୍ରୋପାଚର କରାଯିବ। ଏହି ଶିବିବରେ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ୧୦ଟି ଗ୍ରାମର ବାସିନ୍ଦାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଡ୍ରାଇଭର ଓ ଖଣିରେ କାମ କରୁଥିବା କର୍ମଚାରୀଙ୍କ ଚକ୍ଷୁ ପରୀକ୍ଷଣ ହୋଇଥିଲା। ପାରିପାର୍ଶ୍ୱିକ ଅଞ୍ଚଳର ସାମାଜିକ ବିକାଶକୁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାର ସର୍ବାଧିକ ପ୍ରାଥମିକତା ଦେଉଥିବା ବେଳେ ଜିନ୍ଦଲ ଫାଉଣ୍ଡେସନ ଏହି ଲକ୍ଷ୍ୟ ହାସଲ କରିବା ପାଇଁ କାମ କରିଆସୁଛି। ସ୍ଥାନୀୟ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ସଂସ୍କୃତି ଓ କ୍ରୀଡ଼ାର ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛି।




## ପ୍ରଥମ ଜିଲ୍ଲାସ୍ତରୀୟ 'ଇନଭେଷ୍ଟମେଣ୍ଟ ମିଟ୍-ଇନଭେଷ୍ଟ କନ୍ଧମାଳ' ଉଦ୍‌ଘାଟିତ

ଫୁଲବାଣୀ/ଦାରିଙ୍ଗବାଡି,୨୭।୨(ସଂଚାର ବ୍ୟୁରୋ): ଓଡିଶାର କାଶ୍ମୀର ଦାରିଙ୍ଗବାଡିରେ ଗୁରୁବାର ଉଦ୍‌ଘାଟିତ ହୋଇଛି ରାଜ୍ୟର ପ୍ରଥମ ଜିଲ୍ଲା ସ୍ତରୀୟ ଇନଭେଷ୍ଟମେଣ୍ଟ ମିଟ୍-ଇନଭେଷ୍ଟ କନ୍ଧମାଳ-୨୦୨୫ । ସ୍ଥାନୀୟ ଇକୋ ରିଟ୍ରିଟ୍ ଠାରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି । କନ୍ଧମାଳ ଜିଲ୍ଲାରେ ପର୍ଯ୍ୟଟନ, ପଶୁପାଳନ, ଉଦ୍ୟାନ କୃଷି ପାଇଁ ବ୍ୟାପକ ସୁଯୋଗ ରହିଥିବା ଏବଂ ଏହାର ଉପଯୋଗ ପାଇଁ ଏହା ଏକ ଯଥାର୍ଥ ଉଦ୍ୟମ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉତ୍କର୍ଷ ଓଡିଶାର ସଫଳ ରୂପାୟନ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି କହିଥିଲେ ସାଂସଦ। ଏହି ଇନଭେଷ୍ଟମେଣ୍ଟ ମିଟ୍‌ରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଷ୍ଠିତ ଉଦ୍ୟୋଗୀମାନେ ଯୋଗ ଦେଉଛନ୍ତି । ଜିଲ୍ଲାରେ ପର୍ଯ୍ୟଟନ, ହୋଟେଲ ଶିଳ୍ପ, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟସେବା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ପୁଞ୍ଜିନିବେଶର ସମ୍ଭାବନା ସମ୍ପର୍କରେ ଏ ଅବସରରେ ବିଶେଷ ଆଲୋଚନା କରାଯିବ । ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟୋଗୀମାନଙ୍କୁ ଭିତ୍ତିଭୂମି ସହାୟତା ନେଇ ମଧ୍ୟ ବିଚାର ବିମର୍ଶ କରାଯିବ ।

## ବିପଦସଂକୁଳ ଅବସ୍ଥାରେ ଦେବୀ ନଦୀବନ୍ଧ

### ନିମ୍ନମାନର କାମ ହେତୁ ରାସ୍ତା ସାରା ବଡ଼ ବଡ଼ ଗାତ



କାକଟପୁର /ଅସ୍ତରଙ୍ଗ ,୨୭।୨(ସଂଚାର ବ୍ୟୁରୋ): ଦୁର୍ବଳ ନଦୀ ବନ୍ଧକୁ ନେଇ ଛାନିଆ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ନଈକୁଳିଆ ବାସିନ୍ଦା। ବାରମ୍ବାର ନଦୀ ବନ୍ଧ କାମ ହେଉଥିଲେ ବି ନିମ୍ନ ମାନର କାମ ହେଉଥିବାରୁ ଗାଡି ଯାତାୟାତ ଫଳରେ ୬ ମାସ ମଧ୍ୟରେ ବିରାଟ କାୟ ଗର୍ତ୍ତ ହୋଇଗଲାଣି।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କଣମଣ ଠାରୁ ରାଇବେରୁଆଁ ପର୍ଯ୍ୟନ୍ତ ପ୍ରାୟ ୨କିଲୋମିଟର ରାସ୍ତା ଗୋଟେ ପାର୍ଶ୍ୱ ଦବିଯାଇଥିବା ବେଳେ ଭାରି ଯାନ ଯାତାୟାତ ହୋଇ ରାସ୍ତା ସାରା ବିରାଟ କାୟ ଗର୍ତ୍ତ ହୋଇଛି। ଓଡିଶା ଜୀବନ ରେଖା କୁହାଯାଉଥିବା ମହାନଦୀ ଏକ ପ୍ରମୁଖ ଶାଖା ନଦୀ ହେଉଛି ଦେବୀ। ଜଗତସିଂହପୁର ଜିଲ୍ଲା ଦେଇ ପୁରୀ ଜିଲ୍ଲାରେ ବହିଥିବା ଏହି ନଈ ଅସ୍ତରଙ୍ଗ ଠାରେ ବଙ୍ଗୋପସାଗର ରେ ମିଶିଛି। ମହାନଦୀରେ ବନ୍ୟା ଜଳପ୍ରବାହିତ ହେଲେ ସେଥିରୁ ପ୍ରାୟ ଅଧା ଜଳପ୍ରବାହିତ ଦେବୀ ନଦୀଦେଇ ନିଷ୍କାସନ ହୁଏ। ପ୍ରତିବର୍ଷ ନଦୀବନ୍ଧ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଠିକାଦାର ଓ ଜଳସମ୍ପଦ ବିଭାଗର କିଛି କର୍ମଚାରୀ ଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାମ ହେଉଥିବାରୁ ବାରମ୍ବାର ରାସ୍ତା ରେ ବିରାଟ ଗର୍ତ୍ତ ସୃଷ୍ଟି ହେଉଛି।କିଛି ଦିନ ତଳେ ବିଭାଗୀୟ ଅଧିକାରୀ ତାଳିପକା କାମ କରି ରାସ୍ତା କାମ ସାରିଥିବା ବେଳେ ପୁନର୍ବାର ରାସ୍ତାରେ ବିରାଟ କାୟ ଗର୍ତ୍ତ ହୋଇଛି, ଯାହାକି ଜନସାଧାରଣ ଯାତାୟାତ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ନିମାପଡା ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ କହିଛନ୍ତି କଣମଣ ରୁ ରାଇବେରୁଆଁ ରାସ୍ତାରେ ପ୍ରତ୍ୟେକ ଦିନ ପଥର ବୋଝେଇ ଭାରି ଯାନ ଯାତାୟାତ କରିବାରୁ ଗର୍ତ୍ତ ସୃଷ୍ଟିହୋଇଛି ଖୁବ ଶୀଘ୍ର କାମ ହେବ। କେବେ ନଦୀ ବନ୍ଧ ସମସ୍ୟା ଦୂର ହେଉଛି ତାହା ହିଁ ଅପେକ୍ଷା।

## ସ୍ୱାମୀଙ୍କୁ ଆକ୍ରମଣ, ସ୍ତ୍ରୀଙ୍କୁ ଅସଦାଚରଣ

ଦିଗପହଣ୍ଡି,୨୭।୨(ସଂଚାର ବ୍ୟୁରୋ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଠାକୁରାଣୀ ଛକର ରବି ନାୟକଙ୍କୁ ଦଳିତ ସାହିର ଲାଲୁ ନାୟକ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏପରିକି ରବିଙ୍କ ସ୍ତ୍ରୀ ରେଣୁ ନାୟକଙ୍କୁ ମଧ୍ୟ ଘର ସମ୍ମୁଖରେ ଲାଲୁ ଅସଦାଚରଣ କରିଥିବା ନେଇ ଏତଲା ହୋଇଛି। ଏତଲାକୁ ଭିତ୍ତିକରି ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୮୩/୨୫ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଗତ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଲାଲୁ ରବିଙ୍କ ଘର ସମ୍ମୁଖରେ ପହଞ୍ଚି ତାଙ୍କୁ ଆକ୍ଷେପ କରି ଗାଳି କରିଥିଲେ।

## ଦାଦନ ଦୁଃଖ: ଇଟାଭାଟିରେ ଗଲା ଶ୍ରମିକଙ୍କ ଜୀବନ

ନୀଳଗିରି,୨୭।୨(ସଂଚାର ବ୍ୟୁରୋ): ସ୍ତ୍ରୀ, ପିଲାଛୁଆ ମୁହଁରେ ଦାନା ଗଣ୍ଡାଏ ଦେବାପାଇଁ ଭିଟାମାଟି ଛାଡ଼ି ସୁଦୂର ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଗୋହିରଣା ଗ୍ରାମର ସ୍ୱର୍ଗତ କନ୍ଦା ମାଝୀଙ୍କ ପୁଅ ପଦନ ମାଝୀ (୩୬) ଆନ୍ଧ୍ରପ୍ରଦେଶ ରାଜ୍ୟ ତିରୁପତି ଅଞ୍ଚଳର ମାଟିରେଡି ଗଡିପାଲି ଠାରେ ଜେଏନ୍ଆର୍ ନାମକ ଇଟାଭାଟିରେ ଦାଦନ ଶ୍ରମିକ ଭାବରେ କାମ କରୁଥିଲେ। ବୁଧବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ଇଟାବୋଝେଇ ଟ୍ରାକ୍ଟର ଇଟା ଅନଲୋଡ କରି ଫେରୁଥିବା ବେଳେ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଯୋଗୁଁ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ ଘଟଣାସ୍ଥଳରେ ପଦନଙ୍କ ଜୀବନ ଚାଲିଯାଇଥିଲା। ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଥିବା ବେଳେ ସ୍ଥାନୀୟପୋଲିସ ଶବ ଜବତ କରିଥିଲା।ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଭଳି ଦୁଃଖଦ ଘଟଣା ସମ୍ପର୍କରେ ଅବଗତ ହେବାପରେ ଆନ୍ଧ୍ରସରକାର,ସ୍ଥାନୀୟ ପ୍ରଶାସନ ଏବଂ ସଂପୃକ୍ତ ଇଟାଭାଟି ମାଲିକଙ୍କ ସହ ଆଲୋଚନା କରି ଶବକୁ ଓଡ଼ିଶା ଆଣିବାର ସମସ୍ତ ବ୍ୟବସ୍ଥା କରିବାପରେ ଶବବ୍ୟବଚ୍ଛେଦ ପରେ ମୃତଦେହ ଆସୁଥିବା ଜଣାଯାଇଛି। ତେବେ ସଂପୃକ୍ତ ଶ୍ରମିକଜଣକ ଅତ୍ୟନ୍ତ ଗରୀବଶ୍ରେଣୀର ହୋଇଥିବା ବେଳେ ତାଙ୍କର ସ୍ତ୍ରୀ ଯମୁନା ଏବେ ସମ୍ପୂର୍ଣ୍ଣ ନିରାଶ୍ରୟା। ଯୁବକଙ୍କ ଦୁଇଝିଅରୁ ବଡ଼ଝିଅ ବାହା ହୋଇଯାଇଥିବା ବେଳେ ସାନଝିଅ ଚଳିତ ହାଇସ୍କୁଲ ବୋର୍ଡ ପରୀକ୍ଷା ଦେଉଥିଲେ। ବାପାଙ୍କ ମୃତ୍ୟୁ ଖବରପାଇ ଝିଅର ପରୀକ୍ଷାଦେବା ଆଶା ମଉଳିଯାଇଛି।

## ଥୁଆମୂଳ ରାମପୁର ସମିତିର ସ୍ୱତନ୍ତ୍ର ସମିତି ବୈଠକ




କଳାହାଣ୍ଡି, ୨୭।୨(ସଂଚାର ବ୍ୟୁରୋ): ଚଳିତ ମାସ ୨୫ ତାରିଖ ଦିନ ଥୁଆମୁଳ ରାମପୁର ସମିତି ସଭାଗୃହ ଠାରେ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସମିତି ବୈଠକ ଅନୁଷ୍ଠିତ ହେଇଯାଇଛି।ବୈଠକ ଆରମ୍ଭରେ ଜାତୀୟ ପିତା ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ସହ ଅଞ୍ଚଳର ଆରାଧ୍ୟ ଦେବୀ ମାଁ ମାଣିକ୍ୟେଶ୍ୱରୀଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରାଯାଇଥିଲା। ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ସମ୍ବନ୍ଧରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ଆଗାମୀ ୫ ବର୍ଷ ମଧ୍ୟରେ ସମସ୍ତ ଗାଁର ଉନ୍ନତିକରଣ ପାଇଁ ପଦକ୍ଷେପ ନେଇଥିବା ଜନ ଉନ୍ନୟନ ପ୍ରକଳ୍ପ ସମ୍ବନ୍ଧରେ ସମିତି ବୈଠକରେ ଯୋଗ ଦେଇଥିବା ଜନ ପ୍ରତିନିଧିମାନେ ସମିତିକୁ ଅବଗତ କରାଇଥିଲେ। ଏହାସହ ବର୍ତ୍ତମାନ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇ ଯାଇଛି। ଅନେକ ଦୁର୍ଗମ ଅଞ୍ଚଳର ଗାଁ ଗୁଡିକରେ ପାନୀୟ ଜଳ ସମସ୍ୟା ଦେଖାଦେଉଛି। ତେଣୁ ତା'ର ତ୍ୱରିତ ସମାଧାନ ପାଇଁ ପ୍ରାଥମିକତା ଦେବାକୁ ପ୍ରତିନିଧି ମାନେ ସମିତିକୁ ଜଣାଇଥିଲେ। ବୈଠକରେ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତିରେ ବିଜେପି ସରକାର ଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶାର କାର୍ଯ୍ୟ ଖସଡ଼ା ପଠନ କରି ଆଗାମୀ ୫ ବର୍ଷ ପାଇଁ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ତେବେ ଥୁଆମୂଳ ରାମପୁର ବ୍ଲକରେ ଥିବା ୨୪ ଗୋଟି ପଞ୍ଚାୟତ ପାଇଁ ମାତ୍ର ୪ ଜଣ ଜେ :ଇ : ଙ୍କ ଦାୟୀତ୍ୱ ତୁଲାଉଥିବା ବେଳେ ଗାଁ ର ବିକାଶ କିପରି ହେବ ବୋଲି ସମସ୍ତେ ଉଦବେଗ ପ୍ରକାଶ କରିଥିଲେ।ଖାଲି ରହିଥିବା ଏ ବିଡ଼ିଓ. ଜିପିଓ. ଏ ପିଓ. ସମ୍ପ୍ରସାରଣ ଅଧିକାରୀ ନିଯୁକ୍ତି ଆଣିବାରେ ଗୋଷ୍ଟି ଉନ୍ନୟନ ଅଧିକାରୀଙ୍କୁ ବୈଠକରେ ସମସ୍ତ ସମିତି. ସରପଞ୍ଚ ପ୍ରକାଶ କରିଥିଲେ।

## ଛତୁ ଚାଷ ଦେଇଛି ରୋଜଗାର, ଆର୍ଥିକ ସ୍ୱାବଲମ୍ବୀ ହୋଇଛନ୍ତି ବୃନ୍ଦାବତୀ



କନ୍ଧମାଳ,୨୭।୨(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ ର ୭ ନମ୍ବର ୱାର୍ଡ କୁଲିଆକୁଟି ଗାଁର ବୃନ୍ଦାବତୀ କହଁର ଛତୁ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରୁଥିବା ଦେଖୁବାକୁ ମିଳିଛି । ଫିରିଙ୍ଗିଆ ବ୍ଲକ ରେ ଧାନ ଚାଷ ଛାଡିଦେଲେ ଅନ୍ୟାନ୍ୟ ଚାଷ ପାଇଁ ସେଭଳି କୌଣସି ଜଳ ସେଚନ ର ସୁବିଧା ନଥିବା ବେଳେ ବର୍ତମାନ ଫିରିଙ୍ଗିଆ ବ୍ଲକ ର ରତଙ୍ଗ, ଜାର୍ଗୀ ପଦର, ପୋଡା ପଡା, ଭଳି ପ୍ରାୟ ଗାଁରେ ପରିବା ଚାଷ କରି ଭଲ ରୋଜଗାର କରୁଛନ୍ତି। ପ୍ରଶାସନ ର ଚାଷ ପ୍ରତି ବିଭିନ୍ନ ତାଲିମ ପ୍ରଦାନ କରିବା ସହ ଛତୁ, ଗେଣ୍ଡୁ ଫୁଲ, ଡ୍ରାଗନ ଫ୍ରୁଟ, ଷ୍ଟ୍ରବେରୀ ଚାଷ ଭଳି ଚାଷ କରିବାକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି। ତେବେ ଗାଁ ଗାଁ ରେ ବିଭିନ୍ନ ଚାଷ କୁ ଆପଣଉଥିବା ବେଳେ ଠିକ ଭାବରେ ତାଲିମ ହେଉ ନଥିବାରୁ ଚାଷ କରି ବହୁ କ୍ଷତି ସହିବାକୁ ପଡୁଛି । ବୃନ୍ଦାବତୀ ଙ୍କ କ୍ଷେତ୍ରରେ ସେ ଗତ ୪ ବର୍ଷ ପୂର୍ବରୁ ଛତୁ ଚାଷ ପାଇଁ ମନ ବୋଲାଇଥିବା ବେଳେ ପ୍ରତିବର୍ଷ ବର୍ତମାନ ପର୍ଯ୍ୟନ୍ତ ଛତୁ ଚାଷ କରୁଛନ୍ତି । ଆଗରୁ କମ ଛତୁ ଚାଷ କରୁଥୁବା ବେଳେ ଚଳିତ ବର୍ଷ ଭଲ ଛତୁ ଚାଷ ହେବା ସହ ଭଲ ରୋଜଗାର ମଧ୍ୟ ହେଉଥିବା କହିଛନ୍ତି ବୃନ୍ଦାବତୀ ଯାହା ଚାଷ ହେଉଛି ଫିରିଙ୍ଗିଆ ବଜାର ରେ ବୁଲାଇ ବିକ୍ରି କରିଥିବା ବେଳେ କେଜି ପ୍ରତି ୧୮୦ ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି ଓ ପ୍ରତି ୨ ରୁ ୩ ଦିନ ମଧ୍ୟରେ ୯ ରୁ ୧୦ କେଜି ପର୍ଯ୍ୟନ୍ତ ଛତୁ ଅମଳ ହେଉଥିବା କହିଛନ୍ତି ବୃନ୍ଦାବତୀ । ବର୍ତମାନ ଧୀଙ୍ଗରି ଛତୁ ଚାଷ କରିଛନ୍ତି ଓ ଖାଉଟି ମଧ୍ୟ ଛତୁ ଭଲ ହୋଇଥିବା ଦେଖି ଖୁସିରେ କିଣୁଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଜଣେ ମହିଳା ହୋଇ ନିଜ ଚେଷ୍ଟାରେ ଛତୁ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହୋଇ ନିଜ ପରିବାର କୁ ମଧ୍ୟ ଚଳାଇବାରେ ସହାୟକ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ର ଉତ୍ସ ପାଲଟିଛନ୍ତି । କେବଳ ଏତିକି ନୁହେଁ ନିଜ ବାଡ଼ିରେ ଅଳ୍ପ ଅଳ୍ପ ପରିବା ମଧ୍ୟ ଚାଷ କରୁଥିବା ବେଳେ ଧାନ ଚାଷ ମଧ୍ୟ କରୁଥିବା କହିଛନ୍ତି ବୃନ୍ଦାବତୀ । ଆଗାମୀ ଦିନରେ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବା ସହ ବିଭିନ୍ନ ଆବଶ୍ୟକୀୟ ସରଞ୍ଜାମ ଯୋଗାଇଦେଲେ ଅଧିକ ଚାଷ କରି ଭଲ ୨ ପଇସା ରୋଜଗାର ହୋଇ ପାରିବ ବୋଲି ଆଶା ରଖିଛନ୍ତି ବୃନ୍ଦାବତୀ ।



# ପର୍ଯ୍ୟଟନ

## ସାନଘାଗରା ଜଳପ୍ରପାତ





କେନ୍ଦୁଝର ସହରଠାରୁ ସମ୍ବଲପୁର ଅଭିମୁଖେ ୬ ନମ୍ବର ଜାତୀୟ ରାଜପଥରେ କେନ୍ଦୁଝର ସହରଠାରୁ ପ୍ରାୟ ୦୮ K.Ms ଦୂରରେ ସାନା ଘଗରା ଜଳପ୍ରପାତ ଅବସ୍ଥିତ। ଏହି ଅଞ୍ଚଳ ୪୮୮ ହେକ୍ଟରରେ ବ୍ୟାପ୍ତ। ଏକ ପାହାଡ଼ିଆ ଅଞ୍ଚଳରେ ଯେଉଁଥିରେ ବିଶେଷ ମିଶ୍ରିତ ପତନଶୀଳ ଏବଂ ବିବିଧ ପ୍ରକାରର ଜଙ୍ଗଲ ଉଦ୍ଭିଦ ରହିଛି। ବାରମ୍ବାର ଝରଣା ଥିବା ପ୍ରସିଦ୍ଧ ସାନା ଘଗରା ଜଳପ୍ରପାତ ଏହି ଜଙ୍ଗଲ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବଢ଼ାଇଥାଏ ଏବଂ ବର୍ଷସାରା ବହୁ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହା ଏମଏସଏଲଠାରୁ ହାରାହାରି ୧୯୫୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏବଂ ତୁଳନାତ୍ମକ ଥଣ୍ଡା ଗ୍ରୀଷ୍ମ ଏବଂ ଥଣ୍ଡା ଶୀତ ଅନୁଭବ କରେ । ହାରାହାରି ବାର୍ଷିକ ବୃଷ୍ଟିପାତ ପ୍ରାୟ ୧୫୦୦ ମିଲିମିଟର ଏବଂ ତାପମାତ୍ରା ୧୪.୭ ଡିଗ୍ରୀ ସେଲସିୟସରୁ ୪୧.୧ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହୋଇଥାଏ। ଆପେକ୍ଷିକ ଆର୍ଦ୍ରତା ୪୧ରୁ ୯୩% ମଧ୍ୟରେ ହୋଇଥାଏ ଏବଂ ସାଧାରଣତଃ ଏହି ଅଞ୍ଚଳରେ କୌଣସି ଥଣ୍ଡା ହୁଏ ନାହିଁ। ଏହି ଅଞ୍ଚଳ ଏକ ଅତ୍ୟନ୍ତ ଅଶାନ୍ତ ଅଞ୍ଚଳ ଯେଉଁଠାରେ ପାହାଡ଼, ପାହାଡ଼ ଏବଂ 'ଭି' ଆକୃତିର ଏକ ସଂକୀର୍ଣ୍ଣ ଉପତ୍ୟକା ରହିଛି । ପାହାଡ଼ ଓ ପାହାଡ଼ ଗୁଡ଼ିକ ଅତ୍ୟନ୍ତ ଖରାପ ଏବଂ ପଥର ଗଠନ ଡୋଲେରାଇଟ୍ ଉତ୍ପତ୍ତିର ଅଟେ। ଏହି ଅଞ୍ଚଳ ମାଛକଣ୍ଡନା ନାଳ ଦେଇ ବୈତରଣୀ ନଦୀରେ ପ୍ରବାହିତ ହେଉଛି।




### କେମିତି ଯିବେ

୬ କି.ମି. ଏନ୍. ଏଚ୍.-୬ ପାର୍ଶ୍ୱରେ ଅବସ୍ଥିତ କେନ୍ଦୁଝର ସହରରୁ ସାନଘାଗରାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଭୁବନେଶ୍ୱରରୁ କେନ୍ଦୁଝରକୁ ବସ୍ ସେବା ରହିଛି। ଟ୍ରେନ୍‌ରେ ଯିବାକୁ ହେଲେ, କେନ୍ଦୁଝର ଷ୍ଟେସନରୁ ସାନଘାଗରା ୪ କିମି ଦୂର।

## ସାମୁଦ୍ରିକ ସଂଗ୍ରହାଳୟ



କଟକ ଯୋବ୍ରାଠାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟରେ ଆଧୁନିକ ସଂଗ୍ରହାଳୟରେ ଆବଶ୍ୟକ ଅନୁଯାୟୀ ୧୦ଟି ଗ୍ୟାଲେରୀ ସହ ଏହାର ଆନୁଷଙ୍ଗିକ ଉପାଦାନ ରହିଛି। ବ୍ରିଟିଶ ଭାରତର ବେଙ୍ଗଲ ପ୍ରେସିଡେନ୍ସି ଅଧୀନରେ ବିହାର, ବଙ୍ଗଳା ଏବଂ ଓଡ଼ିଶାର ତିନୋଟି ପ୍ରଦେଶର ଆବଶ୍ୟକତାକୁ ପୂରଣ କରୁଥିବା ଏକମାତ୍ର କର୍ମଶାଳା ଭାବରେ ଏହି ସ୍ଥାନର ଅନନ୍ୟ ଗୌରବ ରହିଛି। ୧୮୬୬ ମସିହାରେ ଓଡ଼ିଶାରେ ମହାଦୁର୍ଭିକ୍ଷ ପରେ ବ୍ରିଟିଶ ପ୍ରଶାସନର ତତ୍କାଳୀନ ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ଜଣେ ସ୍କଟିଶ ଇଞ୍ଜିନିୟର ଶ୍ରୀ ଜିଏଚ୍ ଫକନରଙ୍କ ଉଦ୍ୟମରେ ଏହା ପ୍ରତିଷ୍ଠା କରାଯାଇଥିଲା। ବ୍ରିଟିଶ ପ୍ରଶାସନ ମରୁଡ଼ିର ପ୍ରଭାବର ମୁକାବିଲା ପାଇଁ ଉପକୂଳ କେନାଲ, ତାଳଦଣ୍ଡା କେନାଲ ଏବଂ ଅନ୍ୟାନ୍ୟ ଜଳସେଚନ ପ୍ରକଳ୍ପ ଖନନ କାର୍ଯ୍ୟ ହାତକୁ ନେଇଥିଲା। ଏହି କର୍ମଶାଳା ମୁଖ୍ୟତଃ ଆନିକଟ, ଡ୍ୟାମ୍, କେନାଲ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଜଳ ପରିବହନ ବ୍ୟବସ୍ଥାର ଆବଶ୍ୟକତାକୁ ପୂରଣ କରିଥିଲା। ସେହି ସମୟରେ କଟକରୁ କଲିକତାକୁ ପ୍ରବେଶ କେବଳ ମହାନଦୀ ଉପରେ ପାରାଦୀପ ନିକଟରେ ଥିବା ଫଲ୍ସ ପଏଣ୍ଟକୁ ଏବଂ ସମୁଦ୍ର ପଥରେ କଲିକତା କିମ୍ବା ଚାନ୍ଦବାଲିରୁ କଲିକତା ପର୍ଯ୍ୟନ୍ତ ଯାତ୍ରା ମାଧ୍ୟମରେ ଥିଲା।

ଉଚ୍ଚ ସମୁଦ୍ରରେ ଥିବା ଜାହାଜର ଗତିପଥ ଠିକ୍ ଭାବରେ ଚାର୍ଟ କରିବା ପାଇଁ ନେଭିଗେସନ୍ ଗୁରୁତ୍ୱପୂର୍ଣ୍ଣ। ଉଚ୍ଚ ସମୁଦ୍ରରେ ଯାତ୍ରା କରିବା ସଭ୍ୟତା ଏବଂ ପ୍ରାଚୀନ ସଂସ୍କୃତି ସହିତ ପ୍ରାୟ ସମାନ। ଖୁବ୍ ପ୍ରାରମ୍ଭିକ ସମୟରୁ ସମୁଦ୍ର ଯାତ୍ରା ଆରମ୍ଭ ହୋଇପାରେ। ତଦନୁଯାୟୀ ଧୀରେ ଧୀରେ ନେଭିଗେସନ୍ କୌଶଳ ବିକଶିତ ହେଲା। ପ୍ରାରମ୍ଭରେ ସୂର୍ଯ୍ୟ, ଚନ୍ଦ୍ର, ସୂର୍ଯ୍ୟ ଏବଂ ଭାରତୀୟ ପରିପ୍ରେକ୍ଷୀରେ ଉତ୍ତର ନକ୍ଷତ୍ର (ଧ୍ରୁବ ତାରା) ଭଳି ନକ୍ଷତ୍ର ପୃଥିବୀ ଉଚ୍ଚ ସମୁଦ୍ରରେ ନେଭିଗେସନ୍ ପାଇଁ ମାର୍ଗଦର୍ଶକ ବିନ୍ଦୁ ଥିଲା। ପରବର୍ତ୍ତୀ ସମୟରେ କମ୍ପାସ୍, ଅକ୍ଷାଂଶ ଓ ଦ୍ରାଘିମା, ମେରିଡିଆନ୍ ଏବଂ ଟ୍ରପିକାଲ ରେଖାଗୁଡ଼ିକ ନାଭିଗେଟର୍ମାନଙ୍କ ଦ୍ୱାରା ଆବିଷ୍କୃତ ଏବଂ ବ୍ୟବହାର କରାଯାଇଥିଲା। ଏହି ଗ୍ୟାଲେରୀରେ ବସ୍ତୁ, ଚାର୍ଟ, ଫଟୋଗ୍ରାଫ୍ ଏବଂ ମଡେଲ୍ ମାଧ୍ୟମରେ ନେଭିଗେସନର ଇତିହାସକୁ ଚିତ୍ରିତ କରାଯାଇଛି।

## ଦହିବରା ଆଳୁଦମ୍



ଓଡ଼ିଆ ଲୋକଙ୍କ ପାଇଁ ଦହିବରା କେବଳ ଖାଦ୍ୟ ନୁହେଁ, ଏହା ଏକ ଭାବନା। କଟକ ଦହିବରାର ସ୍ୱାଦ ଅନ୍ୟମାନଙ୍କଠାରୁ ସ୍ପଷ୍ଟ ଭାବରେ ଅଲଗା। ମାର୍ଚ୍ଚ ପହିଲାକୁ ଓଡ଼ିଶାରେ ଦହିବରା ଆଳୁଦମ୍ ଦିବସଭାବେ ପାଳନ କରାଯାଏ। ଦହିବରା ହେଉଛି ଦହି ଏବଂ ବରାର ମିଶ୍ରଣ। ବିରି ଏବଂ ଚାଉଳରେ ଏହାକୁ ପ୍ରସ୍ତୁତ କରାଯାଏ। ଦହିବରାରୁ ଅତିରିକ୍ତ ତେଲ ବାହାର କରିବା ପାଇଁ ବରାକୁ ପାଣିରେ ଭିଜାଇ ଦହି ଭର୍ତ୍ତି ଏକ ପାତ୍ରରେ ପକାଇ ଦହିବରା ତିଆରି କରାଯାଏ। ସେହିଭଳି ଆଳୁଦମ୍ ହେଉଛି ବିଭିନ୍ନ ଭାରତୀୟ ମସଲାର ମିଶ୍ରଣରେ ସିଝା ଆଳୁର ଏକ ମସଲାଯୁକ୍ତ ତରକାରୀ। ବିଶେଷକରି ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ଦହିବରା ଓ ଆଳୁଦମ୍ ସାଧାରଣ ଓଡ଼ିଆଙ୍କ ପାଇଁ ଆକର୍ଷଣୀୟ। ଦହିବରା ବିଷୟରେ କହିବାବେଳେ କଟକର ସିଲଭର ସିଟି ବିଷୟରେ ଉଲ୍ଲେଖ କରିବା ଜରୁରୀ। ଏହି ସହରର ଅନେକ ଆକର୍ଷଣ ରହିଛି କିନ୍ତୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦହିବରା ଆଳୁଦମ୍ ପ୍ରତି ଥିବା ଭଲପାଇବାକୁ ବିଶ୍ୱାସ କରାଯିବା ଉଚିତ। ସ୍ଥାନୀୟ ଲୋକମାନେ ଦିନର ଯେକୌଣସି ସମୟରେ ଦହିବରା ଖାଇପାରିବେ, କାରଣ ଏହାର ସ୍ୱାଦ ଏବଂ ଗଠନ ହେତୁ ସେମାନେ ଏହାକୁ ଏକ ମୁଖ୍ୟ ଷ୍ଟ୍ରିଟ୍ ଫୁଡ୍ ଭାବରେ ବିବେଚନା କରନ୍ତି। ଏହା ନୁହେଁ ଯେ ଦହିବରା ଓ ଆଳୁଦମ୍ ଘରେ ତିଆରି ହୋଇପାରିବ ନାହିଁ, ବରଂ ଓଡ଼ିଶାବାସୀ ଏହାକୁ ଖାଦ୍ୟ ଷ୍ଟଲରୁ ଖାଇବାକୁ ପସନ୍ଦ କରନ୍ତି। ଦହିବରାକୁ ଏକ ଯୋଡ଼ା ପତ୍ର ପ୍ଲେଟରେ ଗରମ ଆଳୁ ଝୋଳ କିମ୍ବା ଆଳୁଦମ୍ ସହିତ ସେଓ, ଧନିଆ ପତ୍ର ଏବଂ କଟା ପିଆଜରେ ସଜାଇ ଦିଆଯାଏ। ପୂର୍ବରୁ ବିକ୍ରେତାମାନେ ନିଜ ସାଇକେଲରେ ଦୁଇଟି ବଡ଼ ପାତ୍ର ରଖି ଦହିବରା ବିକ୍ରି କରୁଥିଲେ କିନ୍ତୁ ଏବେ ସେମାନେ ଷ୍ଟଲ୍ ଲଗାଇଛନ୍ତି। ଶେଷରେ ଏକ ପ୍ଲେଟ୍ ଦହିବରା ଖାଇବା ପରେ ଦହି ପିଇବା ଦ୍ୱାରା ଦହିବରା ଆଳୁଦମ୍ ପ୍ରେମୀଙ୍କୁ ଏକ ସ୍ୱତନ୍ତ୍ର ସ୍ତରର ସନ୍ତୋଷ ମିଳିଥାଏ।





## ସୁଆଦିଆ କେନ୍ଦ୍ରାପଡ଼ା ରସାବଳୀ

ସୁନ୍ଦର ରାଜ୍ୟ-ଓଡ଼ିଶାର କେନ୍ଦ୍ରାପଡ଼ାରୁ ରସାବଳୀ ଆସିଛି। ଓଡ଼ିଶା କେବଳ ସଂସ୍କୃତି ଓ ଐତିହ୍ୟରେ ସମୃଦ୍ଧ ନୁହେଁ, ଆଞ୍ଚଳିକ ଖାଦ୍ୟ କ୍ଷେତ୍ରରେ ମଧ୍ୟ ଏହାର କିଛି ମହତ୍ତ୍ୱ ରହିଛି। ରସାବଳୀ ଓଡ଼ିଶାର ଅତ୍ୟନ୍ତ ଅନନ୍ୟ। ଏହା ଏକ ପ୍ରସିଦ୍ଧ ମିଠା ରେସିପି ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ। ତାଜା ଛେନା ବା ପନିରରେ ରସାବଳୀ ତିଆରି କରାଯାଏ। ଛେନାକୁ ଏକ ନରମ ଢାଞ୍ଚାରେ ଗୁଣ୍ଡ କରାଯାଏ ଏବଂ ତା'ପରେ ଚେପଟା ବଲରେ ତିଆରି କରାଯାଏ ଏବଂ ଲାଲ କରି ଭାଜି ଦିଆଯାଏ। ଏହାପରେ ଭଜା ଯାଇଥିବା ପନିର/ଛେନା ବଲଗୁଡ଼ିକ ଅଳେଇଚ ପଡ଼ିଥିବା କ୍ଷୀର ମୋଟା ହୋଇଗଲେ ପକାଯାଇପଶଇଥାଏ। ଏହା ଉପରେ କଟା ପିସ୍ତା ବାଦାମ ପକାଯାଏ। ରସାବଳୀ ମିଠା ଗରମ କିମ୍ବା ଥଣ୍ଡା ଆକାରରେ ଖିଆ ଯାଇପାରେ। ରସାବଳୀ କେନ୍ଦ୍ରପଡ଼ାର ଆରାଧ୍ୟ ଦେବତା ବଳଦେବଦେବଙ୍କୁ ଅର୍ପଣ କରାଯାଏ ଏବଂ କେନ୍ଦ୍ରାପଡ଼ାର ବଳଦେବଜୀଉ ମନ୍ଦିରରେ ଏହାର ଉତ୍ପତ୍ତି ହୋଇଥିଲା। ଏହା ଜଗନ୍ନାଥ ମନ୍ଦିରର ଚପନ ଭୋଗ ମଧ୍ୟରୁ ଅନ୍ୟତମ। ୩ ଅକ୍ଟୋବର ୨୦୨୩ରେ କେନ୍ଦ୍ରାପଡ଼ାର ରସାବଳୀକୁ ଜିଆଇ ମାନ୍ୟତା ମିଳିଛି। ରସାବଳୀକୁ ନେଇ ୯୦ ଦଶକରେ ସିନେମା ଗୀତ ପ୍ରସ୍ତୁତ କରାଯାଇଥିଲା। ରସାବଳୀ ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରସିଦ୍ଧ ଖାଦ୍ୟକୁ ଏହି ଗୀତରେ ପରିବେଷଣ କରାଯାଇଥିଲା। ଏହି ଗୀତଟି ରାଜ୍ୟରେ ସେ ସମୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଗୀତଟିର ଶୀର୍ଷକ ଥିଲା 'ଆସ କିଏ ଖାଇବ ହୋ ଆମ ରାଜା ବାବୁଘର ଖାନା'। ଚଳଚ୍ଚିତ୍ର ଥିଲା 'ଅକ୍ଷିତୃତୀୟା'। ଏହି ଗୀତଟିକୁ ଗାଇଥିଲେ ପ୍ରସିଦ୍ଧ ପ୍ରଚ୍ଛଦପଟ୍ଟ ଗାୟକ ତାନ୍‌ସେନ୍ ସିଂ।



## ସୁବିଧା ଯୋଗାଇବାରେ ଫେଲ୍ ମାରିଛି 'ବସୁଧା ଜଳ ଯୋଗାଣ ଯୋଜନା'

# ଉତ୍କଟ ଜଳ ସମସ୍ୟା ଘେରରେ ସମପାଲା ଗ୍ରାମବାସୀ



**କଳାହାଣ୍ଡି, ୨୭।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ଅନ୍ତର୍ଗତ ସିନ୍ଧିପଦର ଗ୍ରାମ ପଞ୍ଚାୟତ ଅଧିନସ୍ଥ ସମପାଲା ଗ୍ରାମବାସୀ ଉତ୍କଟ ଜଳ ସମସ୍ୟା ଦେଇ ଜୀବନ ଯାପନ କରୁଛନ୍ତି। ଫଳରେ ଗ୍ରାମବାସୀ ଙ୍କ ପାଇଁ ଝରଣା ଜଳ ହିଁ ଏକମାତ୍ର ଭରସା । ଯଦ୍ଦ୍ୱାରା ଅନେକ ସମୟରେ ଜଳବାହିତ ରୋଗର ଶୀକାର ହୋଇ ମୃତ୍ୟୁ ବରଣ କରିଥାଆନ୍ତି। ଗ୍ରାମରେ ଦୀର୍ଘ ତିନି ବର୍ଷ ତଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ ଯୋଜନାରେ ପ୍ରାୟ ୫୫ ଲକ୍ଷ ଟଙ୍କା ଅନୁଦାନରେ ପାଣି ଟାଙ୍କିର ନିର୍ମାଣ କରାଯାଇଛି। ରାସ୍ତା କଡ଼ର ସ୍ଥାନେ ସ୍ଥାନେ ନଳ ଜଳ ପାଇଁ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ନିର୍ମାଣ ହୋଇଛି, କିନ୍ତୁ ସେଥିରୁ ଜଳ ଯୋଗାଇ ଦିଆଯାଉ ନାହିଁ । ଫଳରେ ମହିଳା ମାନେ ଗ୍ରାମର ଅଳ୍ପ ଦୂରରେ ବୋହି ଯାଉଥିବା ଝରଣା ଜଳକୁ ବର୍ଷ ତମାମ ପାନୀୟ ଜଳ ଓ ଦୈନନ୍ଦିନ ନିତ୍ୟକର୍ମ ପାଇଁ ବ୍ୟବହାର କରିବାକୁ ବାଧ୍ୟ ହୋଇ ଥାଆନ୍ତି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଗ୍ରାମବାସୀ ଙ୍କ ପାଇଁ ସବୁଦିନିଆ ରାସ୍ତା ଖଣ୍ଡେ ମଧ୍ୟ ନାହିଁ। ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ନିମନ୍ତେ ଆମ୍ବୁଲାନ୍ସ ଯାତାୟାତ ପାଇଁ ରାସ୍ତା ନ ଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥାଏ। ଗାଁ ରେ ମୋବାଇଲ୍ ଟାୱାର ଟିଏ ନ ଥିବାରୁ ପ୍ରାୟ ଦୁଇ କି.ମି ଦୂରରେ ଥିବା ପାହାଡ଼ ଶିଖରକୁ ଚଢ଼ିବାକୁ ପଡିଥାଏ ବୋଲି ସମପାଲା ଗ୍ରାମବାସୀ କ୍ଷୋଭ ପ୍ରକଟ କରିଛନ୍ତି । ଏନେଇ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ କାହାର ସୁଦୃଷ୍ଟି ପଡୁନାହିଁ ବୋଲି ଅଭିଯୋଗ କରିଛନ୍ତି । ଏଭଳି ପରିସ୍ଥିତିରେ ଗ୍ରାମବାସୀ ଗଣମାଧ୍ୟମ ଆଗରେ ନିଜର ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିବେଦନ କରିଛନ୍ତି।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ



**ସୁବର୍ଣ୍ଣପୁର,୨୭।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି(ଦିଶା) ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କମିଟି ଅଧ୍ୟକ୍ଷ ବଲାଙ୍ଗିର ଲୋକସଭା ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂଦେଓ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ସ୍ୱାଗତ ଭାଷଣ ସହିତ ଜିଲ୍ଲାରେ କାର୍ଯ୍ୟକାରୀ କେନ୍ଦ୍ରୀୟ ଉନ୍ନୟନମୂଳକ ଯୋଜନାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଓ ଅଧିକାରୀ ଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ପୂର୍ବକ କେନ୍ଦ୍ରୀୟ ଅନୁଦାନ ଯୋଜନା ଗୁଡିକର ସଫଳ ରୂପାୟନ କରିବାକୁ ସାଂସଦ ଶ୍ରୀମତୀ ସିଂଦେଓ ଗୁରୁତ୍ୱାରୋପ କରିଥିଲେ। ତତସହ ସାଂସଦ ପାଣ୍ଠି ଦ୍ୱାରା କାର୍ଯ୍ୟକାରୀ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଓ କାର୍ଯ୍ୟକାରିତାର ସମୀକ୍ଷା କରି ଧାର୍ଯ୍ୟ ସମୟରେ ସଂପୂର୍ଣ୍ଣ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଶେଷଭାବେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଗୁଣାତ୍ମକ ମାନ, ମନରେଗା ଯୋଜନାର ସଫଳ ରୂପାୟନ, ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟନ୍ୱୟନ ଯୋଜନା, ପ୍ରଧାନମନ୍ତ୍ରୀ ଆବସ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, କ୍ଷୁଦ୍ର ଜଳସେଚନ, ମେଘା ଲିଫ୍ଟ ପ୍ରକଳ୍ପ, ଜାତୀୟ ମଙ୍ଗଳ ଯୋଜନା ର ଏମ ପି ଆଦର୍ଶ ଗ୍ରାମ ଓ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା କାର୍ଯ୍ୟକାରୀ ସ୍ୱାସ୍ଥ୍ୟ ଯୋଜନା, ସମଗ୍ର ଶିକ୍ଷା ଅଭିଯାନର କାର୍ଯ୍ୟକାରିତା ର ସମୀକ୍ଷା କରିଥିଲେ। ଜିଲ୍ଲାରେ ସ୍ଥିତ ସମସ୍ତ ବର୍ଗ ସ୍କୁଲର ସମ୍ପୂର୍ଣ୍ଣ ତଥ୍ୟ ସାତଦିନ ମଧ୍ୟରେ ଦାଖଲ କରିବାକୁ କହିବା ସହ ସମସ୍ତ ସ୍କୁଲ ଗୁଡିକରେ ଆବଶ୍ୟକ ସୁବନ୍ଦୋବସ୍ତ ପୂର୍ବକ ଉଭୟ ବାଳକ ଓ ବାଳିକାଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟକୁ ସୁନିଶ୍ଚିତ କରିବାକୁ ଡିଇଓ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମୀକ୍ଷା କରି ସମସ୍ତ ଚିକିତ୍ସାଳୟ ଗୁଡିକରେ ସମସ୍ତ ମୌଳିକ ସୁବିଧାକୁ ଉପଲବ୍ଧ କରାଇବା ଉପରେ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି କମିଟି ଅଧ୍ୟକ୍ଷା ମାନ୍ୟବର ସାଂସଦ ଶ୍ରୀମତୀ ସିଂଦେଓ।

## ଶୈଳଶ୍ରୀବିହାର ବିଶ୍ୱନାଥ ମନ୍ଦିରରେ ମହାଶିବରାତ୍ରୀ



**ଭୁବନେଶ୍ୱର,୨୭।୨ (ସଂଚାର ବ୍ୟୁରୋ):** ଶୈଳଶ୍ରୀବିହାର ଜଗନ୍ନାଥ ମନ୍ଦିର ପରିସରରେ ଥିବା ବାବା ବିଶ୍ୱନାଥ ମନ୍ଦିରରେ ମହାଶିବରାତ୍ରି ମହାସମାରୋହରେ ପାଳିତ ହୋଇଯାଇଛି। ସକାଳ ୬ ଘଟିକା ସମୟରେ ମଙ୍ଗଳଆଳତୀ ପରେ ରୁଦ୍ରାଭିଷେକ, ଷୋଡଶ ଉପଚାର ପୂଜା, ହରିହର ଭେଟ ଅନୁଷ୍ଠିତ ହୋଇ ରାତ୍ର ସାଢେ ୧୦ ଟା ସମୟରେ ମହାଦୀପ ଉଠିଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଚାରୋଟି ଧାଡିରେ ଭକ୍ତମାନେ ଆସି ପୂଜାର୍ଚ୍ଚନା କରିବା ସହିତ ପ୍ରଭୁଙ୍କ ଦର୍ଶନ କରିଥିଲେ। ରାତିରେ ହଜାର ହଜାର ସଂଖ୍ୟାରେ ଭକ୍ତ ଉଜାଗର ରହି ଦୀପ ଜାଳିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ଶ୍ରୀ ଜଗନ୍ନାଥ ଭକ୍ତି ଟ୍ରଷ୍ଟର ଟ୍ରଷ୍ଟି ହେମନ୍ତ କୁମାର ମହାପାତ୍ର, ସମ୍ପାଦକ ଗୋଲାକକୃଷ୍ଣ ପଟ୍ଟନାୟକଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଅଶିଷ କୁମାର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ନାଥ ସେନାପତି, ଅମିତ କିରଣ ହୋତା ଓ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ସ୍ଥାନୀୟ ଅଞ୍ଚଳର ଶୁଭେଚ୍ଛୁ ସାହାର୍ଯ୍ୟ ସହେଯାଗ କରିଥିଲେ। ସମଗ୍ର ଶୈଳଶ୍ରୀ କ୍ଷେତ୍ର ଶିବମୟ ହୋଇ ଉଠିଥିଲା।

## ଭାରତୀୟ ନୃତ୍ୟ ସମାରୋହ କାର୍ଯ୍ୟକ୍ରମ



**ପୁରୀ,୨୭।୨ (ସଂଚାର ବ୍ୟୁରୋ):** ବଡ଼ ଦାଣ୍ଡ ସ୍ଥିତ ଅର୍ନପୂର୍ଣ୍ଣା ଥିଏଟର ରଙ୍ଗ ମଞ୍ଚଠାରେ ସର୍ବ ଭାରତୀୟ ନୃତ୍ୟ ସମାରୋହ ଉଦଯାପିତ ହୋଯାଇଛି ଗତ ଦୁଇ ଦିନ ଧରି ଚାଲିଥିଲା କାର୍ଯ୍ୟକ୍ରମ, ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶହେ ରୁ ଉର୍ଦ୍ଧ ନୃତ୍ୟ ଶିଳ୍ପୀ ସାମିଲ ହୋଇଥିଲେ, ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଡକ୍ଟର ଉପେନ୍ଦ୍ର କୁମାର ଶର୍ମା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟା ରେ କୁନି କୁନି କଳାକାର ଆସି ଯୋଗ ଦେଇଥିଲେ ,ଏଥି ମଧ୍ୟରୁ କୋମଳିନୀ ଏକାଡେମି ପକ୍ଷରୁ ଓଡିଶୀ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟର ଝଲକ ଦର୍ଶକ ମାନଙ୍କ ଚାଲି ରଖିଥିଲା। ତା ସାଙ୍ଗକୁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଗ୍ରାମ କୋମଳିନୀ ଡାନ୍ସ ଏକାଡେମୀ ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ତଥା -ଯାଜ୍ଞସେନି ବାହିନୀ ପତି ଓ ସାଥି କଳାକାର- ସୌମ୍ୟଶ୍ରୀ ବାହିନୀ ପତି, ଶୁଭସ୍ମିତା ବାରିକ, ରଶ୍ମିତା ବାରିକ,ପ୍ରତିଭା ବିଶ୍ୱାଳ, ପ୍ରିୟଙ୍କା ବେହେରା,ମାନଙ୍କ ଦ୍ୱାରା ପ୍ରଦର୍ଶିତ ଓଡିଶୀ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା । ସର୍ବଶେଷରେ କୁନି କଳାକାର ମାନଙ୍କଭିତରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା କଳାକାରଙ୍କୁ ମାନପତ୍ର ସହ ଉତ୍ତରରିୟ ଦେଇ ସମାରୋହକୁ ସମ୍ପାଦାନ କରାଗଲା ।

## ମହାଶିବରାତ୍ରୀ ପାଇଁ ବିଭିନ୍ନ ଶିବାଳୟରେ ଭକ୍ତଙ୍କ ଭିଡ଼



**ଖପ୍ରାଖୋଲ,୨୭।୨(ସଂଚାର ବ୍ୟୁରୋ):** ବୁଧବାର ଦିନ ପବିତ୍ର ମହାଶିବରାତ୍ରୀ । ଚଳଚଞ୍ଚଳ ଗାଁ ଠୁ ସହର । ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ରେ ଶୈବ ପୀଠ । ଏହି ପରିପ୍ରେକ୍ଷୀରେ ଆଜି ଖପ୍ରାଖୋଲ ବ୍ଲକ ଅଧିନସ୍ଥ ମହୁରୁଣ୍ଡି ଗାଁର ଶିବ ମନ୍ଦିର ଠାରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ମହାଶିବରାତ୍ରି ସାରା ବିଶ୍ୱାସରେ ପାଳିତ କରାଯାଇଥାଏ ଏବଂ ଭଗବାନଙ୍କୁ ଗୁହାରି କରିଥାନ୍ତି। ଦେବାଧିଦେବ ମହାଦେବଙ୍କ ପୂଜାର୍ଚ୍ଚନା ପାଇଁ ଚଳଚଞ୍ଚଳ ହୋଇପଡିଛି ମହୁରୁଣ୍ଡି । ମନ୍ଦିର ଗୁଡିକ ପୂଜାର୍ଚ୍ଚନା ପାଇଁ ବିଶେଷ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ମହାପ୍ରଭୁଙ୍କ ପାଖରେ ଜାଗର ଜାଳିବା ପାଇଁ ଲୋକଙ୍କ ମନରେ ଉଦ୍ଦିପନା ପ୍ରକାଶ ପାଇଛି। ସମସ୍ତେ ଶିବ କୃପା ଲାଭ କରିବା ପାଇଁ ଆତୁର ଅଛନ୍ତି । ରାତିରେ ମହାଦୀପ ଉଠିବା ସହ ନୀତିକାନ୍ତି ଶହ ଜାଗର ଯାତ୍ରା ପାଳନ ହେବ ବୋଲି ମନ୍ଦିର ର ପୂଜକ ପ୍ରକାଶିତ କରିଛନ୍ତି । ରାତ୍ରି ୧୦ ଟାରେ ମହାଦୀପ ଉଠିବ ବୋଲି ମନ୍ଦିର ର ପୂଜକ ଯୁଧିଷ୍ଠିର ଥନାପତି ସୂଚନା ଦେଇଛନ୍ତି ।

## ବିଶିଷ୍ଟ ସମାଜସେବୀଙ୍କ ଡକ୍ଟରେଟ ଉପାଧି



**ଯାଜପୁର ରୋଡ଼, ୨୭।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ସଠିପୁର ଅଂଚଳର ସମାଜସେବୀ ତଥା ଯୁବ ବ୍ୟବସାୟୀ, ଯୁବ ସଂଗଠକ ଭାବେ ଚାରିଆଡ଼େ ପରିଚିତ ଥିବା ଶ୍ରୀ ଦୈତାରୀ ଧଳଙ୍କୁ ମିଳିଛି ଡକ୍ଟରେଟ ଉପାଧି। ଶ୍ରୀଧଳ ସଦା ସର୍ବଦା ଅନେକ ଜନହିତକାରି କାର୍ଯ୍ୟକରିବା ସହିତ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହ ଜଡିତ ରହିଥିବା ବେଳେ ସେ ସଦାସର୍ବଦା ଅନେକ ଦୁଃଖୀ,ରଙ୍କି ଓ ଗରିବ ଲୋକଙ୍କ ସୁଖଦୁଃଖର ସାଥି ହୋଇ ରହିଥାନ୍ତି । ରାଜନୀତି ଓ ସମାଜସେବା କ୍ଷେତ୍ରରେ ମଧ୍ୟ ସେ ସବୁବେଳେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାନ୍ତି । ଶ୍ରୀଧଳ ନିଜ ଅଂଚଳ ବ୍ୟତୀତ ଯାଜପୁର ଜିଲ୍ଲା ରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିବାରୁ ୱାର୍ଲଡ ହ୍ୟୁମାନରାଇଟ୍ସ ଅନୁଷ୍ଠାନ ତରଫରୁ ସଭାପତି ଡ଼ଃ ଅଭିର୍ନ୍ନ ହୋତା ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନ ଠାରେ ତାଙ୍କୁ ଡ଼କ୍ଟରେଟ ଉପାଧି ସ୍ୱୀକୃତି ଦେବା ସହ ସଂମାନ୍ନୀତ କରିଥିଲେ । ଏଭଳି ଏକ ସମ୍ମାନଜନକ ଉପାଧି ପାଇଥିବାରୁ ତାଙ୍କର ବନ୍ଧୁବାନ୍ଧବ, ଆତ୍ମୀୟ, ସାଙ୍ଗସାଥି ଓ ତାଙ୍କ ସହିତ ଜଡିତ ଥିବା ବିଭିନ୍ନ ଅନୁଷ୍ଠାନର ସମସ୍ତ ସଭ୍ୟବୃନ୍ଦଙ୍କ ସମେତ ନିଜ ବ୍ୟବସାୟୀ ପ୍ରତିଷ୍ଠାନ ଆଶୀର୍ବାଦ ମିଳିଥିବା ବେଳେ ରିଅଲଇଷ୍ଟେଟ ଓ ପ୍ରାଇଭେଟ ଲିମିଟେଡ଼ର ସମସ୍ତ କର୍ମଚାରୀ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଭଳି ଏକ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ତରଫରୁ ସେ ଡକ୍ଟରେଟ ଉପାଧି ପାଇଥିବାରୁ ଶ୍ରୀଧଳ ଉକ୍ତ ସଂଗଠନକୁ କୃତଜ୍ଞତା ଜଣାଇଥିଲେ ।

## ମହୁଲ ଜଗୁଆଳି ମୃତଦେହ ଉଦ୍ଧାର



**ଉମରକୋଟ,୨୭।୨ (ସଂଚାର ବ୍ୟୁରୋ):** ବାପାକୁ ଡାକି ନେଇ ମାରିଦେଲେ । ମୋ ବାପା ଆଉ ନାହିଁ । ଗତକାଲି ସନ୍ଧ୍ୟାରେ ମୋ ବାପାଙ୍କୁ ଗାଁର ମକୁନ୍ଦ ଗୌଡ଼ ନାମକ ବ୍ୟକ୍ତି ଡାକି ନେଇଥିଲେ ଏବଂ ମହୁଲ ଗଛ ତଳେ ସାଥିରେ ଖିଆ ପିଆ କରିବା ପରେ ବାପାଙ୍କୁ ମକୁନ୍ଦ ଗୌଡ଼ ହତ୍ୟା କରିଥାଇ ପାରେ । ଏକଥା ଆମେ କହୁନୁ ବାପାକୁ ହରାଇ କ୍ୟାମେରା ପୁଅଟି କହୁଛି। ମହୁଲ ଜଗୁଆଳି ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି ପୋଲିସ। ବାପାଙ୍କୁ ହତ୍ୟା କରାଯାଇଛି ବୋଲି ଥାନାରେ ଅଭିଯୋଗ କରିଛନ୍ତି ମୃତ ବ୍ୟକ୍ତିଙ୍କ ପୁଅ। ଏହିଭଳି ଘଟଣା ଦେଖିବାକୁ ମିଳିଛି ଉମରକୋଟ ବ୍ଲକ ବେନରା ପଞ୍ଚାୟତ ଅଧୀନ ନୂଆଗୁଡା ଗାଁରେ । ତେବେ ଆଜି ସକାଳେ ପରିବାର ଲୋକଙ୍କୁ ମୃତକ ବୃଦ୍ଧଙ୍କ ସାଥିରେ ଥିବା ଯୁବକ ହିଁ ହତ୍ୟା ବିଷୟରେ ଖବର ଦେଇଥିଲା । ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଂଚିଥିଲେ। ଆଉ ଏହା ଏକ ହତ୍ୟାକାଣ୍ଡ ହୋଇଛି ବୋଲି ସନ୍ଦେହରେ ମକୁନ୍ଦ ଗୌଡ଼କୁ ଅଟକ ରଖିଥିଲେ । ଘଟଣାକୁ ନେଇ ମୃତକଙ୍କ ପୁଅ ପର୍ଶୁ ଗୌଡ଼ ଥାନାରେ ଅଭିଯୋଗ କରିଥିଲେ ଅଭିଯୋଗ ପାଇ ଘଟଣା ସ୍ଥଳକୁ ପୋଲିସ ଯାଇଥିଲେ ଏବଂ ମକୁନ୍ଦ ଗୌଡ଼କୁ ଥାନାକୁ ଆଣି ଅଟକ ରଖି ତଦନ୍ତ କରୁଛି ପୋଲିସ । ମୃତକଙ୍କ ମୁଣ୍ଡ ଓ ଅଣ୍ଟାରେ ଏକ ଧାରୁଆ ଅସ୍ତ୍ରରେ ଆଘାତ ହୋଇଥିବା ଦେଖିବାକୁ ମିଳିଛି ।

## ଏକତା ସୂତ୍ରରେ ଯୋଡ଼ିରଖେ ମହୋତ୍ସବ



**କାକଟପୁର /ଅସ୍ତରଙ୍ଗ,୨୭।୨ (ସଂଚାର ବ୍ୟୁରୋ):** ମହୋତ୍ସବ ସେହି ଅଞ୍ଚଳକୁ ଏକତା ସୂତ୍ରରେ ଯୋଡି ରଖେ। ଭାଇଚାରା କୁ ବଢାଏ। ଅଞ୍ଚଳର ବଣମଲ୍ଲୀକୁ ପ୍ରସ୍ଫୁଟିତ କରାଇବାରେ ସହଯୋଗ କରେ ବୋଲି ଅତିଥି କହିଛନ୍ତି।ପୁରୀ ଜିଲ୍ଲା କାକଟପୁର ଜଳସେଚନ ଡାକବଙ୍ଗଳା ଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକ ରେ ବିଧାୟକ ତୁଷାରକାନ୍ତି ବେହେରା ଙ୍କ ତତ୍ତ୍ୱବଧାନ ରେ ମଙ୍ଗଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୧୪ରୁ ୧୬ତାରିଖ ୩ ଦିନ ବ୍ୟାପି ଆୟୋଜିତ ହେବ ବୋଲି କମିଟି ତରଫରୁ ସୂଚନା ମିଳିଛି।ଏହି ପ୍ରସ୍ତୁତି ବୈଠକ ରେ ମହୋତ୍ସବ କମିଟିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ କାଠ ମିଲ୍‌ରେ ଚଢ଼ାଉ, ୪ ଅଟକ



**ଭୁବନେଶ୍ୱର,୨୭।୨ (ସଂଚାର ବ୍ୟୁରୋ):** ବେଆଇନ କାଠ ମିଲ୍‌ରେ ବନ ବିଭାଗ ଏବଂ ପୋଲିସର ମିଳିତ ଚଢାଉ। ଭଦ୍ରକ ପୁରୁଣା ବଜାର ଥାନା ଅଧିନ ହଳଦୀଡିହ ଛକ ନିକଟରେ ଥିବା ଏକ ବେଆଇନ କାଠ ମିଲ୍‌ରେ ଚଢାଉ ହୋଇଛି। କାଠ ମିଲ୍‌ର ବିଭିନ୍ନ ଯନ୍ତ୍ରାଂଶ ଜବତ କରିବା ସହ ପୋଲିସ ୪ ଜଣଙ୍କୁ ଅଟକ ରଖିଛି। ବିଶେଷ ସୂତ୍ରରୁ ଖବର ପାଇ ଭଦ୍ରକ ସିଟି ଡିଏସପି ସମ୍ବିତ ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ଓ ବନବିଭାଗ ଅଧିକାରୀଙ୍କ ଟିମ୍ ହଳଦୀଡିହ ଛକ ନିକଟରେ ଚାଲିଥିବା ଏକ ବେଆଇନ କାଠ ମିଲ୍‌ରେ ମିଳିତ ଭାବେ ଚଢାଉ କରିଥିଲେ। ବିନା କୌଣସି ଲାଇସେନ୍ସ ଏବଂ କାଗଜପତ୍ରରେ ଉକ୍ତ ମିଲ୍ ଚାଲୁଥିବା ଚଢାଉ ବେଳେ ଜଣାପଡ଼ିଥିଲା। ଏହାପରେ ପୋଲିସ ପ୍ରାୟ ୩ ଲକ୍ଷରୁ ଅଧିକ ମୂଲ୍ୟର ଯନ୍ତ୍ରାଂଶ ସହ ଏକ ଲିମ୍ବ କାଠ ଭର୍ତ୍ତି ଗାଡି ଜବତ କରିଥିଲା। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଉକ୍ତ ମିଲ୍‌ର ମାଲିକ କିଏ ଜଣାପଡ଼ି ନାହିଁ। ତହସିଲଦାରଙ୍କ ସହାୟତାରେ ସେହି ସ୍ଥାନର ସୀମା ନିର୍ଦ୍ଧାରଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ଅଧିକାରୀ ପିତାମ୍ବର ନାୟକ ସୂଚନା ଦେଇଛନ୍ତି।

## ରାସ୍ତାକଡ଼ରୁ ଅଜଣା ମୃତଦେହ ଉଦ୍ଧାର

**ଜଳେଶ୍ୱର,୨୭।୨ (ସଂଚାର ବ୍ୟୁରୋ):** ରାସ୍ତାକଡ଼ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ୬୦ନଂ ଜାତୀୟ ରାଜପଥ ନନ୍ଦିକା ବାଇପାସ୍ ଅନତି ଦୂରରୁ ଏହି ମୃତଦେହ ଉଦ୍ଧାର ହୋଇଛି। ଜଳେଶ୍ୱର ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଗୁରୁବାର ସକାଳେ ୬୦ନଂ ଜାତୀୟ ରାଜପଥ ନନ୍ଦିକା ବାଇପାସ୍ ଅନତି ଦୂରରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜଳେଶ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍‌କୁ ଖବର ଦିଆଯାଇଛି। ତଦନ୍ତ ପରେ ଏହା ହତ୍ୟା ନା ଆଉ କଣ ତାହା ସ୍ପଷ୍ଟ ହେବ। ତେବେ ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି। ଏହି ବ୍ୟକ୍ତି ଜଣଙ୍କ କିଏ ଏବଂ ଏଠାକୁ କିପରି ଆସିଲେ ସେନେଇ ପୋଲିସ ଛାନଭିନ୍ ଚଳାଇଛି।

## ହଠାତ୍ ଟଳିପଡ଼ିଲେ ସୁଦର୍ଶନ

**ବାଲିଗୁଡା,୨୭।୨ (ସଂଚାର ବ୍ୟୁରୋ):** ଏମିତି ବି ଆସେ ମୃତ୍ୟୁ । ନିମିଷକେ ଚାଲି ଯାଏ ଅମୂଲ୍ୟ ଜୀବନ। ସତରେ ଏ ମଣିଷ ଜୀବନ ପାଣି ଫୋଟକା ସଦୃଶ । ପ୍ରତି ଦିନ ନିଜ ଆଖି ସାମ୍ନାରେ ଦେଖୁଥିବା ବ୍ୟକ୍ତି କିପରି ମୁହୂର୍ତ୍ତକରେ ଆର ପାରିକୁ ଚାଲିଯାଏ ତାହା ଭାବି ହେବି । ଜୀବନ ମରଣର ଦୋଛକିରେ ଏପରି ମୂଲ୍ୟବାନ ଜୀବନ। ଏପରି ଏକ ଜ୍ୱଳନ୍ତ ଘଟଣା ଦେଖିବାକୁ ମିଳିଛି ବାଲିଗୁଡା ସହର ର ସୁନାପାଙ୍ଗା ଅଂଚଳ ରେ । ମୃତ୍ୟୁର କିଛି ମୁହୁର୍ତ୍ତ ପୂର୍ବରୁ ପ୍ରତିଦିନ ଏକ କାଠ ମୁଣ୍ଡାରେ ବସିବା ଓ କିଛି ସମୟ କଥାବାର୍ତ୍ତା ହେବା ପରେ ଜୀବନ ଚାଲିଯିବା। ବାଲିଗୁଡା ସୁନାପାଙ୍ଗା ସାହିର ସୁଦର୍ଶନ ବିଶୋଇ ସବୁଦିନ ପରି ଆଜି ମଧ୍ୟ ଘରୁ ବାହାରି ଆସିଥିଲେ । ବାଲିଗୁଡା ଅବକାରୀ ଥାନା ନିକଟରେ ଥିବା ଏକ କାଠ ମୁଣ୍ଡାରେ ପ୍ରତିଦିନ ପରି ବସିଥିଲେ । ସ୍ଥାନୀୟ ବାସିନ୍ଦା ଓ ରାସ୍ତାରେ ଯାଉଥିବା ବ୍ୟକ୍ତି ମଧ୍ୟ ସୁଦର୍ଶନଙ୍କୁ ବସିଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ । କିନ୍ତୁ କାଠ ମୁଣ୍ଡା ଉପରେ ବସିବାର କିଛି ସମୟ ପରେ ହଠାତ ପାଖରେ ଥିବା ଡ୍ରେନ କୁ ଖସି ପଡିଥିଲେ ସୁଦର୍ଶନ ।

## ଶିକ୍ଷା ବଞ୍ଚାଅ କମିଟି ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା

# ୪ବର୍ଷିଆ ଡିଗ୍ରୀ କୋର୍ସ, ୟୁଜିସି ଚିଠା ରେଗୁଲେସନ୍‌କୁ ବିରୋଧ



**ଭୁବନେଶ୍ୱର,୨୭।୨ (ସଂଚାର ବ୍ୟୁରୋ):** ୟୁଜିସି ଚିଠା ରେଗୁଲେସନ୍ ୨୦୨୫ ପ୍ରତ୍ୟାହାର, ୪ବର୍ଷିଆ ଡିଗ୍ରୀ କୋର୍ସ ବାତିଲ, ବିଭିନ୍ନ କଲେଜ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀ ତୁରନ୍ତ ପୂରଣ ଆଦି ଦାବିରେ ଆଜି ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ୍ କମିଟି ଓଡିଶା ପକ୍ଷରୁ ରାଜଭବନ ସମ୍ମୁଖରେ ଏକ ଧାରଣା ଦିଆଯାଇଛି । ଏ.ଆଇ.ଏସ.ଇ.ସିର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଧାରଣା କାର୍ଯ୍ୟକ୍ରମରେ ଗଣିତ ପ୍ରତିଷ୍ଠାନର ପୂର୍ବତନ ଡାଇରେକ୍ଟର ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ସମଦୃଷ୍ଟିର ସମ୍ପାଦକ ସୁଧିର ପଟ୍ଟନାୟକ, ବିଶିଷ୍ଟ ସାମାଜିକ କର୍ମୀ ଆଡଭୋକେଟ୍ ବିଶ୍ୱପ୍ରିୟ କାନୁନ୍ଗୋ, ଏଆଇଏସ୍ଇସି ରାଜ୍ୟ ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମ୍ମା, ରାଜ୍ୟ ସଂପାଦକ ସୁବାସ ନାୟକ, ସର୍ବଭାରତୀୟ ସଂପାଦକ ମଣ୍ଡଳୀ ସଦସ୍ୟ ପ୍ରଫେସର ପ୍ରଦୀପ ମହାପାତ୍ର, କମିଟି ସଦସ୍ୟ ବିଭୂତି ନାୟକ, ବବି ବଳବନ୍ତରାୟ, ଜୟନ୍ତ ମହାନ୍ତି, ଆଡଭୋକେଟ୍ ଜଗବନ୍ଧୁ ଦାସ, ମହମଦ୍ ସୁକୁର, ସାମାଜିକ କର୍ମୀ ଆଶିଷ ମହାପାତ୍ର, ଅଧ୍ୟାପିକା ମଞ୍ଜୁଲତା ଜେନା ପ୍ରମୁଖ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଭିଭାବକ, ଛାତ୍ର ଯୋଗ ଦେଇଥିଲା । ଧାରଣା ସ୍ଥଳରେ ବକ୍ତାମାନେ ସଂପ୍ରତି ରାଜ୍ୟର ବିଶ୍ୱବିଦ୍ୟାଳୟ ମାନଙ୍କରେ ସମୁଦାୟ ୨୦୦୩ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୧୩୦୭ ପଦବି ଖାଲି ପଡିଥିବା ଘଟଣାକୁ ତିବ୍ର ନିନ୍ଦା କରିବାସହ ପିଲାମାନଙ୍କ ପାଠପଢାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ସରକାର ଏହି ସମସ୍ତ ପଦବି ଗୁଡିକୁ ପୁରଣ ନକରି ଓଲଟା ୪ବର୍ଷିଆ ଡିଗ୍ରୀ କୋର୍ସ ଲାଗୁ କରିବା ଦ୍ୱାରା ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡି ପଡିବ ବୋଲି ବକ୍ତାମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଅନ୍ୟଦିଗରେ ବିଶ୍ୱବିଦ୍ୟାଳୟ ମାନଙ୍କରେ ଶିକ୍ଷା ବର୍ହିଃଗତ ବ୍ୟକ୍ତିଙ୍କୁ ଶିକ୍ଷାନୁଷ୍ଠାନର କୁଳପତି କରିବା ଏବଂ ଚୟନ ପ୍ରକ୍ରିୟା ସବୁ କିଛିକୁ କେନ୍ଦ୍ର ସରକାର ନିଜ ହାତକୁ ନେବାକୁ ବକ୍ତାମାନେ ଦୃଢ ବିରୋଧ କରି ଏହା ଭାରତୀୟ ସଂଘୀୟ ବ୍ୟବସ୍ଥାର ପରିପନ୍ଥି ବୋଲି ବର୍ଣ୍ଣନା କରିଛନ୍ତି । ଅଧ୍ୟାପକ, ପ୍ରଫେସର ନିଯୁକ୍ତି ପାଇଁ ପୂର୍ବରୁ ଥିବା ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରିବା ଦ୍ୱାରା ନିମ୍ନ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତି ବିଶେଷ ନିଯୁକ୍ତି ପାଇବେ ଏବଂ ପାଠପଢା ସଂପୂର୍ଣ୍ଣ ଧ୍ୱଂସ ହେବ । ପ୍ରଫେସର ଅଫ୍ ପ୍ରାକ୍ଟିସ୍ ନିଯୁକ୍ତିକୁ ଘୋର ବିରୋଧ କରାଯାଇଛି । ଏହା ଦ୍ୱାରା ଶିକ୍ଷାର ମାନ ସଂପୂର୍ଣ୍ଣ ଧ୍ୱଂସ ହେବ । ଆଜି ଯେତେବେଳେ ଦେଶସାରା ଲକ୍ଷାଧିକ ଅଧ୍ୟାପକ ପଦବୀ ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟରେ ଖାଲି ପଡିଛି । ବହୁ ଦାବି ସତ୍ତ୍ୱେ ସରକାର ପୂରଣ କରିବା ପାଇଁ ନାଁ ଧରୁ ନାହାଁନ୍ତି । ସେହି କ୍ଷେତ୍ରରେ କଣ୍ଟ୍ରାକ୍ଟୁଆଲ ନିଯୁକ୍ତି ପାଠପଢାକୁ ସଂପୂର୍ଣ୍ଣ ଧ୍ୱଂସ କରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ୪ବର୍ଷିଆ ଡିଗ୍ରୀ କୋର୍ସ, ବହୁ ପ୍ରସ୍ଥାନ ବ୍ୟବସ୍ଥା ଯାହାକି ଏକ ଦିଗହରା ଢାଞ୍ଚା ଛାତ୍ରଛାତ୍ରୀମାନଙ୍କ ଉପରେ ଏହା ଲଦି ଦେବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଏହା ଦ୍ୱାରା ପିଲାମାନେ ଅଧିକ ଖର୍ଚ୍ଚାନ୍ତ ହେବାସହ ଅନିଶ୍ଚିତତା ମଧ୍ୟଦେଇ ଗତି କରିବେ ।

## ନିଖୋଜ ଥିଲେ ନାବାଳକ, ଜଙ୍ଗଲରୁ ମୃତଦେହ ଉଦ୍ଧାର

**ଦେବଗଡ଼,୨୭।୨ (ସଂଚାର ବ୍ୟୁରୋ):** ୨ ଦିନ ହେଲା ନିଖୋଜ ଥିଲେ, ଜଙ୍ଗଲରୁ ନାବାଳଙ୍କ ମୃତଦେହ ଠାବ। ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ତୁଙ୍ଗାମାଳ ଗ୍ରାମ୍ୟ ଜଙ୍ଗଲରୁ ନାବାଳକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ସେହି ଗ୍ରାମର ବିଜୟ ମୁଣ୍ଡାଙ୍କ ପୁଅ ଅମିତ ମୁଣ୍ଡା (୧୭ ବର୍ଷ) ବୋଲି ଜଣାପଡ଼ିଛି। ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ସୂଚନାନୁଯାୟୀ, ତୁଙ୍ଗାମାଳ ଗ୍ରାମର ଅମିତ ମୁଣ୍ଡା ଗତ ଦୁଇ ଦିନ ହେଲା ନିଖୋଜ ଥିଲେ। ବହୁ ଖୋଜାଖୋଜି ପରେ ଆଜି ଗ୍ରାମ ନିକଟସ୍ଥ ଗିର୍ଧିନୀ ରୁଗୁଡି ଜଙ୍ଗଲରୁ ତାଙ୍କର ମୃତଦେହ ଠାବ ହୋଇଛି। ଏକ ମହୁଲ ଗଛ ମୂଳରେ ପତ୍ର ଘୋଡାହୋଇଥିବା ଅବସ୍ଥାରେ ଅମିତଙ୍କ ଶବ ମିଳିଛି। ଖବର ପାଇ କୁଣ୍ଢେଇଗୋଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ନାବାଳକଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି।

## ବ୍ରିଜ୍‌ରୁ ଖସିପଡ଼ିଲା ବାଇକ୍: ୨ ମୃତ

**ଭୁବନେଶ୍ୱର,୨୭।୨ (ସଂଚାର ବ୍ୟୁରୋ):** ମହାଦେବଙ୍କୁ ଦର୍ଶନ କରି ଫେରୁଥିବା ସମୟରେ ଦୁଇ ଜଣ ଭକ୍ତ ଅଘଟଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଭାରସାମ୍ୟ ହରାଇ ୨୦ ଫୁଟ୍ ବ୍ରିଜ୍ ତଳକୁ ବାଇକ୍ ଖସିପଡିବା ଫଳରେ ଏପରି ଅଘଟଣ ଘଟିଛି। ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଜଣେ ଗୁରୁତର ଭାବେ ହୋଇଛନ୍ତି। ମୃତକମାନେ ହେଲେ ପଟାଙ୍ଗି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଖରା ଓ ଗଙ୍ଗାଧର ଗେମେଲ। ତେବେ ଗୁରୁତର ଭାବେ ଆହତ ହୋଇଥିବା ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। କିନ୍ତୁ ତାଙ୍କୁ ପାଡୁଆ ମେଡିକାଲରେ ଭର୍ତ୍ତି କରାଯାଇଛି। କୋରାପୁଟ ଚାଟୁଆ ନିକଟସ୍ଥ ଅନ୍ଧାରିଘାଟ ବ୍ରିଜ୍ ଉପରେ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ, ତିନି ଜଣ ଯୁବକ ବାଇକ୍‌ରେ ଚାଟୁଆ ଗାଁକୁ ପବିତ୍ର ଶିବରାତ୍ରିରେ ମାହାଦେବଙ୍କ ଦର୍ଶନ ପାଇଁ ଆସିଥିଲେ। ତେବେ ସେମାନେ ଦର୍ଶନ ସାରି ଘରକୁ ଫେରୁଥିବା ସମୟରେ ବାଇକ୍ ଚଳାଉଥିବା ଯୁବକ ଜଣଙ୍କ ଭାରସାମ୍ୟ ହରାଇଥିଲେ। ଫଳରେ ସେମାନେ ଅନ୍ଧାରିଘାଟ ବ୍ରିଜ୍ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଏନେଇ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପାଡୁଆ ପୁଲିସ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରିଥିଲା। କିନ୍ତୁ ସେତେବେଳକୁ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ହୋଇସାରିଥିଲା। କିନ୍ତୁ ଗୁରୁତର ଅବସ୍ଥାରେ ଅନ୍ୟ ଜଣଙ୍କୁ ତୁରନ୍ତ ମେଡିକାଲକୁ ଚିକିତ୍ସା ପାଇଁ ପୁଲିସ୍ ପଠାଇଥିଲା। ଏଥିସହ ଦୁଇ ମୃତଦେହକୁ ମଧ୍ୟ ପୁଲିସ୍ ବ୍ୟବଚ୍ଛେଦ ପାଇଁ ଉକ୍ତ ଡାକ୍ତରଖାନାକୁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

